R.N.I. REGN. No. 65000/96 POSTAL REGN. No. OI

ତ୍ରିଂଶତମ ବର୍ଷ
ସଂଖ୍ୟା : ୨୯୩
ତିଥି: ଚତୁର୍ଦ୍ଦଶୀ
୨୮ ଜୁଲାଇ ୨୦୨୬, ମଙ୍ଗଳବାର
ସମ୍ବଲପୁର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 293
28 July 2026, Tuesday
Sambalpur
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

# ନୀଳକନ୍ଦରରେ ମହାବାହୁ

ପୁରୀ, ୨୭।୭ (ସବ୍ୟୁ) : ଚତୁର୍ଦ୍ଦଶୀ ତିଥିରେ ଶ୍ରୀକ୍ଷେତ୍ରରେ ରଥାରୁଢ଼ ବିଗ୍ରହମାନଙ୍କର ନିଳାଦ୍ରୀ ବିଜେ ନୀତି ସମ୍ପନ୍ନ ହୋଇଛି। ବିଗ୍ରହମାନଙ୍କ ନିଳାଦ୍ରୀ ବିଜେ ପହଣ୍ଡି ଦେଖିବା ପାଇଁ ତିନି ରଥ ସମ୍ମୁଖରେ ଭକ୍ତମାନଙ୍କ ପ୍ରବଳ ଭିଡ ଦେଖିବାକୁ ମିଳିଥିଲା। ବିଗ୍ରହଙ୍କର ପହଣ୍ଡି ବିଜେ ନୀତି ପାଇଁ ତିନି ସମ୍ମୁଖରେ ଉଜ୍ଜଳ ଆଲୋକରେ ଆଲୋକିତ କରାଯାଇ ଥିଲା। ଭକ୍ତମାନେ ଚାତକ ନୟନରେ ବିଗ୍ରହମାନଙ୍କୁ ଅନାଇ ରହିଥିଲେ।

ନବ ଦିନାତ୍ମକ ଶ୍ରୀଗୁଣ୍ଡିଚା ଯାତ୍ରା ଶେଷ କରି ବିଗ୍ରହମାନେ ରସଗୋଲା ଭୋଗ ଖାଇ ସୋମବାର ରାତିରେ ଶ୍ରୀମନ୍ଦିର ରତ୍ନ ସିଂହାସନକୁ ନିଳାଦ୍ରୀ ବିଜେ କରିଛନ୍ତି । ଗୋଟି ପହଣ୍ଡିରେ ଶ୍ରମନ୍ଦିରକୁ ବିଜେ କରିଛନ୍ତି ( ୯ ପୃଷ୍ଠାରେ)



# ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି

## ୯୬% ଆପତ୍ତିର ସମାଧାନ

ଭୁବନେଶ୍ୱର, ୨୭।୭ (ସବ୍ୟୁ) : ଆଜି ଥିଲା ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମର ୧୯ତମ ପାଳି। ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସକାଳେ ଭୁବନେଶ୍ୱର ୟୁନିଟ-୨ ସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ପହଞ୍ଚି ଲୋକଙ୍କ ଅଭିଯୋଗ ଶୁଣିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସହିତ ମନ୍ତ୍ରୀ ମଣ୍ଡଳର ୬ଜଣ ବରିଷ୍ଠ ମନ୍ତ୍ରୀ ମଧ୍ୟ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଛନ୍ତି।

### ୧୨ ରୋଗୀଙ୍କୁ ୬.୧୫ ଲକ୍ଷ ତୁରନ୍ତ ମଞ୍ଜୁର



ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ପ୍ରତିଟି ଅଭିଯୋଗର ସ୍ଥିତି ଉପରେ ନିୟମିତ ନଜର ରଖାଯାଉଛି। ରାଜ୍ୟସ୍ତର ଠାରୁ ଆରମ୍ଭ କରି ଜିଲ୍ଲାସ୍ତର ପର୍ଯ୍ୟନ୍ତ ଅଭିଯୋଗ ଶୁଣାଣି ବ୍ୟବସ୍ଥାର ତଦାରଖ କରାଯାଉଛି। ତେଣୁ, ସମାଧାନର ହାର ବୃଦ୍ଧି ପାଉଛି। ଏହାଦ୍ୱାରା ଏହି ବ୍ୟବସ୍ଥା ( ୯ ପୃଷ୍ଠାରେ)

# ନାଇଡୁ କମିଶନ ରିପୋର୍ଟ ଗାଏବ୍‌ର କ୍ରାଇମ୍‌ବ୍ରାଞ୍ଚ ତଦନ୍ତ ନିର୍ଦ୍ଦେଶ

ଭୁବନେଶ୍ୱର, ୨୭।୭ (ସବ୍ୟୁ) : ସ୍ୱାମୀ ଲକ୍ଷଣାନନ୍ଦଙ୍କ ମୃତ୍ୟୁ ଘଟଣାର ତଦନ୍ତ କରୁଥିବା ନାଇଡୁ କମିଶନଙ୍କ ରିପୋର୍ଟ ହଜିବା ଘଟଣାର କ୍ରାଇମ୍‌ବ୍ରାଞ୍ଚ ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଘଟଣାର କ୍ରାଇମ୍‌ବ୍ରାଞ୍ଚ ତଦନ୍ତ କରିବ ବୋଲି ନିର୍ଦ୍ଦେଶ ଜାରି କରିଛନ୍ତି।

ସ୍ୱାମୀ ଲକ୍ଷଣାନନ୍ଦ ସରସ୍ୱତୀଙ୍କ ତଦନ୍ତ ରିପୋର୍ଟ ଦାଖଲ ହୋଇଥିଲା। ଏହା ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଯାଇଥିଲା। ପରେ ଏହା ଗୃହ ବିଭାଗକୁ ଯାଇଥିଲା। ହେଲେ ଏହାର ଏବେ ପତ୍ତା ମିଳୁନାହିଁ। ରିପୋର୍ଟ ହଜିବା ଘଟଣାରେ ଜୁନ୍ ୧୦ରେ ଗୃହ ବିଭାଗର ଯୁଗ୍ମ ସଚିବ ଶରତ ଚନ୍ଦ୍ର ମାରାଣ୍ଡୀ ଥାନାରେ ଏତଲା ଦେଇଥିଲେ। ଏହାର ଅନୁସନ୍ଧାନ କରାଯାଇ ସେତେବେଳେ ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟରେ କାର୍ଯ୍ୟରତ ଥିବା ଅଧିକାରୀମାନଙ୍କୁ ପୋଲିସ ସମନ କରିଥିଲା। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଥିବା ପୂର୍ବତନ ଆଇଟି ସଚିବ ମନୋଜ ମିଶ୍ର, ତତ୍‌କାଳୀନ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଭିକେ (୯ ପୃଷ୍ଠାରେ)

# ବର୍ଷା ବିପ୍ରାତ, ଜନଜୀବନ ପ୍ରଭାବିତ

ଭୁବନେଶ୍ୱର, ୨୭।୭ (ସବ୍ୟୁ): ରାଜ୍ୟରେ ଗଭୀର ଅବପାତ ପ୍ରଭାବରେ ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ହୋଇଛି। କଟକର ବାଙ୍କୀରେ ୧୯୨ମିମି ବର୍ଷା ହୋଇଥିବା ବେଳେଆଠଗଡ଼ରେ ୧୭୪ମିମି, ସୋନପୁରରେ ୧୩୫ ମିମି, କେନ୍ଦ୍ରାପଡ଼ାରେ ୧୩୩ ମିମି, ପୁରୀରେ ୧୧୮ ମିମି ବର୍ଷା ରେକର୍ଡ ହୋଇଛି । ପ୍ରବଳ ବର୍ଷାରେ ଜନଜୀବନ ବେହାଲ ହୋଇଛି । ସାପୁଆ ନଦୀରେ ବନ୍ୟା, ରାସ୍ତା ଡେଇଁଲା (୯ ପୃଷ୍ଠାରେ)

## ପ୍ରମୁଖ ନଦୀ ବିପଦସ୍ତର ତଳେ, ପରିସ୍ଥିତି ନିୟନ୍ତ୍ରଣରେ

ଭୁବନେଶ୍ୱର, ୨୭।୭ (ସବ୍ୟୁ): ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଗଭୀର ଅବପାତ ଜନିତ ସମ୍ଭାବ୍ୟ ପରିସ୍ଥିତିର ମୁକାବିଲା ପାଇଁ ବିଭାଗର ପ୍ରସ୍ତୁତିର ସମୀକ୍ଷା କରିଛନ୍ତି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ। ଜନସାଧାରଣଙ୍କ ଜୀବନର ସୁରକ୍ଷା ଆମର ସର୍ବାଧିକ ପ୍ରାଥମିକତା । ଆବଶ୍ୟକତା ଅନୁଯାୟୀ ବିପଦପୂର୍ଣ୍ଣ ଅଞ୍ଚଳରୁ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର, ରନ୍ଧା ଖାଦ୍ୟ, ଶୁଖିଲା ରାସନ, ପାନୀୟ ଜଳ ଏବଂ ଅନ୍ୟାନ୍ୟ ଆବଶ୍ୟକ ରିଲିଫ ସାମଗ୍ରୀର ଯଥେଷ୍ଟ ବ୍ୟବସ୍ଥା କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ସେହିପରି (୯ ପୃଷ୍ଠାରେ)

# ସଂସଦରେ ପ୍ରଶ୍ନପତ୍ର ଲିକ୍ ରୋକିବା ସଂଶୋଧିତ ବିଲ୍ ଆଗତ

ନୂଆଦିଲ୍ଲୀ, ୨୭।୭ : ପ୍ରଶ୍ନପତ୍ର ଲିକ୍ ରୋକିବା ଲାଗି ଓ ଏଥିରେ ସମ୍ପୃକ୍ତ ବ୍ୟକ୍ତିମାନଙ୍କ ଲାଗି ଅଧିକ ଦଣ୍ଡର ବ୍ୟବସ୍ଥା କରିବା ପାଇଁ ଆଜି ଲୋକସଭାରେ ପବ୍ଲିକ୍ ଏକ୍‌ଜାମିନେସନ୍ (ପ୍ରିଭେନ୍ସନ୍ ଅଫ ଅନଫେୟାର ମିନ୍ସ) ସଂଶୋଧନ ବିଲ୍ ୨୦୨୬ ଲୋକସଭାରେ ଉପସ୍ଥାପନ ହୋଇଛି। କେନ୍ଦ୍ରମନ୍ତ୍ରୀ ଜିତେନ୍ଦ୍ର ସିଂ ଏହି ବିଲକୁ ଉପସ୍ଥାପନ କରିଛନ୍ତି। ବିଲରେ ଆଲୋଚନା ଲାଗି ୮ ରୁ ୧୦ ଘଣ୍ଟା ସମୟ ଧାର୍ଯ୍ୟ ହୋଇଛି। ବିରୋଧୀ ସଦସ୍ୟଙ୍କ ହଟ୍ଟଗୋଳ ମଧ୍ୟରେ ଏହି ବିଲକୁ ଆଗତ କରାଯାଇଛି।

ପ୍ରସ୍ତାବିତ ଚିଠା ବିଲରେ ସଂଗଠିତ ଭାବେ ପ୍ରଶ୍ନପତ୍ର ଲିକ୍, ପରୀକ୍ଷାରେ ଅସାଧୁ ଉପାୟ ଅବଲମ୍ବନ, ଅପରାଧରେ ସମ୍ପୃକ୍ତ ଥିବା ବ୍ୟକ୍ତି, ଗ୍ୟାଙ୍ଗ, ସଂସ୍ଥା, ସେବା ପ୍ରଦାନକାରୀଙ୍କ ବିରୋଧରେ ସର୍ବାଧିକ ୧୦ ବର୍ଷ ଜେଲ ଦଣ୍ଡ ଓ ୧୦ କୋଟି ଟଙ୍କା ପର୍ଯ୍ୟନ୍ତ ଜୋରିମାନାର ବ୍ୟବସ୍ଥା ରହିଛି। ତେବେ ବ୍ୟକ୍ତିଗତ ଭାବେ ଯଦି ଜଣେ କିଏ ଦୋଷୀ ସାବ୍ୟସ୍ତ ହୁଅନ୍ତି ତାଙ୍କ ଲାଗି ୫୦ ଲକ୍ଷ ଟଙ୍କାର ଜୋରିମାନାର ବ୍ୟବସ୍ଥା ରହିଛି। (୯ ପୃଷ୍ଠାରେ)

ଓଡ଼ିଶା ସରକାର

# ଶ୍ରୀ ଅନ୍ନ ଅଭିଯାନ

ଲିଙ୍ଗଗତ ସମାନତା, ଜଳବାୟୁ ସହନଶୀଳ, ପୋଷଣ ନିରାପତ୍ତା



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା



ଶ୍ରୀ ଅନ୍ନ ଅଭିଯାନ ଅଧୀନରେ ଚାଷୀଙ୍କୁ ସହାୟତା ପ୍ରଦାନ
(୨୦୨୬-୨୭)

- ଶ୍ରୀ ଅନ୍ନ ଅଭିଯାନରେ ସାମିଲ ହେବା ପାଇଁ କୃଷକ ଓଡ଼ିଶା ପୋର୍ଟାଲ୍ (krushak.odisha.gov.in) ରେ ନିଜ ନାମ ପଞ୍ଜିକରଣ କରନ୍ତୁ
- ଚାଷୀଙ୍କୁ ୨ ହେକ୍ଟର ପର୍ଯ୍ୟନ୍ତ କ୍ଷେତ୍ର ପ୍ରଦର୍ଶନ ପାଇଁ ପ୍ରୋତ୍ସାହନ ରାଶି ପ୍ରଦାନ
- ସଘନ ପ୍ରଣାଳୀ, ଧାଡ଼ି ରୁଆ, ଧାଡ଼ି ବୁଣା ପଦ୍ଧତିକୁ ଆପଣେଇବା ନିମନ୍ତେ କ୍ଷୁଦ୍ର ଓ ନାମମାତ୍ର ଚାଷୀମାନଙ୍କୁ ରାଜ୍ୟର ବିଜ୍ଞାପିତ ୧୭୯ଟି ବ୍ଲକରେ ପ୍ରୋତ୍ସାହନ ରାଶିର ବ୍ୟବସ୍ଥା
- ଚାଷୀଙ୍କ ଦ୍ୱାରା ଉତ୍ପାଦିତ ମାଣ୍ଡିଆକୁ ସର୍ବନିମ୍ନ ସହାୟକ ମୂଲ୍ୟରେ କ୍ରୟର ବ୍ୟବସ୍ଥା

ଅଧିକ ସୂଚନା ପାଇଁ ନିକଟସ୍ଥ କୃଷି କାର୍ଯ୍ୟାଳୟ କିମ୍ବା କୃଷି ସମୃଦ୍ଧି ହେଲ୍ପ ଲାଇନ୍ ନମ୍ବର ୧୫୫୩୩୩ ରେ ଯୋଗାଯୋଗ କରନ୍ତୁ

ପୁଷ୍ଟିଶସ୍ୟ ଚାଷ କରିବା, କୃଷି କ୍ଷେତ୍ରରେ ସମୃଦ୍ଧି ଆଣିବା

କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ଓଡ଼ିଶା ସରକାର

OIPR: 1001/1102/2/26-27/0006 1001/11/7/2627

## ଗ୍ଲାମରକୁ ନା



ନିର୍ଦ୍ଦେଶିକା ସୋନାଲୀ ରତନ ଦେଶମୁଖଙ୍କ ନିର୍ଦ୍ଦେଶିତ ଅଭିନେତ୍ରୀ ବାଣୀ କପୁରଙ୍କ ଆଗାମୀ ଫିଲ୍ମ 'ସର୍ବଗୁଣ ସମ୍ପନ୍ନ'କୁ ନେଇ ଦର୍ଶକଙ୍କ ମଧ୍ୟରେ ଉତ୍ସାହ ବୃଦ୍ଧି ପାଇବାରେ ଲାଗିଛି । ଏହି ଫିଲ୍ମର କାହାଣୀ ଏବଂ ବାଣୀଙ୍କର ଭୂମିକା ନେଇ ସୋନାଲୀ କହିଛନ୍ତି ଯେ, କୌଣସି ବଡ଼ ଷ୍ଟାରଙ୍କୁ ଆଖି ଆଗରେ ନରଖି କେବଳ ଗୋଟିଏ ୱାନ-ଲାଇନର ଆଇଡିଆରୁ ଏହି କାହାଣୀର ଜନ୍ମ ହୋଇଥିଲା । ଏକ ଭିନ୍ନ ସ୍ୱାଦର ସ୍କ୍ରିପ୍ଟ ପ୍ରସ୍ତୁତ କରାଯାଇଥିଲା, ଯାହା ଦର୍ଶକଙ୍କୁ ଖୁବ ପସନ୍ଦ ଆସିବ ବୋଲି ସେମାନେ ଆଶା ରଖିଥିଲେ । ଏହି ଫିଲ୍ମଟି ଜଣେ ଛୋଟ ସହରର ଝିଅର ଜୀବନରେ ଆସୁଥିବା ପରିବର୍ତ୍ତନ, ପାରିବାରିକ ସମ୍ପର୍କକୁ ନେଇ ଗତିଶୀଳ । ନିଜର ଗ୍ଲାମରସ ଇମେଜରୁ ବାହାରି ଏକ ସାଧାରଣ ଝିଅ ଚରିତ୍ରକୁ ଜୀବନ୍ତ କରିବା ପାଇଁ ବାଣୀ ପ୍ରାୟ ତିନି ମାସ ଧରି ୱାର୍କସପ୍, ସ୍କ୍ରିପ୍ଟ ରାଇଟିଂ, ଭାଷା ଓ ଶରୀର ଭାଷା ଉପରେ କଠିନ ପରିଶ୍ରମ କରିଛନ୍ତି । ସେହିଭଳି ଋଷିକେଶର ଆଧ୍ୟାତ୍ମିକ ଓ ସାମାଜିକ ପରିବେଶ ଏହି କାହାଣୀକୁ ଆହୁରି ସୁନ୍ଦର କରିଛି ବୋଲି ସୋନାଲୀ ମତ ଦେଇଛନ୍ତି` ଫିଲ୍ମଟି ଦର୍ଶକଙ୍କୁ ଖୁବ ପସନ୍ଦ ଆସିବ ବୋଲି ମେକର୍ସ ଆଶା ରଖିଛନ୍ତି ।

## ବିଶ୍ୱ ହେପାଟାଇଟିସ୍ ଦିବସ



ପ୍ରତିବର୍ଷ ଜୁଲାଇ ୨୮ ତାରିଖକୁ ସାରା ବିଶ୍ୱରେ 'ବିଶ୍ୱ ହେପାଟାଇଟିସ୍ ଦିବସ' ଭାବେ ପାଳନ କରାଯାଏ । ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ମାରାତ୍ମକ ଭୂତାଣୁଜନିତ ଯକୃତ (ଲିଭର) ସଂକ୍ରମଣ ହେପାଟାଇଟିସ୍ ସମ୍ପର୍କରେ ଜନସାଧାରଣଙ୍କ ମଧ୍ୟରେ ବ୍ୟାପକ ସଚେତନତା ସୃଷ୍ଟି କରିବା । ହେପାଟାଇଟିସ୍ ରୋଗ ସାଧାରଣତ ବିଭିନ୍ନ ପ୍ରକାରର ହୋଇଥିବା ବେଳେ ଏହା ସଠିକ୍ ସମୟରେ ଚିହ୍ନଟ ନହେଲେ ଲିଭର୍ ସିରୋସିସ୍ ଏବଂ କ୍ୟାନ୍ସର ଭଳି ପ୍ରାଣଘାତୀ ରୋଗର ରୂପ ନେଇଥାଏ । ବିଶେଷ କରି ଦୂଷିତ ଜଳ, ଅସ୍ୱାସ୍ଥ୍ୟକର ଖାଦ୍ୟ, ସଂକ୍ରମିତ ରକ୍ତ ଗ୍ରହଣ ଏବଂ ବ୍ୟବହୃତ ସିରିଞ୍ଜର ପୁନଃବ୍ୟବହାର ଦ୍ୱାରା ଏହି ରୋଗ ବ୍ୟାପିଥାଏ । ତେବେ ଠିକ୍ ସମୟରେ ହେପାଟାଇଟିସ୍ 'ବି' ଟିକାକରଣ, ଆଗୁଆ ଲକ୍ଷଣ ଚିହ୍ନଟ, ନିୟମିତ ଡାକ୍ତରୀ ପରୀକ୍ଷା ଏବଂ ସ୍ୱାସ୍ଥ୍ୟକର ଜୀବନଶୈଳୀ ଆପଣାଇବା ଦ୍ୱାରା ଏହି ସଂକ୍ରମଣରୁ ସହଜରେ ରକ୍ଷା ମିଳିପାରିବ । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ନିର୍ଦ୍ଧାରିତ ଲକ୍ଷ୍ୟ ଅନୁଯାୟୀ ଏହି ଭୂତାଣୁଜନିତ ରୋଗକୁ ବିଶ୍ୱରୁ ସମ୍ପୂର୍ଣ୍ଣ ନିର୍ମୂଳ କରିବା ପାଇଁ ବ୍ୟକ୍ତିଗତ ଓ ସାମାଜିକ ସ୍ତରରେ ସଚେତନତା ଏବଂ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିବା ଆଜିର ସମୟରେ ଅତ୍ୟନ୍ତ ଜରୁରୀ ହୋଇପଡ଼ିଛି ।

## ଜିଭରେ ଚାଲିବ କମ୍ପ୍ୟୁଟର

ବର୍ତ୍ତମାନ କମ୍ପ୍ୟୁଟର ଚଲାଇବା ପାଇଁ ମାଉସ୍ ଉପରେ ହାତ ରଖିବାର କୌଣସି ଆବଶ୍ୟକତା ପଡ଼ିବ ନାହିଁ, କାରଣ ଆମେରିକାର 'ଆଗ୍ୟୁମେଣ୍ଟାଲ' ନାମକ ଏକ କମ୍ପାନୀ ଏପରି ଏକ ଅଭିନବ 'ମାଉଥ୍‌ପ୍ୟାଡ୍' ଲଞ୍ଚ୍ କରିଛି । ଯାହାକୁ କେବଳ ଜିଭ ସାହାଯ୍ୟରେ ସମ୍ପୂର୍ଣ୍ଣ କଣ୍ଟ୍ରୋଲ୍ କରାଯାଇପାରିବ । ଏହି ଡିଭାଇସ୍‌ଟି ପାଟି ଭିତରେ ଉପର ଦାନ୍ତରେ ରିଟେନର ପରି ଫିଟ୍ ହୋଇଯାଇଥାଏ । ଜିଭ ସାହାଯ୍ୟରେ ଏହାର ପ୍ରେସର୍-ସେନ୍ସିଟିଭ୍ ପ୍ୟାଡ୍‌କୁ ଛୁଇଁ କର୍ସର ଚଲାଇବା ସହ କ୍ଲିକ୍, ସ୍କ୍ରୋଲ୍ ଓ ସ୍ୱାଇପ୍ ଭଳି ସମସ୍ତ କାର୍ଯ୍ୟ ସହଜରେ କରାଯାଇପାରିବ । ଯାହାକୁ ଏକ ଆପ୍ ସାହାଯ୍ୟରେ ନିଜ ଆବଶ୍ୟକତା ଅନୁସାରେ କଷ୍ଟମାଇଜ୍ ମଧ୍ୟ କରାଯାଇପାରିବବୋଲି ଜଣା ପଡିଛି । କମ୍ପାନୀର ଦାବି ଅନୁଯାୟୀ, ପ୍ରାୟ ୧୦୦ରୁ ଅଧିକ ଲୋକ ବର୍ତ୍ତମାନ ଏହି ଡିଭାଇସ୍‌ର ସହଜରେ ବ୍ୟବହାର କରୁଛନ୍ତି । କିଛି ବ୍ୟବହାରକାରୀ ଏହାକୁ ଦୈନିକ ୧୬ ଘଣ୍ଟା ପର୍ଯ୍ୟନ୍ତ ବ୍ୟବହାର କରୁଥିବା କମ୍ପାନୀ ସୂଚନା ଦେଇଛି । ଏହି ମାଉଥ୍‌ପ୍ୟାଡ୍‌ଟି କର୍ସର କଣ୍ଟ୍ରୋଲ୍ କରିବାରେ ବ୍ରେନ୍-କମ୍ପ୍ୟୁଟର ଇଣ୍ଟରଫେସ୍ ବା ବ୍ରେନ୍ ଚିପ୍ ଭଳି ସଠିକ୍ କାର୍ଯ୍ୟ କରୁଥିଲେ ହେଁ, ଏଥିପାଇଁ ମୁଣ୍ଡରେ ଚିପ୍ ଲଗାଇବା ଭଳି କୌଣସି ଜଟିଳ ସର୍ଜରୀର ଆବଶ୍ୟକତା ପଡ଼ିନଥାଏ । ପ୍ରାୟ ୧୫୦୦ ଡଲାର ମୂଲ୍ୟର ଏହି ସ୍ୱତନ୍ତ୍ର ଡିଭାଇସ୍‌କୁ କେବଳ ଡେଣ୍ଟାଲ୍ ସ୍କାନ୍ କରି ପ୍ରସ୍ତୁତ କରାଯାଇଥାଏ ।



## ସୋସିଆଲ କୋଟ୍ସ



ଆଜି ବି ମହିଳାଙ୍କ ଅବସ୍ଥା ସୁଧୁରିନି । ନିଜ ଝିଅଙ୍କ ପାଠ ପଢାଇବା ପୂର୍ବରୁ ଜେଜେବାପା ଓ ଜେଜେମାଆଙ୍କୁ ପାଠ ପଢାଇବାର ଅଛି । ଆଜି ବି ଘରେ ଓଢଣା ଦେବା କିଛି ଘରେ ବାଧ୍ୟତାମୂଳକ ।

**ନୀନା ଗୁପ୍ତା, ଅଭିନେତ୍ରୀ**



ବିବାହ ଯେତେବେଳେ ହେବାର ଥିବ ହୋଇଯିବ । ସମସ୍ତେ ଏଥିରେ ମୁଣ୍ଡ ପୁରାଇବାର ଆବଶ୍ୟକତା ନାହିଁ । ଯେତେବେଳେ ହେବ ମୁଁ ଜଣାଇବି ।

**ଜସମିନ ଭସିନ, ଅଭିନେତ୍ରୀ**




ଆନ୍ଦୋଳନରେ ସମସ୍ତେ ପ୍ରଧାନମନ୍ତ୍ରୀଙ୍କୁ ଖରାପ ଭାଷାରେ ଗାଳି ଦେଇଛନ୍ତି, ଯାହା ମୋତେ ଖୁବ ବ୍ୟଥିତ କରିଛି । ସମସ୍ତ ବୟସର ଲୋକ ଏହି ଭୁଲ କରିଥିବାର ଦେଖିବାକୁ ମିଳିଛି ।

**ଅନୁପମ ଖେର, ଅଭିନେତା**

## ଅଜବ ପ୍ରତିଯୋଗିତା

ଅଜବ ପ୍ରତିଯୋଗିତା ରୁଷର ଏକ ସପିଂ ମଲ୍‌ରେ ଗ୍ରାହକଙ୍କୁ ଆକୃଷ୍ଟ କରିବା ପାଇଁ ଏକ ପ୍ଲମ୍ବିଂ କମ୍ପାନୀ 'ଗେମ୍ ଅଫ୍ ଥ୍ରୋନ୍ସ' ନାମକ ଏକ ଅଜବ ପ୍ରତିଯୋଗିତା ଆୟୋଜନ କରିଥିଲା । ଏହି କମ୍ପିଟିସନ୍‌ରେ ଭାଗ ନେଇଥିବା ପ୍ରତିଯୋଗୀମାନଙ୍କୁ ନୂଆ ଟଏଲେଟ୍ ବାଉଲ୍ ଭିତରେ ରଖାଯାଇଥିବା ସଫା କପ୍‌ରୁ ଷ୍ଟ୍ର ସାହାଯ୍ୟରେ ନନ୍-ଆଲକୋହଲିକ୍ ସ୍ପାର୍କଲିଂ ଡ୍ରିଙ୍କ୍ ପିଇବାକୁ କୁହାଯାଇଥିଲା । ଦୁଇଟି ରାଉଣ୍ଡରେ ଅନୁଷ୍ଠିତ ଏହି ପ୍ରତିଯୋଗିତାର ପ୍ରଥମ ପର୍ଯ୍ୟାୟରେ ପ୍ରତି ଗ୍ରୁପ୍‌ରେ ସବୁଠାରୁ ଦ୍ରୁତ ଗତିରେ ଡ୍ରିଙ୍କ୍ ଶେଷ କରିଥିବା ବ୍ୟକ୍ତି ପରବର୍ତ୍ତୀ ରାଉଣ୍ଡକୁ ଯାଇଥିଲେ । ପରେ ଫାଇନାଲ୍ ରାଉଣ୍ଡରେ ୭ ଜଣ ପ୍ରତିଯୋଗୀଙ୍କୁ ବନ୍ଦ ଟଏଲେଟ୍ ସିଟ୍ ଉପରେ ସବୁଠାରୁ ଅଧିକ ସମୟ ବସିରହିବାର ଚ୍ୟାଲେଞ୍ଜ ଦିଆଯାଇଥିଲା । ପ୍ରାୟ ୧୦ ଘଣ୍ଟା ଧରି ଚାଲିଥିବା ଏହି ଅଜବ ପ୍ରତିଯୋଗିତାରେ ପ୍ରତିଯୋଗୀମାନେ ଶେଷ ପର୍ଯ୍ୟନ୍ତ ବସିରହିଥିବା ବେଳେ ବିଜେତାଙ୍କୁ ୧ ଲକ୍ଷ ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା । ଏହି ଇଭେଣ୍ଟକୁ ନେଇ କିଛି ସମାଲୋଚନା ପରେ ଆୟୋଜକମାନେ ସ୍ପଷ୍ଟୀକରଣ ଦେଇଛନ୍ତି ଯେ, ଡ୍ରିଙ୍କ୍ ସିଧାସଳଖ ଟଏଲେଟ୍‌ରେ ନଢାଳି ତା' ଭିତରେ ରଖାଯାଇଥିବା ସମ୍ପୂର୍ଣ୍ଣ ସଫା କପ୍‌ରେ ପରିବେଷଣ କରାଯାଇଥିଲା ।



## ଡାଇନୋସର ବିନାଶର କାରଣ

୬୬ ନିୟୁତ ବର୍ଷ ତଳେ ପୃଥିବୀ ପୃଷ୍ଠରୁ ଡାଇନୋସର ଏବଂ ବିଭିନ୍ନ ଜୀବଜନ୍ତୁଙ୍କୁ ସମ୍ପୂର୍ଣ୍ଣ ବିଲୁପ୍ତ କରିଦେଇଥିବା ଉଲ୍‌କାପିଣ୍ଡର ପ୍ରକୃତ ପରିଚୟ ସମ୍ପର୍କରେ ବୈଜ୍ଞାନିକମାନେ ଏକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହାସଲ କରିଛନ୍ତି । ବିଶ୍ୱବିଦ୍ୟାଳୟ ଅଫ୍ ବ୍ରିଟିଶ୍ କଲମ୍ବିଆ, ପ୍ୟାରିସ୍, ବ୍ରସେଲ୍ସ ଏବଂ ଭିଏନାର ମିଳିତ ଗବେଷକ ଦଳ 'ସାଇନ୍ସ ଆଡଭାନ୍ସେସ୍' ପତ୍ରିକାରେ ପ୍ରକାଶିତ ସେମାନଙ୍କ ଗବେଷଣାରୁ ସ୍ପଷ୍ଟ କରିଛନ୍ତି ଯେ, ସେହି ବିନାଶକାରୀ ଉଲ୍‌କାପିଣ୍ଡଟି ସୌରମଣ୍ଡଳର ଅତ୍ୟନ୍ତ ଦୁର୍ଲଭ 'ସିଓ କୋଣ୍ଡ୍ରାଇଟ୍' ପ୍ରଜାତିର ଥିଲା । ଯାହା ପୃଥିବୀରେ ମିଳୁଥିବା ମୋଟ ଉଲ୍‌କାପିଣ୍ଡର ମାତ୍ର ୫ ପ୍ରତିଶତ । କ୍ରେଟାସିଅସ୍-ପାଲିଓଜିନ୍ ସ୍ତରର ମୃତ୍ତିକାରେ ମିଳିଥିବା ନିକେଲ୍ ଆଇସୋଟୋପ୍‌ର ବିଶ୍ଳେଷଣରୁ ଜଣାପଡ଼ିଛି ଯେ, ୧୦ କିଲୋମିଟର ଓସାରର ଏହି ଆଷ୍ଟରଏଡ୍‌ଟି ମେକ୍ସିକୋର ୟୁକାଟାନ୍ ଉପଦ୍ୱୀପରେ ମାଡ଼ ହୋଇ 'ଚିକ୍ସୁଲୁବ୍' ଗର୍ତ୍ତ ସୃଷ୍ଟି କରିବା ସହ ପୃଥିବୀର ପ୍ରାୟ ୭୫% ଜୀବଜଗତକୁ ବିନାଶ କରିଥିଲା । ଏହି ଧକ୍କା ଯୋଗୁଁ ଭୂକମ୍ପ, ସୁନାମି ସୃଷ୍ଟି ହେବା ସହ ବାୟୁମଣ୍ଡଳରେ ପ୍ରଚୁର ଧୂଳି ଓ ଗ୍ୟାସ୍ ଆଚ୍ଛାଦିତ ହୋଇ ସୂର୍ଯ୍ୟକିରଣକୁ ରୋକିଦେଇଥିଲା । ଯାହା ଫଳରେ ଜଳବାୟୁ ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଥିଲା । ନୂତନ ଅଧ୍ୟୟନ ଅନୁଯାୟୀ, ଏହି ଦୁର୍ଲଭ ସିଓ କୋଣ୍ଡ୍ରାଇଟ୍‌ରେ ସଲଫର (ଗନ୍ଧକ) ବହୁତ କମ୍ ପରିମାଣରେ ଥିବାରୁ, କେବଳ ସଲଫର ଗ୍ୟାସ୍ ନୁହେଁ ବରଂ ମହାକାଶକୁ ବିଚ୍ଛୁରିତ ହୋଇଥିବା ସୂକ୍ଷ୍ମ ଧୂଳିକଣା ହିଁ ବର୍ଷ ବର୍ଷ ଧରି ସୂର୍ଯ୍ୟକିରଣକୁ ବାଧାପ୍ରାପ୍ତ କରି ଏହି ମହାବିନାଶର ମୁଖ୍ୟ କାରଣ ସାଜିଥିଲା ।



## ଇତିହାସ

୧୮୫୮- ପରିଚୟ ପାଇଁ ହସ୍ତାକ୍ଷର ବଦଳରେ ଫିଙ୍ଗର୍‌ପ୍ରିଣ୍ଟ ବ୍ୟବହାର କରିଥିବା ପ୍ରଥମ ବ୍ୟକ୍ତି ସାର୍ ୱିଲିୟମ୍ ଜେମ୍ସ ହର୍ଶଲଙ୍କ ଜନ୍ମ ।

୧୯୧୪- ପ୍ରଥମ ବିଶ୍ୱଯୁଦ୍ଧ ଆରମ୍ଭ ।

୧୯୨୫- ହେପାଟାଇଟିସ୍ ଟିକା ସନ୍ଧାନ କରିଥିବା ନୋବେଲ ପୁରସ୍କାରପ୍ରାପ୍ତ ବାରୁକ ବ୍ଲମ୍‌ବର୍ଗଙ୍କ ଜନ୍ମ । ତାଙ୍କ ସ୍ମୃତିରେ ଆଜିର ଦିନକୁ ବିଶ୍ୱ ହେପାଟାଇଟିସ୍ ଦିବସ ରୂପେ ପାଳନ କରାଯାଏ ।

୧୯୨୭- ଓଡିଶା, ଆନ୍ଧ୍ରପ୍ରଦେଶ, କର୍ଣ୍ଣାଟକ ତଥା ମଧ୍ୟପ୍ରଦେଶର ପୂର୍ବତନ ରାଜ୍ୟପାଳ ରାମେଶ୍ୱର ଠାକୁରଙ୍କ ଜନ୍ମ ।

୧୯୮୩- ବାଣିଜ୍ୟିକ ସଞ୍ଚାର ଉପଗ୍ରହ ଟେଲ୍‌ସଟାର-୩ଏର ପ୍ରକ୍ଷେପଣ କଲା ନାସା ।

୨୦୧୬- ଭାରତୀୟ ସାମାଜିକ କାର୍ଯ୍ୟକର୍ତ୍ତା ଏବଂ ଲେଖିକା ମହାଶ୍ୱେତା ଦେବୀଙ୍କ ପରଲୋକ ।



**ମେଷ:** ମନସ୍ତାପ, କାର୍ଯ୍ୟରେ ସମସ୍ୟା, ଦ୍ରବ୍ୟଲାଭ, ବ୍ୟବସାୟରେ କଷ୍ଟ, ଦୂରଯାତ୍ରା, ସମ୍ପତ୍ତିଲାଭ, ଶତ୍ରୁସମସ୍ୟା, ଅଯଥା ଅଶାନ୍ତି, ଶରୀର ଅସୁସ୍ଥ, ଅଶ୍ୱିନୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଗୋଲାପି, ସଂଖ୍ୟା-୬, ଆରାଧନା-ପ୍ରଭୁ ହନୁମାନ ।

**ବୃଷ:** କର୍ମକ୍ଷେତ୍ରେ ଶାନ୍ତି, ସ୍ୱଜନ ବିରୋଧ, ଅର୍ଥଲାଭ, ବିଭିନ୍ନକାର୍ଯ୍ୟ ସଫଳ, ଦାମ୍ପତ୍ୟଖୁସି, ଦେବଦର୍ଶନ, ସ୍ୱାସ୍ଥ୍ୟଲାଭ, ଦୂରଯାତ୍ରାରେ ସଫଳ, ବନ୍ଧୁଲାଭ, ରୋହିଣୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୮, ଆରାଧନା-ମହାଲକ୍ଷ୍ମୀ ।

**ମିଥୁନ:** ଅର୍ଥଲାଭ, ଯାତ୍ରା ସଫଳ, ଶୁଭଖବର, ବ୍ୟବସାୟରେ ସ୍ୱଳ୍ପଲାଭ, ବନ୍ଧୁବିରୋଧ, ଦ୍ରବ୍ୟପ୍ରାପ୍ତି, ଶତ୍ରୁପରାଜିତ, ସନ୍ତାନଲାଭ, ଆଦ୍ରା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ସବୁଜ, ସଂଖ୍ୟା-୭, ଆରାଧନା- ନାରାୟଣ ଭଗବାନ ।

**କର୍କଟ:** ଶୁଭଖବର, ଦୂରଯାତ୍ରା ସଫଳ, ପାରିବାରିକ ସହଯୋଗ, ବିଦ୍ୟାରେ ସଫଳ, ଶତ୍ରୁସମସ୍ୟାରୁ ମୁକ୍ତି, ବ୍ୟକ୍ତିସହାୟତା, ପୁଷ୍ୟା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଆକାଶି, ସଂଖ୍ୟା-୯, ଆରାଧନା-ମା' ଭଗବତୀ ।

**ସିଂହ:** ମାନିସିକ ଅସ୍ଥିରତା, ଧନବ୍ୟୟ, ବନ୍ଧୁଦର୍ଶନ, ଲୋକସମ୍ପର୍କ ବୃଦ୍ଧି, ଶତ୍ରୁସମସ୍ୟା, ଶୁଭଖବର, ପାରିବାରିକ ବିରୋଧ, ସନ୍ତାନସମସ୍ୟା, ମଘା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୬, ଆରାଧନା-ପ୍ରଭୁ ଜଗନ୍ନାଥ ।

**କନ୍ୟା:** ଅର୍ଥଲାଭ, ମାନସିକଶାନ୍ତି, ବନ୍ଧୁଲାଭ, ଦୂରଯାତ୍ରା, ଅନୁଷ୍ଠାନରୁ ଖୁସି, ନୂତନ କାର୍ଯ୍ୟରେ ସନ୍ତୁଷ୍ଟ, ନୂତନ କର୍ମନିଯୁକ୍ତି, ସନ୍ତାନଲାଭ, ହସ୍ତା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-କମଳା, ସଂଖ୍ୟା-୯, ଆରାଧନା-ପ୍ରଭୁ ଗଣେଶ ।

**ତୁଳା:** ହତୋତ୍ସାହ, କିଛିକାର୍ଯ୍ୟରେ ସମସ୍ୟା, ଦାମ୍ପତ୍ୟକଳହ, ବ୍ୟବସାୟରେ ସ୍ୱଳ୍ପଲାଭ, ବନ୍ଧୁଲାଭ, ଦେବଭକ୍ତି, ସନ୍ତାନସମସ୍ୟା, ସ୍ୱାତୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୬, ଆରାଧନା-ଶଙ୍କର ଭଗବାନ ।

**ବିଛା:** ଯାତ୍ରାରେ ବିଳମ୍ବ, ସ୍ୱାସ୍ଥ୍ୟସମସ୍ୟା, ବାଣିଜ୍ୟରେ ସ୍ୱଳ୍ପଲାଭ, ସମ୍ପତ୍ତିବିବାଦ, ସ୍ୱାଦିଷ୍ଟ ଭୋଜନ, ଦେବଦର୍ଶନ, ବ୍ୟକ୍ତିସହାୟତା, ଅନୁରାଧା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ନାଲି, ସଂଖ୍ୟା-୪, ଆରାଧନା-ନୃସିଂହଭଗବାନ ।

**ଧନୁ:** ମାନସିକକଷ୍ଟ, ଲୋକସମ୍ପର୍କବୃଦ୍ଧି, ଅର୍ଥଲାଭ, ସମ୍ମାନଲାଭ, ଦେବକାର୍ଯ୍ୟ ସଫଳ, ପିତାଙ୍କ ସ୍ୱାସ୍ଥ୍ୟକୁନେଇ ଚିନ୍ତିତ, ସମସ୍ୟା ସମାଧାନ, ମୂଳା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ହଳଦୀ, ସଂଖ୍ୟା-୮, ଆରାଧନା-ମା' ମହାଲକ୍ଷ୍ମୀ ।

**ମକର:** କିଛି କାର୍ଯ୍ୟରେ ବିରୋଧ, ଶୁଭକାର୍ଯ୍ୟରେ ଧନବ୍ୟୟ, ଲୋକସମ୍ପର୍କବୃଦ୍ଧି, ମାନସିକଶାନ୍ତି, ଦାମ୍ପତ୍ୟଖୁସି, ବିଶିଷ୍ଟ ବ୍ୟକ୍ତିସାହାଯ୍ୟ, ଉତ୍ସବକୁ ନେଇ ଖୁସି, ଶ୍ରବଣା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ନୀଳ, ସଂଖ୍ୟା-୭, ଆରାଧନା-ମା' ଦକ୍ଷିଣକାଳୀ ।

**କୁମ୍ଭ:** ଅର୍ଥଲାଭ, ସ୍ୱାସ୍ଥ୍ୟଚିନ୍ତା, ପାରିବାରିକ ସହଯୋଗ, ଲୋକସମ୍ପର୍କବୃଦ୍ଧି, ଈଶ୍ୱରଭକ୍ତି, ସମ୍ମାନହାନି, ସନ୍ତାନଲାଭ, ଅଯଥାଖର୍ଚ୍ଚ, ବ୍ୟବସାୟରେ ଉନ୍ନତି, ଶତଭିଷା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ବାଇଗଣି, ସଂଖ୍ୟା-୭, ଆରାଧନା-ମା' ମଙ୍ଗଳା ।

**ମୀନ:** ସାମାନ୍ୟଲାଭ, ବନ୍ଧୁଗୃହେ ଯାତ୍ରା, ଦ୍ରବ୍ୟଲାଭ, ସନ୍ତାନଲାଭ, ବନ୍ଧୁବିରୋଧ, ଉତ୍ସବକୁ ନେଇ ଚିନ୍ତିତ, ଶତ୍ରୁସମସ୍ୟା, ନୂତନ ଖବର, ଗୃହେ ସହଯୋଗ, ଉତ୍ତରଭାଦ୍ର ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୯, ଆରାଧନା-ମା' ଗୌରୀ ।

**ଆଷାଢ଼ ଶୁକ୍ଳପକ୍ଷ ଚତୁର୍ଦ୍ଦଶୀ**

**୨୮.୭.୨୦୨୬, ମଙ୍ଗଳବାର**



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮

# ସ୍ତ୍ରୀକୁ ହତ୍ୟା କରି ବିଷ ପିଇଲା ସ୍ୱାମୀ

ଭୁବନେଶ୍ୱର, (ସବ୍ୟୁ) : ଦାମ୍ପତ୍ୟ କଳହରୁ ସ୍ତ୍ରୀକୁ ହତ୍ୟା କରି ସ୍ୱାମୀ ବିଷ ପିଇବା ଘଟଣା ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ଚକେଇସିହାଣି ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି । ବିଷ ପିଇଥିବା ଅଭିଯୁକ୍ତ ସ୍ୱାମୀକୁ ପୋଲିସ ଠାବ କରି ଚିକିତ୍ସା ପାଇଁ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଛି ।

ରଣପୁର ମଝିଆଁଖଣ୍ଡର ପ୍ରଦୀପ କୁମାର ଜେନା ୯ବର୍ଷ ତଳେ ନୟାଗଡ ବାଡଁଶିଆପଡାର ମୋନିକା ଜେନାଙ୍କୁ ବିବାହ କରିଥିଲେ । ୯ବର୍ଷ ତଳେ ଉଭୟଙ୍କ ବିବାହ ହୋଇଥିବା ବେଳେ ୭ବର୍ଷର ପୁଅକୁ ଧରି ମୋନିକା ଚକେଇସିହାଣି ଭଡାଘରେ ମା'ଙ୍କ ପାଖରେ ରହୁଥିଲେ । ମା'ଙ୍କ ପାଖରେ ରହିବାର କାରଣ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ କଳହ ଲାଗି ରହୁଥିଲା । କଳହ ଲାଗିବାର କାରଣ ପ୍ରଦୀପ ଅନ୍ୟ ଜଣେ ଯୁବତୀଙ୍କୁ ଭଲ ପାଇବା ସହ ତାଙ୍କୁ ସାଙ୍ଗରେ ନେଇ ବାହାରେ ରହୁଥିଲେ । ଏ ସମ୍ପର୍କରେ ମୋନିକାଙ୍କ ବାପଘର ଲୋକେ ଜାଣିବା ପରେ ରଣପୁର ଥାନାରେ ଏତଲା କରିଥିଲେ । ଏତଲା ଅନୁଯାୟୀ ପୋଲିସ ଉଭୟଙ୍କୁ ବୁଝାସୁଝା କରିଥିଲେ ମଧ୍ୟ କଳହର ସ୍ଥାୟୀ ସମାଧାନ ହୋଇପାରି ନଥିଲା । ପ୍ରଦୀପକୁ ଛାଡି ମୋନିକା ମା'ଙ୍କ ପାଖେ ଚକେଇସିହାଣି ଭଡାଘରେ ରହୁଥିଲେ । ଏ ସମ୍ପର୍କରେ ସଠିକ୍ ତଥ୍ୟ ସଂଗ୍ରହ କରି ପ୍ରଦୀପ ସୋମବାର ସନ୍ଧ୍ୟାବେଳେ ଚକେଇସିହାଣି ଭଡା ଘରକୁ ଆସିଥିଲେ । କେହି ନଥିବାର ସୁଯୋଗ ଉଣ୍ଡି ସ୍ତ୍ରୀ ମୋନିକାଙ୍କ ବେକକୁ ଏକ ଧାରୁଆ ଅସ୍ତ୍ରରେ କାଟି ହତ୍ୟା କରିବା ପରେ ଘରକୁ ତାଲା ପକାଇ ଖସିଯାଇଥିଲା ପ୍ରଦୀପ । ମୋନିକାଙ୍କ ଭାଇ କାମରୁ ଫେରିନଥିବା ବେଳେ ମା' ବାହାରକୁ ଯାଇ ଘରକୁ ଫେରିବା ବେଳକୁ ତାଲା ପଡିଥିବା ଦେଖିଥିଲେ । ଝିଅକୁ ଡାକିଥିଲେ ମଧ୍ୟ ସେ ଶୁଣିନଥିଲେ । ଉପାୟଶୂନ୍ୟ ହୋଇ ତାଲା ଭାଙ୍ଗି ଭିତରକୁ ଯାଇ ଝିଅ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡିଥିବା ଦେଖିଥିଲେ । ତାଙ୍କ ଚିତ୍କାର ଶୁଣି ପାଖ ପଡୋଶୀମାନେ ଘଟଣାସ୍ଥଳକୁ ଆସିଥିଲେ ।

ଖବର ପାଇ ମଞ୍ଚେଶ୍ୱର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତି ଦେଖିବା ପରେ ଏସିପିଙ୍କୁ ଘଟଣା ସମ୍ପର୍କରେ କହିଥିଲେ । ଏସିପି ସାଇଣ୍ଟିଫିକ୍ ଟିମ୍ ସହ ଚକେଇସିହାଣି ସାହୁ କଲୋନୀ ମୋନିକା ମା'ଙ୍କ ଭଡାଘର ନିକଟରେ ପହଞ୍ଚି ତଦନ୍ତ କରୁଛନ୍ତି । ହତ୍ୟାକାରୀ ପ୍ରଦୀପ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବାରୁ ପୋଲିସ ମୋବାଇଲକୁ ଟ୍ରାକିଂ କରିବା ପରେ ତାକୁ ପାଇଥିଲା । ପୋଲିସ ପ୍ରଦୀପକୁ ଠାବ କରିବା ବେଳକୁ ସେ ବିଷ ପିଇଦେଇଥିବା ଜଣାପଡ଼ିଥିଲା । ଚିକିତ୍ସା ପାଇଁ ତାକୁ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ବେଳେ ପୋଲିସ ଜଗି ରହିଛି ।

# ପୂର୍ବତନ ମନ୍ତ୍ରୀ ସୁଶାନ୍ତ ସିଂହଙ୍କ ପରଲୋକ

## ମୁଖ୍ୟମନ୍ତ୍ରୀ, ବିରୋଧୀ ଦଳ ନେତାଙ୍କ ଶୋକ

ଭୁବନେଶ୍ୱର(ସବ୍ୟୁ): ବିଜୁ ଜନତା ଦଳ(ବିଜେଡି)ର ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ସୁଶାନ୍ତ ସିଂହଙ୍କ ପରଲୋକ ହୋଇଛି । ପଶ୍ଚିମ ଓଡ଼ିଶାର ଟାଣୁଆ ଜନନେତା ଓ ସୁସଙ୍ଗଠକ ଭାବେ ତାଙ୍କର ପରିଚୟ ରହିଛି । ସେ ଅସୁସ୍ଥ ହୋଇ ଭୁବନେଶ୍ୱର ସ୍ଥିତ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ବେଳେ ତାଙ୍କର ଦେହାନ୍ତ ଘଟିଛି । ସ୍ୱର୍ଗତ ସିଂହଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି । ତାଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ବିଜେଡି ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ସମେତ ବିଶିଷ୍ଟ ବ୍ୟକ୍ତିମାନେ ଶୋକ ପ୍ରକାଶ କରିଛନ୍ତି ।

ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଏକ୍ସରେ ଉଲ୍ଲେଖ କରିଛନ୍ତି, ବରିଷ୍ଠ ରାଜନେତା ତଥା ଓଡ଼ିଶା ସରକାରରେ ପୂର୍ବତନ ମନ୍ତ୍ରୀ ସୁଶାନ୍ତ ସିଂଙ୍କ ଦେହାନ୍ତ ବିଷୟରେ ଜାଣି ମୁଁ ଅତ୍ୟନ୍ତ ଦୁଃଖିତ । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଅମର ଆତ୍ମାର ସଦଗତି ନିମନ୍ତେ ପ୍ରାର୍ଥନା କରିବା ସହ ପରିବାରବର୍ଗଙ୍କୁ



ସମବେଦନା ଜଣାଉଛି । ବିରୋଧୀ ଦଳ ନେତା ଶ୍ରୀ ପଟ୍ଟନାୟକ ପୁଷ୍ପମାଲ୍ୟ ଅର୍ପଣ କରି ଗଭୀର ଶୋକ ପ୍ରକାଶ କରିଥିଲେ । ସେ କହିଥିଲେ, ସ୍ୱର୍ଗତ ସିଂହ ଜଣେ ଦକ୍ଷ ସଂଗଠକ, ଜନପ୍ରିୟ ଜନନେତା ଓ ନିଷ୍ଠାପର ଜନସେବକ ଥିଲେ । ବରଗଡ଼ ଜିଲ୍ଲା ତଥା ପଶ୍ଚିମ ଓଡ଼ିଶାର ବିକାଶ ଓ ସାଧାରଣ ଲୋକଙ୍କ କଲ୍ୟାଣ ପାଇଁ ସେ ନିଜ ଜୀବନକୁ ସମର୍ପିତ କରିଥିଲେ । ତାଙ୍କର ବିୟୋଗ ବିଜୁ ଜନତା ଦଳ ପାଇଁ, ପଶ୍ଚିମ ଓଡ଼ିଶା ଏବଂ ସମଗ୍ର ରାଜ୍ୟ ନିମନ୍ତେ ଏକ ଅପୂରଣୀୟ କ୍ଷତି । ଦଳକୁ ସୁଦୃଢ଼କରିବାରେ ତଥା ଲୋକଙ୍କ ସେବାରେ ତାଙ୍କର ଅବଦାନ ସର୍ବଦା ସ୍ମରଣୀୟ ହୋଇ ରହିବ । ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି । ଅମର ଆତ୍ମାର ସଦଗତି ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି ।

ଶଙ୍ଖ ଭବନରେ ତାଙ୍କ ପାର୍ଥିବ ଶରୀରକୁ ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଦିଆଯାଇଛି । ପରେ ବିଧାନସଭା ପରିସରକୁ ସ୍ୱର୍ଗତ ସିଂହଙ୍କୁ ଅନ୍ତିମ ଶ୍ରଦ୍ଧାଞ୍ଜଳି ପ୍ରଦାନ କରାଯାଇଛି । ୧୭ ମାର୍ଚ୍ଚ ୧୯୭୩ରେ ବରଗଡ଼ ଜିଲ୍ଲାର ସୋହେଲା ଠାରେ ଏକ ଅତି ସାଧାରଣ ଘରେ ସେ ଜନ୍ମ ଗ୍ରହଣ କରିଥିଲେ । ସେ ବରଗଡ଼ ଜିଲ୍ଲାର ଭଟଲି ବିଧାନସଭା ନିର୍ବାଚନମଣ୍ଡଳୀରୁ ୨୦୦୯ରୁ ୨୦୧୯ ପର୍ଯ୍ୟନ୍ତ କ୍ରମାଗତ ଭାବେ ୩ ଥରର ବିଧାୟକ ଥିଲେ । ସ୍ୱର୍ଗତ ଶ୍ରୀ ସିଂହ ଲୋକଙ୍କ ଆସ୍ଥା ଓ ଭଲପାଇବା ଅର୍ଜନ କରିଥିଲେ । ଯାହା ଫଳରେ ୨୦୦୯, ୨୦୧୪ ଏବଂ ୨୦୧୯ ମସିହାରେ କ୍ରମାଗତ ଭାବେ ଭଟଲି ବିଧାନସଭା ନିର୍ବାଚନମଣ୍ଡଳୀରୁ ବିଜୟୀ ହୋଇଥିଲେ । ଏଥିସହ କ୍ୟାବିନେଟ ମନ୍ତ୍ରୀ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ । ପଶ୍ଚିମ ଓଡ଼ିଶାର ଟାଣୁଆ ଜନନେତା ଓ ସୁସଙ୍ଗଠକ ଭାବେ ତାଙ୍କର ପରିଚୟ ରହିଛି । ସେ ଅସୁସ୍ଥ ହୋଇ ଭୁବନେଶ୍ୱର ସ୍ଥିତ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ବେଳେ ତାଙ୍କର ଦେହାନ୍ତ ଘଟିଛି । ଶଙ୍ଖ ଭବନ ଠାରେ ବିଧାୟକ, ବରିଷ୍ଠ ନେତା ଓ କର୍ମକର୍ତ୍ତା ମାନେ ଉପସ୍ଥିତ ରହି ପୁଷ୍ପଗୁଚ୍ଛ ଅର୍ପଣ କରି ସ୍ୱର୍ଗତ ସିଂହଙ୍କୁ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜଣାଯାଇଥିଲେ । ଏହି ଶୋକସଭାରେ ବିଜୁ ଜନତା ଦଳର ବରିଷ୍ଠ ନେତୃବୃନ୍ଦ, ସାଂସଦ, ବିଧାୟକ, ପୂର୍ବତନ ମନ୍ତ୍ରୀ, ବିଭିନ୍ନ ସଂଗଠନର ପଦାଧିକାରୀ ଓ ବହୁ ସଂଖ୍ୟକ କର୍ମୀ ଉପସ୍ଥିତ ରହି ସ୍ୱର୍ଗତସିଂହଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

### ପିଜି ନାମଲେଖା ଲାଗି ଉଚ୍ଚଶିକ୍ଷା ବିଭାଗର ବିଜ୍ଞପ୍ତି

# ୨ ଅଗଷ୍ଟ ଯାଏଁ ଚଏସ୍ ଲକିଙ୍ଗ କରିପାରିବେ ଛାତ୍ରଛାତ୍ରୀ

ଭୁବନେଶ୍ୱର (ସବ୍ୟୁ) : ଶିକ୍ଷାବର୍ଷ ୨୦୨୬-୨୭ ନିମନ୍ତେ ସ୍ନାତକୋତ୍ତର ପାଠ୍ୟକ୍ରମରେ (ପିଜି) ନାମଲେଖା ପାଇଁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ସ୍ନାତକୋତ୍ତର ପାଠ୍ୟକ୍ରମରେ ନାମଲେଖା କମନ୍ ପିଜି ଏଣ୍ଟ୍ରାନ୍ସ ଟେଷ୍ଟର ମାର୍କ ଆଧାରରେ କରାଯିବ । ଆଜି(ସୋମବାର)ରୁ ଆରମ୍ଭ ହୋଇ ଅଗଷ୍ଟ ୨ ତାରିଖ ରାତି ୧୧.୪୫ ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନେ ସାମ୍ସ ପୋର୍ଟାଲକୁ ଯାଇ ନିଜ ପସନ୍ଦର ଉଚ୍ଚଶିକ୍ଷାନୁଷ୍ଠାନରେ ନାମଲେଖା ପାଇଁ ଚଏସ୍ ଲକିଙ୍ଗ କରିପାରିବେ । ଅଗଷ୍ଟ ୭ ତାରିଖ ଅପରାହ୍ନ ୪ଟାରେ ପ୍ରଥମ ମେଧା ତାଲିକା ପ୍ରକାଶ ପାଇବ । ପ୍ରଥମ ମେଧା ତାଲିକାରେ ଚୟନିତ ହୋଇଥିବା ଛାତ୍ରଛାତ୍ରୀମାନେ ଅଗଷ୍ଟ ୭ ତାରିଖ ସନ୍ଧ୍ୟା ୬ଟାରୁ ୧୧

**୭ରେ ପ୍ରଥମ ମେଧା ତାଲିକା, ୨୧ରୁ ପାଠପଢ଼ା ଆରମ୍ଭ**

ଅଗଷ୍ଟ ଅପରାହ୍ନ ୪ଟା ପର୍ଯ୍ୟନ୍ତ ସାମ୍ସ ପୋର୍ଟାଲକୁ ଯାଇ ଫ୍ରିଜ୍/ସ୍ଲାଇଡ଼/ଫ୍ଲୋଟ୍ ବିକଳ୍ପ ବାଛିପାରିବେ ।

ଅଗଷ୍ଟ ୧୭ ତାରିଖ ଅପରାହ୍ନ ୪ଟାରେ ଦ୍ୱିତୀୟ ମେଧା ତାଲିକା ପ୍ରକାଶ ପାଇବ । ଏଥିସହ ଅଗଷ୍ଟ ୨୧ ତାରିଖରୁ ଉଚ୍ଚ ଶିକ୍ଷାନୁଷ୍ଠାନମାନଙ୍କରେ ସ୍ନାତକୋତ୍ତର ପ୍ରଥମ ବର୍ଷ ପାଠପଢ଼ା ଆରମ୍ଭ ହେବ ବୋଲି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି । ଶିକ୍ଷାବର୍ଷ ୨୦୨୬-୨୭ ନିମନ୍ତେ ଉଚ୍ଚଶିକ୍ଷା ବିଭାଗ ଅଧୀନରେ ୧୩୫ଟି ଉଚ୍ଚଶିକ୍ଷାନୁଷ୍ଠାନରେ ୩୨,୫୩୧ଟି ସ୍ନାତକୋତ୍ତର ସିଟ୍ ରହିଛି ।

# ଗଣଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବି କଲେ ନବୀନ

ଭୁବନେଶ୍ୱର, (ସବ୍ୟୁ) : ନିଟ୍ ପେପର ଲିକ୍ ଘଟଣାରେ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ପରେ ଏବେ ଓଡ଼ିଶାର ଗଣଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବି ଜୋର ଧରିଛି । ବିଜେଡି ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ଦାବି କରିଛନ୍ତି । ଗତକାଲି ପିସିସି ସଭାପତି ଭକ୍ତଚରଣ ଦାସ ଇସ୍ତଫା ଦାବି କରିଥିଲେ ।

ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରସ୍ତୁତ ପାଠ୍ୟ ପୁସ୍ତକରେ ବ୍ୟାପକ ତ୍ରୁଟି ଶିକ୍ଷା ବ୍ୟବସ୍ଥା ପ୍ରତି ବିଶ୍ୱାସ ଭାଙ୍ଗି ଦେଇଛି । ତେଣୁ ପୂର୍ବତନ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ପରି ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ତୁରନ୍ତ ଇସ୍ତଫା ଦେବା ଉଚିତ୍ । ବିଜେଡି ଗତ ୩ ସପ୍ତାହ ହେଲା ଶ୍ରୀ ଗଣ୍ଡଙ୍କ ଇସ୍ତଫା ଦାବି କରିଆସୁଛି ବୋଲି ଶ୍ରୀ ପଟ୍ଟନାୟକ କରିଥିଲେ । ସୂଚନାଯୋଗ୍ୟ ପ୍ରଥମରୁ ଅଷ୍ଟମ ଶ୍ରେଣୀ ଯାଏ ପ୍ରସ୍ତୁତ ପାଠ୍ୟ ପୁସ୍ତକରେ ମାଳ ମାଳ ତ୍ରୁଟି ପରିଲକ୍ଷିତ ହୋଇଥିଲା । ପ୍ରାୟ ୧୮୦୦ରୁ ଅଧିକ ତ୍ରୁଟି ଏଥିରେ ଦେଖିବାକୁ ମିଳିଥିଲା । ଏହି ଘଟଣାରେ ସରକାର ୪ ଅଧିକାରୀଙ୍କୁ ନିଲମ୍ବିତ କରିଛନ୍ତି । ପୂର୍ବତନ ଏସ୍‌ସିଇଆର୍‌ଟି ନିର୍ଦ୍ଦେଶକ ମନୋଜ ପାଢ଼ୀଙ୍କୁ ଗିରଫ ମଧ୍ୟ କରାଯାଇଛି ।

### ପିପିଲି ପୁଲିସ ଅଧିକାରୀ କରିଛନ୍ତି ତଦନ୍ତରେ ପକ୍ଷପାତିତା

# କ୍ରାଇମବ୍ରାଞ୍ଚ ତଦନ୍ତ ନିର୍ଦ୍ଦେଶ ଦେଲେ ହାଇକୋର୍ଟ

କଟକ, (ସବ୍ୟୁ) : ପିପିଲି ଥାନାରେ ଅଭିଯୋଗ ଆଧାରରେ ରୁଜୁ ଏକ ଆକ୍ରମଣ ମାମଲାରେ ଜଣେ ଅଭିଯୁକ୍ତଙ୍କୁ ଚାର୍ଜସିଟରୁ ବାଦ ଦେବା ଓ ତଦନ୍ତରେ ପକ୍ଷପାତିତା କରାଯିବା ପ୍ରସଙ୍ଗକୁ ନେଇ ହାଇକୋର୍ଟ ଅସନ୍ତୋଷ ପ୍ରକାଶ କରିଛନ୍ତି । ପିପିଲି ଥାନାରେ ଗତ ୨୦୨୬ଫେବ୍ରୁଆରି ୨୬ରେ ଧାରୁଆ ଅସ୍ତ୍ରରେ ଜଣେ ମହିଳାଙ୍କ ମୁଣ୍ଡକୁ ହାଣିବା ଓ ଅନ୍ୟ କେତେକ ବ୍ୟକ୍ତିଙ୍କୁ ଆକ୍ରମଣ କରାଯିବା ଘଟଣାର କ୍ରାଇମବ୍ରାଞ୍ଚ ତଦନ୍ତ ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ବାସନ୍ତୀ ବିଶ୍ୱାଳଙ୍କ ଆବେଦନର ଶୁଣାଣି କରି ଜଷ୍ଟିସ ସାବିତ୍ରୀ ରଥ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି । ଏହି ଘଟଣାର ତଦନ୍ତ ନିରପେକ୍ଷ ନ ଥିଲା ବୋଲି ହାଇକୋର୍ଟ କହିଛନ୍ତି । ଯୁକ୍ତିଯୁକ୍ତ କାରଣ ନ ଥାଇ ପିପିଲି ଥାନାର ତଦନ୍ତକାରୀ ଅଧିକାରୀ ତଥା ଏସଆଇ ଚିତ୍ତରଞ୍ଜନ ଦାଶ ଜଣେ ମହିଳା ଅଭିଯୁକ୍ତଙ୍କୁ ମାମଲାରୁ ବାଦ ଦେବାକୁ ଉଦ୍ୟମ କରିଥିଲେ ବୋଲି ଶୁଣାଣି ବେଳେ ସ୍ପଷ୍ଟ ହୋଇଥିଲା । ସେହିଭଳି ଘଟଣାରେ ଗୁରୁତର ଆହତ ସୁକାନ୍ତୀ ବିଶ୍ୱାଳଙ୍କୁ ପଚରାଉଚୁରା କରାଯାଇନଥିଲା ।



# ଖୋର୍ଦ୍ଧା ପୁଲିସର ସଫଳତା

# ବ୍ରାଉନସୁଗର ବେପାରୀଙ୍କୁ ମାଫ ନାହିଁ, ଦେଢ ମାସରେ ଗିରଫ ହେଲେଣି ୧୩

ଖୋର୍ଦ୍ଧା, (ଲଳିତମୋହନ ମହାପାତ୍ର) : ଧଳଜହର କାରବାରର ଚରାଭୂଇଁ ପାଲଟିଛି ଖୋର୍ଦ୍ଧା। ଏହାକୁ ଗୁରୁତର ସହ ଗ୍ରହଣ କରିଛି ପୁଲିସ। ବ୍ରାଉନସୁଗର ବେପାର ମୂଳପୋଛ କରିବା ଉଦ୍ଦେଶ୍ୟରେ ଜିଲ୍ଲା ପୁଲିସ ପକ୍ଷରୁ ନିଶା ମୁକ୍ତ ଭାରତ ଅଭିଯାନ ଜାରୀ ରହିଛି। ଏନେଇ ପୁଲିସର ସ୍ୱତନ୍ତ୍ର ଟିମ୍, ସ୍ପେଶାଲ ସ୍କ୍ୱାର୍ଡ ଓ ବିଭିନ୍ନ ଥାନା ପକ୍ଷରୁ ଖୋର୍ଦ୍ଧା ସହିତ ଏହାର ଆଖପାଖ ଅଂଚଳରେ ଚଢଉ କରାଯାଇ ଗୋଟିଏ ପରେ ଗୋଟିଏ ବ୍ରାଉନସୁଗର ବେପାରୀଙ୍କୁ ପୁଲିସ ଗିରଫ କରୁଛି। ଜିଲ୍ଲା ପୁଲିସ ରିପୋର୍ଟ ଦେଖିଲେ ଗତ ଦେଢମାସ ରେ ୧କେଜି ରୁ ଉର୍ଦ୍ଧ୍ୱ ବ୍ରାଉନସୁଗର ଜବତ ହୋଇଥିବାବେଳେ ଏନେଇ ପୁଲିସ ୧୩ଜଣଙ୍କୁ ଗିରଫ କରିଛି। ବ୍ରାଉନସୁଗର ବାଲେଶ୍ୱର, ଜଳେଶ୍ୱର ପ୍ରଭୃତି ଅଂଚଳରୁ ବିଭିନ୍ନ ଗଳାବାଟ ଦେଇ ଖୋର୍ଦ୍ଧା ସହରକୁ ପ୍ରବେଶ କରୁଥିବାବେଳେ ଦୁଇବର୍ଷ ତଳେ ତଳେ ଏକ ଧରପଗଡବେଳେ ପଶ୍ଚିମବଙ୍ଗ ଲିଙ୍କ ପୁଲିସ ପାଇଥିଲା। ଉକ୍ତ ସମୟରେ ଆଦର୍ଶ ଥାନା ପୁଲିସ ଗୁରୁଜଙ୍ଗ-ହଳଦିଆ ରାସ୍ତାରେ ଥିବା



ଗିନିଫ୍ୟାକ୍ଟ୍ରି ନିକଟରେ ଚଢଉ କରି ପଶ୍ଚିମବଙ୍ଗ ଦକ୍ଷିଣ ୨୪ପ୍ରଗଣାସ ବରେଇପୁର ଥାନା ଅନ୍ତର୍ଗତ ମଲ୍ଲିପୁର ର ଅସିଫ ଖାନ (୩୮) କୁ ପୁଲିସ ଗିରଫ କରିଥିଲା। ଯାହା ଖୋର୍ଦ୍ଧା କାରବାର ରେ ପଶ୍ଚିମବଙ୍ଗ ଲିଙ୍କ୍ କ ସ୍ପଷ୍ଟ କରିଥିଲା। ଜିଲ୍ଲାପୁଲିସ ରୁ ମିଳିଥିବା ତଥ୍ୟ ଅନୁସାରେ, ଗତ ମଇ ୨୬ରୁ ଏଯାବତ୍ ଦେଢମାସ ମଧ୍ୟରେ ପୁଲିସ ୫ଟି ଥାନା ଅଂଚଳରୁ ୧କେଜି ୩୮.୫ ଗ୍ରାମ ଓଜନର ବ୍ରାଉନସୁଗର ଜବତ କରିଛି। ଯାହାର ମୂଲ୍ୟ ୧କୋଟି ୩ଲକ୍ଷ ୮୦ହଜାରରୁ ଉଦ୍ଧ୍ୱର୍ ହେବ ବୋଲି ପୁଲିସ ଆକଳନ କରିଛି। ତେବେ ଗତ ମଇ ୩୦ ତାରିଖରେ ଆଦର୍ଶ ଥାନା ପୁଲିସ

## ଧରାହେଲାଣି ୧ କେଜିରୁ ଉର୍ଦ୍ଧ୍ୱ ବ୍ରାଉନସୁଗର

ତରତୁଆ-ପିତାପଲ୍ଲୀ ନୂଆ ଏନ୍‌ଏଚ୍ ର ଗୁରୁଜଙ୍ଗ ଠାରେ ଚଢଉ କରି ୧୧ଗ୍ରାମ ବ୍ରାଉନସୁଗର, ୨ମୋବାଇଲ ଏବଂ ଓଡ଼ି.୦୨ଏୟୁ-୭୬୮୪ ଗାଡି କୁ ଜବତ କରିବା ସହ ବ୍ରହ୍ମପୁର ଖଲ୍ଲିକୋଟ ଅଂଚଳର ରାକା ସେଠୀ (୨୦) ଏବଂ ପୁରୀ ଜିଲ୍ଲା ଡେଲାଙ୍ଗ ଥାନା ହୁଲୁହୁଲା ର ଦୀପକ ପ୍ରଧାନ (୨୫) ଙ୍କୁ ଗିରଫ କରିଥିଲା।

ସେହିପରି ଶିଳ୍ପାଂଚଳ ଥାନା ପୁଲିସ ଗତ ଜୁନ୍ ୮ତାରିଖରେ ୧୬ନଂ ଜାତୀୟ ରାଜପଥ ଗଡଖୋର୍ଦ୍ଧା ବାଇପାସ ଛକ ନିକଟ ଏକ ହୋଟେଲ ପଛପଟେ ଚଢଉ କରି ପୁଲିସ ୫୦୦ଗ୍ରାମ ର ବ୍ରାଉନସୁଗର, ନଗଦ ୧୮ ହଜାର ଟଙ୍କା, ଏକ ବୁଲେଟ, ୪ଟି ମୋବାଇଲ ଫୋନ୍ କୁ ପୁଲିସ ଜବତ କରିଥିଲା। ଏହି ଘଟଣାରେ ପୁରୀ ଜିଲ୍ଲା ପିପିଲି ଥାନା ଅନ୍ତର୍ଗତ କାକୁଡିଆର କୃଷ୍ଣାପ୍ରିୟା ସ୍ୱାଇଁ (୫୦), ଆଦର୍ଶ ଥାନା ଅନ୍ତର୍ଗତ ଉପରସାହିର ସୌମ୍ୟରଞ୍ଜନ ସ୍ୱାଇଁ (୧୯) ଓ ପାନବରଜ ର ଇପ୍ସିତା ପାଣିଗ୍ରାହୀ (୨୧)କୁ ଗିରଫ କରିଥିଲା।ଏଥିସହିତ ବାଲୁଗାଁ ଥାନା ଗତ ଜୁନ ୩ ତାରିଖରେ ୧୦ ଗ୍ରାମ ବ୍ରାଉନସୁଗାର, ଗୋଟିଏ ମୋବାଇଲ ଜବତ କରିଥିବା ବେଳେ ଜଣଙ୍କୁ ଗିରଫ କରିଥିଲା। ଏଥିସହିତ ଉକ୍ତମାସ ୧୪ତାରିଖରେ ବୋଲଗଡ ଥାନା ୨୬.୫ ବ୍ରାଉନସୁଗର ଏବଂ ୫ଟି ମୋବାଇଲ, ଗୋଟିଏ ବାଇକ ସହ ୫ଜଣଙ୍କୁ ଗିରଫ କରିଥିଲା।

ଏହି କ୍ରମରେ ଗତ ୧୭ତାରିଖରେ ସିଆଳିଆସ୍ଥିତ ଶ୍ୟାମାକାଳୀ ମନ୍ଦିର ନିକଟରେ ଚଢଉ କରି ପୁଲିସ ୨୫୭ଗ୍ରାମ ବ୍ରାଉନସୁଗର ଓ ଏକ ନମ୍ବର ବିହୀନ ବୁଲେଟ କୁ ଜବତ କରିଥିଲା। ଜବତ ବ୍ରାଉନସୁଗର ର ମୂଲ୍ୟ ୨୫ଲକ୍ଷରୁ ଉଦ୍ଧ୍ୱର୍ ହେବ ବୋଲି ପୁଲିସ ଆକଳନ କରିଥିଲା।ଏହି ଘଟଣାରେ ଶିଳ୍ପାଂଚଳ ଥାନା ଅନ୍ତର୍ଗତ ଉଇଲକିଶନ ନଗର ର ଅଭୟ ଚରଣ ସାହୁ ଓରଫ୍ ଅଭି (୫୮) ଓ ବେଗୁନିଆ ଥାନା ଅନ୍ତର୍ଗତ ବାରବାଟୀ ବିଶ୍ୱନାଥ ସାହିର ଜଗନ୍ନାଥ ରଣସିଂହ (୨୪)ଙ୍କୁ ପୁଲିସ ଗିରଫ କରିଥିଲା। ଗିରଫଙ୍କ ମଧ୍ୟରେ ଏକାଧିକ ଯୁବକ ଓ ମହିଳା ବେପାରୀ ରହିଥିଲେ।

## ସ୍ୱାମୀ ଲକ୍ଷ୍ମଣାନନ୍ଦଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଶ୍ରଦ୍ଧାଞ୍ଜଳି

# ଫୁଲବାଣୀ ମେଡିକାଲ କଲେଜ ସ୍ୱାମୀ ଲକ୍ଷ୍ମଣାନନ୍ଦଙ୍କ ନାମରେ ନାମିତ ହେବ



- ଜଲେଶପଟ୍ଟା ଆଶ୍ରମର ଐତିହ୍ୟ ସୁରକ୍ଷା ଲାଗି ୧୩ କୋଟି
- ୩୦୦ ଶଯ୍ୟା ବିଶିଷ୍ଟ ଛାତ୍ରୀ ନିବାସ ନିର୍ମାଣ

ଭୁବନେଶ୍ୱର, (ସବ୍ୟୁ): କନ୍ଧମାଳର ସନ୍ଥ, ପୂଜ୍ୟ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ଅମ୍ଳାନ ସ୍ମୃତିକୁ ଉଜ୍ଜୀବିତ କରି ରଖିବା ପାଇଁ ତଥା କନ୍ଧମାଳର ଜନଜାତିଙ୍କ ପାଇଁ ତାଙ୍କ ସେବା ଓ ତ୍ୟାଗକୁ ସମ୍ମାନ ଜଣାଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କନ୍ଧମାଳରେ ପ୍ରତିଷ୍ଠିତ 'ସରକାରୀ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟ, ଫୁଲବାଣୀ'କୁ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ନାମରେ ନାମିତ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରିଛନ୍ତି । ଏହା ସହିତ ଜଲେଶପଟ୍ଟାରେ ଥିବା ତାଙ୍କର ଆଶ୍ରମ, ଆଶ୍ରମ ସ୍କୁଲ ଏବଂ କନ୍ୟାଶ୍ରମର ଉନ୍ନତି ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଉଗଝଇ ପାଣ୍ଠିରୁ ୧୩ କୋଟି ଟଙ୍କା ମଞ୍ଜୁର କରିଛନ୍ତି । ସ୍ୱାମୀଜୀଙ୍କ ଆଶ୍ରମର ଐତିହ୍ୟକୁ ସୁରକ୍ଷିତ ତଥା ସ୍ମରଣୀୟ କରିବା ପାଇଁ ଏହି ଅର୍ଥ ବରାଦ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

ଏଥିରେ ୫ କୋଟି ଟଙ୍କା ବିନିଯୋଗରେ ଛାତ୍ରୀମାନଙ୍କ ପାଇଁ ୩୦୦ ଆସନ ବିଶିଷ୍ଟ ଏକ ଛାତ୍ରୀ ନିବାସ ପ୍ରତିଷ୍ଠା କରାଯିବ । ୩ କୋଟି ଟଙ୍କା ବିନିଯୋଗରେ ସ୍ୱାମୀଜୀଙ୍କ ଐତିହ୍ୟ ସ୍ଥଳର ସଂରକ୍ଷଣ କରାଯିବ । ଏହା ସହିତ ଜଲେଶପଟ୍ଟା ଆଶ୍ରମ, ଆଶ୍ରମ ସ୍କୁଲ ଓ କନ୍ୟାଶ୍ରମ ଛାତ୍ରୀ ନିବାସକୁ ଜଳ ଯୋଗାଣ ପାଇଁ ୬୦ ଲକ୍ଷ ଟଙ୍କାରେ ଏକ ମେଗା ରିଭର ଲିଫ୍ଟ ପ୍ରକଳ୍ପ କାର୍ଯ୍ୟକାରୀ କରାଯିବ । ଏହା ସହିତ ଶୌଚାଳୟ ନିର୍ମାଣ, ଛାତ୍ରୀ ନିବାସ ପାଇଁ ଅତିରିକ୍ତ ଗୃହ ନିର୍ମାଣ, ପ୍ରାଚୀର ନିର୍ମାଣ, ଶ୍ରେଣୀଗୃହ, ହଷ୍ଟେଲ ବିଲ୍ଡିଂର ନବୀକରଣ ଆଦି ପାଇଁ ମଧ୍ୟ ଅର୍ଥର ବ୍ୟବସ୍ଥା କରାଯାଇଛି ।

## ବିବାଦୀୟ ଆନିମେଟେଡ୍ ଫିଲ୍ମ 'ମହାପ୍ରଭୁ ଜଗନ୍ନାଥ' ର ରିଲିଜ୍ ପ୍ରସଙ୍ଗ

# ଆଜି ସୁପ୍ରିମକୋର୍ଟରେ ହେବ ତ୍ୱରିତ ଶୁଣାଣି

କଟକ,(ସବ୍ୟୁ): ବିବାଦୀୟ ଆନିମେଟେଡ୍ ଫିଲ୍ମ 'ମହାପ୍ରଭୁ ଜଗନ୍ନାଥ' ଆସନ୍ତାକାଲିକୁ ପ୍ରଦର୍ଶନ ପାଇଁ ଧାର୍ଯ୍ୟ ହୋଇଥିଲାବେଳେ ଏହାକୁ ବିରୋଧ କରି ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ ଏବଂ ମହେଶ କୁମାର ସାହୁଙ୍କ ପକ୍ଷରୁ ସୁପ୍ରିମ୍‌କୋର୍ଟରେ ଦୁଇଟି ମାମଲା ରୁଜୁ କରାଯାଇଥିଲା । ଆଜି ଏହାକୁ ତ୍ୱରିତ ଶୁଣାଣି ପାଇଁ ମୁଖ୍ୟ ବିଚାରପତିଙ୍କ ଅଦାଲତରେ ପଞ୍ଜୀକୃତ କରାଯାଇଥିଲା । ସୁପ୍ରିମ୍‌କୋର୍ଟ ଏହାକୁ ବିଚାର ପାଇଁ ଗ୍ରହଣ କରି ଆସନ୍ତାକାଲିକୁ ଏହା ଉପରେ ବିସ୍ତୃତ ଶୁଣାଣି ପାଇଁ ଧାର୍ଯ୍ୟ କରିଛନ୍ତି । ସୁପ୍ରିମ୍‌କୋର୍ଟର ପ୍ରଧାନ ବିଚାରପତି ଜଷ୍ଟିସ୍ ସୂର୍ଯ୍ୟ କାନ୍ତ, ଜଷ୍ଟିସ୍ ବିକ୍ରମ ନାଥ ଏବଂ ଜଷ୍ଟିସ୍ ବି.ଭି. ନାଗରତ୍ନାଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ଆଦେଶ ଦେଇଛନ୍ତି।

ଏହି ଫିଲ୍ମ ପ୍ରଦର୍ଶନକୁ ନେଇ ଆରମ୍ଭରୁ ବିବାଦ ଦେଖାଦେଇଛି । ପ୍ରଥମେ ଏହି ଚଳଚ୍ଚିତ୍ର ଠିକ୍ ରଥଯାତ୍ରା ପରଦିନ ଅର୍ଥାତ ଗତ ୨୭ତାରିଖ ଦିନ ରିଲିଜ୍ କରାଯିବ ବୋଲି ପ୍ରଯୋଜକ ସଂସ୍ଥା ପକ୍ଷରୁ ଘୋଷଣା କରାଯାଇଥିଲା । ଏହାକୁ ବିରୋଧ କରି ସେତେବେଳେ ହାଇକୋର୍ଟରେ ମହେଶ କୁମାର ସାହୁ ଏବଂ ଅନ୍ୟ କେତେଜଣ ମାମଲା ରୁଜୁ କରିଥିଲେ । ସେମାନେ ଦର୍ଶାଇଥିଲେ ଯେ, ଏହି ଚଳଚ୍ଚିତ୍ର ଯଦି ରିଲିଜ୍ ହୁଏ ତାହେଲେ ଏହା ଜଗନ୍ନାଥ ପ୍ରେମୀଙ୍କ ଭାବାବେଗକୁ ଆଘାତ ପହଞ୍ଚାଇବ। ଏହି ଚଳଚ୍ଚିତ୍ରକୁ କଦର୍ଥ ଭାବେ ପ୍ରସ୍ତୁତ କରାଯାଇଥିବାରୁ ଏଥିରୁ ବିବାଦୀୟ ଅଂଶ ହଟାଇବା ପରେ ପ୍ରଦର୍ଶନ କରାଯାଉ ବୋଲି ଆବେଦନକାରୀମାନେ ପ୍ରାର୍ଥନା କରିଥିଲେ । ହାଇକୋର୍ଟ ଏହି ମାମଲାର ଶୁଣାଣି କରି ଚଳଚ୍ଚିତ୍ରର ରିଲିଜ୍ ଉପରେ ରୋକ୍ ଲଗାଇବା ସହ ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ଏହାର ପ୍ରଦର୍ଶନ କରାଯାଇ ପାରିବ ନାହିଁ ବୋଲି କହିଥିଲେ । ଏହି ଫିଲ୍ମ ରିଲିଜ୍ ଉପରେ ହାଇକୋର୍ଟ କଟକଣା ଲଗାଇବା ପରେ ପ୍ରଯୋଜକ ସଂସ୍ଥା ସୁପ୍ରିମ୍‌କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସୁପ୍ରିମ୍‌କୋର୍ଟ ଏହି ମାମଲାର ଶୁଣାଣି କରି ହାଇକୋର୍ଟଙ୍କ ଆଦେଶକୁ ଯଦିଓ କାଏମ୍ ରଖିଥିଲେ କିନ୍ତୁ ୨୭ ତାରିଖ ପରେ ଅର୍ଥାତ ଆଜି ପରେ ପ୍ରଦର୍ଶନ ହୋଇପାରିବ ବୋଲି ଆଦେଶ ଦେଇଥିଲେ । ନବଦିନ ଧରି ଚାଲିଥିବା ରଥଯାତ୍ରା ପରେ ଅର୍ଥାତ ୨୮ ତାରିଖ ପରେ ଅବା ସେହିଦିନଠାରୁ ଏହି ଚଳଚ୍ଚିତ୍ର ପ୍ରଦର୍ଶିତ ହୋଇପାରିବ ବୋଲି ସ୍ପଷ୍ଟ ହୋଇଯାଇଥିଲା।

ଏହି ଆଦେଶକୁ ପ୍ରତ୍ୟାହାର କରଯିବା ସହ ଏହି ଫିଲ୍ମକୁ ମିଳିଥିବା ବୋର୍ଡର ସାର୍ଟିଫିକେଟ୍‌କୁ ବାତିଲ୍ ପାଇଁ ପ୍ରାର୍ଥନା କରି ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରଶାସନ ଏହି ମାମଲା ରୁଜୁ କରିଛି। ମନ୍ଦିର ପ୍ରଶାସନ ପକ୍ଷରୁ କୁହାଯାଇଛି ଯେ, ଇତିମଧ୍ୟରେ ଏହି ଚଳଚ୍ଚିତ୍ରକୁ ଦିଆଯାଇଥିବା ସାର୍ଟିଫିକେଟ୍‌କୁ ବାତିଲ୍ ପାଇଁ ରାଜ୍ୟ ସରକାର, କେନ୍ଦ୍ର ସରକାରଙ୍କ ନିକଟରେ ଆବେଦନ କରିଛନ୍ତି । ଯଦି ଚଳଚ୍ଚିତ୍ରଟି ପ୍ରଦର୍ଶିତ ହୋଇଯାଏ ତାହେଲେ ସୁପ୍ରିମ୍‌କୋର୍ଟରେ ହୋଇଥିବା ଅପିଲ୍‌ର କୌଣସି ମୂଲ୍ୟ ରହିବ ନାହିଁ । ଦ୍ୱିତୀୟରେ ହିନ୍ଦୁ ଦେବାଦେବୀଙ୍କୁ ବିକୃତ ଭାବେ ଚିତ୍ରଣ କରି ସନାତନୀଙ୍କ ମଧ୍ୟରେ ଆଘାତ ପହଞ୍ଚାଇବାର ଅଧିକାର କାହାରି ନାହିଁ । ତେଣୁ ଏହି ମାମଲାକୁ ତ୍ୱରିତ ବିଚାର ପାଇଁ ଗ୍ରହଣ କରିବାକୁ ଆଡଭୋକେଟ୍ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ ପ୍ରାର୍ଥନା କରିଥିଲେ । ସୁପ୍ରିମ୍‌କୋର୍ଟ ଏହାକୁ ଗ୍ରହଣ କରି ଉପରୋକ୍ତ ନିର୍ଦ୍ଦେଶ ଦେଇଛନ୍ତି।

## ଟ୍ରେନ ଧାରଣାରୁ ମୃତଦେହ ଉଦ୍ଧାର

କଟକ,(ସବ୍ୟୁ): ମାଲଗୋଦାମ ନିକଟସ୍ଥ ରେଳ ଧାରଣା କଡରୁ ଆଜି ପୁଣି ଜଣେ ବୟସ୍କ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର ହୋଇଛି । ମୃତକଙ୍କ ପରିଚୟ ଜଣାପଡିନାହିଁ । ବୃଦ୍ଧଙ୍କ ବୟସ ପ୍ରାୟ ୬୫ରୁ ୭୦ ବର୍ଷ ଭିତରେ ହେବ । ଯୁବକ ଜଣକ କୌଣସି ଟ୍ରେନରୁ ଗଳିପଡିବାରୁ ତାଙ୍କର ମୃତ୍ୟୁ ଘଟିଥିବା ଆଶଙ୍କା କରାଯାଉଛି । ଆଜି ସକାଳେ ସ୍ଥାନୀୟ ଲୋକେ ମୃତଦେହ ଦେଖି ପୁଲିସକୁ ସୂଚନା ଦେଇଥିଲେ । ଜିଆରପି ପୁଲିସ ପହଞ୍ଚ ପାରିପାର୍ଶ୍ୱିକ ସ୍ଥିତି ଯାଞ୍ଚ ପରେ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି । ରାତି ସମୟରେ ଅତିକ୍ରମ କରିଥିବା କୌଣସି ଟ୍ରେନରୁ ଯୁବକ ଜଣକ ଗଳିପଡିଥିବା କୁହାଯାଉଛି । ତେବେ ବୃଦ୍ଧଙ୍କ ପାଖରେ କୌଣସି କାଗଜପତ୍ର ନଥିବାରୁ ତାଙ୍କର ପରିଚୟ ଜଣାପଡିନାହିଁ । ତେଣୁ ପରିଚୟ ଜାଣିବା ପାଇଁ ଜିଆରପି ପକ୍ଷରୁ ମୃତକଙ୍କ ଫଟୋକୁ ବିଭିନ୍ନ ଥାନା ଓ ରେଳ ଷ୍ଟେସନକୁ ପଠାଯାଇଛି ।

## କିଟ୍ ଓ କିସ୍ ପକ୍ଷରୁ ଜ୍ୟୋତିର୍ମୟୀଙ୍କୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା

# ୫ଲକ୍ଷ ଟଙ୍କାର ପ୍ରୋତ୍ସାହନ ରାଶି ପ୍ରଦାନ

ଭୁବନେଶ୍ୱର, (ସବ୍ୟୁ): ଇଣ୍ଡିଆନ୍ ଆଇଡଲ୍ ସିଜନ୍–୧୬ ଜିତି ଇତିହାସ ରଚିଥିବା ଓଡ଼ିଆ ଝିଅ ତଥା କିଟ ଛାତ୍ରୀ ଜ୍ୟୋତିର୍ମୟୀ ନାୟକଙ୍କୁ ଆଜି କିଟ୍ ଓ କିସ୍ ପକ୍ଷରୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଦିଆଯାଇଛି। ଆଜି ସକାଳେ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବା ପରେ ତାଙ୍କ ସ୍ୱାଗତ କରାଯିବା ସହ ବିରାଟ ପଟୁଆରରେ କିଟ୍ କ୍ୟାମ୍ପସ୍ ପର୍ଯ୍ୟନ୍ତ ଅଣାଯାଇଥିଲା। ସେ କିଟ୍‌ର ସମସ୍ତ କ୍ୟାମ୍ପସ ଓ କିସ୍ ପରିଦର୍ଶନ କରିଥିଲେ। ପରେ ତାଙ୍କୁ କିଟରେ ବହୁ ଗଣ୍ୟମାନ୍ୟ ବ୍ୟକ୍ତିଙ୍କ ଉପସ୍ଥିତିରେ ସମ୍ବର୍ଦ୍ଧିତ କରାଯାଇଥିଲା।



ଜ୍ୟୋତିର୍ମୟୀଙ୍କ ବାପା ଚକ୍ରଧର ନାୟକ, ମାଆ ଗୌରୀ ନାୟକ, ବିଶିଷ୍ଟ ଓଲିଉଡ୍ ତାରକା ବୁଦ୍ଧାଦିତ୍ୟ ମହାନ୍ତି, କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ, କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତିଙ୍କ ଉପସ୍ଥିତିରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ଶ୍ରୀ ସାମନ୍ତ କିଟ୍ ଛାତ୍ରୀ ଜ୍ୟୋତିର୍ମୟୀଙ୍କ ସଫଳତା ପାଇଁ ତାଙ୍କୁ ୫ ଲକ୍ଷ ଟଙ୍କା ପ୍ରୋତ୍ସାହନ ରାଶି ପୁରସ୍କାର ସ୍ୱରୂପ ପ୍ରଦାନ କରିଥିଲେ। ଶ୍ରୀ ସାମନ୍ତ କହିଲେ, ଓଡ଼ିଶା ତଥା କିଟ ଓ କିସର ଗର୍ବ ଜ୍ୟୋତିର୍ମୟୀ ନାୟକଙ୍କୁ ଇଣ୍ଡିଆନ୍ ଆଇଡଲ୍ ସିଜନ୍–୧୬ର ବିଜେତା ହେବା ନିଶ୍ଚିତ ଭାବେ ଆମ ସମସ୍ତଙ୍କ ପାଇଁ ଆନନ୍ଦର ବିଷୟ। ପ୍ରଥମ ଓଡ଼ିଆ ଭାବେ ଏହି ପ୍ରତିଯୋଗିତା ଜିତି ସେ ଇତିହାସ ସୃଷ୍ଟି କରିଛନ୍ତି। ଏହା ସମଗ୍ର କିଟ୍, କିସ୍ ଓ କିମ୍ସ ପରିବାର ପାଇଁ ଅତ୍ୟନ୍ତ ଗୌରବର ବିଷୟ।'

ଅପରପକ୍ଷରେ ଜ୍ୟୋତିର୍ମୟୀ କିଟ୍ ଓ କିସ୍ ପରିବାର ବିଶେଷ କରି ଅଚ୍ୟୁତ ସାମନ୍ତ, ତାଙ୍କ ଶିକ୍ଷକ, ପିତାମାତା ଓ ବନ୍ଧୁମାନଙ୍କ ଅକୁଣ୍ଠ ସମର୍ଥନ ଏବଂ ଉତ୍ସାହ ପାଇଁ କୃତଜ୍ଞତା ଜଣାଇଥିଲେ। ସେ କହିଲେ, କିଟ୍ ଓ କିସରେ ସମସ୍ତଙ୍କଠାରୁ ପାଇଥିବା ସ୍ନେହ ତାଙ୍କୁ ସବୁବେଳେ ଆତ୍ମବିଶ୍ୱାସ ଏବଂ ଦୃଢ଼ତାର ସହିତ ତାଙ୍କ ସ୍ୱପ୍ନକୁ ପୂରଣ କରିବାକୁ ପ୍ରେରଣା ଦେଇଛି। ଏହି ଅବସରରେ ସେ ଉପସ୍ଥିତ ଛାତ୍ରଛାତ୍ରୀଙ୍କ ପାଇଁ ସୁମଧୁର ସଂଗୀତ ପରିବେଷଣ କରିଥିଲେ। ସୂଚନାଯୋଗ୍ୟ, ଦୀର୍ଘ ୧୦ ମାସ ଧରି ଚାଲିଥିବା 'ୟାଦୋଁ କି ପ୍ଲେଲିଷ୍ଟ' ଥିମର ଏହି ସିଜନରେ ଜ୍ୟୋତିର୍ମୟୀ ନିଜର ଅସାଧାରଣ ସଙ୍ଗୀତ ପ୍ରତିଭା, ପରିଶ୍ରମ ଓ ନିଷ୍ଠାର ପରିଚୟ ଦେଇ ଗ୍ରାଣ୍ଡ ଫିନାଲେରେ ବିଜୟୀ ହୋଇଥିଲେ।

## ଦୁଇଶହ ନେତା ଓ କର୍ମୀ କଂଗ୍ରେସରେ ମିଶିଲେ

# ସମ୍ବଲପୁରରେ ହଜାର ହଜାର ଲୋକ କଂଗ୍ରେସରେ ମିଶିବେ : ଭକ୍ତ



ଭୁବନେଶ୍ୱର (ସବ୍ୟୁ): ସମ୍ବଲପୁରଠାରେ ଦେଶର ଲୋକପ୍ରିୟ ଯୁବନେତା କହ୍ନେୟା କୁମାରଙ୍କ ବିଶାଳ ଆକ୍ରୋଶ ସମାବେଶ ଗତ ଜୁନ୍-୧୦ ତାରିଖରେ ହୋଇଥିଲା । ଏହି ସଫଳତା ଦଳର ନେତା ଓ କର୍ମୀଙ୍କ ମନରେ ଅଫୁରନ୍ତ ଉତ୍ସାହ ଓ ଉଦ୍ଦୀପନା ଭରିଦେଇଛି । ସୁଦୂର ସମ୍ବଲପୁରରୁ ସୋମବାର ଭୁବନେଶ୍ୱର ଆସି ଦୁଇ ଶତାଧିକ ଯୁବନେତା ଓ କର୍ମୀ ଦଳରେ ଯୋଗଦେବା ତା'ର ଏକ ଛୋଟ ପ୍ରମାଣ । ଆଗକୁ ଦଳରେ ମିଶ୍ରଣ ପର୍ବ ନିୟମିତ ଭାବେ ଚାଲିବ । ଏହି କ୍ରମରେ ସମ୍ବଲପୁରରେ ଅଗଷ୍ଟ ପ୍ରଥମ କିମ୍ବା ଦ୍ୱିତୀୟ ସପ୍ତାହରେ ସହସ୍ରାଧିକ ଲୋକଙ୍କର ଏକ ମିଶ୍ରଣ ପର୍ବ ଆୟୋଜନ ହେବ ବୋଲି ପିସିସି ସଭାପତି ଭକ୍ତଚରଣ ଦାସ ସୂଚନା ଦେଇଛନ୍ତି । ପିସିସି ମିଡିଆ ବିଭାଗର ଅଧ୍ୟକ୍ଷ ଅରବିନ୍ଦ ଦାସଙ୍କ ସଂଯୋଜନାରେ ସୋମବାର କଂଗ୍ରେସ ଅଫିସରେ ଆୟୋଜିତ ଏହି ମିଶ୍ରଣ ପର୍ବରେ ଭକ୍ତ ଆହୁରି କହିଥିଲେ, ଦଳର ଅଗଣିତ ନେତା ଓ କର୍ମୀଙ୍କ ସକ୍ରିୟ ସଂପୃକ୍ତି ଯୋଗୁଁ ଗୋଟିଏ ପରେ ଗୋଟିଏ ଆନ୍ଦୋଳନ ସଫଳ ହୋଇଛି । ଓଡ଼ିଶାର ପାଠ୍ୟପୁସ୍ତକରେ ୨୨ ଶହରୁ ଅଧିକ ତ୍ରୁଟି ପରି ଗୁରୁତର ଅସଙ୍ଗତି ବିରୋଧରେ ଦଳର ଆନ୍ଦୋଳନ ଆଗକୁ ଆହୁରି ତୀବ୍ରତର ହେବ । ଉତ୍ତରଦାୟିତ୍ୱ ନେଇ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଆସନ୍ତା ୭ଦିନ ମଧ୍ୟରେ ଇସ୍ତଫା ନ ଦେଲେ ଓଡ଼ିଶା ବନ୍ଦ ପରି ଚରମ ନିଷ୍ପତ୍ତି ନେବାକୁ ଦଳ ବାଧ୍ୟ ହେବ ବୋଲି ଏହି ଅବସରରେ ଶ୍ରୀ ଦାସ ଦୋହରାଇଥିଲେ । ମିଶ୍ରଣ ପର୍ବରେ ସମ୍ବଲପୁରର ଯୁବନେତା ସୁଧୀର ପଣ୍ଡା, ମହମ୍ମଦ ହାସିମ, ଜିତେନ୍ଦ୍ର ପ୍ରଧାନ ପ୍ରମୁଖ ମଂଚାସୀନ ହୋଇ ବକ୍ତବ୍ୟ ରଖିଥିଲେ । ମିଶ୍ରଣ ସମାବେଶରେ ପିସିସିର ସଂଗଠନ ଉପସଭାପତି ସନ୍ତୋଷ ସିଂହ ସାଲୁଜା, ଏଆଇସିସି ମୁଖପାତ୍ର ଡ.ହମିଦ ହୁସେନ ମଧ୍ୟ ମଂଚାସୀନ ଥିଲେ ।

## ଡାର୍କଆଇ ଗ୍ରୁପର ବୈଷୟିକ କର୍ମଶାଳା



ଭୁବନେଶ୍ୱର (ସବ୍ୟୁ): ସଡକ ସୁରକ୍ଷା ସମ୍ବନ୍ଧୀୟ ବିଭିନ୍ନ କାର୍ଯ୍ୟକ୍ରମ କରୁଥିବା 'ଡାର୍କଆଇ ଗ୍ରୁପ'ର ଏକ ବୈଷୟିକ କର୍ମଶାଳା ବି ଡି ଏଣ୍ଟରପ୍ରାଇଜର୍ସ୍ ସହାୟତାରେ ଗୋଆଠାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସଡକ ସୁରକ୍ଷା ସମ୍ବନ୍ଧୀୟ ନୂତନ ବୈଷୟିକ ଜ୍ଞାନ କୌଶଳ ପ୍ରୟୋଗ ଉପରେ ଆଲୋଚନା କରାଯାଇଥିଲା। ଡାର୍କଆଇ ଗ୍ରୁପର ଅଧ୍ୟକ୍ଷ ଚିତ୍ତରଞ୍ଜନ ଜେନା, ବି ଡି ଏଣ୍ଟରପ୍ରାଇଜର୍ସର ନିର୍ଦ୍ଦେଶକ ପ୍ରିୟବ୍ରତ ରାଉତରାୟ,ଡାର୍କଆଇର ନିର୍ଦ୍ଦେଶକ କବିରାଜ ଜେନା, ବିନାୟକ ସତପଥୀ, ସୁକାନ୍ତ କୁମାର ମାର୍ଥା, ରଞ୍ଜିତ କୁମାର ଜେନା, ସୂର୍ଯ୍ୟ ପ୍ରକାଶ ଲେଙ୍କା ପ୍ରମୁଖ ଯୋଗଦେଇଥିଲେ।

## ବାଣୀବିହାର ୮୦ ପକ୍ଷରୁ ଅନ୍ନ ସେବା କାର୍ଯ୍ୟକ୍ରମ



ଭୁବନେଶ୍ୱର (ସବ୍ୟୁ): ବାଣୀବିହାର ଅଶୀ ତରଫରୁ ଡୁମଡୁମା ସ୍ଥିତ ଆଶ୍ରୟ ଶିଶୁ ଗୃହ ଅଧୀନରେ ଥିବା ଶିଶୁ ଆଶ୍ରମରେ ଅନ୍ନସେବା କାର୍ଯ୍ୟକ୍ରମ ଜୁଲାଇ ୨୭ ତାରିଖରେ ଅନୁଷ୍ଠିତ ହୋଇଥିଲା। ଏଠାରେ ପ୍ରାୟ ୩୫ ଜଣ ଅନ୍ତେବାସୀଙ୍କୁ ସୁସ୍ୱାଦୁ ମଧ୍ୟାହ୍ନ ଭୋଜନରେ ଆପ୍ୟାୟିତ କରାଯାଇଥିଲା । ବାଣୀ ବିହାର ଅଶୀ ତରଫରୁ ସଭାପତି ପ୍ରତୀପ କୁମାର ମିଶ୍ରଙ୍କ, ସହିତ ପ୍ରମୁଖ ବରିଷ୍ଠ ସଦସ୍ୟ / ସଦସ୍ୟା ଅଲେଖ ନନ୍ଦୀ, ସବିତା ସାମନ୍ତରାୟ, ମେନକା ମଲ୍ଲିକ, ଗୀତାଞ୍ଜଳି ମହାପାତ୍ର, ଧରିତ୍ରୀ ରାୟ, ନିହାରିକା ମିଶ୍ର ରଞ୍ଜିତା ଦାଶ ଯୋଗଦାନ କରିଥିଲେ । ବାଣୀ ବିହାର ଅଶୀ ଦୁଇ ବର୍ଷ ହେବ ପ୍ରାୟ ପ୍ରତି ମାସରେ ବିଭିନ୍ନ ଜରାଶ୍ରମ ଓ ଶିଶୁ ଗୃହ ଇତ୍ୟାଦିରେ ଅନ୍ନସେବା କାର୍ଯ୍ୟକ୍ରମ ଜାରି ରଖିଛି ଏବଂ ଆଗାମୀ ଦିନରେ ଗୁଡିକରେ ଏହି କାର୍ଯ୍ୟକ୍ରମ ଜାରି ରହିବ ବୋଲି ସେକ୍ରେଟାରୀ ଆଶୁତୋଷ ଦାଶ ପ୍ରକାଶ କରିଛନ୍ତି।

## କାଇପଦର ହାଇସ୍କୁଲ ଖେଳପଡ଼ିଆ ଜବରଦଖଲ

# ଗ୍ରାମବାସୀଙ୍କ ତୀବ୍ର ପ୍ରତିବାଦ

ଖୋର୍ଦ୍ଧା, (ସବ୍ୟୁ): ଖୋର୍ଦ୍ଧା ବ୍ଲକ ଅନ୍ତର୍ଗତ କାଇପଦର ଗ୍ରାମର ଏକ ଐତିହାସିକ ଖେଳପଡ଼ିଆକୁ ନେଇ ବିବାଦ ଦେଖାଦେଇଛି। ପ୍ରାୟ ସାତ ଦଶନ୍ଧି ଧରି ସ୍ଥାନୀୟ ଛାତ୍ରଛାତ୍ରୀ ଓ କ୍ରୀଡ଼ାପ୍ରେମୀ ଯୁବକମାନଙ୍କ ଖେଳକୁଦ, ଶାରୀରିକ ବ୍ୟାୟାମ ଏବଂ ବିଭିନ୍ନ ସାମାଜିକ ଓ କ୍ରୀଡ଼ା କାର୍ଯ୍ୟକ୍ରମର କେନ୍ଦ୍ର ପାଲଟିଥିବା କାଇପଦର ହାଇସ୍କୁଲ ପଛପଟ ଖେଳପଡ଼ିଆକୁ କେତେକ ବ୍ୟକ୍ତି ବେଆଇନ ଭାବେ ଜବରଦଖଲ କରିବାକୁ ଉଦ୍ୟମ କରୁଥିବା ଅଭିଯୋଗ ହୋଇଛି। ଏହି ଘଟଣାକୁ ନେଇ ସମଗ୍ର ଅଂଚଳ ରେ ଅସନ୍ତୋଷ ଦେଖାଦେଇଥିବା ବେଳେ ଗ୍ରାମବାସୀମାନେ ତୁରନ୍ତ ପ୍ରଶାସନିକ ହସ୍ତକ୍ଷେପ ଦାବି କରିଛନ୍ତି। ସ୍ଥାନୀୟ ବାସିନ୍ଦାଙ୍କ କହିବା ଅନୁଯାୟୀ, କାଇପଦର ହାଇସ୍କୁଲ ପଛପଟେ ଅବସ୍ଥିତ ଏହି ଖେଳପଡ଼ିଆ ଦୀର୍ଘ ପ୍ରାୟ ୭୦ ବର୍ଷ ଧରି ଗ୍ରାମର ଛାତ୍ରଛାତ୍ରୀ, ଯୁବକ ଓ କ୍ରୀଡ଼ାପ୍ରେମୀମାନଙ୍କ ପାଇଁ ଏକମାତ୍ର ପ୍ରମୁଖ କ୍ରୀଡ଼ା କେନ୍ଦ୍ର ଭାବେ ବ୍ୟବହୃତ ହୋଇଆସୁଛି। ବିଦ୍ୟାଳୟର ପୂର୍ବତନ ପ୍ରଧାନଶିକ୍ଷକଙ୍କ ଅନୁମତି କ୍ରମେ ସ୍ଥାନୀୟ ଯୁବକମାନେ ମଧ୍ୟ ସେଠାରେ ନିୟମିତ ଭାବେ କ୍ରିକେଟ, ଫୁଟବଲ, ଭଲିବଲ, କବାଡ଼ି ଓ ଅନ୍ୟାନ୍ୟ ଖେଳର ଅଭ୍ୟାସ କରୁଥିଲେ। ଅନେକ ଜିଲ୍ଲାସ୍ତରୀୟ ଓ ସ୍ଥାନୀୟ କ୍ରୀଡ଼ା ପ୍ରତିଯୋଗିତା ମଧ୍ୟ ଏହି ପଡ଼ିଆରେ ଆୟୋଜିତ ହୋଇଛି । ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, କାଇପଦର ସାଆନ୍ତା ଗ୍ରାମର ଜୈନକ ବ୍ୟକ୍ତି ଙ୍କ ସମେତ କିଛି ଖଳ ପ୍ରକୃତିର ବ୍ୟକ୍ତି ଏହି ଖେଳପଡ଼ିଆ ଟିକୁ ନିଜ ଦଖଲ କୁ ନେବାକୁ ଉଦ୍ୟମ କରୁଛନ୍ତି। ଏହାକୁ ବିରୋଧ କରିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଉତ୍ତେଜନା ସୃଷ୍ଟି ହୋଇଛି।

## ରଥଯାତ୍ରା–୨୦୨୬ରେ ୭ ସ୍ୱୋକ୍ସ ଭର୍ଡ୍ଡ୍ୟୁର ଫାଉଣ୍ଡେସନ ପକ୍ଷରୁ

# ୨୫ ହଜାରରୁ ଅଧିକ ଭକ୍ତଙ୍କୁ ଖାଦ୍ୟ ବଣ୍ଟନ

ଭୁବନେଶ୍ୱର (ସବ୍ୟୁ): ପବିତ୍ର ରଥଯାତ୍ରା–୨୦୨୬ ଅବସରରେ ସ୍ୱୋକ୍ସ ଭର୍ଡ୍ଡ୍ୟୁର ଫାଉଣ୍ଡେସନ ପୁରୀ ପକ୍ଷରୁ ବିଭିନ୍ନ ସେବାମୂଳକ କାର୍ଯ୍ୟକ୍ରମ ସଫଳତାର ସହ ସମ୍ପନ୍ନ ହୋଇଛି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ କୃପାରୁ ହଜାର ହଜାର ଭକ୍ତ, କର୍ତ୍ତବ୍ୟରତ ପୁଲିସ ଓ ସ୍ୱାସ୍ଥ୍ୟ କର୍ମଚାରୀଙ୍କୁ ସେବା ପ୍ରଦାନ କରାଯାଇଥିଲା। ଗୁଣ୍ଡିଚା ଯାତ୍ରା (୧୬ ଜୁଲାଇ)ସନ୍ଧ୍ୟା ୫ଟାରୁ ମଧ୍ୟରାତ୍ରି ପର୍ଯ୍ୟନ୍ତ ଫାଉଣ୍ଡେସନର ସ୍ୱେଚ୍ଛାସେବୀମାନେ ଗରମ ଖେଚୁଡ଼ି, ଡାଲେମା, ରୁଟି ସହ ମିନେରାଲ୍ ପାନୀୟ ଜଳ ୧୦ ହଜାରରୁ ଅଧିକ ଭକ୍ତଙ୍କୁ ବଣ୍ଟନ କରିଥିଲେ। ଏହାସହ ରଥଯାତ୍ରାରେ ନିରନ୍ତର ସେବାରେ ନିୟୋଜିତ ଓଡ଼ିଶା ପୁଲିସ, ସ୍ୱାସ୍ଥ୍ୟ ବିଭାଗ ଓ ଅନ୍ୟାନ୍ୟ କର୍ତ୍ତବ୍ୟରତ କର୍ମଚାରୀଙ୍କ ପାଇଁ ସ୍ୱତନ୍ତ୍ର ଭାବେ ଫାଉଣ୍ଡେସନ ପରିସରରେ ଖାଦ୍ୟ ବ୍ୟବସ୍ଥା କରାଯାଇଥିଲା, ଯାହାଦ୍ୱାରା ସେମାନଙ୍କୁ ଧାଡ଼ିରେ ଠିଆ ହେବାକୁ ପଡ଼ିନଥିଲା। ରଥଯାତ୍ରା ସମୟରେ ପ୍ରଥମ ଥର ପାଇଁ ୧୦ ଜଣ ଫିଜିଓଥେରାପି ଛାତ୍ରଛାତ୍ରୀଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପୁରୀର ଜରୁରୀ ବିଭାଗରେ ୧୬ ଓ ୨୪ ଜୁଲାଇ ଦିନ ନିୟୋଜିତ କରାଯାଇଥିଲା। ସେମାନେ



ଡାକ୍ତର, ନର୍ସ ଓ ସ୍ୱାସ୍ଥ୍ୟକର୍ମୀଙ୍କ ସହ ମିଶି ଜରୁରୀ ଚିକିତ୍ସା ସେବାରେ ସହଯୋଗ କରିଥିଲେ। ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ମଧ୍ୟ କରାଯାଇଥିଲା। ଏହି ସମସ୍ତ ସେବା କାର୍ଯ୍ୟକ୍ରମ ସଫଳ କରିବାରେ ଜିଲ୍ଲା ପ୍ରଶାସନ, ପୁରୀ, ଓଡ଼ିଶା ପୁଲିସ, ସ୍ୱାସ୍ଥ୍ୟ ବିଭାଗ, ସମସ୍ତ ଦାତା, ଶୁଭେଚ୍ଛୁ, ସ୍ୱେଚ୍ଛାସେବୀ ଓ ଫାଉଣ୍ଡେସନର କୋର ଟିମ୍‌ର ସହଯୋଗ ଅତୁଳନୀୟ ଥିଲା। ଏହି ଅବସରରେ ଫାଉଣ୍ଡେସନର ପ୍ରତିଷ୍ଠାତା ଓ ନିର୍ଦ୍ଦେଶକ ଡ଼. ସିଦ୍ଧାର୍ଥ ଶେଖର ପାତ୍ର କହିଛନ୍ତି ଯେ, "ଭକ୍ତଙ୍କ ସେବା ହିଁ ମହାପ୍ରଭୁ ଜଗନ୍ନାଥଙ୍କ ସେବା। ଏହି କଠିନ ଯାତ୍ରାରେ ଯାହା କିଛି ସମ୍ଭବ ହୋଇଛି, ତାହା କେବଳ ମହାପ୍ରଭୁଙ୍କ ଅସୀମ କୃପା, ଜିଲ୍ଲା ପ୍ରଶାସନର ସହଯୋଗ, ଆମର ସମସ୍ତ ଦାତା, ସ୍ୱେଚ୍ଛାସେବୀ ଓ ସହଯୋଗୀମାନଙ୍କ ନିଷ୍ଠାପୂର୍ଣ୍ଣ ପ୍ରୟାସ ପାଇଁ ସମ୍ଭବ ହୋଇଛି।

# ବାହୁଡ଼ାରେ ବ୍ରାହ୍ମଣ ମହାସଭା ପକ୍ଷରୁ ଶ୍ରଦ୍ଧାଳୁଙ୍କୁ ଟଙ୍କ ତୋରାଣି ବଣ୍ଟନ



ବାରିପଦା, (ସବ୍ୟୁ) : ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦା ବାହୁଡ଼ାଯାତ୍ରା ଅବସରରେ ଦୁଇଦିନଧରି ଓଡିଶା ରାଜ୍ୟ ବ୍ରାହ୍ମଣ ମହାସଭା ମୟୂରଭଞ୍ଜ ଶାଖା ତରଫରୁ ବାହୁଡ଼ାଯାତ୍ରାରେ ଆସୁଥିବା ଶ୍ରଦ୍ଧାଳୁଙ୍କ ପାଇଁ ପୁରୀର ପ୍ରସିଦ୍ଧ ଟଙ୍କତୋରାଣି ବଣ୍ଟନ କରାଯାଇଥିଲା । ସ୍ଥାନୀୟ ଶୀତଳା ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ଉକ୍ତ ଦୁଇଦିନିଆ କାଯ୍ୟକ୍ରମ ମହାସଭାର ସ୍ଥାୟୀ ସଭାପତି ଡାକ୍ତର ମହାଦେବ ଦାଶଙ୍କ ନେତୃତ୍ୟରେ ଅନୁଷ୍ଠିତ ହୋଇଥିଲା । ଉକ୍ତ କାଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକାରୀ ସଭାପତି ସୁଦର୍ଶନ ଦିୱେଦି, ଉପସଭାପତି ସାରଥୀ ଦାଶ, ସମ୍ପାଦକ ସଞ୍ଜୟ କୁମାର ଗୋସ୍ୱାମୀ, ସାହସମ୍ପାଦକ ବିଭୁତିଭୂଷଣ ମିଶ୍ର, ଯୁଗ୍ମସମ୍ପାଦକ ନରୋତ୍ତମ ପାଣିଗ୍ରାହୀ, କୋଷାଧକ୍ଷ ସୁରେଶ କୁମାର ପାଣିଗ୍ରାହୀ, ଅଚ୍ୟୁତ ପ୍ରସାଦ ମହାପାତ୍ର, ସମ୍ବିତ ମହାପାତ୍ର, ଗୌରୀଶଙ୍କର ପଣ୍ଡା ଓ ଶିବଶଙ୍କର ଶତପଥୀ ପ୍ରମୁଖ ସହଯୋଗରେ ଅନୁଷ୍ଠିତ କାଯ୍ୟକ୍ରମରେ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ଖୁସିରେ ଟଙ୍କତୋରାଣି ପାନ କରିଥିବାବେଳେ ପ୍ରକାଶ ଥାଉକି ଗୁଣ୍ଡିଚା ରଥଯାତ୍ରାରେ ମଧ୍ୟ ଦୁଇଦିନ ଏହିଭଳି କାଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

# ନବବଧୂଙ୍କ ସନ୍ଦେହଜନକ ମୃତ୍ୟୁ, ସ୍ୱାମୀ ଗିରଫ

ବ୍ରହ୍ମପୁର, (ସବ୍ୟୁ): ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଗୋଲାପଲ୍ଲି ସାହିରେ ଗତ ୨୫ ତାରିଖ ରାତ୍ର ଜଣେ ନବ ବଧୂଙ୍କ ସନ୍ଦେହ ଜନକ ମୃତ୍ୟୁ ହୋଇଥିଲା। ମୃତ ମହିଳାଙ୍କ ବାପାଙ୍କୁ ଅଭିଯୋଗରେ ବୈଦ୍ୟନାଥପୁର ପୋଲିସ ହତ୍ୟା ମାମଲାରେ ତାଙ୍କ ସ୍ୱାମୀଙ୍କୁ ଗିରଫ କରିଛି। ସେ ହେଲେ ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ ହିନ୍ଦୋଳା ଗ୍ରାମର ସମ୍ବିଦ କୁମାର ପଟ୍ଟନାୟକ (୩୪)। ଶୁଭଲକ୍ଷ୍ମୀ ସାହୁ(୨୮)ଙ୍କୁ ତାଙ୍କ ସ୍ୱାମୀ ସମ୍ବିଦ ତାଙ୍କ ପରିବାର ଲୋକ ମାନସିକ ଓ ଶାରୀରିକ ନିର୍ଯାତନା ସହ ଅଧିକ ଯୌତୁକ ଦାବି କରିବା ସହ ହତ୍ୟା କରିଥିଲେ ବୋଲି ତାଙ୍କ ବାପା ଦୁର୍ଗାପ୍ରସାଦ ସାହୁ ଥାନାରେ ଅଭିଯୋଗ କରିଥିଲେ। ମାମଲା ନଂ ୩୮୭/୨୬ ରେ ଉକ୍ତ ଅଭିଯୁକ୍ତଙ୍କୁ ସୋମବାର କୋର୍ଟ ଚାଲାଣ କରାଯାଇଛି। ସୋମବାର ମହିଳାଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ତାଙ୍କ ବାପା ଦୁର୍ଗାପ୍ରସାଦଙ୍କୁ ହସ୍ତାନ୍ତର କରାଯାଇଛି । ପୋଲିସ ଘଟଣାର ତଦନ୍ତ ଜାରି ରଖିଛି। ପ୍ରକାଶ ଯେ ସମ୍ବିଦ ପଟ୍ଟନାୟକ ଭୁବନେଶ୍ୱରରେ କାମ କରୁଥିବା ବେଳେ ୨୦୨୪ରୁ ଢେଙ୍କାନାଳ କାମାକ୍ଷାନଗର ଥାନା ଅନ୍ତର୍ଗତ ଅନନ୍ତପୁରର ଶୁଭଲକ୍ଷ୍ମୀ ସାହୁଙ୍କ ସହ ପ୍ରେମ କରି ଆସୁଥିଲେ। ୨୦୨୬ ମାର୍ଚ୍ଚ ମାସରେ ଉଭୟଙ୍କ ମଧ୍ୟରେ ବିବାହ ହୋଇଥିଲା।। ଶୁଭଲକ୍ଷ୍ମୀ ଆମ୍ବପୁଆ ସ୍ଥିତ ଫରେଷ୍ଟ କର୍ପୋରେସନରେ ଫିଲଡ଼ ଆସିଷ୍ଟାଣ୍ଟ ଭାବେ କାମ କରୁଥିଲେ। ଉଭୟ ସମ୍ବିଦ ଓ ତାଙ୍କ ସ୍ତ୍ରୀ ଶାଶୁ ଶଶୁରଙ୍କ ସହ ଗେଟବଜାର ଗୋଲାପଲ୍ଲୀ ସାହିରେ ରହୁଥିଲେ। ଶୁଭଲକ୍ଷ୍ମୀ ନାଁରେ ସମ୍ବିଦ ୮ଲକ୍ଷ ଟଙ୍କା ଋଣ ଆଣିଥିଲେ । ଯାହାକି ଶୁଭଲକ୍ଷ୍ମୀଙ୍କ ନିଜ ଦରମା ଟଙ୍କାରୁ ପୈଠ କରୁଥିଲେ। ତାହା ସତ୍ତ୍ୱେ ମଧ୍ୟ ଅଧିକ ଟଙ୍କା ସମ୍ବିଦ ଦାବି କରି ତାଙ୍କୁ ମାରପିଟ କରିବା ସହ ତାଙ୍କୁ ଜୀବନରେ ମାରିଦେବାକୁ ଧମକ ଦେଉଥିଲେ। ଗତ ୨୫ରେ ଶୁଭଲକ୍ଷ୍ମୀଙ୍କ ସନ୍ଦେହଜନକ ଭାବେ ମୃତ୍ୟୁ ଘଟିଥିଲା। ଖବର ପାଇ ତାଙ୍କ ବାପା ବ୍ରହ୍ମପୁରରେ ପହଞ୍ଚି ଝିଅକୁ ତାଙ୍କ ସ୍ୱାମୀ ଓ ତାଙ୍କ ପରିବାର ଲୋକ ତଣ୍ଟି ଚିପି ହତ୍ୟା ପରେ ଫ୍ୟାନ ଦେହରେ ଟାଙ୍ଗି ଦେଇଥିବା ନେଇ ଉକ୍ତ ଥାନାରେ ସେ ଅଭିଯୋଗ କରିଥିଲେ। ଏପରିକି ସମ୍ବିଦଙ୍କ ବାପା ଓ ମା'ଙ୍କ ଏକାଉଣ୍ଟ ଯାଞ୍ଚ କଲେ ଅନେକ ତଥ୍ୟ ମିଳିବ ବୋଲି ତାଙ୍କ ବାପା ଦୁର୍ଗାପ୍ରସାଦ ଥାନାରେ ଅଭିଯୋଗ କରିଛନ୍ତି ବୋଲି ପୋଲିସ କହିଛି ।

# ପୂର୍ବତନ ସରପଞ୍ଚଙ୍କ ଦେହାନ୍ତ



ଧରାକୋଟ, (ସବ୍ୟୁ) : ଧରାକୋଟ ଗ୍ରାମ ପଞ୍ଚାୟତର ପୂର୍ବତନ ସରପଞ୍ଚ ମୋଚିଆ ଦାସଙ୍କର ୮୫ ବର୍ଷ ବୟସରେ ଧରାକୋଟ ନିକଟସ୍ଥ ହନୁମାନ ଦ୍ୱାର ବାସଭବନରେ ପରଲୋକ ହୋଇଯାଇଛି। ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କର ପତ୍ନୀ ରମା ଦେବୀ, ପାଞ୍ଚ ପୁଅ, ଦୁଇ ଝିଅ ଓ ନାତି ନାତୁଣୀ ମାନେ ଉପସ୍ଥିତ ରହିଥିଲେ। ସ୍ୱର୍ଗତ ଦାସ ଗତ ୨୦୦୨ ରୁ ୨୦୦୭ ପର୍ଯ୍ୟନ୍ତ ଧରାକୋଟ ପଞ୍ଚାୟତର ସରପଞ୍ଚ ଭାବରେ ନିଷ୍ଠାର ସହ ଦାୟିତ୍ୱ ତୁଲାଇ ଥିଲେ। ଜଣେ ସରଳ, ଅମାୟିକ, ପରୋପକାରୀ ବ୍ୟକ୍ତି ଭାବରେ ସେ ଧରାକୋଟ ଅଞ୍ଚଳରେ ବେଶ ପରିଚିତ ଥିଲେ। ତାଙ୍କର ମୃତ୍ୟୁରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ପୂର୍ବତନ ବିଧାୟିକା ନନ୍ଦିନୀ ଦେବୀ, ଧରାକୋଟ ବ୍ଲକ ଅଧକ୍ଷା ସୁଲକ୍ଷଣା ଗୀତାଞ୍ଜଳି ଦେବୀ ତାଙ୍କ ମୃତ୍ୟୁରେ ଶୋକ ସନ୍ତପ୍ତ ପରିବାରକୁ ଗଭୀର ସମବେଦନା ଜଣାଇଛନ୍ତି ।

# ବ୍ରହ୍ମମନ୍ଦିରର ୧୦୧ ତମ ବାର୍ଷିକ ଉତ୍ସବ



ବାରିପଦା, (ସବ୍ୟୁ) : ବାରିପଦା ମ୍ୟୁନିସିପାଲିଟି ଅନ୍ତର୍ଗତ ୧୦ନଂ ୱାର୍ଡ ବ୍ରାହ୍ମମନ୍ଦିରର ୧୦୧ ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି । ଦୁଇଦିନ ଧରି ଅନୁଷ୍ଠିତ ଏହି ଉତ୍ସବର ପ୍ରଥମ ଦିନ ମନ୍ଦିର ପରିସରରେ ନଗରପାଳ କୃଷ୍ଣାନନ୍ଦ ମହାନ୍ତି । ସେଭ ଏଲିଫେଣ୍ଟ ଫାଉଣ୍ଡେସନର ସଭାପତି ଡଃ ଦେବବ୍ରତ ସ୍ୱାଇଁ, ରୋଟାରୀ କ୍ଲବ, ଗୋଲା ସମାଜର ସଭାପତି ଡଃ ହରିହର ଦାସ, ବାରିପଦାର ସଭାପତି ତିମିର କୁମାର ଘୋଷ, ଫଳଚାରା ରୋପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଡଃ ବନଜା ମହାନ୍ତି, ମୌସୁମୀ ବାନାର୍ଜୀ ପ୍ରମୁଖ ଉପସ୍ଥିତ ଥିଲେ । ସନ୍ଧ୍ୟାରେ ଉତ୍ସବର ଉଦବୋଧନ ଅନୁଷ୍ଠାନରେ ଶ୍ରୀଚନ୍ଦନ ବାନାର୍ଜୀ ଆଚାର୍ଯ୍ୟର କାର୍ଯ୍ୟ ସମ୍ପନ୍ନ କରିଥିଲେ । ଦ୍ୱିତୀୟ ଦିନ ବାଲେଶ୍ୱର ବ୍ରହ୍ମମନ୍ଦିରର ଆଚାର୍ଯ୍ୟ ବିଶ୍ୱରଂଜନ ପଣ୍ଡାଙ୍କର ସାରତାତ୍ତ୍ୱିକ ପ୍ରାର୍ଥନା ସମସ୍ତଙ୍କୁ ବିମୋହିତ କରିଥିଲା । ବାରିପଦା ଓ ବାଲେଶ୍ୱର ବ୍ରହ୍ମମଣ୍ଡଳୀ ସଂଗୀତ ପରିବେଷଣ କରିଥିଲେ । ଆଲୋଚନାଚକ୍ରରେ ରୋଟାରୀ କ୍ଲବର ସମ୍ପାଦକ ତଥା ଶିକ୍ଷାବିତ ସନ୍ଦୀପ କୁମାର ଚାନ୍ଦ ସ୍ୱାମୀ ବିବେକାନନ୍ଦ ଓ ବ୍ରହ୍ମସମାଜର ଆଦର୍ଶ ଏବଂ ପୂର୍ବତନ ସୂଚନା ସଚିବ ଶଶୀପ୍ରଭା ବିନ୍ଧାଣି ମହିଳା ସଶକ୍ତକରଣ ଉପରେ ଆଲୋକପାତ କରିଥିଲେ । ବାରିପଦା ବ୍ରହ୍ମମନ୍ଦିରର ସଭାପତି ରଞ୍ଜନ ବାନାର୍ଜୀ ଓ ସମ୍ପାଦକ ସୁନନ୍ଦନ ବାନାର୍ଜୀ କାର୍ଯ୍ୟକ୍ରମ ପରିଚାଳନା କରିବା ସହ ଉତ୍ସବର ସଫଳତା ପାଇଁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଅନିଲ ବୋହିଦାରଙ୍କ ଗ୍ଲାସଗୋ ଅଭିମୁଖେ ଯାତ୍ରା

ବ୍ରହ୍ମପୁର, (ସବ୍ୟୁ) : ବକ୍ସିଂ ଫେଡେରେସନ୍ ଅଫ ଇଣ୍ଡିଆ ଅନିଲ ବୋହିଦାର (ଓଡ଼ିଶା ଆମେନ୍ୟୁର ବକ୍ସିଂ ଆସୋସିଏସନର ସମ୍ପାଦକଙ୍କୁ ଜଣେ ପର୍ଯ୍ୟବେକ୍ଷକ ଭାବରେ କମନୱେଲଥ ଗେମ୍ସ ୨୦୨୬ରେ ଯୋଗଦେବା ପାଇଁ ମନୋନୀତ କରିଛି। ୨୪ ଜୁଲାଇ ୨୦୨୬ ରୁ ୨ ଅଗଷ୍ଟ ୨୦୨୬ ପର୍ଯ୍ୟନ୍ତ ସ୍କଟଲ୍ୟାଣ୍ଡର ଗ୍ଲାସଗୋ ଠାରେ ଅନୁଷ୍ଠିତ ହେବାକୁ ଥିବା କମନୱେଲଥ୍ ଗେମ୍ସ ୨୦୨୬ ରେ ଭାରତୀୟ ବକ୍ସିଂ ଦଳ ଅଂଶଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଛି । ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଅନିଲ ବୋହିଦାର ଆଗରୁ ଲଣ୍ଡନ ଓ ପ୍ୟାରିସ୍ ଅଲିମ୍ପିକ୍ସ ଗେମସ୍‌ରେ ଏହି କାର୍ଯ୍ୟ ସୁଚାରୁ ରୂପେ ତୁଲାଇଥିଲେ । ଏହି ଗେମ୍ସରେ ସେ ଉତ୍ତମ ଅବଜର୍ଭର ଭାବେ ନିଜ ଦକ୍ଷତା ପ୍ରଦର୍ଶନ କରିବେ ବୋଲି ଆର୍ଶିବାଦ ବେହେରା, ଅଭିଜିତ ପାଲ, ସଞ୍ଜୟ ବେହେରା, ଅଶୋକ କୁମାର ସାହୁ, ରାଜ୍ୟ ବକ୍ସିଂ ସଭାପତି ରଘୁନନ୍ଦନ ପାଢୀ, ରାଧା ମହନ ନାୟକ, ରବିଶଙ୍କର ପ୍ରତିହାରି, ଧିରେନ ପଲାଇ, ପ୍ରଭାତ ଭୋଳ, କେ ପ୍ରଭାକର ରାଓ, ଅଞ୍ଜନ ଦାସ, ବିଜୟ ଦାସ, ବାବୁ ପାତ୍ର, ଶିବରାମ ପାତ୍ର, ଏସ କେ ନାୟକ, ମମତା ପଣ୍ଡା, ଶିଶିର କୁମାର ପାଣିଗ୍ରାହୀଙ୍କ ସମେତ ବହୁ ବକ୍ସର ଓ କ୍ରୀଡାବିତ ଶୁଭେଚ୍ଛା ଜଣାଇଛନ୍ତି ବୋଲି ଉପ ସଭାପତି କେ. ପ୍ରଭାକର ରାଓ ସୂଚନା ଦେଇଛନ୍ତି ।

# ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟରେ ନୂତନ ଉପକୁଳପତିଙ୍କ ଯୋଗଦାନ



କଟକ, (ସ୍ୱପ୍ର): ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ନୂତନ ଉପକୁଳପତି ଭାବରେ ବିଶିଷ୍ଟ ଶିକ୍ଷାବିତ୍ ପ୍ରଫେସର ଡ. ରମାକାନ୍ତ ପାଣିଗ୍ରାହୀ ଦାୟିତ୍ୱ ଗ୍ରହଣ କରିଛନ୍ତି । ବୈଷୟିକ ଶିକ୍ଷା, ଗବେଷଣା ଓ ପ୍ରଶାସନିକ କ୍ଷେତ୍ରରେ ତାଙ୍କର ଦୀର୍ଘ ବର୍ଷର ଅଭିଜ୍ଞତା ରହିଛି । ସେହିପରି ଡ୍ରିମ୍‌ସ ସ୍କୁଲ ଅଫ ମ୍ୟାନେଜମେଣ୍ଟର ନୂତନ ଡିନ୍ ଭାବରେ ପ୍ରଫେସର ଡ. ରଘୁନାଥ ସାହୁ ମଧ୍ୟ ଯୋଗଦେଇଛନ୍ତି । ପ୍ରଫେସର ଡ. ସାହୁ ବିପିୟୁଟି ତଥା ପ୍ରମୁଖ ସରକାରୀ ମ୍ୟାନେଜମେଣ୍ଟ ଶିକ୍ଷାନୁଷ୍ଠାନରେ ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ ଦକ୍ଷତାର ସହ କାର୍ଯ୍ୟ କରିଛନ୍ତି । ଏହି ଅବସରରେ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଉଭୟଙ୍କୁ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କ ମାର୍ଗଦର୍ଶନରେ ଗୁଣାତ୍ମକ ଶିକ୍ଷା ଓ ଗବେଷଣା କ୍ଷେତ୍ରରେ ଅଧିକ ଉତ୍କର୍ଷ ହାସଲ ହୋଇପାରିବ ବୋଲି କହିଥିଲେ । ବିଶ୍ୱବିଦ୍ୟାଳୟର ମୁଖ୍ୟ ପ୍ରଶାସନିକ ଭବନ ସମ୍ମିଳନୀ ଗୃହରେ ଆୟୋଜିତ କାର୍ଯ୍ୟକ୍ରମରେ ଉଭୟଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ପ୍ରକାଶ କୁମାର ହୋତା, ରେଜିଷ୍ଟ୍ରାର କୃଷ୍ଣ ପ୍ରସାଦ ପତି, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶିକା ଚିନ୍ମୟୀ ରଥ, ଡେପୁଟୀ ରେଜିଷ୍ଟ୍ରାର ଶିଶିର କୁମାର ସାହୁ, ଉପଦେଷ୍ଟା ପ୍ରଫେସର ସୁଶାନ୍ତ ଦାସ, ନିର୍ଦ୍ଦେଶକ ( ଛାତ୍ର ସଂପର୍କ) ଲୋକନାଥ ବେହେରା, ଡିନ୍ (ଗବେଷଣା) ଡ. ବିଶ୍ୱ ରଂଜନ ମହାନ୍ତି, ନିର୍ଦ୍ଦେଶକ (ଆଇକ୍ୟୁଏସି) ପ୍ରଫେସର ଡ. ଆଲୋକ ରଂଜନ ବିଶ୍ୱାଳ, ଏନଆଇଟିଟିଆର ଓଡିଶା ପରାମର୍ଶଦାତା ଉତ୍କଳ ରଂଜନ ଦାସଙ୍କ ସମେତ ବିଭିନ୍ନ ଉଇଙ୍ଗର ଡିନ୍, ବିଭାଗୀୟ ମୁଖ୍ୟ ଏବଂ ପଦାଧିକାରୀ ଉପସ୍ଥିତ ଥିଲେ ।

# ଦୋକାନରେ କଳାକାନା ବୁଲାଇ ୩ ଗିରଫ

ବ୍ରହ୍ମପୁର, (ସବ୍ୟୁ) : ନିମଖଣ୍ଡି ଥାନା ଅନ୍ତର୍ଗତ ମହୁଲାପଲ୍ଲୀ ଅଞ୍ଚଳରେ ଏକ ଗ୍ରୋସରୀ ଦୋକାନରେ ଚୋର ଗ୍ୟାଙ୍ଗ କଳାକାନା ବୁଲାଇଥିଲେ। ପୋଲିସ ଏଥିରେ ସମ୍ପୃକ୍ତ ଥିବା ୩ଜଣ ଚୋରଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଭାବିନିପୁର ଗୌତମନଗର ର ବଳଦେବ ଓରଫ ବାଲିଆ ସ୍ୱାଇଁ (୨୦), ଭାବିନିପୁର କପାପଦର ସାହିର ରବି ଗୌଡ଼ (୨୨) ଏବଂ ସ ଆଦିତ୍ୟ ସାହୁ (୨୦) ମୋଟରସାଇକେଲ୍ (ନଂ-ଓଡ଼ି ୦୭ଏ ୭୭୩୬ ), ଏକ ସ୍କୁଟି (ନଂ-ଓଡ଼ି ୦୭ ବିଡ଼ି ୯୯୨୧), ଗୋଟିଏ କଟର , ଲୁହା ରଡ୍, ହାତୁଡ଼ି, ଗ୍ରୋସରୀ ସାମଗ୍ରୀ ଏବଂ ନଗଦ ୨୫ ହଜାର ଟଙ୍କା ଜବତ କରାଯାଇଛି। ଥାନା କେସ୍ ନଂ-୨୪୨/୨୬ ରେ ୩ଜଣିଆ ଚୋର ଗ୍ୟାଙ୍ଗକୁ ଆଜି କୋର୍ଟ ଚାଲାଣ କରାଯାଇଛି। ପ୍ରକାଶ ଯେ, ଅଜିତ ପଟ୍ଟନାୟକ (୪୧)ଙ୍କ ମହୁଲାପଲ୍ଲୀ ସ୍ଥିତ ଗ୍ରୋସରୀ ଦୋକାନରେ ଗତ ଜୁଲାଇ ୨୫ ତାରିଖ ରାତିରେ ଚୋର ଗ୍ୟାଙ୍ଗ କଳାକାନା ବୁଲାଇଥିଲେ। ଦୋକାନ ମାଲିକ ଏନେଇ ଥାନାରେ ଅଭିଯୋଗ କରିଥିଲେ। ସିସିଟିଭି ଫୁଟେଜ୍ ଆଧାରରେ ପୋଲିସ ଉପରୋକ୍ତ ଅଭିଯୁକ୍ତଙ୍କୁ କାବୁ କରିଥିଲା ବୋଲି କହିଛି।

# ଓଡିଶା ଗଣଶିକ୍ଷାମନ୍ତ୍ରୀ ଇସ୍ତଫା ଦିଅ : ସିପିଆଇ

## ଛାତ୍ର ସଂଗ୍ରାମ ବିଜୟ ପାଇଁ ଅଭିନନ୍ଦନ

ଛତ୍ରପୁର, (ସବ୍ୟୁ): ଆଜି ଭାରତୀୟ କମ୍ୟୁନିଷ୍ଟ ପାର୍ଟି ଗଞ୍ଜାମ ଜିଲ୍ଲା କମିଟି ତରଫରୁ ଯନ୍ତ୍ରମନ୍ତ୍ର ଠାରେ ହୋଇଥିବା ଯୁବ ଛାତ୍ର ଆନ୍ଦୋଳନର ସଫଳତା ପରିପ୍ରେକ୍ଷିରେ ଦେଶର ଅଗଣିତ ଛାତ୍ର ଯୁବକ ଙ୍କୁ ଅଭିନନ୍ଦନ ଜଣାଇଁ ଆଜି ଛତ୍ରପୁର ବସଷ୍ଟାଣ୍ଡ ଠାରେ ଅଭିନନ୍ଦନ ସଭା ଜିଲ୍ଲା ସଭାପତି ଶ୍ରୀହର୍ଷ ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଭାରତର ଛାତ୍ର ସମାଜର ନିରବିଚ୍ଛିନ୍ନ ସଂଗ୍ରାମ ଓ ତ୍ୟାଗ ବଳରେ ଏହି ଐତିହାସିକ ସଫଳତା ହାସଲ କରିଛନ୍ତି । ଏହି ବିଜୟ ବିଜେପିର ଅହଂକାରକୁ ଧୂଳିସାତ କରିବା ସାଙ୍ଗେସାଙ୍ଗେ, ସରକାରଙ୍କୁ ଗଣତାନ୍ତ୍ରିକ ଉତ୍ତର ଦାୟିତ୍ୱ ନିମନ୍ତେ ବାଧ୍ୟ କରିଛି । ଏଥିରେ ଜାତୀୟ ପରିଷଦ ସଭ୍ୟ ଏନ.ନାରାୟଣ ରେଡି ଓ ରାଜ୍ୟ ସମ୍ପାଦକ ମଣ୍ଡଳୀ ସଭ୍ୟ ପ୍ରକାଶ ପତ୍ର ଯୋଗ ଦେଇ ଏନଟିଏ ଉଚ୍ଛେଦ ଶିକ୍ଷା କ୍ଷେତ୍ରରେ ବ୍ୟାପକ ସଂସ୍କାର, ଏନଇପି ଉଚ୍ଛେଦ ପରୀକ୍ଷା ସ୍ୱଚ୍ଛତା ପାଇଁ ଲଗାତର ସଂଗ୍ରାମ ଜାରି ରହିବା ପାଇଁ ଆହ୍ୱାନ ଦେବା ସହ ଓଡିଶାର ସ୍କୁଲ ସ୍ତରୀୟ ବହିରେ ତ୍ରୁଟି ଓ ପ୍ରକାଶନରେ ଅବ୍ୟବସ୍ଥାର ଉତ୍ତରଦାୟୀ ରାଜ୍ୟ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନ୍ଦ ଗଣ୍ଡ ତୁରନ୍ତ ଇସ୍ତଫା ଦିଅନ୍ତୁ ବୋଲି ଦାବୀ କରିଥିଲେ। ଏହି ଅଭିନନ୍ଦନ ସମାବେଶରେ ସିପିଆଇ ଜିଲ୍ଲା ସହ- ସମ୍ପାଦକ ନୀଳକଣ୍ଠ ଦାଶ ଓ ପ୍ରଦୀପ ସେଠି, ଛତ୍ରପୁର ଜୋନ ସମ୍ପାଦକ ଡି. ଆଦିନାରାୟଣ ରେଡି, ସହ ସମ୍ପାଦକ ଦୁର୍ଯ୍ୟୋଧନ ପରିଡା, ଚମାଖଣ୍ଡି ସହ ସମ୍ପାଦକ ଗୁରୁନାଥ ପ୍ରଧାନ, ଜିଲ୍ଲା ନେତା ସିଏଚ ଜନାର୍ଦନ ରେଡି, ଗଞ୍ଜାମ ଜୋନ ସମ୍ପାଦକ ଭାସ୍କର ପତ୍ର ନାରୀନେତ୍ରୀ ଏନ. ଭାନୁମତି ରେଡି, ବର୍ଷିଆନ ନେତା ଗୋକୁଳ ଚନ୍ଦ୍ର ପଣ୍ଡା, ରାଜୀବ ଲୋଚନ ପଣ୍ଡା, ଦୁର୍ଯ୍ୟୋଧନ ପ୍ରଧାନ, ରଜନୀକାନ୍ତ ବେହେରା, ପ୍ରଫୁଲ୍ଲ ପାଣିଗ୍ରାହୀଙ୍କ ସମେତ ବହୁ ଆଗଧାଡ଼ିର ନେତା ଓ କର୍ମୀ ମାନେ ଯୋଗ ଦେଇଥିଲେ ।

# ସାପ କାମୁଡାରେ ବୃଦ୍ଧଙ୍କ ମୃତ୍ୟୁ

ଭଞ୍ଜନଗର, (ସବ୍ୟୁ) : ତାରାସିଂ ଥାନା କୁଲାଡ଼ ପଞ୍ଚାୟତ ଗଜାପଦର ଗ୍ରାମର ସୁଦାମ ନାଇକ (୬୮) ସୋମବାର ମଧ୍ୟାହ୍ନରେ ଖାଇସାରି ବାରିପିଣ୍ଡାରେ ବସିଥିବା ବେଳେ ଏକ ନାଗସାପ ବାରି ଓରାରୁ ଖସି ସୁଧାମ ନାଇକର ବାମ ହାତ ପାପୁଲିକୁ କାମୁଡି ଦେଇ ଚାଲି ଯାଇଥିଲେ। ଏହି ସମୟରେ ସୁଦାମ ପ୍ରବଳ ଜୋରରେ ପାଟି କରିବା ସହ କିଏ ଘରେ ଅଛ ବେଗି ଆସ ମତେ ନାଗସାପ କାମୁଡିଦେଇ ପଳାଇଗଲା। ଯେତେ ଯନ୍ତ୍ରଣା ବଢୁଥାଏ ସୁଦାମ ସେତିକି ଜୋରରେ ରଡି କରୁଥାନ୍ତି । ଏହି ସମୟରେ ବଡ ପୁଅ ରଙ୍କ ନାଇକ ପହଞ୍ଚି ତୁରନ୍ତ ବାପା ସୁଦାମ ନାଇକକୁ ଭଞ୍ଜନଗର ମେଡିକାଲକୁ ନେଇଥିଲା। ହେଲେ ମେଡିକାଲରେ ଚିକିତ୍ସା କରୁଥିବା ସମୟରେ ମୃତ୍ୟୁ ବରଣ ଘଟିଥିଲା। ଏନେଇ ସୁଦାମ ର ପରିବାର ତାରାସିଂ ଥାନାରେ ଅଭିଯୋଗ କରିଥିଲେ। ହେଲେ ଶବ ବ୍ୟବଚ୍ଛେଦ ସମୟ ଅତିକ୍ରାନ୍ତ ହୋଇଥିବାରୁ ମଙ୍ଗଳବାର ସକାଳେ ଶବ ବ୍ୟବଚ୍ଛେଦ କରାଯାଇ ପରିବାରର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ପୋଲିସ ସୁତ୍ରରୁ ଜଣାପଡିଛି।

# ଯୁବକଙ୍କୁ ଅପହରଣ

## ବନ୍ଧାହେଲେ ଫେରାର ତିନି ଅଭିଯୁକ୍ତ

ବ୍ରହ୍ମପୁର, (ସବ୍ୟୁ): ଅସାମାଜିକ କାର୍ଯ୍ୟରେ ସହଯୋଗ କରିବାକୁ ମନା କରିବାରୁ ଜଣେ ଯୁବକଙ୍କୁ ଅପହରଣ କରି ଏକ ଘରେ ତିନିଦିନ ଅଟକ ରଖି ମରଣାନ୍ତକ ଆକ୍ରମଣ ଘଟଣାରେ ସମ୍ପୃକ୍ତ ଥାଇ ଫେରାର ଥିବା ୩ ଜଣ ଅଭିଯୁକ୍ତଙ୍କୁ ବାନ୍ଧିଛି। ସେମାନେ ହେଲେ ନିମଖଣ୍ଡି ଥାନା ଅନ୍ତର୍ଗତ ଲୋଚାପଡାର ଜଗା ବେହେରା (୨୪), ସଦର ଥାନା ଅନ୍ତର୍ଗତ ଯଦୁନାଥ ପଲ୍ଲୀର କେ. ମୁନା (୨୧) ଓ ପ୍ରତାପ କୃଷଚନ୍ଦ୍ରପୁରର ସୁଶାନ୍ତ ଦାସ (୧୯)। ମାମଲା ନଂ ୪୪୫/୨୬ ରେ ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ପୂର୍ବରୁ ଗତ ୧୨ ତାରିଖରେ ପୋଲିସ ମୁଖ୍ୟ ଅଭିଯୁକ୍ତ ତଥା ପେଶାଦାର ଅପରାଧୀ କାଉଖତ ଗ୍ରାମର ଆର୍. ଶିବରାମ ଓରଫ ଆର୍. ଅରୂପ (୨୩)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ପ୍ରକାଶ ଯେ, ପ୍ରଶାନ୍ତ ଦାସ ଜଣେ ରାଜମିସ୍ତ୍ରୀ କାମ କରୁଥିବା ବେଳେ ଗାଡି ଚାଳକ ମଧ୍ୟ ଅଟନ୍ତି। ଦୁଇମାସ ପୂର୍ବେ କାଉଖତ ଗ୍ରାମର ଉପରୋକ୍ତ ଅଭିଯୁକ୍ତ ଫୋନ କରି ପ୍ରଶାନ୍ତଙ୍କୁ ଡାକିଥିଲେ। ଏକ କାର ଧରି ବାହାରକୁ ଯିବାକୁ କହିଥିଲେ। କାର ଭିତରେ ଗଞ୍ଜେଇ ଭର୍ତ୍ତି ହୋଇଥିବା ଦେଖି ସେ ଗାଡି ଚଳାଇବାକୁ ମନା କରିଦେଇଥିଲେ। ଫଳରେ ଉକ୍ତ ଅଭିଯୁକ୍ତ ଅରୂପ ତାଙ୍କ ଉପରେ ରାଗ ରଖିଥିଲେ। ଗତ ମେ '୨୫ ତାରିଖରେ ଅରୂପ ଫୋନ କରି ପ୍ରଶାନ୍ତଙ୍କୁ ପୁଣିଥରେ ଅଙ୍କୁଶପୁର ଡାକିଥିଲେ। ସେଠାରେ ପ୍ରଶାନ୍ତ ପହଂଚିବା ପରେ ତାଙ୍କୁ ଅପହରଣକାରୀ ଏକ ଘରେ ତିନିଦିନ ଧରି ବନ୍ଧକ ରଖିଥିଲେ। ସେଠାରେ ତାଙ୍କୁ ମାରାପିଟ କରିଥିଲେ। ସେ ଅଚେତ ହୋଇପଡିବାରୁ ମରିଯାଇଥିବା ଭାବି ତାଙ୍କୁ ନେଇ ଏକ ନିର୍ଜନ ସ୍ଥାନରେ ଅରୂପ ଓ ତାଙ୍କ ସହଯୋଗୀ ମାନେ ଫୋପାଡ଼ି ଦେଇଥିଲେ। ସେଠାରୁ ସେ ନିଜ ଜୀବନ ବଞ୍ଚାଇ ଭୟଭୀତ ହୋଇ ଘରକୁ ଫେରିଥିଲେ। ପରେ ସେ ଏନେଇ ଥାନାରେ ଅଭିଯୋଗ କରିଥିଲେ ।

# ଘର ଭିତରେ ପଶିଲା ବାଲି ହାଇୱା



ଧରାକୋଟ, (ସବ୍ୟୁ) : ଧରାକୋଟ ଥାନା ଅନ୍ତର୍ଗତ ରେଞ୍ଜୀ ଦାମୋଦର ପଲି ଗ୍ରାମର ଜାତୀୟ ରାଜପଥ ୫୯ ପାର୍ଶ୍ୱରେ ଥିବା କେ. ବଇରୀ ଆଚାରୀଙ୍କ ଘର ଭିତରକୁ ଏକ ବାଲି ବୋଝେଇ ହଇୱା ( ଓଆର ୦୭ ଏ ଜେ ୦୯୪୭) ଅଚାନକ ପଶିଯିବାରୁ ଦୁଇଟି ବିଦ୍ୟୁତ ଖୁଣ୍ଟ ସହ ଘରର ଆଗପଟ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ଗାଡି ଚାଳକ ଏଥିରେ ଆହତ ହୋଇଛି । ଆଶ୍ଚର୍ଯ୍ୟର କଥା ଦୀର୍ଘ ସମୟ ଧରି ଗାଡ଼ିଟି ଘର ଭିତରେ ପଶି ରହିଥିଲେ ମଧ୍ୟ କୌଣସି ପ୍ରଶାସନିକ ଅଧିକାରୀ ଘଟଣା ସ୍ଥଳରେ ନପହଞ୍ଚିବା ଯୋଗୁଁ ଉତ୍ତେଜନା ପ୍ରକାଶ ପାଇବା ସହ ବାଲି ମାଫିଆଙ୍କ ସହ ସରକାରୀ ପଦାଧିକାରୀଙ୍କ ମଧୁଚନ୍ଦ୍ରିକା ରହିଥିବା ଘଟଣା ଚର୍ଚ୍ଚାର ବିଷୟ ପାଲଟିଥିଲା। ପ୍ରକାଶ ଥାଉକି ସୋରଡା, ନୂଆଗଡ, ବର ଡାବିଲି, ଭରତପଲି ଅଞ୍ଚଳରୁ ପ୍ରତିଦିନ ରାତ୍ରୀ ସମୟରେ ସଂଖ୍ୟାଧିକ ହାଇୱା, ଟ୍ରାକ୍ଟର ଯୋଗେ ବାଲି ଚୋରାରେ ବ୍ରହ୍ମପୁର, ଶେରଗଡ, ଦିଗ ପହଣ୍ଡି ଅଞ୍ଚଳକୁ ଚାଲାଣ ହେଉଥିବା ଅଭିଯୋଗ ହେଉଛି । ଚୋରା ବାଲି ଚାଲାଣ ବେଳେ ଗାଡି ଚାଳକ ମାନେ ବେପରୁଆ ଭାବେ ଗାଡି ଚଳାଉଥିବାରୁ ଏପରି ଦୁର୍ଘଟଣାମାନ ଘଟି ଧନ ଜୀବନ ନଷ୍ଟ ହେଉଛି ।

# ଜନ୍ତର-ମନ୍ତର ଛାତ୍ର-ଯୁବ ଆନ୍ଦୋଳନର ଐତିହାସିକ ବିଜୟ ଉପଲକ୍ଷେ ଶପଥ ଯାତ୍ରା




ବ୍ରହ୍ମପୁର, (ସବ୍ୟୁ): ଦିଲ୍ଲୀ, ଜନ୍ତର-ମନ୍ତରର ଛାତ୍ର-ଯୁବ ଆନ୍ଦୋଳନର ଐତିହାସିକ ବିଜୟ ଉପଲକ୍ଷେ ସୋମବାର ଏଆଇଡିଏସଓ ଗଞ୍ଜାମ ଜିଲ୍ଲା କମିଟି ପକ୍ଷରୁ ଶପଥ ଯାତ୍ରା ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ଠାରୁ ଏମକେସିଜି ମେଡିକାଲ ଛକ ପର୍ଯ୍ୟନ୍ତ ଯାଇଥିଲା। ସୂଚନା ଯୋଗ୍ୟ ଯେ, ଜନ୍ତର-ମନ୍ତରର ଐତିହାସିକ ଆନ୍ଦୋଳନ ସରକାରଙ୍କୁ ନତମସ୍ତକ କରାଇବା ସହ ଶିକ୍ଷାମନ୍ତ୍ରୀଙ୍କୁ ଇସ୍ତଫା ଦେବାକୁ ବାଧ୍ୟ କଲା। ଏହା ପୁଣିଥରେ ପ୍ରମାଣିତ କରିଦେଲା ଯେ, ଯେତେବେଳେ ଦୃଢ଼ ସଂକଳ୍ପବଦ୍ଧ ଛାତ୍ର ଓ ଯୁବସମାଜ ମୁଣ୍ଡ ଟେକି ଛିଡ଼ାହୁଏ, ସେତେବେଳେ କୌଣସି ବି ସ୍ୱେଚ୍ଛାଚାରୀ କ୍ଷମତା ଅଟଳ ରହିପାରେ ନାହିଁ। ଅପରାଧିକ ଅବହେଳା ପାଇଁ ନିଜର ଉତ୍ତରଦାୟିତ୍ୱ ଗ୍ରହଣ କରିବା ପରିବର୍ତ୍ତେ, ଆନ୍ଦୋଳନକାରୀମାନେ ଦେଶଦ୍ରୋହୀମାନଙ୍କ ଦ୍ୱାରା ପରିଚାଳିତ ହେଉଛନ୍ତି ବୋଲି କହି ନିଜର ସମସ୍ତ ସୀମାକୁ ଲଂଘନ କରି ଧର୍ମେନ୍ଦ୍ର ପ୍ରଧାନ ଯେଉଁ ଇସ୍ତଫା ବିବୃତ୍ତି ପ୍ରଦାନ କରିଛନ୍ତି, ତାହାକୁ କଠୋର ଏଆଇଡିଏସଓ ପକ୍ଷରୁ ଭାଷାରେ ନିନ୍ଦା କରାଯାଇଛି। ଏଆଇଡିଏସଓ ଗଭୀର ଭାବେ ହୃଦୟଙ୍ଗମ କରୁଛି ଯେ, ଛାତ୍ର, ଯୁବସମାଜ ଏବଂ ସାଧାରଣ ଲୋକଙ୍କ ଦୀର୍ଘ ଦିନ ପୁଞ୍ଜିଭୂତ ଅସନ୍ତୋଷ ଏବଂ ଅସହ୍ୟ ଯନ୍ତ୍ରଣାରୁ ହିଁ ଏହି ଆନ୍ଦୋଳନର ସୂତ୍ରପାତ ହୋଇଛି। ଏକ ସ୍ୱେଚ୍ଛାଚାରୀ ଶାସନର କର୍ପୋରେଟ୍-ପୋଷକ ନୀତିଗୁଡ଼ିକ ହିଁ ଏହି ଯନ୍ତ୍ରଣାର ମୂଳ କାରଣ, ଯାହା ସାର୍ବଜନୀନ (ସରକାରୀ) ଶିକ୍ଷା ବ୍ୟବସ୍ଥାକୁ ଧ୍ୱଂସ କରୁଛି, ବେକାରୀ ସମସ୍ୟାକୁ ଆହୁରି ଘନୀଭୂତ କରୁଛି ଏବଂ ସଂସ୍କୃତି ତଥା ମାନବିକତାର ପ୍ରତ୍ୟେକ ଦିଗକୁ ଖିନ୍ ଭିନ୍ କରିଦେଉଛି ବୋଲି ଏଆଇଡିଏସଓ ମତପ୍ରକାଶ କରିଛି। ଏହା ସହ ଏନଟିଏ କୁ ଉଚ୍ଛେଦ କରିବା, ଏହି ସମସ୍ତ ଅନର୍ଥର ମୂଳ କାରଣ ସାଜିଥିବା ନୀତି ଏନଇପି-୨୦୨୦ କୁ ପ୍ରତ୍ୟାହାର କରିବା, ତ୍ରୁଟିପୂର୍ଣ୍ଣ, ଅବୈଜ୍ଞାନିକ ଅଯୌକ୍ତିକ ପାଠ୍ୟପୁସ୍ତକ ପ୍ରତ୍ୟାହାର କରିବା ତଥା ସରକାରୀ ଶିକ୍ଷାକୁ ରକ୍ଷା କରିବା ଦାବିରେ ଆନ୍ଦୋଳନକୁ ଜାରିରଖାଇବା ପାଇଁ ସମସ୍ତେ ଶପଥ ନେଇ ଆଗେଇ ଆସିବାକୁ ସଂଗଠନ ପକ୍ଷରୁ ଆହ୍ୱାନ ଦିଆଯାଇଛି। କାର୍ଯ୍ୟକ୍ରମରେ ଏଆଇଡିଏସଓ ସଭାପତି ସୋମନାଥ ବେହେରା, ଜିଲ୍ଲା ସମ୍ପାଦକ ନିମାଇଁ ଚରଣ ସାହୁ, କୋଷାଧକ୍ଷ କିସାନ ସାହୁଙ୍କ ସମେତ ବହୁ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ ।

## ପାଦୁକାଶ୍ରମ ଠାରେ ସନ୍ଥସାଧକଙ୍କ ଆର୍ବିଭାବ ଦିବସ

# ମହୀମଣ୍ଡଳ ଗୀତା ଥିଲା ସନ୍ଥ ଅରକ୍ଷିତଙ୍କ ସମଦର୍ଶୀ ଭାବନାର ଶ୍ରେଷ୍ଠ କୃତୀ



ବାଲିଚନ୍ଦ୍ରପୁର, (ସବ୍ୟୁ) : ଅଷ୍ଟାଦଶ ଶତାବ୍ଦୀର ତତ୍ତ୍ୱଦର୍ଶୀ ସନ୍ଥସାଧକ ଅରକ୍ଷିତ ଦାସଙ୍କ ଜୀବନର ଅନେକ ଅନାଲୋଚିତ ଅଧ୍ୟାୟ ଏବେବି ଲୋକଲୋଚନକୁ ଆସିପାରିନି । ଆଷାଢ଼ ଶୁକ୍ଳ ହରିଶୟନ ଏକାଦଶୀ ତିଥିରେ ପାଦୁକାଶ୍ରମଠାରେ ଆୟୋଜିତ ମହାପୁରୁଷ ଶ୍ରୀ ଅରକ୍ଷିତ ଦାସଙ୍କ ପୁଣ୍ୟ ଆର୍ବିଭାବ ଦିବସ ସମାରୋହରେ ଯୋଗଦେଇ ସ୍ୱାମିଜୀ ଅବିଭକ୍ତ ଗଂଜମ ଜିଲ୍ଲା ବଡ଼ଖେମୁଣ୍ଡିର ଯୁବରାଜ ବଳଭଦ୍ର ଓରଫ୍ ବୀରଭଦ୍ରଦେବ ତଥା ଯୋଗଜନ୍ମା ରାଜର୍ଷି ଅରକ୍ଷିତଙ୍କ ସାଧନା ଓ ତ୍ୟାଗମୟ ଜୀବନର ଅନେକ ଉଦାହରଣ ଦେଇଥିଲେ । ମୁଖ୍ୟବକ୍ତା ଭାବରେ ଯୋଗଦେଇ ଉତ୍କଳ ବିଶ୍ୱବିଦ୍ୟାଳୟର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ଅବସରପ୍ରାପ୍ତ ପ୍ରଫେସର ଡ. ସଂଘମିତ୍ରା ମିଶ୍ର କହିଥିଲେ ଯେ, ମହାପୁରୁଷ ଅରକ୍ଷିତ ଦାସ ସମାଜର ଶେଷ ପାହାଚରେ ଥିବା ମଣିଷଟିର ଦୁଃଖ, ବେଦନା ଓ ଚେତନାକୁ ଚିହ୍ନି ତାର ଉପଯୁକ୍ତ ମାର୍ଗଦର୍ଶନ କରୁଥିଲେ । ଓଳାଶୁଣୀ ଗୁମ୍ଫା ଉନ୍ନୟନ ଟ୍ରଷ୍ଟ ଏବଂ ସନ୍ଥ ଅରକ୍ଷିତ ଦାସ ଫାଉଣ୍ଡେସନ ପକ୍ଷରୁ ମହାପୁରୁଷଙ୍କ ପବିତ୍ର ପାଦୁକା ଆଶ୍ରମ ପ୍ରାଙ୍ଗଣରେ ଆୟୋଜିତ ଏହି ଆଧାତ୍ମିକ ସମାରୋହରେ ଟ୍ରଷ୍ଟର ଅଧକ୍ଷ ଶରତ ଚନ୍ଦ୍ର ପ୍ରଧାନ ଅଧକ୍ଷତା କରିଥିଲେ । ମ୍ୟାନେଜିଂ ଟ୍ରଷ୍ଟି ସାମ୍ବାଦିକ ଶୁଭେନ୍ଦୁ କୁମାର ଭୂୟାଁ କାର୍ଯ୍ୟକ୍ରମ ସଂଚାଳନ ସହିତ ଟ୍ରଷ୍ଟ ପକ୍ଷରୁ ଗ୍ରହଣ କରାଯାଉଥିବା ବିଭିନ୍ନ କାର୍ଯ୍ୟକ୍ରମ ସଂପର୍କରେ ଆଲୋକପାତ କରିଥିଲେ । ଟ୍ରଷ୍ଟି ତଥା ପ୍ରଗତିବାଦୀର କାର୍ଯ୍ୟନିର୍ବାହୀ ସଂପାଦକ ବିରୂପାକ୍ଷ ତ୍ରିପାଠୀ କହିଥିଲେ ଯେ, ଓଳାଶୁଣୀ ପୀଠର ଏହି ମହାନ ସନ୍ଥଙ୍କ ଜୀବନ ପ୍ରତ୍ୟେକ ମଣିଷଙ୍କ ଆଧାତ୍ମିକ ଜୀବନକୁ ମାର୍ଗଦର୍ଶନ କରିଆସିଛି । ଅନ୍ୟମାନଙ୍କ ମଧ୍ୟରେ ସନ୍ଥ ସ୍ୱାମୀ ପ୍ରାଣରୂପାନନ୍ଦ ସରସ୍ୱତୀ ମହାରାଜ, ପ୍ରଜ୍ଞାନମିଶନର ସନ୍ଥ ସ୍ୱାମୀ ସତ୍‌ସ୍ୱରୂପାନନ୍ଦ ଗିରି, ବାବା ପଞ୍ଚଦେବ, ଶ୍ରୀମଦ୍ ଆନନ୍ଦ ଚୈତନ୍ୟ ବ୍ରହ୍ମଚାରୀ, ଆଚାର୍ଯ୍ୟ ଧର୍ମରାଜ ଓ ଖଣ୍ଡଗିରି ପୀଠର ସନ୍ୟାସୀ ବାବାଜୀ ନବକିଶୋର ଦାସ ପ୍ରମୁଖ ମହାପୁରୁଷଜୀଙ୍କ ଜୀବନ ଦର୍ଶନ ସଂପର୍କରେ ଆଲୋକପାତ କରିଥିଲେ । ଉପସ୍ଥିତ ସନ୍ଥ ସନ୍ୟାସୀ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ବେଳେ ସନ୍ଥଙ୍କ ଜୀବନୀ ସଂପର୍କରେ ବାଖ୍ୟାନ କରିଥିଲେ ଗ୍ରନ୍ଥକାର ସୌମେନ୍ଦ୍ର ଜେନା । ପ୍ରାରମ୍ଭରେ ସୁଲେଖିକା ଆଶାରାଣୀ ପ୍ରଧାନ ମହୀମଣ୍ଡଳ ଗୀତାର ଗୋଟିଏ ଅଧ୍ୟାୟ ପାଠ କରିଥିଲେ । ସମାଜସେବୀ ଗୋବିନ୍ଦ ପଟ୍ଟନାୟକ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।

# ସ୍କୁଲ ଭ୍ୟାନ୍ ଦୁର୍ଘଟଣା : ୪ କୁନି ଶିକ୍ଷାର୍ଥୀ ଆହତ



ରାୟଗଡା,(ସବ୍ୟୁ) : ରାୟଗଡ଼ା ଜିଲ୍ଲାର ଗୁଣପୁର ସହରରେ ସୋମବାର ଏକ ସ୍କୁଲ ଭ୍ୟାନ୍ ଦୁର୍ଘଟଣାରେ ଚାରିଜଣ କୁନି ଶିକ୍ଷାର୍ଥୀ ଆହତ ହୋଇଛନ୍ତି। ଗୁଣପୁରସ୍ଥିତ 'ଲଣ୍ଡନ କିଡ୍ସ' ନାମକ ଏକ ଘରୋଇ ବିଦ୍ୟାଳୟରୁ ପାଠପଢ଼ା ସାରି ଶିକ୍ଷାର୍ଥୀଙ୍କୁ ଘରକୁ ନେଇଯାଉଥିବା ବେଳେ ବିକ୍ରମପୁର ଛକ ନିକଟ ପଣସଗୁଡ଼ା ରାସ୍ତା ପାର୍ଶ୍ୱରେ ଥିବା ଏକ ବିଦ୍ୟୁତ ଖୁଣ୍ଟରେ ଭ୍ୟାନ ଟି ଧକ୍କା ଦେଇଥିଲା। ପ୍ରତ୍ୟକ୍ଷଦର୍ଶୀଙ୍କ ସୂଚନା ଅନୁଯାୟୀ କୌଣସି କାରଣବଶତଃ ଚାଳକ ଭ୍ୟାନକୁ ନିୟନ୍ତ୍ରଣ ହରାଇବାରୁ ଗାଡ଼ିଟି ସିଧାସଳଖ ବିଦ୍ୟୁତ ଖୁଣ୍ଟରେ ପିଟି ହୋଇଥିଲା। ଦୁର୍ଘଟଣା ସମୟରେ ଭ୍ୟାନ ଚାଳକଙ୍କ ସମେତ ଚାରିଜଣ କୁନି ଶିକ୍ଷାର୍ଥୀ ଥିଲେ। ଘଟଣା ପରେ ସ୍ଥାନୀୟ ଲୋକେ ତୁରନ୍ତ ଉଦ୍ଧାର କରି ଆହତ ଶିଶୁମାନଙ୍କୁ ଗୁଣପୁର ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଥିଲେ। ଆହତ ଶିଶୁମାନେ ହେଲେ ଜଗନ୍ନାଥପୁର ରାଇଗୁଡ଼ା ଗ୍ରାମର ଲୋକନାଥ ଶବରଙ୍କ ୭ ବର୍ଷର ପୁଅ , ବଡ଼ ହାରସିଂଗୁଡ଼ା ଗ୍ରାମର ଅରକ୍ଷିତ ଶବରଙ୍କ ୩ ବର୍ଷର ଝିଅ, କଇଠପଦର ଗ୍ରାମର କୁଞ୍ଜବିହାରୀ ଶବରଙ୍କ ୫ ବର୍ଷର ପୁଅ ଏବଂ ପଣସଗୁଡ଼ା ଗ୍ରାମର ଦେବରାଜ ଶବରଙ୍କ ୬ ବର୍ଷର ପୁଅ। ଡାକ୍ତରଙ୍କ ତତ୍ତ୍ୱାବଧାନରେ ସମସ୍ତଙ୍କ ଚିକିତ୍ସା ଚାଲିଥିବା ବେଳେ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ସୂଚନା ମିଳିଛି। ଖବର ପାଇ ଗୁଣପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାର ପ୍ରକୃତ କାରଣ ନେଇ ତଦନ୍ତ ଆରମ୍ଭ କରିଛି। ଏହି ଘଟଣା ପରେ ଅଭିଭାବକଙ୍କ ମଧ୍ୟରେ ଚିନ୍ତା ପ୍ରକାଶ ପାଇଥିବା ବେଳେ ସ୍କୁଲ ଭ୍ୟାନର ସୁରକ୍ଷା ବ୍ୟବସ୍ଥା ଓ ଚାଳକଙ୍କ ସତର୍କତା ନେଇ ପୁଣିଥରେ ପ୍ରଶ୍ନ ଉଠିଛି।

ପରିବହନ ବିଭାଗର ନିର୍ଦ୍ଦେଶାନୁଯାୟୀ, ସ୍କୁଲ ଭ୍ୟାନ୍ ଓ ବସ ଗୁଡ଼ିକରେ ବୈଧ ଫିଟନେସ୍ ସାର୍ଟିଫିକେଟ, ବୈଧ ବୀମା, ପ୍ରଦୂଷଣ ପ୍ରମାଣପତ୍ର ଏବଂ ପରମିଟ ରହିବା ଆବଶ୍ୟକ। ଏଥିସହ ଅଭିଜ୍ଞ ଓ ବୈଧ ଲାଇସେନ୍ସଧାରୀ ଚାଳକଙ୍କୁ ନିଯୁକ୍ତ କରିବା, ଗାଡ଼ିରେ ପ୍ରାଥମିକ ଚିକିତ୍ସା କିଟ୍, ଅଗ୍ନି ନିର୍ବାପକ ଯନ୍ତ୍ର, ଆପାତକାଳୀନ ବାହାରିବା ବ୍ୟବସ୍ଥା ଏବଂ ଆବଶ୍ୟକ ସୁରକ୍ଷା ଉପକରଣ ରଖିବା ବାଧ୍ୟତାମୂଳକ। ଶିକ୍ଷାର୍ଥୀଙ୍କୁ ଧାର୍ଯ୍ୟ କ୍ଷମତାଠାରୁ ଅଧିକ ସଂଖ୍ୟାରେ ବସାଇବା ନୁହେଁ, ଗାଡ଼ି ନିର୍ଦ୍ଧାରିତ ବେଗ ସୀମା ମଧ୍ୟରେ ଚଳାଇବା ଏବଂ ନିୟମିତ ଭାବେ ଯାନର ଯାନ୍ତ୍ରିକ ଯାଞ୍ଚ କରାଇବାକୁ ବିଭାଗ ପକ୍ଷରୁ ବାରମ୍ବାର ପରାମର୍ଶ ଦିଆଯାଇଛି। ତେବେ ଘଟିଥିବା ଏହି ଦୁର୍ଘଟଣା ପରେ ସ୍କୁଲ ପରିବହନ ବ୍ୟବସ୍ଥାରେ ସୁରକ୍ଷା ନିୟମର କଡ଼ାକଡ଼ି ପାଳନ, ନିୟମିତ ଯାଞ୍ଚ ଏବଂ ଚାଳକଙ୍କ ସତର୍କତା ଉପରେ ଅଧିକ ଗୁରୁତ୍ୱ ଦେବାକୁ ଅଭିଭାବକମାନେ ଦାବି କରିଛନ୍ତି।

# ଜଳମଗ୍ନ ରେଳ ଟ୍ରାକ୍, ଟିକିରିରେ ୨ ଘଣ୍ଟା ଅଟକିଲା ଟ୍ରେନ୍

ରାୟଗଡା,(ସବ୍ୟୁ) : ଲଗାଣ ବର୍ଷାର ପ୍ରଭାବ ରେଳ ଚଳାଚଳ ଉପରେ ପଡ଼ିଛି। ରାୟଗଡ଼ା ଜିଲାର ଟିକିରି ଷ୍ଟେଶନ୍ ନିକଟରେ ରେଳ ଟ୍ରାକ୍ ଉପରେ ପ୍ରାୟ ଦୁଇ ଫୁଟ ବର୍ଷା ପାଣି ଜମିଯିବାରୁ କୋରାପୁଟ ବିଶାଖାପାଟଣମ୍ ଯାତ୍ରୀବାହୀ ଟ୍ରେନ୍ ପ୍ରାୟ ଦୁଇ ଘଣ୍ଟା ଧରି ଟିକିରି ଷ୍ଟେଶନରେ ଅଟକି ରହିଥିଲା। ଫଳରେ ଟ୍ରେନରେ ଥିବା ଶତାଧିକ ଯାତ୍ରୀ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ସୂଚନା ଅନୁଯାୟୀ ଭୋରରୁ ରାୟଗଡ଼ା ଜିଲ୍ଲାରେ ଲଗାଣ ବର୍ଷା ଜାରି ରହିଥିଲା। ଲଗାତାର ବର୍ଷା ଯୋଗୁ ପାହାଡ଼ିଆ ଅଞ୍ଚଳରୁ ଆସୁଥିବା ବର୍ଷାଜଳ ଟିକିରି ଷ୍ଟେଶନ୍ ନିକଟସ୍ଥ ରେଳ ଟ୍ରାକ୍ ଉପରେ ଜମିଯାଇଥିଲା। ଏଥିସହ ଟ୍ରାକ୍ ପାର୍ଶ୍ୱରେ ଥିବା ଡ୍ରେନ ପାଣି ମଧ୍ୟ ରେଳଧାରଣା ଉପରକୁ ଚଢ଼ି ଆସିବାରୁ ପ୍ରାୟ ଦୁଇ ଫୁଟ ପାଣି ଜମା ହୋଇଥିଲା। ଏହି ପରିସ୍ଥିତିକୁ ଲକ୍ଷ୍ୟ କରି ଟ୍ରେନ ଲୋକୋ ପାଇଲଟ୍ ଯାତ୍ରୀଙ୍କ ଜୀବନ ସୁରକ୍ଷାକୁ ସର୍ବାଧିକ ପ୍ରାଥମିକତା ଦେଇ ଅତ୍ୟନ୍ତ ସତର୍କତାର ସହ ଟ୍ରେନକୁ ଟିକିରି ଷ୍ଟେଶନରେ ଅଟକାଇଥିଲେ। ଟ୍ରାକରେ ପାଣି ଜମିଥିବାରୁ କୌଣସି ପ୍ରକାର ବିପଦକୁ ଏଡ଼ାଇବା ପାଇଁ ଏହି ପଦକ୍ଷେପ ନିଆଯାଇଥିବା ନେଇ ଲୋକୋ ପାଇଲଟ୍ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଫଳରେ ସକାଳ ପ୍ରାୟ ୧୦ଟାରୁ ଟ୍ରେନ ପ୍ରାୟ ଦୁଇ ଘଣ୍ଟା ଧରି ଷ୍ଟେଶନରେ ଅଟକି ରହିଥିଲା। ପରେ ବର୍ଷା କମିବା ସହ ପରିସ୍ଥିତିରେ ସୁଧାର ଆସିବା ଏବଂ ଟ୍ରାକର ସୁରକ୍ଷା ନେଇ ପ୍ରାଥମିକ ଯାଞ୍ଚ ରିପୋର୍ଟ ପରେ ଦିନ ପ୍ରାୟ ୧୨ଟା ୧୫ ମିନିଟରେ ଟ୍ରେନ ରାୟଗଡ଼ା ଅଭିମୁଖେ ଯାତ୍ରା ଆରମ୍ଭ କରିଥିଲା।

ଅନ୍ୟ ପକ୍ଷରେ ରାଉଳୀ ଷ୍ଟେଶନ୍ ନିକଟରେ ମଧ୍ୟ ରେଳ ଟ୍ରାକ୍ ଉପରେ ବର୍ଷା ପାଣି ଜମିଥିବା ଜଣାପଡ଼ିଛି। ଘଟଣା ପରେ ରେଳବାଇର ଅଧିକାରୀମାନେ ପରିସ୍ଥିତି ଉପରେ କଡ଼ା ନଜର ରଖିଛନ୍ତି। ବର୍ଷା କମିବା ପରେ ଟ୍ରାକରୁ ପାଣି ହଟିବା ସହ ସୁରକ୍ଷା ଯାଞ୍ଚ କରାଯିବ। ଯାଞ୍ଚରେ ସବୁକିଛି ସ୍ୱାଭାବିକ ଥିବା ନିଶ୍ଚିତ ହେବା ପରେ ରେଳ ଚଳାଚଳକୁ ସମ୍ପୂର୍ଣ୍ଣ ସ୍ୱାଭାବିକ କରାଯିବ ବୋଲି ରେଳବାଇର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ଉଲ୍ଲେଖଯୋଗ୍ୟ ପ୍ରତିବର୍ଷ ବର୍ଷା ଋତୁରେ କୋରାପୁଟ ରାୟଗଡ଼ା ରେଳପଥର ଟିକିରି, ରାଉଳୀ, ଲେଲିଗୁମ୍ମା ଓ ବାଲୁମାସ୍କା ଅଞ୍ଚଳରେ ଭୂସ୍ଖଳନ ଏବଂ ଟ୍ରାକ୍ ଉପରେ ବର୍ଷାଜଳ ଜମିବା ଭଳି ସମସ୍ୟା ବାରମ୍ବାର ଦେଖାଦେଉଛି। ଫଳରେ ରେଳ ଚଳାଚଳ ବାଧାପ୍ରାପ୍ତ ହେଉଥିବା ସହ ଯାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ରେଳ ବିଭାଗ ପକ୍ଷରୁ ଦୀର୍ଘ ମିଆଦି ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

# ବ୍ରଜରାଜନଗରରେ ପୋଲିସ ଏନକାଉଣ୍ଟର ଅଙ୍କିତ ପୋଲିସ ଗୁଳିରେ ଆହତ

ଝାରସୁଗୁଡ଼ା,(ସବ୍ୟୁ): ଝାରସୁଗୁଡ଼ା ଜିଲ୍ଲାର ବ୍ରଜରାଜନଗର ଅଞ୍ଚଳରେ ବିଳମ୍ବିତ ରାତିରେ ପୋଲିସ ଓ ଦୁର୍ବୃତ୍ତଙ୍କ ମଧ୍ୟରେ ହୋଇଥିବା ଗୁଳି ବିନିମୟ ଘଟଣା ସମଗ୍ର ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ଓରିଏଣ୍ଟ ପେପର ମିଲ ଘାଟ ନିକଟରେ ଘଟିଥିବା ଏହି ଏନକାଉଣ୍ଟରରେ ବ୍ରଜରାଜନଗରର କୁଖ୍ୟାତ ଅପରାଧୀ କମଲେଶ ଘୋଷ ଓରଫ ସୋନୁ ଙ୍କ ପୁଅ ଅଙ୍କିତ ଘୋଷ ଗୋଡ଼ରେ ଗୁଳିବିଦ୍ଧ ହୋଇଛି। ଆହତ ଅବସ୍ଥାରେ ତାଙ୍କୁ ପ୍ରଥମେ ଝାରସୁଗୁଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବା ଜଣାପଡ଼ିଛି। ପୋଲିସ ସୂଚନା ଅନୁଯାୟୀ, ଓରିଏଣ୍ଟ ପେପର ମିଲ ଘାଟ ନିକଟରେ କିଛି ଦୁର୍ବୃତ୍ତ ଅପରାଧିକ ଷଡ଼ଯନ୍ତ୍ର କରୁଥିବା ନେଇ ଖବର ମିଳିବା ପରେ ଏକ ସ୍ୱତନ୍ତ୍ର ପୋଲିସ ଟିମ୍ ଚଢ଼ଉ କରିଥିଲା। ଚଢ଼ଉ ସମୟରେ ଅଭିଯୁକ୍ତମାନେ ପୋଲିସ ଉପରକୁ ଗୁଳିଚାଳନା କରିବାକୁ ଉଦ୍ୟମ କରିଥିବାରୁ ଆତ୍ମରକ୍ଷାର୍ଥେ ପୋଲିସ ପାଲଟା ଗୁଳି ଚଳାଇଥିଲା। ଏଥିରେ ଅଙ୍କିତର ଗୋଡ଼ରେ ଗୁଳି ବାଜିଥିଲା।

ଝାରସୁଗୁଡ଼ା ଏସପି ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ର କହିଛନ୍ତି ଯେ, ଅପରାଧ ନିୟନ୍ତ୍ରଣ ଏବଂ ଦୁର୍ଦ୍ଦାନ୍ତ ଅପରାଧୀଙ୍କ ବିରୋଧରେ ଜିଲ୍ଲା ପୋଲିସର ସ୍ୱତନ୍ତ୍ର ଅଭିଯାନ ଜାରି ରହିଛି। ପ୍ରାରମ୍ଭିକ ତଦନ୍ତରେ ଅଭିଯୁକ୍ତମାନେ ପୋଲିସ ଦଳ ଉପରେ ଆକ୍ରମଣ କରିବାକୁ ଉଦ୍ୟମ କରିଥିବା ତଥ୍ୟ ସାମ୍ନାକୁ ଆସିଥିବା ବେଳେ ଘଟଣାର ଅଧିକ ତଦନ୍ତ ଚାଲିଛି। ପୋଲିସ ରେକର୍ଡ ଅନୁଯାୟୀ, ଅଙ୍କିତ ଘୋଷଙ୍କ ନାମରେ ଅସ୍ତ୍ର ଆଇନ, ହତ୍ୟା ଉଦ୍ୟମ, ଡକାୟତି, ଆକ୍ରମଣ ଓ ଧମକ ଭଳି ସଂଗୀନ ଅପରାଧରେ ୭ଟି ମାମଲା ରହିଛି।

# ଗୋଲାମୁଣ୍ଡାରେ ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଶୁଣାଣି



ଗୋଲାମୁଣ୍ଡା,(ସବ୍ୟୁ): କଳାହାଣ୍ଡି ଜିଲ୍ଲା ପ୍ରଶାସନ ପକ୍ଷରୁ ଗୋଲାମୁଣ୍ଡା ବ୍ଲକ ସ୍ଥିତ ସଭାଗୃହରେ ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ ବିରଞ୍ଚି ଦରୱାନ, କଳାହାଣ୍ଡି ଏସପି ନାଗାର କୁଣ୍ଡା,ଧର୍ମଗଡ଼ ଉପ-ଜିଲ୍ଲାପାଳ ପ୍ରେକ୍ଷା ଅଗ୍ରୱାଲ, ଧର୍ମଗଡ଼ ଏସଡ଼ିପିଓ ସୁଶ୍ରୀ ଭର୍ଷିତା ଆଡ଼େପୁ,ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ,ବିଡ଼ିଓ ବିଶ୍ୱନାଥ ରାଉତ, ଅତିରିକ୍ତ ତହସିଲଦାର ଅନୁଭବ ମହାନ୍ତି,ବିବେକାନନ୍ଦ ମହାନନ୍ଦଙ୍କ ସମେତ ଜିଲ୍ଲାର ସ୍ୱାସ୍ଥ୍ୟ, ଶିକ୍ଷା, ଗ୍ରାମ୍ୟ ଉନ୍ନୟନ, ପୂର୍ତ୍ତ ବିଭାଗ,ସାମାଜିକ ସୁରକ୍ଷା,ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ,ଜିଲ୍ଲା ପଞ୍ଚାୟତ ବିଭାଗ, ସମନ୍ୱୟ ଶିଶୁ ପ୍ରକଳ୍ପ ବିଭାଗ,ଜଳସେଚନ ବିଭାଗ, ବିଦ୍ୟୁତ ବିଭାଗ,କୃଷି ବିଭାଗ,ଉଦ୍ୟାନ କୃଷି ବିଭାଗ, ସମାଜ ମଙ୍ଗଳ ବିଭାଗ, ଗ୍ରାମ୍ୟ ଜଳ ଯୋଗାଣ ବିଭାଗ, ମତ୍ସ୍ୟ ବିଭାଗ, ଜଙ୍ଗଲ ବିଭାଗ ସମେତ ଅନ୍ୟ ବିଭାଗର ଜିଲ୍ଲା ଉଚ୍ଚ ପଦାଧିକାରୀ ମାନେ ଉପସ୍ଥିତ ଥିଲେ। ଶିବିରରେ ଗୋଲାମୁଣ୍ଡା ବ୍ଲକର ବିଭିନ୍ନ ପଞ୍ଚାୟତ ଗୁଡିକରୁ ବିଭିନ୍ନ ଅଭିଯୋଗ ନେଇ ଆସିଥିବା ହିତାଧିକାରୀ ମାନେ ନିଜ ନିଜର ଅଭିଯୋଗ ପଞ୍ଜିକରଣ କରିବା ପରେ ଜିଲ୍ଲାପାଳଙ୍କୁ ଅଭିଯୋଗ ପତ୍ର ଦାଖଲ କରିଥିଲେ । ଜିଲ୍ଲାପାଳ ଓ ଅନ୍ୟ ଅଧିକାରୀ ଅଭିଯୋଗକାରୀଙ୍କ ଅଭିଯୋଗ ଶୁଣିବା ସହ ଉପସ୍ଥିତ ବିଭାଗୀୟ ଅଧିକାରୀଙ୍କୁ ତୁରନ୍ତ ସମାଧାନ କରିବାକୁ ଘଟଣାସ୍ଥଳରେ ନିର୍ଦ୍ଦେଶ ଦେଇଥିଲେ। ମୋଟ ୪୯ ଗୋଟି ଅଭିଯୋଗ ପତ୍ର ଦାଖଲ ହୋଇଥିବା ବେଳେ ତୁରନ୍ତ ୮ଟି ଅଭିଯୋଗର ସମାଧାନ ହୋଇଥିଲା।

# ବନ ମହୋତ୍ସବ ପାଳିତ, ଛାତ୍ରଛାତ୍ରୀଙ୍କୁ ଚାରା ବଣ୍ଟନ

ପଦ୍ମପୁର,(ସବ୍ୟୁ): ପଦ୍ମପୁର ଉପଖଣ୍ଡ ବରିହାପାଲି ପଞ୍ଚାୟତସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ବରିହାପାଲିଠାରେ ସର୍ଗିବାହାଲ ବନଖଣ୍ଡର ସହଯୋଗରେ ବନମହୋତ୍ସବ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ବୀରେନ୍ଦ୍ର ସିଂ ଶ୍ରୀଦାରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବନବିଭାଗ କର୍ମଚାରୀ ହେମସାଗର ସାହୁ ମୁଖ୍ୟ ଅତିଥି ଏବଂ ବିଦ୍ୟାଳୟ ପରିଚାଳନା କମିଟିର ଉପାଧ୍ୟକ୍ଷା ରୀନା ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅତିଥିମାନେ ବନମହୋତ୍ସବର ମହତ୍ତ୍ୱ , ବନ ସମ୍ପଦର ସଂରକ୍ଷଣ ଓ ବୃଦ୍ଧି, ପରିବେଶ ସନ୍ତୁଳନ ରକ୍ଷାରେ ବୃକ୍ଷରୋପଣର ଆବଶ୍ୟକତା ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ସଚେତନ କରିଥିଲେ। ପ୍ରତ୍ୟେକ ଛାତ୍ରଛାତ୍ରୀ ନିଜ ଘର ଓ ବଗିଚାରେ ଅତି କମରେ ଗୋଟିଏ ଚାରା ରୋପଣ କରି ତାହାର ଯତ୍ନ ନେବାକୁ ପରାମର୍ଶ ଦିଆଯାଇଥିଲା। ଏହି ଅବସରରେ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ପ୍ରଜାତିର ଚାରା ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମକୁ ସଫଳ କରିବାରେ ବରିଷ୍ଠ ଶିକ୍ଷକ ସୁଦାମ ଚରଣ ସ୍ୱାଇଁ, ସୁନିଲ ସିଂ ପ୍ରଧାନ, ମୋହନ ହୁଏ, ମହେଶ ସ୍ୱାଇଁ, ଗଜେନ୍ଦ୍ର ସାହୁଙ୍କ ସମେତ ଗ୍ରାମର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ସହଯୋଗ କରିଥିଲେ।

## ବିକାଶ ବାଟବଣା !

# ଅସହାୟ 'କମାର ଖୋଲ' ଗ୍ରାମବାସୀ



ନୂଆପଡ଼ା,(ସବ୍ୟୁ): ବିକାଶର ଡିଣ୍ଡିମ ପିଟାଯାଉଥିବା ସମୟରେ ନୂଆପଡ଼ା ଜିଲ୍ଲାର ଏକ ଅପହଞ୍ଚ ଗାଁ ଆଜି ବି ମୌଳିକ ସୁବିଧା ପାଇଁ ସଂଘର୍ଷ କରୁଛି। ବୋଡ଼େନ ବ୍ଲକ ଅନ୍ତର୍ଗତ ଖଇରା ଗ୍ରାମପଞ୍ଚାୟତର 'କମାର ଖୋଲ' ଗାଁ ଏବେ ବି ବିକାଶର ଅପେକ୍ଷାରେ ଚାହିଁ ରହିଛି। ପ୍ରାୟ ୨୦ ଟି ପରିବାରର ୧୦୦ ରୁ ଅଧିକ ଲୋକ ବସବାସ କରୁଥିବା ଏହି ଗାଁରେ ନା ଭଲ ରାସ୍ତା ଅଛି, ନା ସ୍କୁଲ, ନା ଅଙ୍ଗନୱାଡ଼ି, ନା ନିରନ୍ତର ବିଦ୍ୟୁ ଓ ପାନୀୟ ଜଳ ସୁବିଧା। ଗାଁକୁ ପହଞ୍ଚିବା ପାଇଁ ଦୁଇଟି ମାତ୍ର ରାସ୍ତା ରହିଛି। ଗୋଟିଏ ୧୫ କିଲୋମିଟରର ଖାଲଖମା ରାସ୍ତା, ଯେଉଁଥିରେ କଷ୍ଟେମଷ୍ଟେ ଦୁଇ ଚକିଆ ଯାନ ଯାଇପାରେ। ଅନ୍ୟଟି ୫ କିମି ପାହାଡ଼ିଆ ପଥ, ଯେଉଁଠାରେ ସାଇକେଲ ଚଳାଇବା ମଧ୍ୟ ଅସମ୍ଭବ। ରାସନ୍ ସାମଗ୍ରୀ, ଭତ୍ତା ଟଙ୍କା ଓ ଅନ୍ୟାନ୍ୟ ସରକାରୀ ସେବା ପାଇଁ ଗ୍ରାମବାସୀଙ୍କୁ ପ୍ରତିଥର ବିପଦପୂର୍ଣ୍ଣ ପାହାଡ଼ିଆ ରାସ୍ତା ଅତିକ୍ରମ କରିବାକୁ ପଡୁଛି। ଶିକ୍ଷା ଓ ପୁଷ୍ଟିକର ସେବା କ୍ଷେତ୍ରରେ ମଧ୍ୟ ଗାଁର ଅବସ୍ଥା ଅତ୍ୟନ୍ତ ଦୟନୀୟ। ଗାଁରେ ବିଦ୍ୟାଳୟ ଓ ଅଙ୍ଗନୱାଡ଼ି କେନ୍ଦ୍ର ନଥିବାରୁ ଶିଶୁମାନେ ଶିକ୍ଷାରୁ ବଞ୍ଚିତ ହେଉଛନ୍ତି।ଏହା ସହ ଗର୍ଭବତୀ ମହିଳା ଓ ଶିଶୁମାନେ ନିୟମିତ ଟିକାକରଣ ଏବଂ ସରକାରୀ ପୋଷଣ ସେବାର ସୁବିଧା ମଧ୍ୟ ପାଉନାହାନ୍ତି।

ପାନୀୟ ଜଳ ଓ ବିଦ୍ୟୁତ୍ ସମସ୍ୟା ମଧ୍ୟ ଗାଁ ବାସୀଙ୍କ ଦୈନନ୍ଦିନ ଜୀବନକୁ କଷ୍ଟଦାୟକ କରିଛି। ୨୦୧୭ ମସିହାରେ ବିଦ୍ୟୁ ସଂଯୋଗ ମିଳିଥିଲେ ମଧ୍ୟ ନିୟମିତ ବିଦ୍ୟୁ ସେବା ମିଳୁନାହିଁ। ସମଗ୍ର ଗାଁ କେବଳ ଗୋଟିଏ କୂଅ ଉପରେ ନିର୍ଭରଶୀଳ ଥିବାରୁ ଖରା ଦିନରେ ଜଳ ସଙ୍କଟ ଉଗ୍ର ରୂପ ନେଇଥାଏ। ଏହି ଗାଁରେ ୨୦୨୧ ଅଗଷ୍ଟ ୧୫ରେ ପ୍ରଥମ ଥର ପାଇଁ ଜାତୀୟ ପତାକା ଉତ୍ତୋଳନ କରାଯାଇଥିଲା। 'ଜିଲ୍ଲା ସାହାଯ୍ୟ ସେନା'ର ସଭାପତି ବେଣୁଧର ଜଗତ ଗ୍ରାମବାସୀଙ୍କ ମଧ୍ୟରେ ପହଞ୍ଚି ଏହି ଐତିହାସିକ କାର୍ଯ୍ୟକ୍ରମ କରିଥିଲେ। ସେହିଦିନ ଠାରୁ ଗ୍ରାମବାସୀ ନିଜ ମୌଳିକ ଅଧିକାର ଓ ବିକାଶ ପାଇଁ ସ୍ୱର ଉଠାଇ ଆସୁଛନ୍ତି। ଏହି ପ୍ରସଙ୍ଗରେ ଜିଲ୍ଲାପାଳ ମଧୁସୂଦନ ଦାଶ କହିଛନ୍ତି ଯେ, ଗାଁର ସ୍ଥିତିର ସରେଜମିନ ଅନୁଧ୍ୟାନ ପାଇଁ ଖୁବଶୀଘ୍ର ପ୍ରଶାସନିକ ଅଧିକାରୀମାନେ ଗସ୍ତ କରିବେ। ସ୍ଥିତି ସମୀକ୍ଷା ପରେ ଆବଶ୍ୟକତା ଅନୁଯାୟୀ ଗାଁକୁ ସମସ୍ତ ସରକାରୀ ସୁବିଧା ଯୋଗାଇବା ପାଇଁ ତୁରନ୍ତ ପଦକ୍ଷେପ ନିଆଯିବ ବୋଲି ଆଶ୍ୱାସନ ଦେଇଛନ୍ତି। ଏବେ ପ୍ରଶ୍ନ ଉଠୁଛି- ସରକାରଙ୍କ ବିକାଶ ଯୋଜନା କେବଳ କାଗଜପତ୍ରରେ ସୀମିତ ରହିବ, ନା କମାର ଖୋଲ ଭଳି ଅପହଞ୍ଚ ଗାଁରେ ପ୍ରକୃତ ଅର୍ଥରେ ବିକାଶର ଆଲୋକ ପହଞ୍ଚିବ। ସମୟ ହିଁ ଏହାର ଉତ୍ତର ଦେବ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି ।

# ସେବା ଶିବିର ପାଇଁ ବାବାଧାମ ଅଭିମୁଖେ ଯୁବ ସ୍ୱେଚ୍ଛାସେବୀ

ସମ୍ବଲପୁର,(ସବ୍ୟୁ): ପବିତ୍ର ଶ୍ରାବଣ ମାସରେ ଜଳଲାଗି ଯାଉଥିବା କାଉଡ଼ିଆ ମାନଙ୍କ ସେବା ପାଇଁ ସମ୍ବଲପୁରର ଯୁବ ସ୍ୱେଚ୍ଛାସେବୀ ଦଳ ବାବାଧାମ କଟୋରିଆ(ବିହାର) ଅଭିମୁଖେ ଯାତ୍ରା କରିଛନ୍ତି। ମହାକାଲ ସେବା ସମିତିର ୪୦ଜଣିଆ ଟିମ୍ ସୋମବାର ମାଁ ସମଲେଶ୍ୱରୀଙ୍କ ଦର୍ଶନ ଓ ପୂଜାର୍ଚ୍ଚନା କରି ଯାତ୍ରା ଆରମ୍ଭ କରିଥିଲେ। ଆସନ୍ତା ଆଗଷ୍ଟ ୧ ରୁ ୧୦ ତାରିଖ ପର୍ଯ୍ୟନ୍ତ ଏହି କ୍ୟାମ୍ପରେ ନିଃଶୁଳ୍କ ସେବା ଶିବିର ଆୟୋଜନ କରାଯିବ। ବାବା ଧାମକୁ ପାଣି ଢାଳି ଯାଉଥିବା ହଜାର ହଜାର କାଉଡ଼ିଆ ଭକ୍ତମାନଙ୍କ ପାଇଁ ଏହି ଶିବିରରେ ନିଃଶୁଳ୍କ ସକାଳ ଜଳଖିଆ, ମଧ୍ୟାହ୍ନ ଭୋଜନ, ଚା', ପାନୀୟ ଜଳ, ସ୍ୱଚ୍ଛ ରହଣୀ ଏବଂ ଅନ୍ୟାନ୍ୟ ଆବଶ୍ୟକୀୟ ସୁବିଧାର ବ୍ୟବସ୍ଥା କରାଯାଇଛି। ଏଥିସହ ମେଡ଼ିକାଲ ସମ୍ପର୍କିତ ମାଗଣା ଚିକିତ୍ସା ବ୍ୟବସ୍ଥା ମଧ୍ୟ ଥିବା ସମାଜସେବୀ ସିଦ୍ଧାର୍ଥ ସାହା କହିଛନ୍ତି।

# ଲଗାଣ ବର୍ଷାରେ ମହିଳାଙ୍କ ଘର ଅବସ୍ଥା ବେହାଲ



କଳମପୁର,(ସବ୍ୟୁ): କଳମପୁର ବ୍ଲକରେ ଗତ ୨ ଦିନ ଧରି ତୁହାକୁ ତୁହା ବର୍ଷା ଲାଗି ରହିଛି। ସୋମବାର ୬ ମିଲିମିଟର ବର୍ଷାର ରେକର୍ଡ କରାଯାଇଥିବାବେଳେ ତାର ପ୍ରଭାବ ଯୋଗୁଁ ସାନ କୁଟୁରୁ ନଦୀଖଣ୍ଡି ପଡ଼ାର ଜନୈକ ମହିଳାଙ୍କ ଘର ଖପର ସହିତ କାନ୍ଥ ଭୁଶୁଡ଼ି ପଡ଼ିଛି। ମହିଳା ହେମଲତା ପୂଜାରୀଙ୍କ ଗୋଟିଏ ପୁଅ ୧୧ ବର୍ଷ ଏବଂ ଗୋଟିଏ ଝିଅଛ ଝିଅର ବାହାଘର ହୋଇଯାଇଛି। ହେମଲତାଙ୍କ ସ୍ୱାମୀ କିଛି ବର୍ଷ ତଳେ ଦାଦନ ଖଟିବାକୁ ଯାଇ ସହରରେ ନିଖୋଜ ହୋଇଥିବାବେଳେ ମହିଳା ଜଣକ ଉପରେ ଘରର ଦାୟିତ୍ୱ । ଅଦ୍ୟାବଧି ତାଙ୍କ ସ୍ୱାମୀଙ୍କ ଖୋଜ ଖବର ନାହିଁ। ଏପରି ସ୍ଥଳେ ତାଙ୍କ ଘର ଭାଙ୍ଗିଯାଇଥିବାବେଳେ ସରପଞ୍ଚ ଗଣେଶ ପଣ୍ଡା ଏନେଇ କଳମପୁର ବିଡ଼ିଓଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। କଳମପୁର ବିଡ଼ିଓ କାର୍ଯ୍ୟାଳୟ ପକ୍ଷରୁ ଏଡ଼ିଓ ରୁନା ଚିନ୍ଦା ସଂପୃକ୍ତ ଗାଁ ରେ ପହଞ୍ଚି ତଦନ୍ତ କରି ଫେରିଛନ୍ତି । ସୂଚନା ଅନୁଯାୟୀ ଆବାସ ଗୃହ ପାଇଁ ଯୋଗ୍ୟ ହିତାଧିକାରୀଙ୍କ ତାଲିକା ସରପଞ୍ଚ ମାନଙ୍କୁ ମଗାଯାଇଥିଲା। ସେତେବେଳେ ସଂପୃକ୍ତ ମହିଳାଙ୍କ ନାମ ସହିତ ଅନ୍ୟ ଚାରି ଜଣଙ୍କ ନାମ ମଧ୍ୟ ଦିଆଯାଇଥିଲା । ତେବେ ପଞ୍ଚାୟତ କୁ କେବଳ ୨ ଜଣଙ୍କୁ ଆବାସ ଗୃହ ମିଳିଥିବାବେଳେ ଏହି ମହିଳାଙ୍କ ନାମ ପଛରେ ରହିଥିଲା। ଏଥିପାଇଁ ଅନ୍ତୋଦ୍ୟୋୟ ଯୋଜନା ରେ ଯୋଡ଼ି ତୁରନ୍ତ ତାଙ୍କୁ ବାସଗୃହ ସହାୟତା ପ୍ରଦାନ ପାଇଁ ସରପଞ୍ଚ ଗଣେଶ ପଣ୍ଡା ଦାବି ରଖିଛନ୍ତି। ଏ ସଂକ୍ରାନ୍ତରେ ରାଜସ୍ୱ ବିଭାଗଙ୍କ ତଦନ୍ତ ରିପୋର୍ଟ ଅନୁସାରେ ଆମେ ଜିଲ୍ଲା କର୍ତ୍ତୃପକ୍ଷଙ୍କୁ ଜଣାଇବୁ ବୋଲି ବିଡ଼ିଓ ବିଜୟ କୁମାର ମାଣ୍ଡାଙ୍ଗୀ କହିଛନ୍ତି। ଏଥିସହିତ ଅନ୍ତୋଦୋୟ ଯୋଜନାରେ ତାଙ୍କୁ ସାମିଲ କରାଯାଇ ବାସ ଗୃହ ସହାୟତା ପାଇଁ ପଦକ୍ଷେପ ନିଆଯିବ ବୋଲି ପ୍ରକାଶ କରିଛନ୍ତି ।

# ଲୋୟର ଇନ୍ଦ୍ର ଜଳ ଭଣ୍ଡାରରୁ ପ୍ରଥମ ବନ୍ୟାଜଳ ନିଷ୍କାସନ

ଖଡ଼ିଆଳ,(ସବ୍ୟୁ): ଲଗାଣ ବର୍ଷା ଯୋଗୁଁ ଲୋୟର ଇନ୍ଦ୍ର ଜଳ ଭଣ୍ଡାରର ଉପରମୁଣ୍ଡ ଅଞ୍ଚଳରୁ ଜଳର ପ୍ରବାହ ବୃଦ୍ଧି ପାଉଥିବାରୁ ଜଳଭଣ୍ଡାରର ଜଳସ୍ତର ନିୟନ୍ତ୍ରଣ ପାଇଁ ସୋମବାର ଅପରାହ୍ନ ୪ଟାରୁ ପ୍ରଥମ ପର୍ଯ୍ୟାୟରେ ବନ୍ୟାଜଳ ନିଷ୍କାସନ କରାଯିବ। ଏ ସମ୍ପର୍କରେ ଲୋୟର ଇନ୍ଦ୍ର କେନାଲ ଡିଭିଜନ, ଖଡ଼ିଆଳ ଅଧିକ୍ଷଣ ଯନ୍ତ୍ରୀଙ୍କ ପକ୍ଷରୁ ଏକ ପତ୍ର ଜରିଆରେ ସୂଚନା ଦିଆଯାଇଛି। ଜଳଭଣ୍ଡାରକୁ ଆସୁଥିବା ସମ୍ଭାବ୍ୟ ଜଳପ୍ରବାହକୁ ଦୃଷ୍ଟିରେ ରଖି ସମସ୍ତ ସୁରକ୍ଷାମୂଳକ ବ୍ୟବସ୍ଥା ଓ ପ୍ରଚଳିତ ନିର୍ଦ୍ଦେଶାବଳୀ ଅନୁସରଣ କରି ପର୍ଯ୍ୟାୟକ୍ରମେ ବନ୍ୟାଜଳ ନିଷ୍କାସନ କରାଯିବ। ଜିଲ୍ଲା ପ୍ରଶାସନ ପକ୍ଷରୁ ନଦୀର ତଳମୁଣ୍ଡ ଅଞ୍ଚଳରେ ବସବାସ କରୁଥିବା ଜନସାଧାରଣଙ୍କୁ ସତର୍କତା ଅବଲମ୍ବନ କରିବାକୁ ପରାମର୍ଶ ଦିଆଯାଇଛି। ବିଶେଷକରି ନଦୀକୂଳକୁ ଅନାବଶ୍ୟକ ଯିବା, ନଦୀ ଅତିକ୍ରମ କରିବା, ନଦୀରେ ଗାଧୋଇବା, ମାଛ ଧରିବା କିମ୍ବା ଅନ୍ୟ କୌଣସି କାର୍ଯ୍ୟ କରିବାରୁ ବିରତ ରହିବାକୁ ଅନୁରୋଧ କରାଯାଇଛି। ଜଳଭଣ୍ଡାରର ସ୍ଥିତି ଓ ଜଳନିଷ୍କାସନ ପ୍ରକ୍ରିୟା ଉପରେ ଜଳସମ୍ପଦ ବିଭାଗ ଏବଂ ଜିଲ୍ଲା ପ୍ରଶାସନ ପକ୍ଷରୁ ନିରନ୍ତର ନଜର ରଖାଯାଇଥିବାବେଳେ, ଆବଶ୍ୟକତା ଅନୁଯାୟୀ ପରବର୍ତ୍ତୀ ସୂଚନା ଜନସାଧାରଣଙ୍କୁ ଅବଗତ କରାଯିବ।

## ଅବହେଳିତ ପ୍ରାକୃତିକ ସୌନ୍ଦର୍ଯ୍ୟଭରା ଗୁମ୍ଫା ଡ୍ୟାମ୍


# କେବେ ପାଇବ ପର୍ଯ୍ୟଟନସ୍ଥଳୀର ମାନ୍ୟତା



ବଙ୍ଗୋମୁଣ୍ଡା,(ସବ୍ୟୁ): ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ବିଧାନସଭା କ୍ଷେତ୍ର ବଙ୍ଗୋମୁଣ୍ଡା ବ୍ଲକ ଅପହଞ୍ଚ ଇଲାକାରେ ଥିବା ଯୁରାବନ୍ଧ ପଞ୍ଚାୟତ ଛତରଙ୍ଗ ଗ୍ରାମର ଗୁମ୍ଫାଡ୍ୟାମ୍ । ବର୍ତ୍ତମାନ ଏହି ଗୁମ୍ଫା ଡ୍ୟାମ୍ ସଂପୂର୍ଣ୍ଣ ଅବହେଳିତ । ଛତରଙ୍ଗ ଗ୍ରାମର ପାହାଡ ପାଦ ଦେଶରେ ୧୯୭୨ ମସିହା ରେ ଅଂଚଳ ର ଲୋକ ମାନଙ୍କ ପାଇଁ ଗୁମ୍ଫା ଡ୍ୟାମ୍ ନାମରେ ନାମିତ ହୋଇ ଏହି ଡ୍ୟାମ୍‌ର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇ ୧୯୮୫ ମସିହାରେ ନିର୍ମାଣ କାର୍ଯ୍ୟ ଶେଷ ହୋଇଥିଲା । ଏହି ପ୍ରକଳ୍ପ ପାଇଁ ସେ ସମୟ ରେ ସେଠାରେ ଅଫିସ ଗୃହ ସହ ସୁରକ୍ଷା କର୍ମୀ ମଧ୍ୟ ନିୟୋଜିତ ଥିଲେ । କିନ୍ତୁ ଦୀର୍ଘ ପ୍ରାୟ ୪ ଦଶନ୍ଧୀ ପରେ ବଲାଙ୍ଗିର ଜିଲ୍ଲାର ଏହି ପ୍ରାକୃତିକ ସୌନ୍ଦର୍ଯ୍ୟ ଭରା ଗୁମ୍ଫା ଡ୍ୟାମ୍ ଅବହେଳିତ ଅବସ୍ଥାରେ ପଡିରହିଛି । ଅଫିସ ଗୃହ ଭଙ୍ଗା ଦଦରା ହୋଇ ସାରିଲାଣି,ଡ୍ୟାମ୍ ର ପାଣି ନିଷ୍କାସନ ପାଇଁ ଥିଲା ପମ୍ପ ମଧ୍ୟ ସଂପୂର୍ଣ୍ଣ ଅଚଳ ହୋଇପଡିଛି । ପର୍ଯ୍ୟଟନସ୍ଥଳୀ ମାନ୍ୟତାରୁ ବହୁ ଦୂରରେ ଏହି ଗୁମ୍ଫା ଡ୍ୟାମ୍ । ରାଜନେତାଙ୍କ ଠାରୁ ଆରମ୍ଭ କରି ବିଭିନ୍ନ ପ୍ରଶାସନିକ ଅଧିକାରୀ ସମସ୍ତଙ୍କୁ ଦୃଷ୍ଟି ଆକର୍ଷଣ କରି ଅଞ୍ଚଳ ରେ ଲୋକେ ନୟାନ୍ତ ହୋଇ ସାରିଛନ୍ତି । କିନ୍ତୁ କାହାରି ଦୃଷ୍ଟି ପଡୁନାହିଁ । କିଏ ଡ୍ୟାମ୍ କୁ ପର୍ଯ୍ୟଟନସ୍ଥଳୀ ର ମାନ୍ୟତା ଦେବା ପାଇଁ ଲଢେଇ କରିବାର ମନୋବଳ ନାହିଁ । ଏହି ଡ୍ୟାମ୍ ର ଚତୁର୍ପାଶ୍ୱ ରେ ପାହାଡ ଘେରରେ ମନୋରମ ସୌନ୍ଦର୍ଯ୍ୟ ପରିବେଶ ରହିଛି । ଅନେକ ସମୟରେ ଶହ ଶହ ସଂଖ୍ୟାରେ ଲୋକେ ଡ୍ୟାମ୍‌ର ସୌନ୍ଦର୍ଯ୍ୟ ଉପଭୋଗ କରିବା ପାଇଁ ଆସିଥାନ୍ତି ଓ ଭୋଜି ଭାତର ଆସର ମଧ୍ୟ ଜମିଥାଏ । ଏହି ଛତରଦାଣ୍ଡି ଜଙ୍ଗଲର ପାହାଡ ପାଦଦେଶରେ ଥିବା ଚାମସିଲେଟ୍ ନାମରେ ପ୍ରତିଷ୍ଠିତ ଏକ ଝରଣା ବହି ଆସୁଛି । ଏହି ଝରଣା ଦେଖିବାକୁ ଅତ୍ୟନ୍ତ ମନ ମୁଗ୍ଧକର। ସବୁଜ ଭରା ଏହି ଡ୍ୟାମ୍‌ର ସୌନ୍ଦର୍ଯ୍ୟରେ ପର୍ଯ୍ୟଟକ ଅବିଭୂତ ହୋଇଥାନ୍ତି । ଗ୍ରାମର ମୁନସୀରାମ ପହରିଆ ଡ୍ୟାମ୍ ନିକଟରେ ଏକ ଚାଳ ଛପର ଘରେ ଶିବ ମନ୍ଦିରର ମାନ୍ୟତା ଦେଇ ଦୀର୍ଘ ୪ଦଶନ୍ଧୀରୁ ପୂଜା କରି ଆସୁଛନ୍ତି କିନ୍ତୁ ନୂତନ ମନ୍ଦିରର କେବଳ ପ୍ରତିଶ୍ରୁତି ମିଳିଛି ।ଏହି ଡ୍ୟାମ୍ ଦ୍ୱାରା ଯୁରାବନ୍ଧ ପଂଚାୟତର ଛତରଙ୍ଗ, ଜାମପଡା, ପହରିଆପଡା, ତାଲଚକେଲ ଗାଁ ର ପ୍ରାୟ ୧୦୦ ରୁ ଉର୍ଦ୍ଧ୍ୱ ଚାଷୀ ହାରାହାରି ୨୦୦ ଏକର ଜମିରେ ଧାନ ଚାଷ କରି ଉପକୃତ ମଧ୍ୟ ହେଉଛନ୍ତି । କିନ୍ତୁ ବର୍ତ୍ତମାନ ଏହି ଡ୍ୟାମ୍ ମାଟି ପୋତି ହେବାକୁ ବସିଲାଣି । ଅଞ୍ଚଳବାସୀ ଏହି ଡ୍ୟାମ୍‌ର ପୁନରୁଦ୍ଧାର ସହ ପର୍ଯ୍ୟଟନସ୍ଥଳୀର ମାନ୍ୟତା ପାଇଁ ଦାବି କରିଛନ୍ତି ।

ସ୍ଥାନୀୟ ବାସିନ୍ଦା ଯୁଗଳ କିଶୋର ପହରିଆ କହନ୍ତି ଶହ ଶହ ସଂଖ୍ୟାରେ ପର୍ଯ୍ୟଟକ ମାନେ ଏଠାକୁ ଆସିଥାନ୍ତି । କିନ୍ତୁ ଭଲ ରାସ୍ତା ଟିଏ କି ମନ୍ଦିର ଟିଏ ନାହିଁ । ଆମ ଗାଁ ରେ ଏଭଳି ଏକ ଡ୍ୟାମ୍ ଥିବାରୁ ଆମେ ଗର୍ବ ଅନୁଭବ କରୁ । କିନ୍ତୁ ସରକାର ଏହି ଡ୍ୟାମ୍ କୁ ପର୍ଯ୍ୟଟନସ୍ଥଳୀର ମାନ୍ୟତା ଦେଲେ ଏହି ଡ୍ୟାମ୍ ଏକ ପ୍ରତିଷ୍ଠିତ ଅଂଚଳ ହୋଇପାରିବ । ସାମ୍ବାଦିକ ଫୁଲେଶ୍ୱର ହଂସ କହନ୍ତି ଛତରଙ୍ଗ ଗାଁରେ ଥିବା ଗୁମ୍ଫା ଡ୍ୟାମ୍ ର ଝରଣାରେ ଗାଧୋଇବା ସହ ବୁଲାବୁଲି କରି ଆନନ୍ଦ ମିଳିଥାଏ । ଝରଣାକୁ ଯିବା ପାଇଁ ଭଲ ରାସ୍ତା ଟିଏ ନିର୍ମାଣ କଲେ ଆହୁରି ପର୍ଯ୍ୟଟକ ଆସନ୍ତେ । ଆମେ ବିଭିନ୍ନ ସମୟ ରେ ବିଭାଗୀୟ ମନ୍ତ୍ରୀ,ବିଧାୟକ ଓ ପ୍ରଶାସନିକ ଅଧିକାରୀ ମାନଙ୍କୁ ବଙ୍ଗୋମୁଣ୍ଡା ବ୍ଲକ ସାମ୍ବାଦିକ ସଂଘ ପକ୍ଷରୁ ଲିଖିତ ଅଭିଯୋଗ କରିଛୁ । ଏହି ପ୍ରାକୃତିକ ସୌନ୍ଦର୍ଯ୍ୟ ଭରା ସ୍ଥାନକୁ ପର୍ଯ୍ୟଟନସ୍ଥଳୀର ମାନ୍ୟତା ଯଦି ମିଳେ ସ୍ଥାନୀୟ ଅଞ୍ଚଳବାସୀ ଉପକୃତ ହେବା ସହ ବିଭିନ୍ନ ବ୍ୟବସାୟୀ ମାନେ ଦୋକାନ ଖୋଲି ରୋଜଗାର କରି ପାରିବେ ।

# ଗଞ୍ଜେଇ ସହ ଅଟୋ ଜବତ, ଡ୍ରାଇଭର ଗିରଫ



କନ୍ଧମାଳ,(ସବ୍ୟୁ): କନ୍ଧମାଳ ପୋଲିସ ଦ୍ୱାରା ୩୭ କେଜି ଗଞ୍ଜେଇ ସମେତ ଏକ ଅଟୋ ଓ ୨ଟି ମୋବାଇଲ ଫୋନ ଜବତ କରାଯାଇଥିବା ବେଳେ ଗାଡି ଚାଳକକୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି । ସୂଚନାମତେ କନ୍ଧମାଳ ପୋଲିସ ସବ ଇନ୍ସପେକ୍ଟର ଏମ.ଏସ. ପ୍ରଧାନ ଙ୍କ ନେତୃତ୍ୱରେ ଏକ ପୋଲିସ ଟିମ ରବିବାର ବିଳମ୍ବିତ ରାତିରେ କନ୍ଧମାଳ – ତରଭା ରାସ୍ତାରେ ରାତ୍ରି ପାଟ୍ରୋଲିଂ କରୁଥିଲା । ରାସ୍ତାର ଟିକିରାପଡା ଗ୍ରାମ ନିକଟରେ ଏକ ହଳଦିଆ ରଙ୍ଗର ଅଟୋ ଗାଡି ନମ୍ବର ଓଡ଼ି-୦୫/ବିୱାଇ ୬୯୧୫କୁ ସନ୍ଦେହରେ ଅଟକାଇ ପୋଲିସ ଗାଡିର ଯାଞ୍ଚ କରିଥିଲା । ପୋଲିସ ଗାଡି ଯାଞ୍ଚ କରିବାରୁ ଗଞ୍ଜେଇ ଥିବା ଜାଣିବାକୁ ପାଇଥିଲା । ଗଞ୍ଜେଇ ସହ ଅଟୋ ଗାଡି, ଦୁଇଟି ମୋବାଇଲ ଫୋନ ଜବତ କରିବା ସହ ଅଟୋ ଚାଳକ ପଡ଼ୋଶୀ ବଲାଙ୍ଗିର ଜିଲ୍ଲା ଲୋଇସିଂ ଥାନା ଡମଡ଼ମୀ ଗ୍ରାମର ସୁଶୀଲ ବାରିକ (୩୦)କୁ ଗିରଫ କରିଛି । ସାକ୍ଷୀ ତଥା କାର୍ଯ୍ୟ ନିର୍ବାହୀ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଓଜନ କରିବାରୁ ଗଞ୍ଜେଇର ପରିମାଣ ୩୭ କେଜି ହୋଇଥିବା ସୂଚନା ମିଳିଛି । ଏନେଇ କନ୍ଧମାଳ ଥାନାରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଥିବା ବେଳେ ଅଧିକ ତଦନ୍ତ ଚାଲିଛି ବୋଲି ଥାନା ଅଧିକାରୀ ଓମପ୍ରକାଶ ମହାନ୍ତି ସୂଚନା ଦେଇଛନ୍ତି ।


**AFFIDAVIT**

By virtue of an affidavit sworn before the Notary Public, Borigumma, Dated. 20.07: 2026, Vide Entry No.1249, I LACHHAMAN JANI, S/O: NILAKANTH JANI, of Presently and permanently residing at Village: TIKAGUDA, Post: HORDALI, P.S. BORIGUMMA, District: KORAPUT, Pin: 764056 declare that I have changed my minor son name from CHATRAPATI JANI to CHHABILA KUMAR JANI. Henceforth, my minor son shall be known as CHHABILA KUMAR JANI for all purpose.

Lachhaman Jani

**AFFIDAVIT**

By virtue of an affidavit sworn before the Notary Public, Borigumma, dated. 22:07.2026 Vide Entry No. 1221, I TRILOCHAN AMANATYA S/O: LATE HARI PATRA (FATHER) and GOURI AMANATYA (MOTHER), of Presently and Permanently residing at Village: PHUPUGAM, Post: PUJARIPUT, P.S: BORIGUMMA, District: KORAPUT, Pin: 764056, declare that I have changed my name from TRILOCHAN AMANATYA to TRILOCHAN NAYAK. Henceforth, I shall be known as TRILOCHAN NAYAK for all purpose.

Trilochan Nayak

# ଗୋ-ଚାଲାଣ ଓ ହତ୍ୟାକୁ ଜାମିନବିହୀନ ଅପରାଧ ଭାବେ ଘୋଷଣା ଦାବି



ସମ୍ବଲପୁର,(ସବ୍ୟୁ): ଗୋବଂଶର ସମ୍ପୂର୍ଣ୍ଣ ସୁରକ୍ଷା, ସଂରକ୍ଷଣ, ସମ୍ମାନଜନକ ସେବା ଏବଂ ଗୋ ଭିତ୍ତିକ ଅର୍ଥନୀତିକୁ ସୁଦୃଢ଼ କରିବା ଦାବିରେ ଗୋ ସମ୍ମାନ ଆହ୍ୱାନ ଅଭିଯାନ ଓ ହିନ୍ଦୁ ଯୁବ ମୋର୍ଚ୍ଚା ପକ୍ଷରୁ ଅତିରିକ୍ତ ଜିଲାପାଳ ସୁଧାଂଶୁ କୁମାର ଭୋଇଙ୍କ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ପ୍ରଦତ୍ତ ଦାବିପତ୍ରରେ ଉଲ୍ଲେଖ ରହିଛି ଯେ, ଗୋବଂଶକୁ ରାଜ୍ୟସ୍ତରରେ ରାଜ୍ୟ ମାତା ଏବଂ କେନ୍ଦ୍ର ସ୍ତରରେ ରାଷ୍ଟ୍ରମାତାର ସାମ୍ବିଧାନିକ ମାନ୍ୟତା ଦେବା ସହ ଗୋ-ଚାଲାଣ ଓ ହତ୍ୟାକୁ ଜାମିନବିହୀନ ଅପରାଧ ଭାବେ ଘୋଷଣା କରିବାକୁ ଦାବି କରାଯାଇଛି। ଏଥିସହ ପ୍ରତ୍ୟେକ ଜିଲ୍ଲାରେ ମଡେଲ ଗୋ-ଅଭୟାରଣ୍ୟ ପ୍ରତିଷ୍ଠା, ରାଜପଥରେ ଗୋ-ବାହିନୀ ଆମ୍ବୁଲାନ୍ସ ମୁତୟନ ଏବଂ ଗୋଚର ଜମି ଗୁଡ଼ିକୁ ଜବରଦଖଲ ମୁକ୍ତ କରିବା ପାଇଁ ଆଦି ଦାବି ରହିଛି। ହିନ୍ଦୁ ଯୁବ ମୋର୍ଚ୍ଚା ଜିଲ୍ଲା ଅଧ୍ୟକ୍ଷ ମଣ୍ଟୁ ସାହୁଙ୍କ ନେତୃତ୍ୱରେ ଜେଲ ଛକରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ଗୋସେବକ, ସାଧୁସନ୍ଥ , କୁଚିଣ୍ଡା ଓ ସମ୍ବଲପୁର ମଠର ଅଲେଖ ମହିମାଧାରୀ ମାନେ ଯୋଗଦେଇ ୩ ଲକ୍ଷ ୮୦ ହଜାର ନାଗରିକଙ୍କ ସ୍ୱାକ୍ଷର ସମ୍ବଳିତ ଦାବିପତ୍ର ପ୍ରଦାନ କରିଥିଲେ। ଏଥିରେ ସଦସ୍ୟ ସୌରଭ ପୁରୋହିତ, ରୂପକ ପ୍ରଧାନ, ସାଇରାମକୃଷ୍ଣ ନନ୍ଦ, ଜିତେଶ ବଢ଼େଇ, ସୁମନ୍ତ ଆଚାର୍ଯ୍ୟ, ସୌରଭ କର, ଭିକୁ ନାଏକ ଓ ମଣ୍ଟୁ ରାୟ ପ୍ରମୁଖ ସାମିଲ ଥିଲେ।

## ଜନ୍ମ ମାଟିରେ ପହଞ୍ଚିଲା ସୁଶାନ୍ତ ସିଂଙ୍କ ମରଶରୀର

# ପୈତୃକ ଗ୍ରାମ ବାଉସେନମୁରାରେ ହେବ ଶେଷକୃତ୍ୟ



ବରଗଡ,(ସବ୍ୟୁ): ଭୁବନେଶ୍ୱରରୁ ପୂର୍ବତନ ମନ୍ତ୍ରୀ ସୁଶାନ୍ତ ସିଂଙ୍କ ମର ଶରୀର ତାଙ୍କର ପ୍ରିୟ ଜନ୍ମ ଓ କର୍ମ ମାଟି ସୋହେଲା ପହଞ୍ଚିବା ପରେ ତାଙ୍କର ପ୍ରିୟ ନେତାଙ୍କ ଟିକିଏ ଦର୍ଶନ କରିବା ପାଇଁ ପ୍ରବଳ ବର୍ଷା ସତ୍ତ୍ୱେ ସହସ୍ରାଧିକ ଲୋକଙ୍କ ସମାଗମ ହୋଇଥିଲା । ତାଙ୍କର ଶବ ବରଗଡ ଦେଇ ସୋହେଲା ହଳଦୀ ପାଲି ଛକରେ ଥିବା ତାଙ୍କ ବାସଭବନରେ ପହଞ୍ଚିବା ପରେ ସେଠାରେ ବହୁ ପୂର୍ବରୁ ଅପେକ୍ଷାରତ ଶୋକାକୁଳ ଜନତା ତାଙ୍କର ପ୍ରିୟ ନେତାଙ୍କ ଦର୍ଶନ କରିବା ସହ ଅଶ୍ରୁଳ ନୟନରେ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ।

ମଙ୍ଗଳବାର ସକାଳେ ବନ୍ଧୁ ପରିଜନ , ସହ କର୍ମୀ, ଦଳୀୟ ନେତା ତଥା ଜନ ସାଧାରଣଙ୍କ ଶେଷ ଦର୍ଶନ ପରେ ତାଙ୍କର ପାର୍ଥିବ ଶରୀରକୁ ତାଙ୍କର ପୈତୃକ ଗ୍ରାମ ବାଉସେନମୁରାକୁ ନିଆଯିବ । ସେଠାରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହେବ । ସୋମବାର ସୋହେଲା ସାର୍ବଜନୀନ ଦୁର୍ଗା ପୂଜା କମିଟି , ନାଗରିକ କମିଟି , ବଣିକ ସଂଘର ନିଷ୍ପତି ନେଇଛି ଯେ ସ୍ୱର୍ଗତ ନେତାଙ୍କ ଶବଦାହ ଶେଷ ଯାଏ ତାଙ୍କୁ ସମ୍ମାନ ଜଣାଇ ସୋହେଲାର ସମସ୍ତ ଦୋକାନ ବଜାର ବନ୍ଦ ରହିବ। ତାଙ୍କର ପାର୍ଥିବ ଶରୀର ବରଗଡ ଗାନ୍ଧୀ ଛକରେ ପହଞ୍ଚିବା ପରେ ତାଙ୍କୁ ଦଳୀୟ ନେତାଙ୍କ ସହ ବହୁ ଶୁଭେଚ୍ଛୁ ଶେଷ ଦର୍ଶନ କରିବା ସହ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ଏଠାରେ ପୂର୍ବତନ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ,ପୂର୍ବତନ ମନ୍ତ୍ରୀ ରୀତା ସାହୁ, ବିଧାୟିକା ବର୍ଷା ସିଂ ବରିହା, ପୂର୍ବତନ ବିଧାୟକ ଦେବେଶ ଆଚାର୍ଯ୍ୟ, ଜିଲ୍ଲା ବିଜେଡି ସଭାପତି ସୁଶାନ୍ତ ମହାପାତ୍ର, ଜିଲ୍ଲା ପରିଷଦ ଅଧ୍ୟକ୍ଷା ମାନିନୀ ଭୋଇ,ବରଗଡ ନଗରପାଳ କଳ୍ପନା ମାଝୀଙ୍କ ସମେତ ବିଜୁ ଜନତା ଦଳର ବହୁ କର୍ମକର୍ତ୍ତା ଓ ଜନ ସାଧାରଣ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ ।

# ବିଜେପି ନେତାଙ୍କ ଘରୁ ଚୋରି

ରାୟଗଡା,(ସବ୍ୟୁ): ରାୟଗଡ଼ା ଜିଲ୍ଲାରେ ଚୋରି, ଲୁଟ ଓ ଛିନତାଇ ଘଟଣା ଥମିବାର ନାଁ ଧରୁନାହିଁ। ଅପରାଧୀମାନେ ପୁଣିଥରେ ପୋଲିସକୁ ଖୋଲା ଚ୍ୟାଲେଞ୍ଜ ଦେଇ ଏକ ବଡ଼ଧରଣର ଚୋରି ଘଟଣା ଘଟାଇଥିବା ଅଭିଯୋଗ ହୋଇଛି। ପଦ୍ମପୁର ଥାନା ଅନ୍ତର୍ଗତ କେନ୍ଦୁଗୁଡ଼ା ଗ୍ରାମରେ ଜିଲ୍ଲା ବିଜେପି ଉପସଭାପତି ଦେବେନ୍ଦ୍ର ପଣ୍ଡାଙ୍କ ବାସଭବନର ତାଲା ଭାଙ୍ଗି ଦୁର୍ବୃତ୍ତମାନେ ପ୍ରାୟ ୭୦ ଭରି ସୁନା ଅଳଙ୍କାର ଓ ସୁନା ବିସ୍କୁଟ ସହ ୧ ଲକ୍ଷ ୫୦ ହଜାର ଟଙ୍କା ନଗଦ ଲୁଟି ନେଇଥିବା ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ ଦେବେନ୍ଦ୍ର ପଣ୍ଡା ପରିବାର ସହ ଜୁଲାଇ ୨୨ ତାରିଖରେ ଗଞ୍ଜାମ ଜିଲ୍ଲାର ଶେରଗଡ଼ ଅଞ୍ଚଳରେ ଥିବା ଜଣେ ସମ୍ପର୍କୀୟଙ୍କ ଘରକୁ ପାରିବାରିକ ଭୋଜିରେ ଯୋଗଦେବାକୁ ଯାଇଥିଲେ। ଘରେ ତାଲା ପକାଇ ସେମାନେ ନିଜ ଶ୍ୱଶୁର ଘରେ ଥିବା ବେଳେ ଏହାର ସୁଯୋଗ ନେଇ ଦୁର୍ବୃତ୍ତମାନେ ଘରର ମୁଖ୍ୟ ତାଲା ଭାଙ୍ଗି ଭିତରକୁ ପ୍ରବେଶ କରିଥିଲେ। ପରେ ଘର ଭିତରେ ଥିବା ଆଲମିରା ଭାଙ୍ଗି ସେଥିରେ ରଖାଯାଇଥିବା ସୁନା ଅଳଙ୍କାର, ସୁନା ବିସ୍କୁଟ ଓ ନଗଦ ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଛି। ରବିବାର ପରିବାର ସହ ସନ୍ଧ୍ୟାରେ ଘରକୁ ଫେରିବା ପରେ ଘରର ତାଲା ଭଙ୍ଗା ଥିବା ଦେଖି ଦେବେନ୍ଦ୍ର ପଣ୍ଡାଙ୍କ ସନ୍ଦେହ ହୋଇଥିଲା। ଘର ଭିତରକୁ ପ୍ରବେଶ କରିବା ପରେ ସମସ୍ତ ସାମଗ୍ରୀ ଅସଜଡ଼ା ଅବସ୍ଥାରେ ପଡ଼ିଥିବା ସହ ଆଲମିରାରୁ ସୁନା ଅଳଙ୍କାର ଓ ନଗଦ ଟଙ୍କା ଗାଏବ ଥିବା ଦେଖି ସେ ତୁରନ୍ତ ପଦ୍ମପୁର ଥାନାରେ ଅଭିଯୋଗ କରିଥିଲେ। ଏହି ଅଭିଯୋଗ ଆଧାରରେ ପଦ୍ମପୁର ଥାନାରେ ମାମଲା ରୁଜୁ କରାଯାଇଛି। ମାମଲା ନଂ-୮୫/୨୬.୦୭.୨୦୨୬ ଅନୁସାରେ ଭାରତୀୟ ନ୍ୟାୟ ସଂହିତାର ଧାରା ୩୩୧(୪) ଓ ୩୦୫(କ) ଅନୁଯାୟୀ ପୋଲିସ ତଦନ୍ତ ଆରମ୍ଭ କରିଛି। ଘଟଣାସ୍ଥଳରେ ପହଞ୍ଚି ଫରେନସିକ୍ ସାଇଣ୍ଟିଫିକ୍ ଟିମ୍ ଓ ଡଗ୍ ସ୍କ୍ୱାଡ ମଧ୍ୟ ତଦନ୍ତରେ ସାମିଲ କରାଯାଇଛି। ଘଟଣାସ୍ଥଳରୁ ବିଭିନ୍ନ ନମୁନା ସଂଗ୍ରହ କରାଯାଇଥିବା ବେଳେ ଆଖପାଖ ଅଞ୍ଚଳର ସିସିଟିଭି ଫୁଟେଜ୍, ସନ୍ଦିଗ୍ଧଙ୍କ ଗତିବିଧି ଓ ଅନ୍ୟାନ୍ୟ ପ୍ରମାଣକୁ ଆଧାର କରି ତଦନ୍ତ ଆଗେଇ ନିଆଯାଉଛି। ଏହି ଘଟଣା ପରେ ରାୟଗଡ଼ା ଜିଲ୍ଲାରେ କ୍ରମାଗତ ଭାବେ ବଢ଼ୁଥିବା ଚୋରି, ଲୁଟ ଓ ଛିନତାଇ ଘଟଣାକୁ ନେଇ ସାଧାରଣ ଲୋକଙ୍କ ମଧ୍ୟରେ ପୁଣିଥରେ ଚିନ୍ତା ବଢ଼ିଛି।

# ସମ୍ବଲପୁରରେ ସିଆରପିଏଫ୍ ସ୍ଥାପନା ଦିବସ ପାଳିତ



ସମ୍ବଲପୁର,(ସବ୍ୟୁ): ସ୍ଥାନୀୟ ଗୋଶାଳା ସ୍ଥିତ ଗ୍ରୁପ କେନ୍ଦ୍ର ଠାରେ ସିଆରପିଏଫର ୮୮ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ କମାଣ୍ଡାଣ୍ଟ ରାମପୁଲ ମୀନା ଯୋଗ ଦେଇ ଉପସ୍ଥିତ ଅଧିକାରୀ ଓ ଜବାନମାନଙ୍କୁ ସମ୍ବୋଧିତ କରିଥିଲେ। ସିଆରପିଏଫର ଗୌରବମୟ ଇତିହାସ, ଆଭ୍ୟନ୍ତରୀଣ ସୁରକ୍ଷା, ଶାନ୍ତି ଏବଂ ଆଇନ ଶୃଙ୍ଖଳା ବଜାୟ ରଖିବାରେ ଏହାର ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ଆଲୋକପାତ କରି ଜବାନଙ୍କ କର୍ତ୍ତବ୍ୟ ପ୍ରତି ସମର୍ପଣ, ଶୃଙ୍ଖଳା ଏବଂ ଉତ୍ସର୍ଗକୃତ ମନୋଭାବକୁ ଭୂୟସୀ ପ୍ରଶଂସା କରିଥିଲେ। ଏହି ଅବସରରେ ବିଭିନ୍ନ କ୍ରୀଡା ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଏଥିରେ ଅଧିକାରୀ ଏବଂ ସୈନିକ ମାନେ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ।

# ସାଂସ୍କୃତିକ ଶୋଭାଯାତ୍ରାରେ ଦୁଲୁକିଲା ସମ୍ବଲପୁର



ସମ୍ବଲପୁର,(ସବ୍ୟୁ): ୧୪ ତମ ରାଜ୍ୟସ୍ତରୀୟ ସମ୍ବଲପୁରୀ ଦିନ ପାଇଁ ପଶ୍ଚିମାଞ୍ଚଳ ଏକତା ମଞ୍ଚ ପକ୍ଷରୁ ସାଂସ୍କୃତିକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଇଷ୍ଟଦେବୀ ମାଁ ସମଲେଶ୍ୱରୀଙ୍କ ଠାରେ ପୂଜାର୍ଚ୍ଚନା ପରେ ବାଲିବନ୍ଧା ସୋମନାଥ ମନ୍ଦିର ଠାରୁ ଶୋଭାଯାତ୍ରା ବାହାରିଥିଲା। ଏହା କୁଞ୍ଜେଲପଡା, ଝାଡୁଆପଡା, ନନ୍ଦପଡା, ହାଟପଡା, ଦଲେଇପଡା, ମ୍ୟୁନିସିପାଲିଟି ଛକ ଦେଇ ଗୁରୁ ସତ୍ୟ ନାରାୟଣ ସମ୍ବଲପୁରୀ ଡେରାରେ ପହଞ୍ଚି ଥିଲା। ଦୁଲଦୁଲି ବାଦ୍ୟର ତାଳେତାଳେ କର୍ମକର୍ତ୍ତା ମାନେ ରାଜପଥରେ ନୃତ୍ୟ ପ୍ରଦର୍ଶନ କରିଥିଲେ। ବାଦ୍ୟ ଓ ନୃତ୍ୟ ଛଟାରେ ସମ୍ବଲପୁର ସହର ଦୁଲୁକି ଉଠିଥିଲା। ଏଥିରେ ଶୋଭାଯାତ୍ରା ସଂଯୋଜକ ଅମନ ଚିରଗୁନ, ହିମାଂଶୁ ସାହୁ, ପ୍ରେମ ସାହାଣୀ, ରାହୁଲ ଗୁପ୍ତା, ଶୁଭମ ସାହୁ, ନାରାୟଣ ପଣ୍ଡା, ଦେବୀ ପ୍ରସାଦ ଭୋଇ, ଡ଼ ସ୍ୱୟଂ ପ୍ରକାଶ ପଣ୍ଡା, ଅମିତାଭ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।

# ରୋଟାରୀ କ୍ଲବରେ ନୂତନ ପଦାଧିକାରୀଙ୍କ ଦାୟିତ୍ୱ ଗ୍ରହଣ

ସମ୍ବଲପୁର,(ସବ୍ୟୁ): ରୋଟାରୀ କ୍ଲବ ଅଫ୍ ସମ୍ବଲପୁରର ୫୭ତମ ସ୍ଥାପନା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ୨୦୨୬-୨୭ ବର୍ଷ ପାଇଁ ନୂତନ ପଦାଧିକାରୀଙ୍କ ଦାୟିତ୍ୱ ଗ୍ରହଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପୂର୍ବତନ ସଭାପତି ରଶ୍ମି ରଞ୍ଜନ ମହାପାତ୍ର ଓ ସମ୍ପାଦକ ଦେବାଶିଷ ରାଇଗୁରୁଙ୍କ ଠାରୁ ନବନିର୍ବାଚିତ ସଭାପତି ଚିନ୍ମୟ ଶତପଥୀ ଏବଂ ସମ୍ପାଦକ ସୁକାନ୍ତ ମେହେର ଔପଚାରିକ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ସମାରୋହରେ ରୋଟାରୀର ପୂର୍ବତନ ଜିଲ୍ଲା ଗଭର୍ଣ୍ଣର ଅଜୟ ଅଗ୍ରୱାଲ ମୁଖ୍ୟ ଅତିଥି , ସହକାରୀ ଗଭର୍ଣ୍ଣର ଡା. ମନୋରଞ୍ଜନ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ନୂତନ କାର୍ଯ୍ୟକାରିଣୀଙ୍କୁ ଶୁଭେଚ୍ଛା ଜଣାଇଥିଲେ। କ୍ଲବର ବାର୍ଷିକ ସ୍ମରଣିକା ଦ ହୀରାଚକ୍ର ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଏଥିସହ ବିଭିନ୍ନ ରୋଟାରିଆନ ଓ ସ୍ୱେଚ୍ଛାସେବୀ ସଦସ୍ୟଙ୍କୁ ସେବା କ୍ଷେତ୍ରରେ ଅବଦାନ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ଉଦ୍‌ଘୋଷିକା ସୀମାନ୍ତିକା ଦାସ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ।

# ଭଡ଼ାଘରୁ ଚୋରି, ଅଭିଯୁକ୍ତ ଗିରଫ

ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ଜିଲ୍ଲା ଧମା ଥାନା ପୋଲିସ ଅଳ୍ପ ସମୟ ମଧ୍ୟରେ ଏକ ଚୋରି ମାମଲାର ପର୍ଦ୍ଦାଫାଶ କରିଛି। ଏହି ଘଟଣାରେ ସୁବନପୁର ଗ୍ରାମର ଅମିତ ବାଗ(୨୨)ଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡିଛି। ତାଙ୍କ ନିକଟରୁ ୩ଟି ମୋବାଇଲ ଫୋନ, ନଗଦ ୪ହଜାର୧୦୦ଟଙ୍କା, ୪ଟି ଏଟିଏମ୍ କାର୍ଡ଼, ଏୟାର ବ୍ୟାଗ ଓ ପର୍ସ ଆଦି ଜବତ ହୋଇଛି। ସୂଚନାଯୋଗ୍ୟ, ସୁବର୍ଣ୍ଣପୁର ଜିଲ୍ଲା ଟିକୁଡା ଗ୍ରାମର ସଞ୍ଜିବ ବାଦି ଥାନା ଅନ୍ତର୍ଗତ ହରିଜନପଡାରେ ଏକ ଭଡା ଘରେ ରହୁଥିବା ବେଳେ କେହି ଦୁର୍ବୃତ୍ତ ଗତ ୨୬ତାରିଖ ମଧ୍ୟରାତ୍ରରେ ଘର କବାଟ ହୁକ୍ ଭାଙ୍ଗି ଚୋରି କରି ନେଇଥିବା ଅଭିଯୋଗ ହୋଇଥିଲା। ଏନେଇ ଧମା ଥାନା ପୋଲିସ ୧୩୦/୨୬ରେ ଏକ ମାମଲା ରୁଜୁ କରି ତ୍ୱରିତ ପଦକ୍ଷେପ ଗ୍ରହଣ କରିଥିଲା।

# ଖଡ଼ିଆଳ କୋର୍ଟରେ ନବନିଯୁକ୍ତ ସିଜେଏମ୍‌ଙ୍କୁ ସମ୍ବର୍ଦ୍ଧନା

ନୂଆପଡ଼ା,(ସବ୍ୟୁ): ନୂଆପଡ଼ା ଜିଲ୍ଲାର ନବନିଯୁକ୍ତ ମୁଖ୍ୟ ନ୍ୟାୟିକ ଦଣ୍ଡାଧିକାରୀ (ସିଜେଏମ୍) ସୁଶାନ୍ତ କୁମାର ମିଶ୍ରଙ୍କ ଖଡ଼ିଆଳ କୋର୍ଟକୁ ପ୍ରଥମ ଗସ୍ତ ଅବସରରେ ଖଡ଼ିଆଳ ଯୁଡିସିଆଲ ବାର ଆସୋସିଏସନ ପକ୍ଷରୁ ସମ୍ବର୍ଦ୍ଧନା ସଭାର ଆୟୋଜନ କରାଯାଇଥିଲା। ବାର ହଲ୍ ରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରି ନବନିଯୁକ୍ତ ସିଜେଏମ୍‌ଙ୍କୁ ଉଷ୍ମ ସ୍ୱାଗତ ଜଣାଯାଇଥିଲା। ବାର ଆସୋସିଏସନର ସଭାପତି ଗିରିଧାରୀ ବିଭାରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଜିଲ୍ଲାର ନ୍ୟାୟ ବ୍ୟବସ୍ଥାକୁ ଅଧିକ ଗତିଶୀଳ, ସ୍ୱଚ୍ଛ ଓ ଜନମୁଖୀ କରିବା ପାଇଁ ନ୍ୟାୟପାଳିକା ଏବଂ ଆଇନଜୀବୀମାନଙ୍କ ମଧ୍ୟରେ ସୁଦୃଢ଼ ସମନ୍ୱୟ ଓ ପାରସ୍ପରିକ ସହଯୋଗର ଆବଶ୍ୟକତା ଉପରେ ବକ୍ତାମାନେ ଗୁରୁତ୍ୱାରୋପ କରିଥିଲେ। ସାଧାରଣ ଲୋକଙ୍କୁ ସମୟୋପଯୋଗୀ, ନିରପେକ୍ଷ ଓ ସୁଲଭ ନ୍ୟାୟ ପ୍ରଦାନ କରିବା ହିଁ ନ୍ୟାୟ ବ୍ୟବସ୍ଥାର ମୂଳ ଲକ୍ଷ୍ୟ ବୋଲି ମଧ୍ୟ ମତ ପ୍ରକାଶ ପାଇଥିଲା। ନିଜ ଅଭିଭାଷଣରେ ସିଜେଏମ୍ ସୁଶାନ୍ତ କୁମାର ମିଶ୍ର ଖଡ଼ିଆଳ ବାର ଏସୋସିଏସନ ପକ୍ଷରୁ ମିଳିଥିବା ଆନ୍ତରିକ ସମ୍ବର୍ଦ୍ଧନା ପାଇଁ କୃତଜ୍ଞତା ଜଣାଇ କହିଥିଲେ ଯେ, ନ୍ୟାୟପାଳିକା ଓ ଆଇନଜୀବୀ ମାନଙ୍କ ମଧ୍ୟରେ ସୁସମ୍ପର୍କ ଓ ସମନ୍ୱୟ ରହିଲେ ନ୍ୟାୟ ପ୍ରଦାନ ପ୍ରକ୍ରିୟା ଆହୁରି ସୁଚାରୁ ଓ ଫଳପ୍ରଦ ହୋଇପାରିବ। ଆଇନର ଶାସନକୁ ସୁଦୃଢ଼ କରିବା ସହ ସାଧାରଣ ଲୋକଙ୍କ ନ୍ୟାୟ ପ୍ରତି ବିଶ୍ୱାସକୁ ଅକ୍ଷୁର୍ଣ୍ଣ ରଖିବା ଦିଗରେ ସେ ସର୍ବଦା ନିଷ୍ଠାର ସହ କାର୍ଯ୍ୟ କରିବେ ବୋଲି ପ୍ରକାଶ କରିଥିଲେ। ସମ୍ବର୍ଦ୍ଧନା ସଭାରେ ବରିଷ୍ଠ ଆଇନଜୀବୀ ସାରଦା ଚନ୍ଦ୍ର ପଣ୍ଡା, ଶିବ ପ୍ରସାଦ ମେହେର, ଭବେଶ ପାଣିଗ୍ରାହୀ, ଯୁଧିଷ୍ଠିର ମେହେର୍,ଚିତ୍ତରଞ୍ଜନ ସିଂଦେଓ, ସଞ୍ଜୟ କୁମାର ମହାଉତି, ସୁଶାନ୍ତ ତାଣ୍ଡି, ପୂର୍ଣ୍ଣଚନ୍ଦ୍ର ମେହେର, ବାଞ୍ଛାନିଧି ବେହେରା, ଆଦିତ୍ୟ ନାରାୟଣ ମହାପାତ୍ରଙ୍କ ସମେତ ବାରର କୋଷାଧ୍ୟକ୍ଷ ଜୟପ୍ରକାଶ ପଣ୍ଡା, ଟିକେଶ୍ୱର ବେହେରା, ଶାମ୍ଭ କୁମାର ସରାଫ, ତୁଷାରକାନ୍ତ ମେହେର, କେତନ ବେହେରା ଓ ବହୁ ଆଇନଜୀବୀ ଉପସ୍ଥିତ ରହି ନବନିଯୁକ୍ତ ସିଜେଏମ୍‌ଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ। କାର୍ଯ୍ୟକ୍ରମ ଶେଷରେ ଯୁଡିସିଆଲ ବାର ଆସୋସିଏସନର ସମ୍ପାଦକ ମନୋରଞ୍ଜନ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

# ନୃତ୍ୟ ଓ ଗୀତରେ ଝୁମିଲେ ଦର୍ଶକ



ବଲାଙ୍ଗିର ,(ସବ୍ୟୁ): ସଙ୍ଗୀତ ଅନୁଷ୍ଠାନ ପଞ୍ଚମ ଆୟୋଜିତ ମାସାନ୍ତ ରବିବାସରୀୟ ସଙ୍ଗୀତ ସନ୍ଧ୍ୟା ଅନୁଷ୍ଠାନର ନୃତ୍ୟ ପ୍ରକୋଷ୍ଠରେ ଆୟୋଜିତ ହୋଇଯାଇଛି। ଅନୁଷ୍ଠାନର ଅଧ୍ୟକ୍ଷ ଗୁରୁ ମୁରଲୀଧାରୀ ପତିଙ୍କର ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ ପରେ ଛାତ୍ର ଛାତ୍ରୀ ସ୍ମୃତି ସଂପୂର୍ଣ୍ଣା, ବିନାୟକ, ପ୍ରିୟାଂଶ, ଗାୟତ୍ରୀ, କିସର୍ନାକୁମାର, ତ୍ରିଦିବେଶ, ଅଙ୍କିତ, ବବିତା, ଏକାପାର୍ଣ୍ଣିକା, ପାଲଟା ପଭୃତି କଣ୍ଠ ସଙ୍ଗୀତ ପରିବେଷଣ କରିଥିଲେ । ଅମ୍ବିକା, ପ୍ରଣତି, ଆଦ୍ୟାଶା, ଶ୍ରେୟାଂଶି, ସମିଷ୍ଠା,ସ୍ନିତି, ସୃତି, ବଂଶୀକ ପ୍ରଭୃତି ଓଡିଶୀ ନୃତ୍ୟ ପ୍ରଦର୍ଶନ ପୂର୍ବକ ଦର୍ଶକଙ୍କୁ ବିମୋହିତ କରିଥିଲେ, ବାଦ୍ୟ ଯନ୍ତ୍ର ରେ ସହ ଯୋଗ କରିଥିଲେ । ଶୁଭେନ୍ଦୁ, ଅଦ୍ୱେତ, ଆୟୁଷ, ଅନିକେତ, ରୁଦ୍ରାସ, ଅଂଶୁମାନ, ଜି. କୁମାର ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ସିରିଶା, କିଶନରାଜ, ସୋନାଲିକ, ସୁପ୍ରିତି, ଗୁରୁଃଶ୍ରୀ ଗୌର କିଶୋର ମହାପାତ୍ର ପ୍ରମୁଖ ।

# ଉଷାକୋଠି ଜଙ୍ଗଲରେ ହାତୀ ଆକ୍ରମଣ, ୱାଚର ଗୁରୁତର

ଜମନକିରା,(ସବ୍ୟୁ):ଉଷା କୋଠି ଜଙ୍ଗଲରେ ହାତୀ ମନିଟରିଂ ବେଳେ ଏକ ଦୁଃଖଦ ଘଟଣା ଘଟିଛି। ସୋମବାର ଅପରାହ୍ନ ପ୍ରାୟ ୧୨:୩୦ ସମୟରେ ପୁଡ଼ାଡ଼ିହି ବିଟ୍ ହାଉସ୍ରୁ ଉଷାକୋଠୀ ଜଙ୍ଗଲ ମଧ୍ୟରେ ଥିବା ପଥୁରିଆକୁ ଦୁଇ ଜଣ ୱାଚର ହାତୀ ଗତିବିଧି ନଜର ରଖିବା ପାଇଁ ଜଙ୍ଗଲକୁ ଯାଇଥିବା ବେଳେ ଆକ୍ରମଣର ଶିକାର ହୋଇଛନ୍ତି। ମିଳିଥିବା ସୂଚନା ଅନୁସାରେ, ଜଙ୍ଗଲ ମଧ୍ୟରେ ୨୧ ଟିକିଆ ହାତୀ ପଲ ଥିବା ବେଳେ ହଠାତ୍ ଏକ ହାତୀ ସାମ୍ନାକୁ ଆସି ୱାଚର ପୀତାମ୍ବର ଭୋଇଙ୍କୁ ଶୁଣ୍ଢରେ ଟେକି କଚାଡ଼ି ଦେଇଥିଲା। ଫଳରେ ସେ ଗୁରୁତର ଆହତ ହୋଇଛନ୍ତି। ଏହି ଆକ୍ରମଣରେ ଅନ୍ୟ ଜଣେ ୱାଚର ସରୋଜ ମାଝୀ ସାମାନ୍ୟ ଆହତ ହୋଇଛନ୍ତି।

# ମନ୍ଦିରରୁ ମାଁଙ୍କ ରୂପା ମୁକୁଟ ଚୋରି

ସମ୍ବଲପୁର, (ସବ୍ୟୁ): ସମ୍ବଲପୁର ଜିଲ୍ଲା ମାନେଶ୍ୱର ସ୍ଥିତ ପ୍ରସିଦ୍ଧ ପଟ୍ଟେଇ ଦୁର୍ଗା ମନ୍ଦିରରୁ ମାଁଙ୍କ ରୂପା ମୁକୁଟ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଏନେଇ ସଦର ଥାନା ପୋଲିସ ୨୨୨/୨୬ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ସୂଚନାଯୋଗ୍ୟ, ଜଣେ ଦୁର୍ବୃତ୍ତ ଅତି ଚତୁରତାର ସହ ମନ୍ଦିର ଭିତରକୁ ପଶି ମାଁଙ୍କର ଆନୁମାନିକ ୨ ଲକ୍ଷ ଟଙ୍କାର ରୂପା ମୁକୁଟ ଚୋରି କରି ଘଟଣାସ୍ଥଳରୁ ଫେରାର ହୋଇଯାଇଛି। ଚୋରି ସମୟର ସମ୍ପୂର୍ଣ୍ଣ ଦୃଶ୍ୟ ମନ୍ଦିରରେ ଲଗାଯାଇଥିବା ସିସି କ୍ୟାମେରାରେ କଏଦ ହୋଇଛି। ମନ୍ଦିର ଭିତରେ କେହି ନ ଥିବାର ସୁଯୋଗ ନେଇ ଦୁର୍ବୃତ୍ତ ଜଣକ ଚୋରି କରିବା ପରେ ବାହାରେ ବାଇକ ନେଇ ଛିଡ଼ା ହୋଇଥିବା ସହଯୋଗୀଙ୍କ ସହ ଫେରାର ହୋଇଯାଇଥିବା ସ୍ପଷ୍ଟ ଜଣାପଡୁଛି। ଏନେଇ ମନ୍ଦିର କମିଟି ପକ୍ଷରୁ ସଦର ଥାନାରେ ଅଭିଯୋଗ କରାଯିବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ସିସିଟିଭି ଫୁଟେଜ୍ ଆଧାରରେ ଅଭିଯୁକ୍ତଙ୍କୁ ଧରିବା ପାଇଁ ପୋଲିସ ଛାନଭିନ୍ ଜାରି ରଖିଛି।

## ପଲିଥିନ ତଳେ ମଧ୍ୟାହ୍ନ ଭୋଜନ ପ୍ରସ୍ତୁତି

# ରୋଷେଇ ଘର ନିର୍ମାଣ ହେବ କେବେ



କୋକସରା,(ସବ୍ୟୁ): କୋକସରା ବ୍ଲକ ଗୋଷ୍ଠି ଶିକ୍ଷା ବିଭାଗ ଅଧୀନରେ ଥିବା ଡାଲଗୁମା ପଞ୍ଚାୟତ ଚିତାମୁଣ୍ଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିଶୁ ବାଟିକାରୁ ଅଷ୍ଟମ ଶ୍ରେଣୀ ଯାଏ ୧୮୮ ଜଣ ଛାତ୍ରଛାତ୍ରୀ ପାଠ ପଢୁଥିବା ବେଳେ ରୋଷେଇ ଗୃହ ଟିଏ ନାହିଁ। ୨୦୨୦ ମସିହାରୁ ସ୍କୁଲ ବାରଣ୍ଡାରେ ରୋଷେଇ ହେଉଥିବା ବେଳେ ଗତ ଖରା ଛୁଟି ପରେ ବିଦ୍ୟାଳୟ ଖୋଲିବା ପରେ ଅତିରିକ୍ତ ଶ୍ରେଣୀ ଗୃହ ନିର୍ମାଣ ପାଇଁ ବାରଣ୍ଡା ଭଙ୍ଗା ଯିବାରୁ ବର୍ତ୍ତମାନ ବିଦ୍ୟାଳୟ ବାହାରେ ଖୋଲା ଆକାଶ ତଳେ ମଧ୍ୟାହ୍ନ ଭୋଜନ ପ୍ରସ୍ତୁତ ହେଉଛି। ଏବେ ବର୍ଷା ଦିନରେ ରୋଷେଇରେ ଅନେକ ଅସୁବିଧା ଦେଖା ଦେଇଥିବା ବେଳେ ବିଦ୍ୟାଳୟ ପରିସରରେ ପଲିଥିନ କୁଡ଼ିଆ ତଳେ ମଧ୍ୟାହ୍ନ ଭୋଜନ ପ୍ରସ୍ତୁତ ହେଉଥିବା ଦେଖିବାକୁ ମିଳିଛି। ବର୍ଷା ଦିନରେ ଏଭଳି ପରିସ୍ଥିତିରେ ରୋଷେଇ କରିବା ଅତ୍ୟନ୍ତ କଷ୍ଟସାଧ ହେବା ସହ ଖାଦ୍ୟର ଗୁଣବତ୍ତା ଏବଂ ସ୍ୱଚ୍ଛତା ନେଇ ପ୍ରଶ୍ନ ଉଠୁଛି। ଛାତ୍ରଛାତ୍ରୀଙ୍କ ପାଇଁ ପ୍ରତିଦିନ ମଧ୍ୟାହ୍ନ ଭୋଜନ ପ୍ରସ୍ତୁତ ହେଉଥିବା ସତ୍ତ୍ୱେ ରୋଷେଇ ଗୃହ ନଥିବା ଶିକ୍ଷା ବ୍ୟବସ୍ଥାର ଚରମ ଅବହେଳା ନଜରକୁ ଆସିଛି। ସ୍ଥାନୀୟ ଅଭିଭାବକ ଓ ଗ୍ରାମବାସୀ ତୁରନ୍ତ ବିଦ୍ୟାଳୟରେ ଏକ ସ୍ଥାୟୀ ରୋଷେଇ ଗୃହ ନିର୍ମାଣ କରିବାକୁ ଦାବି କରିଛନ୍ତି। ସେମାନଙ୍କ କହିବା ଅନୁସାରେ, ଛାତ୍ରଛାତ୍ରୀଙ୍କ ଖାଦ୍ୟର ମାନ ଓ ଗୁଣବତ୍ତାକୁ ଦୃଷ୍ଟିରେ ରଖି ଶିକ୍ଷା ବିଭାଗ ତୁରନ୍ତ ପଦକ୍ଷେପ ନେବା ଆବଶ୍ୟକ ଜରୁରୀ ହୋଇ ପଡିଛି। ପଞ୍ଚାୟତ କର୍ତ୍ତୃପକ୍ଷ ଏବଂ ବ୍ଲକ ପ୍ରଶାସନ ମଧ୍ୟ ନୀରବ ଦ୍ରଷ୍ଟା ସାଜିଛନ୍ତି। ଏନେଇ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦିଗାମ୍ବର ଦଳପତିଙ୍କ ପ୍ରତିକ୍ରିୟା ନେବାରୁ ବାରମ୍ବାର ରୋଷେଇ ଗୃହ ନିର୍ମାଣ ପାଇଁ ଶିକ୍ଷା ବିଭାଗକୁ ଅବଗତ କରାଯାଇଛି ହେଲେ ଆଜି ପର୍ଯ୍ୟନ୍ତ କୌଣସି ପଦକ୍ଷେପ ନିଆ ଯାଇନାହିଁ, ଏଣୁ ବାଧ ହୋଇ ପଲିଥିନ ଢାଙ୍କି ମଧ୍ୟାହ୍ନ ଭୋଜନ ପ୍ରସ୍ତୁତ ହେଉଛି ବୋଲି କହିଛନ୍ତି। ଏ ସମ୍ପର୍କରେ କୋକସରା ବ୍ଲକ ଗୋଷ୍ଠି ଶିକ୍ଷା ଅଧିକାରୀ ମହେଶ ଭାଟିଙ୍କ ପ୍ରତିକ୍ରିୟା ନେବାରୁ ଘଟଣାଟି ଆମ ନଜରରେ ଅଛି, ରୋଷେଇ ଗୃହ ପାଇଁ ଅନୁଦାନ ମଗାଯାଇଛି ଆସିଲେ ଶୀଘ୍ର ରୋଷେଇ ଗୃହ ନିର୍ମାଣ କରାଯିବ ବୋଲି କହିଛନ୍ତି। ତେବେ ପଲିଥିନ ତଳେ ରୋଷେଇ ଘଟଣାକୁ ନେଇ ସ୍ଥାନୀୟ ଅଭିଭାବକ ଓ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

## ଜୟହିନ୍ଦ୍ କ୍ଲବ ଲିଗ କମ ନକ୍ ଆଉଟ ଫୁଟବଲ

# ଜୟ ଯବାନ କ୍ଲବ୍ ୨-୦ ରେ ବିଜୟୀ



ଝାରସୁଗୁଡା,(ସବ୍ୟୁ): ସ୍ଥାନୀୟ ମନମୋହନ ସ୍କୁଲ ପଡିଆରେ ଜୟହିନ୍ଦ କ୍ଲବ ପକ୍ଷରୁ ୧୩ ତମ ଲିଗ କମ ନକ ଆଉଟ ଫୁଟବଲ ପ୍ରତିଯୋଗିତା ଅନୁଷ୍ଠିତ ହେଉଛି । ସୋମବାର ଖେଳର ୮ମ ଦିବସର ମ୍ୟାଚ ଜୟ ଯବାନ କ୍ଲବ ସରବାହାଲ ଓ ବେଲପାହାଡ ସନରାଇଜ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଜୟ ଯବାନ କ୍ଲବ ସରବାହାଲ ୨-୦ ଗୋଲରେ ବିଜୟୀ ହୋଇଥିଲା । ପ୍ରବଳ ବର୍ଷା ହେବାରୁ ଉଭୟ ଦଳର ଖେଳାଳି ମାନେ ଖେଳିବା ବେଳେ ଅସୁବିଧାର ସମ୍ମୁଖୀନ ହୋଇଥିଲେ । ଏହି ମ୍ୟାଚରେ ଜୟ ଯବାନ କ୍ଲବ ସରବାହାଲ କରଣ କୁହୁର ସର୍ବଶ୍ରେଷ୍ଠ ଖେଳାଳି ଭାବରେ ଅତିଥିଙ୍କ ଠାରୁ ପୁରସ୍କୃତ ହୋଇଥିଲେ । ଆଜିର ମ୍ୟାଚରେ ୟୁନିୟନ ବ୍ୟାଙ୍କର ପରିଚାଳକ ବି.ବି. ତିୱାରୀ ଓ ସି.ଏ ମୁକେଶ ସାହା ଅତିଥି ଭାବରେ ଯୋଗଦେଇ ଖେଳାଳି ମାନଙ୍କ ସହିତ ପରିଚିତ ହୋଇଥିଲେ । ଖେଳକୁ ଶରତ କିଶାନ , ଅରୁଣ ମୁଣ୍ଡା, ଅମିତ କୁମାର ବାଗ ଓ ସଂଜୟ ଦାସ ପ୍ରମୁଖ ପରିଚାଳନା କରିଥିଲେ ।

# ସମ୍ପାଦକୀୟ

## ବ୍ୟକ୍ତିତ୍ୱର ଉତ୍ଥାନ ଓ ପତନ

ଅନେକ ବର୍ଷ ତଳର କଥା । ଟାଇମସ୍ ଅଫ୍ ଇଣ୍ଡିଆ ପ୍ରକାଶନ ସହିତ ଜଡ଼ିତ 'ଇଲଷ୍ଟ୍ରେଟେଡ ଉକ୍ଲି ଅଫ୍ ଇଣ୍ଡିଆ' ଇଂରାଜୀ ସାପ୍ତାହିକ ପତ୍ରିକାର ଖୁବ୍ ପ୍ରଭାବ ଥାଏ । ସେଥିରୁ ପଢ଼ିଥିବା କଥାଟାଏ ମନେ ପଡୁଛି । ହିନ୍ଦୀ ଚଳଚ୍ଚିତ୍ରର ପ୍ରସିଦ୍ଧ ହାସ୍ୟ ଅଭିନେତା ବା କମେଡିଆନ ଜାନକୀ ଦାସଙ୍କର ଲେଖାଟିଏ । ହିନ୍ଦି ସିନେମା ଜଗତର ପ୍ରସିଦ୍ଧ ଚିତ୍ର ତାରକା ରାଜେଶ ଖାନ୍ନାଙ୍କ ଉପରେ ଥିଲା, ଯାହାର ଶୀର୍ଷକ ଥିଲା Charisma of Rajesh Khanna (ରାଜେଶ ଖାନ୍ନାଙ୍କ ଆକର୍ଷଣୀୟ ବ୍ୟକ୍ତିତ୍ୱ) ସେ ଲେଖିଥିଲେ ସେଥିରେ ଯେ ରାଜେଶ ଖାନ୍ନା ସିନେମା ଜଗତରେ ଖୁବ୍ ଉପରକୁ ଉଠିଥିଲେ, ମାତ୍ର ପରବର୍ତ୍ତୀ ସମୟରେ ସେ କିପରି ଆଉ ଉଠି ପାରି ନଥିଲେ । ଜାନକୀ ଦାସଙ୍କର ସେହି ଲେଖାଟି ତତ୍କାଳୀନ ବମ୍ବେ ବିଶ୍ୱବିଦ୍ୟାଳୟର ବିଏ ଶ୍ରେଣୀର ଇଂରାଜୀ ପାଠ୍ୟ ପୁସ୍ତକରେ ସ୍ଥାନିତ ହୋଇଥିଲା । ସେତେବେଳେ କେବଳ ଯୁବକଯୁବତୀଙ୍କ ମଧ୍ୟରେ ନୁହେଁ, ବୟସ୍କମାନେ ମଧ୍ୟ ରାଜେଶ ଖାନ୍ନାଙ୍କ ସବୁ ପ୍ରକାର ଅଭିନୟକୁ ପସନ୍ଦ କରି ଆସୁଥିଲେ । ସେତେବେଳେ ଆରମ୍ଭ ହୋଇଥିବା ଏକ ଦୀର୍ଘ କଳେବର ବିଶିଷ୍ଟ ଓଡ଼ିଆ ପୂଜା ସଂଖ୍ୟା ପତ୍ରିକାରେ ଲେଖାଟିଏ ଲେଖୁଥା'ନ୍ତି ମୋର ପୂଜ୍ୟ ପିତୃବ୍ୟ । ଏବେ ସେ ସ୍ୱର୍ଗରେ । ତାଙ୍କର ଲେଖାଟି ସେହି ମୋଟା କଳେବରର ପ୍ରଥମ ପୂଜା ସଂଖ୍ୟା ପତ୍ରିକାର ପ୍ରଥମ ଲେଖା ହୋଇ ପ୍ରକାଶ ପାଇଥିଲା । ତାହାର ଶୀର୍ଷକ ଥିଲା, 'ମୁଁ ଜଣେ ଓଡ଼ିଆ ଲେଖକ' । ମାତ୍ର ଲେଖାଟି ସେ ଲେଖୁଥିଲା ବେଳେ ମୋତେ ପଚାରିଲେ, ବଙ୍ଗଳା ଡାମ୍ରାରେ ଗିରୀଷ ଘୋଷ ଯେପରି ନାଁ କରିଛନ୍ତି, ଏବେ ହିନ୍ଦୀ ସିନେମାରେ କିଏ ସେପରି ନାଁ କରି ଲୋକପ୍ରିୟ ? ମୁଁ କହିଥିଲି- ରାଜେଶ ଖାନ୍ନା । ସେ ତେଣୁ ଲେଖିଥିଲେ- ଏ ଯୁଗର ରାଜେଶ ଖାନ୍ନା ସେ ଥିଲେ ।

**ଏହା ପରେ ବିଜେଡି-ବିଜେପି ମିଳିତ ସରକାରରେ ସେ ବିଧାୟକ ହୋଇଥିଲେ । ଅନ୍ୟ ରାଜ୍ୟରୁ ରାଜ୍ୟସଭାକୁ ନିର୍ବାଚିତ ହୋଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମନ୍ତ୍ରିମଣ୍ଡଳରେ ପେଟ୍ରୋଲିଅମ ପରି ଗୁରୁତ୍ୱପୂର୍ଣ୍ଣ ବିଭାଗର କ୍ୟାବିନେଟ ପାହ୍ୟାର ମନ୍ତ୍ରୀ ହୋଇଥିଲେ । ସମ୍ବଲପୁର ଲୋକସଭା ଆସନରୁ ସାଂସଦ ମଧ୍ୟ ହୋଇ ସେ ଶିକ୍ଷା ପରି ଗୁରୁତ୍ୱପୂର୍ଣ୍ଣ ବିଭାଗର କ୍ୟାବିନେଟ ମନ୍ତ୍ରୀ ହୋଇଥିଲେ । ମାତ୍ର ଅବସ୍ଥାଚକ୍ରରେ ପଡ଼ି ସେ ନିଟ୍ ପରୀକ୍ଷା ପେପର ଲିକ୍ ଘଟଣାରେ ବିବଦମାନ ହୋଇ ପଡ଼ିଥିଲେ । ଦେଶରେ ବ୍ୟାପୁଥିବା ଛାତ୍ର ଆନ୍ଦୋଳନକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ତାଙ୍କୁ ଇସ୍ତଫା ଦେବାକୁ କହିଥିଲେ । ରାଜନୀତିରେ ଉତ୍ଥାନ ଓ ପତନ ଥାଏ । ବ୍ୟକ୍ତିତ୍ୱର ଉତ୍ଥାନ ଓ ପତନ ମଧ୍ୟ ଥାଏ । ତଥାପି ୨୦୨୦ର ଜାତୀୟ ଶିକ୍ଷାନୀତିକୁ ନୂତନ ଦିଗ୍‌ଦର୍ଶନ ଦେବାରେ ତାଙ୍କର ଅବଦାନ ପ୍ରଶଂସନୀୟ ।**

ଏ କଥା ସବୁ ଉଲ୍ଲେଖ କରିବାର ଉଦ୍ଦେଶ୍ୟ ଭାରତୀୟ ରାଜନୀତିରେ କେନ୍ଦ୍ର ମନ୍ତ୍ରିମଣ୍ଡଳରୁ ଇସ୍ତଫା ପ୍ରଦାନ କରିଥିବା ବିଜେପି ନେତା ଧର୍ମେନ୍ଦ୍ର ପ୍ରଧାନଙ୍କର ଭାରତୀୟ ରାଜନୀତିରେ ଉତ୍ଥାନ ଓ ପତନ । ପ୍ରକୃତରେ ଛାତ୍ର ଜୀବନରୁ ସମାଜସେବା ସହିତ ଛାତ୍ର ରାଜନୀତିରେ ସେ ପ୍ରତିଷ୍ଠା ଅର୍ଜନ କରିଥିଲେ । ସେତେବେଳେ ଯୁକ୍ତ ଦୁଇ ପରୀକ୍ଷା ସମୟରେ ପ୍ରଶ୍ନପତ୍ର ଲିକ୍ ହେବା ଘଟଣାରେ ଏବିଭିପି (ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ) ପକ୍ଷରୁ ଧର୍ମେନ୍ଦ୍ର ସେହି ଘଟଣା ବିରୋଧରେ ଆନ୍ଦୋଳନ କରି ପୋଲିସ ଲାଠି ମାଡ଼ରେ ଶରବ୍ୟ ହୋଇ ଆହତ ହୋଇଥିଲେ । ସେ ଏବିଭିପିର ରାଷ୍ଟ୍ରୀୟ ସଂପାଦକ ଥିଲାବେଳେ ୧୯୯୬ ମସିହାରେ ତତ୍କାଳୀନ କଂଗ୍ରେସ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କୁ ଆନ୍ଦୋଳନ ଜରିଆରେ ଅସୁବିଧାରେ ପକାଇଥିଲେ । ଧର୍ମେନ୍ଦ୍ରଙ୍କ ନେତୃତ୍ୱରେ ହୋଇଥିବା ଆନ୍ଦୋଳନ ଯୋଗୁଁ ମୁଖ୍ୟମନ୍ତ୍ରୀ ଜେ.ବି. ପଟ୍ଟନାୟକ ତଦନ୍ତ କମିଶନ ବସାଇବାକୁ ବାଧ୍ୟ ହୋଇଥିଲେ । ସେହି ଦିନଠାରୁ ଧର୍ମେନ୍ଦ୍ର ଲୋକଲୋଚନକୁ ଆସିଥିଲେ ।

ଏହା ପରେ ବିଜେଡି-ବିଜେପି ମିଳିତ ସରକାରରେ ସେ ବିଧାୟକ ହୋଇଥିଲେ । ଅନ୍ୟ ରାଜ୍ୟରୁ ରାଜ୍ୟସଭାକୁ ନିର୍ବାଚିତ ହୋଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମନ୍ତ୍ରିମଣ୍ଡଳରେ ପେଟ୍ରୋଲିଅମ ପରି ଗୁରୁତ୍ୱପୂର୍ଣ୍ଣ ବିଭାଗର କ୍ୟାବିନେଟ ପାହ୍ୟାର ମନ୍ତ୍ରୀ ହୋଇଥିଲେ । ସମ୍ବଲପୁର ଲୋକସଭା ଆସନରୁ ସାଂସଦ ମଧ୍ୟ ହୋଇ ସେ ଶିକ୍ଷା ପରି ଗୁରୁତ୍ୱପୂର୍ଣ୍ଣ ବିଭାଗର କ୍ୟାବିନେଟ ମନ୍ତ୍ରୀ ହୋଇଥିଲେ । ମାତ୍ର ଅବସ୍ଥାଚକ୍ରରେ ପଡ଼ି ସେ ନିଟ୍ ପରୀକ୍ଷା ପେପର ଲିକ୍ ଘଟଣାରେ ବିବଦମାନ ହୋଇ ପଡ଼ିଥିଲେ । ଦେଶରେ ବ୍ୟାପୁଥିବା ଛାତ୍ର ଆନ୍ଦୋଳନକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ତାଙ୍କୁ ଇସ୍ତଫା ଦେବାକୁ କହିଥିଲେ । ରାଜନୀତିରେ ଉତ୍ଥାନ ଓ ପତନ ଥାଏ । ବ୍ୟକ୍ତିତ୍ୱର ଉତ୍ଥାନ ଓ ପତନ ମଧ୍ୟ ଥାଏ । ତଥାପି ୨୦୨୦ର ଜାତୀୟ ଶିକ୍ଷାନୀତିକୁ ନୂତନ ଦିଗ୍‌ଦର୍ଶନ ଦେବାରେ ତାଙ୍କର ଅବଦାନ ପ୍ରଶଂସନୀୟ ।

**କର୍ତ୍ତବ୍ୟ ସାଧନରୁ ସ୍ୱାଭାବିକ ଭାବରେ ଯେଉଁ ଶକ୍ତି ଉତ୍ପନ୍ନ ହୁଏ, ତାହା ସତ୍ୟାଗ୍ରହରୁ ଜାତ ଅହିଂସା ଓ ଅପରାଜେୟ ଶକ୍ତି ।**

**ମହାତ୍ମା ଗାନ୍ଧି**

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

## ଆଜିର ଅନୁଚିନ୍ତା :

# ଆରାମ ହାରାମ୍



ରତ୍ନାକର ରାଉତ

ପିଲାଦିନେ ଅନେକ ଥର ବାପାଙ୍କ ପାଖରୁ ଶୁଣିଥିଲି, ଆରାମ ହାରାମ୍ । ତାପରେ ଇଂରାଜିରେ କେଉଁଠି ପଢ଼ିଥିଲି ମନେ ନାହିଁ, କିନ୍ତୁ ସେହି ଇଂରାଜି ବାକ୍ୟଟି ମନେ ଅଛି, Complacency breeds to inaction.( ଆତ୍ମତୃପ୍ତି ଆଳସ୍ୟର ଜନକ) ।

ଏବେ ଯେତେବେଳେ ଲୋକମାନେ, ଏପରିକି ଛାତ୍ରଛାତ୍ରୀଙ୍କଠାରୁ ଆରମ୍ଭ କରି କର୍ମଜୀବୀ ସଭିଏଁ ନିଜ କାମ ବ୍ୟତିରେକ ଅନ୍ୟକାମରେ ଅଧିକ ସମୟ ବିନିଯୋଗ କରୁଛନ୍ତି, ତାହାକୁ ଅବସର ସମୟ ଭାବରେ ବିବେଚନା କରୁଛନ୍ତି । ଏହି ଯେପରି ପରୀକ୍ଷା ଆଗରେ ଥାଇ, ରାତିରାତି ଅନିଦ୍ରା ହୋଇ ଛାତ୍ରଛାତ୍ରୀ, ଯୁବକଯୁବତୀ ଏବଂ ଅନ୍ୟ ଅନେକେ ଫୁଟବଲ, କ୍ରିକେଟ, ଟେନିସ ଆଦି ବିଭିନ୍ନ ପ୍ରତିଯୋଗିତାମୂଳକ ଖେଳକୁ ଉପଭୋଗ କରିବା । ଏହା ସତ୍ୟ, ସେ ସବୁ ପ୍ରତିଯୋଗିତାମୂଳକ ଉଚ୍ଚକୋଟୀର ଖେଳ ଦେଖିଲେ ସମୟଟା ରୋମାଞ୍ଚଭରା ହୋଇଥାଏ ଏବଂ କିପରି ବିତିଯାଏ ଜଣା ପଡ଼େନି । ଏପରିକି ସେହି ଖେଳର ପରବର୍ତ୍ତୀ ସମୟରେ ଅନେକ ଆଲୋଚନା, ସମାଲୋଚନା, ସାମାଜିକ ଗଣ ମାଧ୍ୟମରେ ମତ, ମନ୍ତବ୍ୟ ଆଦି ନାନାଦି ତର୍କ ବିତର୍କରେ ଅନେକେ ମାତି ଯାଆନ୍ତି । ଏମାନଙ୍କ ମଧ୍ୟରୁ ଥରୁଟିଏ କେହି ମଧ୍ୟ ଚିନ୍ତା କରିପାରନ୍ତି ନାହିଁ, ତାଙ୍କ ନିଜ କାର୍ଯ୍ୟ ଉପରେ ଏହାର କିଭଳି କୁପ୍ରଭାବ ପଡ଼େ ।

ସମୟ ବିତିଗଲା ପରେ ନିଜ ହାତରେ ଥିବା ନିଜର ଭାଗ୍ୟ, ଜାଲ ଭିତରୁ ମାଛ ଖସି ଗଲାଭଳି ଖସିଯାଏ । ତାପରେ ଯେତେ ଅନୁଶୋଚନା କଲେ ମଧ୍ୟ ସେ ସମୟ ଆଉ ଫେରେନି । **କାହା ଦକ୍ଷତାକୁ ପ୍ରଶଂସା କରିବା, ସାବାସୀ ଜଣେଇବାରେ ଆଦୌ କୁଣ୍ଠା କରିବା ଉଚିତ ନୁହେଁ, ମାତ୍ର କାହାର ପ୍ରଶଂସକ, ସମର୍ଥକ ଓ ତଥାକଥିତ ଫ୍ୟାନ୍ ହୋଇ (ଏଠାରେ ଫ୍ୟାନ୍ ପଙ୍ଖା ନୁହେଁ) ନିଜର ମୂଲ୍ୟବାନ ସମୟକୁ ଅପଚୟ କରିବା ସଦାକାଳେ ଅଯଥାର୍ଥ ଓ ଅବିମୃଶ୍ୟକାରିତା । କାହାପାଇଁ ଦୁନିଆରେ ସମାନ ସମୟର ସମାନ ସୁଯୋଗ ଦ୍ୱିତୀୟବାର ଆସେ ନାହିଁ ।** ଇଂରାଜୀରେ ଏକ ବାକ୍ୟ ଅଛି, A stitch in time saves nine. ଅର୍ଥାତ୍ ଯେଉଁ କାମ ଯେଉଁ ସମୟରେ କରିବା କଥା, ସେ କାମ ସେହି ସମୟରେ ନ କଲେ ପରେ ପସ୍ତାବନା ହୋଇଥାଏ, ମାତ୍ର ଯେତେ ଉଦ୍ୟମ କଲେ ମଧ୍ୟ ତାହାକୁ ପୁନର୍ବାର କରିବା ଦୁଷ୍କର ହୋଇପଡ଼େ ।

ଦ୍ୱିତୀୟତଃ ଖୁବ୍ ସଫଳ ଓ ପାରଦର୍ଶୀ ଲୋକମାନଙ୍କର ଜୀବନଯାତ୍ରା ଅନ୍ୟମାନଙ୍କ ପାଇଁ ଶିକ୍ଷଣୀୟ ଓ ପ୍ରେରଣାଦାୟୀ ହୋଇଥାଏ । ତେଣୁ ତାଙ୍କର ଅସଂଖ୍ୟ ସମର୍ଥକ, ଶୁଭେଚ୍ଛୁ ଓ ପ୍ରଶଂସକ ଥାଆନ୍ତି । ମାତ୍ର ସେମାନେ ତାଙ୍କ ଜୀବନ ପଥରେ ଯେଉଁ ନିଷ୍ଠା, ଶ୍ରମ, ଏକାଗ୍ରତା ଓ ନିରଳସ ସାଧନାର ଉଦାହରଣ ସୃଷ୍ଟି କରିଥାଆନ୍ତି । ସେହି କଂକରିତ ପଥରେ କଠିନ ଯାତ୍ରାକୁ କେତେଜଣ ଅନୁସରଣ କରି ନିଜ ଦୁର୍ଲଭ ସମୟର ଯଥାଯଥ ଉପଯୋଗ କରି ନିଜକୁ ଗଢ଼ି ପାରନ୍ତି? କାହାର ଅନ୍ଧ ସ୍ତାବକ ହେବା ଖୁବ୍ ସହଜ, ମାତ୍ର ସେହି ସଫଳ ବ୍ୟକ୍ତି ଯେଉଁ କଷ୍ଟ ସ୍ୱୀକାର କରି ଅବିଶ୍ୱାସନୀୟ ଅଲଂଘ୍ୟ ଉଚ୍ଚତାରେ ପହଞ୍ଚିଛନ୍ତି, ତାହାକୁ ହାସଲ କରିବା ବା ଅତିକ୍ରମ କରିବାକୁ କେତେଜଣ ନିଜ ଜୀବନର ବ୍ରତ ଭାବେ ଗ୍ରହଣ କରି ଆଗକୁ ବଢୁଛନ୍ତି? ବରଂ ନିଜେ କୌଣସି ଉଦ୍ୟମ ନ କରି, ନିଜ ସମୟର ସଂପୂର୍ଣ୍ଣ ଅପଚୟ କରିସାରିବା ପରେ, ସେହି ସଫଳ ବ୍ୟକ୍ତିଙ୍କୁ ଅସାଧାରଣ ବ୍ୟକ୍ତିତ୍ୱ, ଏପରିକି ଭଗବାନର ଆଖ୍ୟା ଦେବାକୁ ଭୁଲୁ ନାହାନ୍ତି । ଆଉ କିଏ କିଏ ଭାଗ୍ୟଫଳ, ଭଗବାନଙ୍କ ଆଶୀର୍ବାଦ ଆଦି ଅଲୌକିକ କାରଣକୁ ସେମାନଙ୍କ ସଫଳତାର କାରଣ ଭାବରେ ଧରିନେଇ ନିଜକୁ ଦୁର୍ଭାଗା, ଅସହାୟ ଭାବିବାକୁ ପଛଉ ନାହାଁନ୍ତି । କିନ୍ତୁ କେବେ ତାଙ୍କର ଉଦାହରଣୀୟ ଅକ୍ଳାନ୍ତ ପରିଶ୍ରମ, ସୁଖ ସ୍ୱାଚ୍ଛନ୍ଦ୍ୟ, ଆରାମ ବିରାମ ଆଦିର ତ୍ୟାଗ, ଐକାନ୍ତିକ ପ୍ରଚେଷ୍ଟା ଓ ଏକମୁଖୀ ଲକ୍ଷ୍ୟର ପରିପୂର୍ତ୍ତି ନିମନ୍ତେ କାୟମନୋବାକ୍ୟରେ ଯେଉଁ ନିବିଡ଼ ନିମଗ୍ନ ସଂପୃକ୍ତି, ତାହାକୁ ତାରିଫ୍ କରନ୍ତି ନାହିଁ କିମ୍ବା ସେତେଟା ଗୁରୁତ୍ୱ ଦିଅନ୍ତି ନାହିଁ ।

ଯାହା ଅନୁଧ୍ୟାନରୁ ଜାଣିବାକୁ ମିଳୁଛି, ପ୍ରତ୍ୟେକ ସଫଳତା ପଛରେ ରହିଛି ଅସୀମ ତ୍ୟାଗ ଓ କଠିନ ଶ୍ରମର ଦସ୍ତାବିଜ୍ । ଥରେ ଚିନ୍ତା କରାଯାଉ, ଚାଷୀ ଯଦି ମୌସୁମୀ ବର୍ଷାର ଉପଯୋଗ କରି ଠିକ୍ ସମୟରେ ତଳି ନ ପକେଇବ,ହଳ ନ କରିବ, ବିହନ ନ ରୋଇବ, ବିଲକୁ ବାଛି ଠିକଣା ସମୟରେ ସଫା ନ କରିବ, ଆବଶ୍ୟକ ହେଲେ ପାଣି ନ ମଡ଼େଇବ କିମ୍ବା ଅଧିକ ପାଣି ହେଲେ କ୍ଷେତରୁ ପାଣି ନିଷ୍କାସନ ନ କରିବ, ସର୍ବୋପରି ଜମି ପାଇଁ ଯେଉଁ ବେଉଷଣ ଆବଶ୍ୟକ ସେ ସବୁ ନିର୍ଦ୍ଦିଷ୍ଟ ସମୟରେ ନ କରିବ, ତେବେ ମୌସୁମୀ ବାହୁଡ଼ିଗଲା ପରେ ଜଳସେଚନର ସୁବିଧା ନ ଥିଲେ ଏସବୁ କରିପାରିବ କି ?

ବର୍ଷାର ପହିଲି ଆଗମନରେ ଚାଷୀ ଯଦି ଚାଷ କାମ ଛାଡ଼ି ଅନ୍ୟ କୌଣସି କାମରେ ମାତିବ କିମ୍ବା ରାତିରାତି ଅନିଦ୍ରା ହୋଇ ଖେଳ, କସରତ, ଟିଭିରେ ଦେଖି ସକାଳେ ସକାଳେ ଘରେ ଶୋଇ ରହିବ ଅବା ପ୍ରେମିକାର ସାନିଧ୍ୟ ପାଇବା ପାଇଁ କେଉଁ ଯୁବ ଚାଷୀ ନଦୀକୂଳେ, ତୋଟାରେ କି' ପୋଖରି ହୁଡ଼ାରେ ଘଣ୍ଟା ଘଣ୍ଟା ଅପେକ୍ଷାକରି ରହିବ, ତେବେ ଚାଷର ଅବସ୍ଥା କଣ ହେବ ତାହା ସମୟ ତା' ଆଇନାରେ ତାଙ୍କୁ ନିଶ୍ଚୟ ଦେଖେଇବ ।

ଠିକ୍ ଚାଷୀ ଭଳି ଅବସ୍ଥା ମଧ୍ୟ ବ୍ୟବସାୟୀ, ଛାତ୍ରଛାତ୍ରୀ, ଯୁବକଯୁବତୀ ଏବଂ ଯିଏ ଯେଉଁ କାର୍ଯ୍ୟରେ ସଂପୃକ୍ତ ବା ନିଯୁକ୍ତ ଅଛନ୍ତି ସଭିଙ୍କର ହେବ ଏଥିରେ ସନ୍ଦେହର ଅବକାଶ ନାହିଁ, ଯଦି ସେମାନେ ନିଜ ନିଜର କାମକୁ ଠିକ୍ ସମୟରେ ଗୁରୁତ୍ୱ ନ ଦେଇ ସେଥିରେ ଅବହେଳା ପ୍ରଦର୍ଶନ କରନ୍ତି ସମୟର ଅଯଥା ଅପଚୟ କରି । ଯେପରି ଠିକ୍ ସମୟରେ ଖାଇବାକୁ ନେଇ ପ୍ରଚଳିତ ଏକ କଥନିକା ଅଛି, 'ବେଳ ଭାତ ବେଳକୁ, ଅବେଳ ଭାତ ଚୁଲିକୁ' ।

ଲକ୍ଷ୍ୟହୀନ ଜୀବନ ଦିଶାହୀନ ହୋଇଥାଏ । ଜୀବନର ସ୍ୱପ୍ନ ହିଁ ଲକ୍ଷ୍ୟ । ସ୍ୱପ୍ନ ହିଁ ସଫଳତାର ବୀଜ । ଏ ସ୍ୱପ୍ନ ଆବେଗାତ୍ମକ ଦିବାସ୍ୱପ୍ନ ନୁହେଁ । ଏ ସ୍ୱପ୍ନ ସଚେତନ ଅବସ୍ଥାରେ ଧୀରସ୍ଥିର ଚିତ୍ତରେ ଦେଖିବା ସ୍ୱପ୍ନ । ସେହି ସ୍ୱପ୍ନ ସବୁବେଳେ ଖୁବ୍ ବଡ଼, ମହାନ୍ ଓ ସୁଦୂରପ୍ରସାରୀ ହେବା ଉଚିତ । ସେ ସ୍ୱପ୍ନ ଦେଖିବାର ପରମୁହୂର୍ତ୍ତରେ ଭୁଲିଯିବା ପାଇଁ ଉଦ୍ଦିଷ୍ଟ ହୋଇ ନ ଥାଏ । ସେ ସ୍ୱପ୍ନ ମଞ୍ଜି ଭଳି ଭିତରେ ଅଙ୍କୁରିତ ହୋଇ ବଢ଼ିଚାଲେ ଆସ୍ତେ ଆସ୍ତେ ଶ୍ରମ ଓ ସାଧନାକୁ ଉପଯୋଗ କରି ମହାଦ୍ରୁମରେ ପରିଣତ ହେବା ଯାଏଁ, ଯାହା ଅନ୍ୟମାନଙ୍କୁ ପ୍ରଚ୍ଛାୟା ଓ ପ୍ରଶାନ୍ତି ପ୍ରଦାନରେ ସହାୟକ ହୁଏ । ମନେ ରଖିବାକୁ ହେବ ଚାରାଟିଏ ମନକୁ ମନ ବଢ଼ି ମହାଦ୍ରୁମରେ ପରିଣତ ହୋଇପାରେ ନାହିଁ । ଏହା ପଛରେ ରହିଥାଏ କାହାର ନା କାହାର ଯତ୍ନ, ତ୍ୟାଗ ଓ ସ୍ୱପ୍ନର ପରିପୃଷ୍ଟି ନିମନ୍ତେ ପ୍ରଗାଢ଼ ପ୍ରଚେଷ୍ଟା ।

ଆଜି ଯେଉଁମାନେ ମହାନ୍ ବା ଖୁବ୍ ସଫଳ ବ୍ୟକ୍ତିତ୍ୱର ପରିଚିତି ପାଇଛନ୍ତି, ସେମାନଙ୍କର ଦେଖିଥିବା ସ୍ୱପ୍ନ ଏବେ ସାର୍ଥକତାର ଚରମ ସୋପାନ ସ୍ପର୍ଶ କରିଛି । ଏହି ସୂକ୍ଷ୍ମ ତତ୍ତ୍ୱକୁ ହେଜିପାରିଲେ ଜୀବନରେ ଦେଖିଥିବା ସ୍ୱପ୍ନ ଚରିତାର୍ଥ ହୋଇପାରିବ, ନଚେତ୍ ତାହା ତଥାକଥିତ ଦିବାସ୍ୱପ୍ନରେ ପରିଣତ ହେବା ଅନିବାର୍ଯ୍ୟ । ନିରବଚ୍ଛିନ୍ନ ଭାବେ କାମରେ ମନୋନିବେଶ କଲେ ତାହା ଲକ୍ଷ୍ୟ ସାଧନ ଦିଗରେ ଅନୁଗାମୀ କରାଏ ଏବଂ ପରିଶେଷରେ ସ୍ୱପ୍ନ ପୂରଣ ହୁଏ ।

ଏ ସନ୍ଦର୍ଭ ପାଠ କଲାବେଳେ ନିଶ୍ଚୟ ମନରେ ପ୍ରଶ୍ନ ଉଠିବ, ଆରାମ କରିବା କଣ ଭୁଲ? ଏହାର ସିଧାସଳଖ ଉତ୍ତର ହେଉଛି, 'ନା' । ଏହି ନା କହିବା ପୂର୍ବରୁ ଭଲରେ ବୁଝିବାକୁ ପଡ଼ିବ ଆରାମର ଅର୍ଥ କଣ? ଆରାମ ଶବ୍ଦ ଉଭୟ ଶାରୀରିକ ଓ ମାନସିକ ବିଳାସ, ସୁଖ, ଆନନ୍ଦ, ଅୟସ ଓ ଭୋଗ କରିବା ଅର୍ଥରେ ବ୍ୟବହୃତ ହୁଏ । ଏହା ମନର ଏକ ଅବସ୍ଥା, ଏକ ଅନୁଭବ, ମୁଁ ଆରାମରେ ଅଛି, ମାନେ ମୋର କୌଣସି ଚିନ୍ତା, କଷ୍ଟ ଓ ଦଉଡ଼ ନାହିଁ । ଯେତେବେଳେ କେବଳ ଆରାମ କରିବା ଜୀବନର ଲକ୍ଷ୍ୟ ହୋଇଥାଏ, ସେତେବେଳେ ଆରାମ ହାରାମ୍ ହୋଇଯାଏ ।

ଜୀବନରେ ଅୟସ ଆରାମ କରିବା ବା ସୁଖଭୋଗ କରିବା ଆଦୌ ହାନିକାରକ ନୁହେଁ, ଯେ ଯାବତ୍ ତାହା ଖୁବ୍ ଅଧିକ ନ ହୋଇ ନିୟନ୍ତ୍ରିତ ଓ ଶୃଂଖଳିତ ଅବସ୍ଥାରେ ଥାଏ । ସବୁବେଳେ ଧ୍ୟାନରେ ରଖିବା ଉଚିତ, ଅତି ସର୍ବତ୍ର ଗର୍ହିତମ୍ । କୌଣସି ଜିନିଷ, ବସ୍ତୁ ଅବା ଅଭ୍ୟାସ, ଆଦତ ଅତି ହେଲେ, ସେଥିରେ ଇତି ହୋଇଥାଏ । ସବୁବେଳେ କାମ ନ କରି ସୁଖଭୋଗ କରିବାର ମାନସିକତା ପରିତ୍ୟଜ୍ୟ ହେବା ଜରୁରୀ । କାମ ନ କରି କେବଳ ଆରାମ ଖୋଜିଲେ ଜୀବନରେ ପତନ ଅବଶ୍ୟମ୍ଭାବୀ ହୋଇପଡ଼େ ।

ଅନ୍ୟ ପକ୍ଷରେ ଆତ୍ମତୃପ୍ତିର ସବୁବେଳେ ଦୁଇଟି ଦିଗ ଥାଏ । ଗୋଟିଏ ହେଲା ପରିଶ୍ରମ ପରେ ମିଳୁଥିବା ଶାନ୍ତି ଓ ସନ୍ତୋଷ- ତାହା ଖୁବ୍ ଭଲ ଓ ନିଜ ପାଇଁ ଉପାଦେୟ । ଅନ୍ୟଟି ହେଲା, ମୋତେ ଯାହା ମିଳିଲା ତାହା ଯଥେଷ୍ଟ ଭାବି କାମରୁ ପୂର୍ଣ୍ଣ ବିରତି ନେଇଯିବା- ସେଇ ପଦକ୍ଷେପ ହିଁ ବିପଦ । ଆତ୍ମତୃପ୍ତି ବେଳେବେଳେ ଅଧିକତର ପ୍ରଗତିର ଶତ୍ରୁ ଭାବେ ଦେଖା ଦେଇଥାଏ । ଯେତେବେଳେ ମଣିଷ ମନେ ମନେ ସ୍ଥିର କରିନିଏ, ଆଉ ବେଶୀ କିଛି ଦରକାର ନାହିଁ, ଯାହା ହେଲା ଯଥେଷ୍ଟ, ସେବେଠୁଁ ସେ ସ୍ୱପ୍ନ ଦେଖିବା ବନ୍ଦ କରିଦିଏ, ଆଗକୁ ତାର କିଛି ଲକ୍ଷ୍ୟ ରହେ ନାହିଁ, ସେ ଶିଖିବା ଜାଣିବା ବନ୍ଦ କରେ, ଚେଷ୍ଟା ବନ୍ଦ କରେ, ସମସ୍ତ ପ୍ରଚେଷ୍ଟାର ପରିସମାପ୍ତି ଘଟାଏ ଜାଣି ଜାଣି, ତେଣୁ ବହୁ ପଛରେ ପଡ଼ିଯାଏ ।

ଅତଏବ, ଏହି ଦୁନିଆରେ ଯେଉଁ ସମୟରେ ଯାହା ଯାହା କରିବାର ଥାଏ, ଆତ୍ମତୃପ୍ତିରେ ବିବଶ ହୋଇ ଅୟସ ଆରାମ ମଧ୍ୟରେ ବୁଡ଼ିରହି ସେ ସବୁ ଠିକ୍ ସମୟରେ ନ କଲେ, ତାହା ଜୀବନରେ ଅଶେଷ କ୍ଷତି ସାଧନ କରେ । ଭୁଲିବା ଆଦୌ ଉଚିତ ନୁହେଁ, ଯେତେଦିନ ପର୍ଯ୍ୟନ୍ତ ମଣିଷର ଆଶା, ଆକାଂକ୍ଷା, ସ୍ୱପ୍ନ, ସଫଳତା, ବିଫଳତା, ବିଦ୍ରୋହ, ଅସନ୍ତୋଷ ଆଦି ଅଛି, ସେତେଦିନ ପର୍ଯ୍ୟନ୍ତ ସେ ଜୀବନ୍ତ, ସକ୍ଷମ ଓ କ୍ରିୟାଶୀଳ ଅଛି ବୋଲି ଜଣାପଡ଼େ । ଯେଉଁଦିନ ସେ ମନରେ ଭାବିବ, ଯାହା ହେବାର ଥିଲା ହୋଇଗଲା, ସେଦିନୁ ସେ ଜୀଇଁବ ମୃତବତ୍ ।

ମାତ୍ର ଉଭୟ ଶରୀର ଓ ମନ ପାଇଁ ବିଶ୍ରାମ ନିହାତି ଆବଶ୍ୟକ । କାମ କରିସାରିବା ପରେ ଶରୀର ଓ ମନକୁ ଦେଉଥିବା ବିରତିକୁ ବିଶ୍ରାମ କୁହାଯାଏ । ଶରୀର ଓ ମନରେ ପୁନଃ ଶକ୍ତି ସଂଚାର ପାଇଁ ବିଶ୍ରାମ ଏକ ପ୍ରାକୃତିକ ପ୍ରକ୍ରିୟା, ଏକ ଟନିକ୍ ସଦୃଶ । ଏହା ଫଳରେ ଶାରୀରିକ କ୍ଳାନ୍ତି ଓ ମାନସିକ ଅବସାଦର ଅପନୋଦନ ହୁଏ ଏବଂ ପୁନଃ କାର୍ଯ୍ୟ କରିବା ପାଇଁ ବ୍ୟକ୍ତି ସକ୍ଷମ ହୁଏ । ଠିକ୍ ସେହିପରି ବିରାମ ଶବ୍ଦ କୌଣସି କାମ, ଗତି ବା ପ୍ରକ୍ରିୟା ମଧ୍ୟରେ ଆସୁଥିବା ଛୋଟ ବିରତି ଅବା ସାମାନ୍ୟ ଥମିଯିବା ବା ରହିବା (ରୋକିବା) ଅର୍ଥରେ ବ୍ୟବହୃତ ହୁଏ । ବିରାମ ହେଉଛି କାମ ମଝିରେ ସାମାନ୍ୟ ବ୍ରେକ୍ ବା ପଜ୍ ବଟନ୍ ।

ଉପରୋକ୍ତ ଆଲୋଚନାରୁ ଏହି ନିଷ୍କର୍ଷରେ ପହଞ୍ଚିହେବ ଯେ ଆରାମ ସବୁବେଳେ ଖରାପ ନୁହେଁ । ଯେପରି କ୍ଷେତରେ କାମ କରିସାରି କିଛି ସମୟ ଛାଇରେ ବସି ଆରାମ କରିବା । ସେହିପରି ଯୁଦ୍ଧ ସାରି ଘରକୁ ଫେରିବା ଆରାମ । ପରୀକ୍ଷା ସାରି ଶୋଇବା ଆରାମ । ମାତ୍ର ସମସ୍ୟା ଆସେ ସେତେବେଳେ ଯେବେ ଆରାମ ଲକ୍ଷ୍ୟ ହୋଇଯାଏ । ଆରାମ ହେଉଛି ମରୁଭୂମିର ମରୀଚିକା । ଦୂରରୁ ବହୁତ ସୁନ୍ଦର ଲାଗେ । ପାଖକୁ ଗଲେ ଦେଖାଯାଏ ସେଇଠି କିଛି ନାହିଁ- କେବଳ ନିରୋଳା ବାଲି ଓ ଅସରନ୍ତି ତୃଷା । ସେହିଭଳି ସଫଳତାଜନିତ ଆତ୍ମତୃପ୍ତିରେ ବିବଶ ହୋଇଗଲେ ମଣିଷ, ତାହା ଜୀବନ ପାଇଁ ବିଷ ସଦୃଶ ହୋଇଯାଏ । ଏହା ଫଳରେ ଉଦ୍ୟମର ଅନ୍ତ ଘଟେ । ଜ୍ଞାନର ବିକାଶ ନ ହୋଇ ତାର ମୃତ୍ୟୁ ହୁଏ ଏବଂ ତାହା ସହିତ ବ୍ୟକ୍ତିର ପତନର ପର୍ବ ଆରମ୍ଭ ହୋଇଯାଏ । ତେଣୁ ଶ୍ରୀମଦ୍ ଭଗବଦ୍ ଗୀତାର ଦ୍ୱିତୀୟ ଅଧ୍ୟାୟ – ସାଂଖ୍ୟଯୋଗ ଶ୍ଳୋକ ସଂଖ୍ୟା-୪୭ରେ କୁହାଯାଇଛି, 'କର୍ମଣ୍ୟେବାଧିକାରସ୍ତେ ମା ଫଳେଷୁ କଦାଚନ । ମା କର୍ମଫଳହେତୁର୍ଭୂର୍ମା ତେ ସଂଗୋସ୍ତ୍ୱକର୍ମଣି ।'

ଅର୍ଥାତ୍ ଫଳରେ ଆସକ୍ତ ଓ ଆତ୍ମତୃପ୍ତ ନ ହୋଇ, ଆରାମ ନ କରି, ଫଳାଫଳ ଆଶାରୁ ବିରତ ରହି ନିରଳସ ଭାବେ ସଠିକ୍ କର୍ମ କର । କର୍ମ କରିବା ଅଧିକାର ।/ କେବଳ ଅଛି ଯେ ତୋହର ।/ କର୍ମ ଫଳରେ ଅଧିକାର ।/ ନ ଥାଏ କେବେ ବି କାହାର । / ଫଳରେ ଆସକ୍ତି ନ ଥିଲେ ।/ ଯାଚି ମୁଁ ତାହାଦିଏ ଭଲେ ।/ ପୁଣି କର୍ମ ତ୍ୟାଗ ପ୍ରବୃତ୍ତ ।/କେବେ ବି ନ ହେବା ଉଚିତ ।/ ତେଣୁ ତୁ ସଦା କର କର୍ମ ।/ ମନରୁ ଆସକ୍ତି ଛାଡ଼ି ପୁନଃ କାର୍ଯ୍ୟ କରିବା ପାଇଁ ବ୍ୟକ୍ତି ସକ୍ଷମ ହୁଏ । ଠିକ୍ ସେହିପରି ବିରାମ ଶବ୍ଦ କୌଣସି କାମ, ଗତି ବା ପ୍ରକ୍ରିୟା ମଧ୍ୟରେ ଆସୁଥିବା ଛୋଟ ବିରତି ଅବା ସାମାନ୍ୟ ଥମିଯିବା ବା ରହିବା (ରୋକିବା) ଅର୍ଥରେ ବ୍ୟବହୃତ ହୁଏ । ବିରାମ ହେଉଛି କାମ ମଝିରେ ସାମାନ୍ୟ ବ୍ରେକ୍ ବା ପଜ୍ ବଟନ୍ ।

ଉପରୋକ୍ତ ଆଲୋଚନାରୁ ଏହି ନିଷ୍କର୍ଷରେ ପହଞ୍ଚି ହେବ ଯେ ଆରାମ ସବୁବେଳେ ଖରାପ ନୁହେଁ । ଯେପରି କ୍ଷେତରେ କାମ କରିସାରି କିଛି ସମୟ ଛାଇରେ ବସି ଆରାମ କରିବା । ସେହିପରି ଯୁଦ୍ଧ ସାରି ଘରକୁ ଫେରିବା ଆରାମ । ପରୀକ୍ଷା ସାରି ଶୋଇବା ଆରାମ । ମାତ୍ର ସମସ୍ୟା ଆସେ ସେତେବେଳେ ଯେବେ ଆରାମ ଲକ୍ଷ୍ୟ ହୋଇଯାଏ । ଆରାମ ହେଉଛି ମରୁଭୂମିର ମରୀଚିକା । ଦୂରରୁ ବହୁତ ସୁନ୍ଦର ଲାଗେ । ପାଖକୁ ଗଲେ ଦେଖାଯାଏ ସେଇଠି କିଛି ନାହିଁ- କେବଳ ନିରୋଳା ବାଲି ଓ ଅସରନ୍ତି ତୃଷା । ସେହିଭଳି ସଫଳତାଜନିତ ଆତ୍ମତୃପ୍ତିରେ ବିବଶ ହୋଇଗଲେ ମଣିଷ, ତାହା ଜୀବନ ପାଇଁ ବିଷ ସଦୃଶ ହୋଇଯାଏ । ଏହା ଫଳରେ ଉଦ୍ୟମର ଅନ୍ତ ଘଟେ । ଜ୍ଞାନର ବିକାଶ ନ ହୋଇ ତାର ମୃତ୍ୟୁ ହୁଏ ଏବଂ ତାହା ସହିତ ବ୍ୟକ୍ତିର ପତନର ପର୍ବ ଆରମ୍ଭ ହୋଇଯାଏ । ତେଣୁ ଶ୍ରୀମଦ୍ ଭଗବଦ୍ ଗୀତାର ଦ୍ୱିତୀୟ ଅଧ୍ୟାୟ – ସାଂଖ୍ୟଯୋଗ ଶ୍ଳୋକ ସଂଖ୍ୟା- ୪୭ରେ କୁହାଯାଇଛି, କର୍ମଣ୍ୟେବାଧିକାରସ୍ତେ ମା ଫଳେଷୁ କଦାଚନଛ ମା କର୍ମଫଳହେତୁର୍ଭୂର୍ମା ତେ ସଂଗୋସ୍ତ୍ୱକର୍ମଣି । ଅର୍ଥାତ୍ ଫଳରେ ଆସକ୍ତ ଓ ଆତ୍ମତୃପ୍ତ ନ ହୋଇ , ଆରାମ ନ କରି ,ଫଳାଫଳ ଆଶାରୁ ବିରତ ରହି ନିରଳସ ଭାବେ ଠିକ୍ କର୍ମ କର ।

**(ଲେଖକ ଭାରତୀୟ ପ୍ରଶାସନିକ ସେବାର ଜଣେ ଅବସରପ୍ରାପ୍ତ ଅଧିକାରୀ ଓ ସୁଲେଖକ)**
**ପ୍ଲଟ ନମ୍ବର -୭୬୭(ପାର୍ଟ)ଜୟଦୁର୍ଗା ନଗର,ଭୁବନେଶ୍ୱର,ପିନ୍-୭୫୧୦୦୬,**
**ମୋ- ୯୪୩୭୩୮୨୨୮୧**

# 'ଯବନର ଜଗନ୍ନାଥ'



ଡକ୍ଟର ତୁଷାରକାନ୍ତି ଦାସ

ଭକ୍ତିରେ ଭାବ ମିଶିଗଲେ ସେ ଭକ୍ତି ନୈବେଦ୍ୟ ହୋଇଯାଏ । ସେଥିରେ ଅର୍ଥ, ଅନର୍ଥର କଦର୍ଥ ନଥାଏ କି ମୋହ, ମାୟା ଅବା ସ୍ୱାର୍ଥ ନଥାଏ । କେବଳ ପରମାର୍ଥଙ୍କ ଚିନ୍ତା ଥାଏ । ତାକୁ ମହାପ୍ରଭୁଙ୍କୁ ଅର୍ପଣ କଲେ ମହାପ୍ରଭୁ ଭକ୍ତାଧୀନ ହୋଇଯାନ୍ତି । ଭକ୍ତିରେ ଭାବ ଲଗାଇ ନିଷ୍କାମ ପ୍ରୀତି କଲେ ମହାପ୍ରଭୁ ପ୍ରୀତିସ୍ନାତ ସାଜନ୍ତି । ଭାବର ଗତି ଏତେ ତୀବ୍ର ଯେ ଭକ୍ତାଧୀନ ଭାବଗ୍ରାହୀ ଭକ୍ତ ଯେତେଦୂରରେ ଥିଲେ ବି ମନକଥା ଜାଣି ତା ଅପେକ୍ଷାରେ ଚାହିଁ ବସିଥାନ୍ତି । ମହାମେରୁ ପରି ଅଚଳ, ଅଟଳ, ହୁଙ୍କନ୍ତି ନି କି ଟୁଙ୍କନ୍ତି ନି । ନା ଗଜପତି, ନା ଦଇତାପତି, ନା ସେବାୟତ କେହି ବି ପାରନ୍ତି ନି । ସମସ୍ତଙ୍କ ଶତଚେଷ୍ଟା ବିଫଳ ହୁଏ । ମନ୍ଦିର ଠାରୁ ନଅର ଯାଏଁ, ସିଂହଦ୍ୱାର ଠାରୁ ଶରଧା ବାଲି ଯାଏଁ ହୁରି ପଡ଼ିଯାଏ ।

ହଜାର ହଜାର ଭକ୍ତଙ୍କ ମନରେ ଶଙ୍କା ଜାଗେ । କଅଣ ହେଲାକି? ମହାପ୍ରଭୁଙ୍କ ରଥ ବଡ଼ଦାଣ୍ଡରେ ପାଦେ ବି ଘୁଞ୍ଚୁନି । ଠାକୁରେ କାହିଁକି ମନ ଉଣା କଲେ ? କାହିଁକି ଅଟକିଛନ୍ତି ? କାହାପାଇଁ ଅଟକିଛନ୍ତି ? କେଉଁ ଭକ୍ତ ଆସିନି କି? ହଜାର ହଜାର ଭକ୍ତଙ୍କ ଭିଡ଼ରେ ମହାପ୍ରଭୁଙ୍କ ଚକାଆଖି ସତେ ଯେମିତି କାହାକୁ ଅଣ୍ଡାଳି ପକଉଥାଏ, କାହାକୁ ଅନେଇ ବସିଥାଏ, କାରଣ ତାଙ୍କ କାନରେ ବାରମ୍ବାର ଗୁଞ୍ଜରିତ ହେଉଥାଏ 'ସାତଶହ ପଚାଶ କୋଶ ଚାଲି ନପାରଇ, ମୁହିଁ ଯିବା ଯାଏଁ ନନ୍ଦିଘୋଷେ ଥିବ ରହି' । ମହାପ୍ରଭୁ ଶ୍ରୀଜଗନ୍ନାଥ ଏପରି ଭାବର ଠାକୁର ଯାହାଙ୍କ ପାଖରେ ଜାତି, ଧର୍ମ, ବର୍ଣ୍ଣ କି ସ୍ଥାନ, କାଳ, ପାତ୍ରର ବିଚାର ନଥାଏ । ଯିଏ ଭାବ ଲଗେଇଲା ସିଏ ତାର ହେଇଗଲେ ।

ଆଜକୁ ଚାରିଶହ ବର୍ଷ ତଳର କଥା । ଖୁବ୍ କ୍ଷିପ୍ର ଗତିରେ ଘୋଡ଼ ସବାର ର ଏକ ପଲଟନ୍ ଧୂଳି ଉଡ଼େଇ, ପବନ ଆଡ଼େଇ, ଘଞ୍ଚଜଙ୍ଗଲ, ନଈ, ନାଳ, ପାହାଡ଼ ଡ଼େଇଁ ଝପଟି ଆସୁଥାଏ । କଳିଙ୍ଗର ଉତ୍ତର ପୂର୍ବ ଦିଗରୁ ସୁଦୂର ବିହାର ରାଜ୍ୟର ରାଜଧାନୀ ପାଟନାରୁ ମୋଗଲ୍ ବାଦଶାହା ଜାହାଙ୍ଗୀରଙ୍କ ସୁବେଦାର ଲାଲବେଗ୍ କଳିଙ୍ଗ ଆକ୍ରମଣର ଯୋଜନା କରି ପୁରୀ ଆଡ଼େ ମାଡ଼ି ଆସୁଥାଆନ୍ତି ।

ପୁରୀ ପ୍ରବେଶ ପୂର୍ବରୁ ପିପିଲିର ଦାଣ୍ଡମୁକୁନ୍ଦ ପୁର ଗାଁ ପୋଖରି ଗାଧୁଆ ତୁଠରେ ତନ୍ୱୀ, ତରୁଣୀ, ଯୌବନିଆ ନାରୀ ଦର୍ଶନେ ଅଟକି ଯାନ୍ତି ଲାଲ୍‌ବେଗ୍ । ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥିବା ବାଲ୍ୟ ବିଧବା ଲଳିତାଙ୍କୁ ବିବାହ ପ୍ରସ୍ତାବ ଦିଅନ୍ତେ ଲଳିତାଙ୍କ ଆତ୍ମହତ୍ୟା ଉଦ୍ୟମ ଲାଲ୍‌ବେଗ୍‌ଙ୍କୁ ବିଷର୍ଣ୍ଣ, ବିବ୍ରତ କରିପକାଏ । ଲଳିତାଙ୍କ ରୂପଲାବଣ୍ୟରେ ପାଗଳ ଲାଲ୍‌ବେଗ୍ ଲଳିତାଙ୍କ ସମସ୍ତ ସର୍ତ୍ତମାନି ପୁରୀ ଜଗନ୍ନାଥ ମନ୍ଦିର ଆକ୍ରମଣରୁ କ୍ଷାନ୍ତ ହୋଇ ସେଇ ଦାଣ୍ଡମୁକୁନ୍ଦପୁର ଗାଁ ରୁ ଫେରିଯାନ୍ତି ପାଟନା ଅଭିମୁଖେ । ବିବାହ ପରେ ଲଳିତା ଓ ଲାଲ୍‌ବେଗ୍‌ଙ୍କ ଔରସରୁ ଜନ୍ମ ନିଅନ୍ତି ସାଲବେଗ୍ ।

ପିଲାଟି ଦିନରୁ ବଡ଼ ହେବାଯାଏଁ ମା'ଙ୍କ ପାଖରୁ ଧ୍ରୁବ ଓ ପହଲ୍ଲାଦଙ୍କ କଥାଶୁଣି, ମା'ଙ୍କ ଜଗନ୍ନାଥ ଭକ୍ତି ରସରେ ମଜ୍ଜି ଜଗନ୍ନାଥ ଭକ୍ତ ପାଲଟି ଯାନ୍ତି ସାଲବେଗ୍ କିନ୍ତୁ ପରିବାର ଲୋକଙ୍କ ଟାହିଟପରା ଓ କଟୁକଥା ଶୁଣି ଯୁଦ୍ଧକ୍ଷେତ୍ରରେ ଅବତୀର୍ଣ୍ଣ ହୁଅନ୍ତି ସାଲବେଗ୍ । ଥରେ ଯୁଦ୍ଧ ସମୟରେ କ୍ଷତାକ୍ତ, ରକ୍ତାକ୍ତ ହୋଇ ଶଯ୍ୟାଶାୟୀ ହେଲେ ସାଲବେଗ । ବଞ୍ଚିବାର ଆଶା ମଉଳି ବାରୁ ଆତ୍ମହତ୍ୟା ଉଦ୍ୟମ କରନ୍ତେ ଲଳିତା ଓରଫ୍ ଫତିମା ବିବି ତାଙ୍କୁ ସେଥିରୁ କ୍ଷାନ୍ତ କରାଇ କୃଷ୍ଣ ନାମ ଜପିବାକୁ ପରାମର୍ଶ ଦେଲେ । ତିନିଦିନ ତିନି ରାତି କୃଷ୍ଣ ନାମ ଜପି ଜପି ତାଙ୍କ ଯନ୍ତ୍ରଣା ବହୁ ପରିମାଣରେ କମି ସେ ସୁସ୍ଥ ହେବାକୁ ଲାଗିଲେ । ଶ୍ରୀକୃଷ୍ଣଙ୍କ ପ୍ରତି ତାଙ୍କର ଆସ୍ଥା, ବିଶ୍ୱାସ ଓ ଭକ୍ତି ସୁଦୃଢ଼ ହେବାକୁ ଲାଗିଲା । ପୁରୀ ଫେରି ଜଗନ୍ନାଥ ଦର୍ଶନ ନିମିତ୍ତ ମନ ବଳାଇବାରୁ ତାଙ୍କୁ ଯବନ କହି ମନ୍ଦିର ପ୍ରବେଶ କରେଇଲେନି । ସେଥିରେ ମଧ୍ୟ ତାଙ୍କ ଜଗନ୍ନାଥ ପ୍ରୀତି କମିଲାନି । ସେ ପଞ୍ଚସଖା ଖ୍ୟାତ ଯଶୋବନ୍ତ ଦାସଙ୍କ ଶିଷ୍ୟତ୍ୱ ଗ୍ରହଣ କରି ୧୬୨୨ ମସିହାରୁ ୧୬୪୭ ମସିହା ମଧ୍ୟରେ ବହୁ କାଳଜୟୀ ଜଗନ୍ନାଥ ଭଜନ, ଜଣାଣ ରଚନା କରିଥିଲେ ଯାହାକି ଏବେବି ଓଡ଼ିଆ ସାହିତ୍ୟର ସୁଉଚ୍ଚ ମାଇଲଖୁଣ୍ଟ ରୂପେ ଠିଆ ହୋଇ ରହିଛି ।

ଓଡ଼ିଆ ଗୀତିକବିତା ରୂପେ ଶ୍ରୀଜଗନ୍ନାଥଙ୍କ ଜଣାଣ 'ଆହେ! ନୀଳଶୈଳ' ସାଲବେଗଙ୍କ ଏକ ଅନବଦ୍ୟ ସୃଷ୍ଟି ଯାହା ଓଡ଼ିଆଙ୍କ ଘରେ ଘରେ, ମଠ, ମନ୍ଦିର, ଭାଗବତ ଟୁଙ୍ଗିରେ ସଞ୍ଜ ସକାଳେ ସର୍ବଜନାଦୃତ ଲୋକପ୍ରିୟ ଜଗନ୍ନାଥ ଜଣାଣ ହୋଇ ରହିଛି । ଏହା ପ୍ରତ୍ୟେକ ଓଡ଼ିଆଙ୍କ ଜଗନ୍ନାଥ ପ୍ରତିବର୍ଦ୍ଧତାର ଏକ ଜ୍ୱଳନ୍ତ ଦୃଷ୍ଟାନ୍ତ ।

ସାଲବେଗଙ୍କ ଅସୁମାରି ଭକ୍ତି ରଚନା ମଧ୍ୟରେ ଶ୍ରୀମନ୍ଦିର ଉପରେ ଯବନ ଆକ୍ରମଣ, ବାରମ୍ବାର ମନ୍ଦିର ଲୁଣ୍ଠନ ଓ ମହାପ୍ରଭୁମାନଙ୍କର ସ୍ଥାନାନ୍ତୀକରଣର ବିଷଣ୍ଣ ବର୍ଣ୍ଣନା ଏତେ ଭକ୍ତିରସାପ୍ଳୁତ ଯେ ବାରମ୍ବାର ପଢ଼ି ମଧ୍ୟ ମନ ବୁଝେ ନାହିଁ । ମନ୍ଦିର ପ୍ରବେଶ ନିଷେଧ ଥାଇ ଭକ୍ତ ସାଲବେଗଙ୍କ ଜଗନ୍ନାଥଙ୍କ ପ୍ରତି ଅଦମନୀୟ ଭକ୍ତି ଭାବ ମହାପ୍ରଭୁଙ୍କୁ ଏପରି ଆକୃଷ୍ଟ କରିଥିଲା ଯେ ଜଗନ୍ନାଥ ତାଙ୍କ ଭକ୍ତି ଭାବରେ ବିଭୋର ହୋଇ ପୁରୀ ଠାରୁ ବହୁଦୂରରେ ଥିବା ସାଲବେଗଙ୍କ ସମ୍ପୂର୍ଣ୍ଣ ଭକ୍ତାଧୀନ ହୋଇ ଯାଇଥିଲେ । ରଥଯାତ୍ରାରେ ତାଙ୍କୁ ଦର୍ଶନ ଦେବାଲାଗି ସ୍ଥାଣୁ ପାଲଟିଗଲେ ବଡ଼ଦାଣ୍ଡରେ ମହାପ୍ରଭୁ । ଚକ ଗଡ଼ିଲାନି କି ରଥ ଚାଲିଲାନି । ଗଜପତି, ଦଇତାପତି, ସେବାୟତ, ହଜାର ହଜାର ଭକ୍ତଙ୍କ ଜୟ ଜଗନ୍ନାଥ ଧ୍ୱନିରେ ପ୍ରକମ୍ପିତ ହେଲା ବଡ଼ଦାଣ୍ଡ କିନ୍ତୁ ଅଚଳ ମହାମେରୁ ପରି ଅଟଳ ରହିଲେ ମହାପ୍ରଭୁ ।

ସାଲବେଗ ପୁରୀରେ ପହଞ୍ଚି ବଡ଼ଦାଣ୍ଡରେ ବେନି ବାହୁ ଟେକି ଲୁହ ଛଳଛଳ ଆଖିରେ ଜଗନ୍ନାଥ ଦର୍ଶନ କରି ସାଷ୍ଟାଙ୍ଗ ପ୍ରଣିପାତ କରନ୍ତେ ରଥ ଗଡ଼ିଲା । ବହୁ ଦୂରରୁ ଥାଇ ଆଖି ଲୁହ ଢ଼ାଳି ସାଲବେଗ ଗାଇଥିଲେ, 'ସାତଶହ ପଚାଶ କୋଶ ଚାଲି ନପାରଇ, ମୁହଁ ଯିବାଯାଏଁ ନନ୍ଦୀଘୋଷେ ଥିବ ରହି', ଭକ୍ତାଧୀନ ଜଗନ୍ନାଥଙ୍କ କାନରେ ବାରମ୍ବାର କୁହାଟ ମାରୁଥିଲା । ତେଣୁ ସେ ଯିବେ କୁଆଡ଼େ? ରଥ ଗଡ଼ିବ ବା କେମିତି? ତିନିରଥ ଗଡ଼ନ୍ତେ ସାଲବେଗଙ୍କ ଜୟ ଜୟକାର ଧ୍ୱନିରେ ବଡ଼ଦାଣ୍ଡ କମ୍ପି ଉଠିଥିଲା । ମୁରୁକି ମୁରୁକି ହସି ଚକା ଡ଼ୋଳିଆଙ୍କ ନନ୍ଦିଘୋଷ ବଡ଼ଦାଣ୍ଡରେ ଗଡ଼ି ଗୁଣ୍ଡିଚା ମନ୍ଦିରରେ ଲାଗିଲା ।

**କନକବଟ, ଶାସ୍ୱତ ବିହାର,**
**ଶୈଳଶ୍ରୀବିହାର,ଭୁବନେଶ୍ୱର-୭୫୧୦୨୧**
**ମୋ-୯୪୩୭୧୩୩୫୩୭**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ନୀଳକନ୍ଦରରେ...

ଚତୁର୍ଦ୍ଧା ମୂର୍ତ୍ତି । ବିଗ୍ରହ ମାନଙ୍କର ନିଳାଦ୍ରୀ ପହଣ୍ଡି ବିଜେ ପାଇଁ ଆଜି ରଥ ଉପରେ ନୀତି କାନ୍ତି ସଅଳ ଅନୁଷ୍ଠିତ ହୋଇ ଥିଲା । ସନ୍ଧ୍ୟା ଧୂପ ପୁଷ୍ପାଞ୍ଜଳି ପରେ ଙ୍ଘାଧାରେ ବିଗ୍ରହ ମାନଙ୍କର ପହଣ୍ଡି ବିଜେ ନୀତି ଅନୁଷ୍ଠିତ ହୋଇ ଥିଲା । ପହଣ୍ଡି ପାଇଁ ବିଜେ କାହାଳୀ ବାଜି ଥିଲା । ଘଣ୍ଟ ଘଣ୍ଟା ହୁଳହୁଳି ଧ୍ୱନି ମଧ୍ୟରେ ଶ୍ରୀମନ୍ଦିରକୁ ଗୋଟି ପହଣ୍ଡିରେ ବିଜେ କରିଛନ୍ତି ଚତୁର୍ଦ୍ଧା ମୂର୍ତ୍ତି । ପ୍ରଥମେ ମଦନ ମୋହନ ରାମକୃଷ୍ଣ, ଚକ୍ରରାଜ ସୁଦର୍ଶନ ପହଣ୍ଡି ହୋଇ ଶ୍ରୀମନ୍ଦିରକୁ ବିଜେ କରି ଥିଲେ । ପରେ ବଡ଼ ଠାକୁର ବଳଭଦ୍ର ଓ ଦେବୀ ସୁଭଦ୍ରା ପହଣ୍ଡି ବିଜେ କରି ଥିଲେ । ଶେଷରେ ମହାପ୍ରଭୁ ଶ୍ରୀଜଗନ୍ନାଥ ପହଣ୍ଡି ବିଜେ କରି ଥିଲେ । ପହଣ୍ଡି ବିଜେ ସମୟରେ ବାରୁ ବିଗ୍ରହମାନଙ୍କର ମୁଣ୍ଡରେ ସୋଲ ଓ ଫୁଲରେ ନିର୍ମିତ ଟାହିଆ ଲାଗି ଥିଲା । ଯାହା ଅତ୍ୟନ୍ତ ମନୋରମ ଓ ଆକର୍ଷଣୀୟ ଦେଖା ଯାଇ ଥିଲା । ବିଗ୍ରହ ମାନେ ରଥ ଉପରୁ ଝୁଲି ଝୁଲି ପହଣ୍ଡି ବିଜେ କରି ଥିଲେ । ବାଇଶି ପାହାଚ ଦେଇ ଶ୍ରୀମନ୍ଦିରକୁ ବିଜେ କରି ଥିଲେ । ତେବେ ବଡ଼ ଠାକୁର ବଳଭଦ୍ର ଓ ଦେବୀ ସୁଭଦ୍ରା ଶ୍ରୀ ମନ୍ଦିର ଭିତରକୁ ବିଜେ କରି ଥିବା ବେଳେ ମା ମହାଲକ୍ଷ୍ମୀ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଚାହାଣି ମଣ୍ଡପ ନିକଟରେ ଦେଖି ଦ୍ୱାର ପକାଇ ଦେଇ ଥିଲେ । ମହାପ୍ରଭୁ ଶ୍ରୀଜଗନ୍ନାଥ ବଡ଼ ଭାଇ ବଳଭଦ୍ର ଓ ଭଉଣୀ ଦେବୀ ସୁଭଦ୍ରାଙ୍କୁ ରଥରେ ସାଙ୍ଗରେ ନେଇ ଗୁଣ୍ଡିଚା ମନ୍ଦିର ଯାତ୍ରା କରି ଥିବା ବେଳେ ମା ମହାଲକ୍ଷ୍ମୀଙ୍କୁ ସାଙ୍ଗରେ ନେଇ ନ ଥିଲେ । ସେଥିପାଇଁ ମା ମହାଲକ୍ଷ୍ମୀ ଅଭିମାନ କରି ମହାପ୍ରଭୁଙ୍କୁ ଶ୍ରୀମନ୍ଦିର ଭିତରକୁ ପ୍ରବେଶ ନ କରିବା ପାଇଁ ଦ୍ୱାର ପକାଇ ଦେଇ ଥିଲେ । ମହାପ୍ରଭୁ ମା ମହାଲକ୍ଷ୍ମୀଙ୍କୁ ରସଗୋଲା ଦେଇ ମାନ ଭଞ୍ଜନ କରି ଥିଲେ । ବିଗ୍ରହ ମାନଙ୍କର ପହଣ୍ଡି ବିଜେ ପାଇଁ ତିନି ରଥ ଚତୁଃପାର୍ଶ୍ୱରେ ପୋଲିସ ପକ୍ଷରୁ କର୍ଡନ କରା ଯାଇ ଥିଲା । ରଥ ଗୁଡ଼ିକୁ ଉଜ୍ଜ୍ୱଳ ଆଲୋକରେ ଆଲୋକିତ କରା ଯାଇଥିଲା । କଡ଼ା ସୁରକ୍ଷା ବଳୟ ମଧ୍ୟରେ ଆରମ୍ଭ ହୋଇ ଥିଲା ପହଣ୍ଡି । ଘଣ୍ଟିଆ ମାନଙ୍କର ଘଣ୍ଟ ଘଣ୍ଟା ଓ ଜୟ ଜଗନ୍ନାଥ ଧ୍ୱନିରେ ପ୍ରକମ୍ପିତ ହୋଇ ଉଠି ଥିଲା ବଡ଼ ଦାଣ୍ଡ । ଘଣ୍ଟିଆ ମାନଙ୍କର ଘଣ୍ଟାର ତାଳେ ତାଳେ ଦଇତା ପତି ସେବକ ମାନେ ବିଗ୍ରହ ମାନଙ୍କୁ ପହଣ୍ଡି ବିଜେ କରି ଶ୍ରୀମନ୍ଦିର ଭିତରକୁ ନେଇ ଥିଲେ । ସନ୍ଧ୍ୟା ୬ ଟାରୁ ପହଣ୍ଡି ବିଜେ ନୀତି ଅନୁଷ୍ଠିତ ହୋଇ ରାତ୍ର ୧୧ ଘଣ୍ଟା ସମ୍ପନ୍ନ ହୋଇ ଥିଲା । ପରେ ଶ୍ରୀମନ୍ଦିର ଭିତରେ ବିଗ୍ରହମାନଙ୍କର ଅନ୍ୟାନ୍ୟ ନୀତି କାନ୍ତି ଓ ରାତ୍ର ପହୁଡ଼ ଅନୁଷ୍ଠିତ ହୋଇ ଥିଲା । ଆସନ୍ତା କାଲି ଭକ୍ତ ମାନଙ୍କୁ ମିଳିବ ନିଳାଦ୍ରୀ ମହାପ୍ରସାଦ ।

## ୯୭% ଆପତ୍ତିର...

ଉପରେ ସାଧାରଣ ଲୋକଙ୍କ ଭରସା ବୃଦ୍ଧି ପାଉଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

ସୂଚନାଯୋଗ୍ୟ ଯେ, ପୂର୍ବରୁ ରାଜ୍ୟସ୍ତରରେ ଅନୁଷ୍ଠିତ ୧୮ ଟି ପାଳିରେ ଅଭିଯୋଗ ପ୍ରକୋଷ୍ଠକୁ ଆସିଥିବା ୧୪,୯୪୧ ଅଭିଯୋଗ ମଧ୍ୟରୁ ୧୪,୩୩୧ ଅର୍ଥାତ ୯୭ ପ୍ରତିଶତ ଅଭିଯୋଗର ସଫଳ ସମାଧାନ କରାଯାଇସାରିଛି ।

ଏଥି ସହିତ ଜିଲ୍ଲାସ୍ତରରେ ଜିଲ୍ଲାପାଳ ଓ ଏସ୍.ପିମାନେ ନିୟମିତ ଭାବେ ଲୋକଙ୍କ ଆପତ୍ତି ଅଭିଯୋଗ ଶୁଣୁଥିବା ବେଳେ ତହସିଲ ଓ ବ୍ଲକ ସ୍ତରରେ ମଧ୍ୟ ଅଭିଯୋଗ ଶୁଣାଣି ନିୟମିତ ରୂପେ ଚାଲିଛି । ଜିଲ୍ଲାସ୍ତରରେ ଜୁନ୍ ମାସ ଶେଷ ସୁଦ୍ଧା ୨,୫୯,୨୯୩ ଅଭିଯୋଗ ଶୁଣାଣି ହୋଇ ୮୯ ପ୍ରତିଶତ ଅଭିଯୋଗର ସମାଧାନ ହୋଇଛି । ଏହା ଦ୍ୱାରା ସାଧାରଣ ଲୋକମାନଙ୍କୁ ସେମାନଙ୍କ ଆପତ୍ତି ଅଭିଯୋଗ ଶୁଣାଣି ପାଇଁ ଆଉ ପୂର୍ବ ଭଳି ବିଶେଷ ହଇରାଣ ହରକତ ହେଉନାହାନ୍ତି । ପ୍ରଶାସନିକ ବ୍ୟବସ୍ଥାରେ ଏହି ପରିବର୍ତ୍ତନ ସାଧାରଣ ଲୋକଙ୍କ ଭିତରେ ଏକ ବଡ ପ୍ରଭାବ ପକାଉଛି ଓ ସରକାରଙ୍କ ଉପରେ ସାଧାରଣ ଲୋକଙ୍କ ଆସ୍ଥା ବୃଦ୍ଧି ପାଉଛି ।

ସବୁଠାରୁ ପରି ଆଜି ମୁଖ୍ୟମନ୍ତ୍ରୀ ସକାଳେ ପ୍ରଥମେ ଆସି ବାହାରେ ଅପେକ୍ଷା କରିଥିବା ଦିବ୍ୟାଙ୍ଗ ଓ ଦୁରାରୋଗ୍ୟରେ ପୀଡ଼ିତ ଲୋକମାନଙ୍କୁ ଭେଟି ସେମାନଙ୍କ ସମସ୍ୟା ଶୁଣିଥିଲେ । ସେମାନଙ୍କ ଅଭିଯୋଗ ପତ୍ର ଗ୍ରହଣ କରି ତୁରନ୍ତ ପଦକ୍ଷେପ ନେବା ପାଇଁ ଉପସ୍ଥିତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହା ପରେ ପ୍ରକୋଷ୍ଠ ଭିତରେ ପଞ୍ଜିକୃତ କରିଥିବା ଅଭିଯୋଗକାରୀ ମାନଙ୍କ ଅଭିଯୋଗ ଶୁଣିଥିଲେ ।

ବିଭିନ୍ନ ଦୁରାରୋଗ୍ୟ ରୋଗରେ ପୀଡ଼ିତ ପ୍ରାୟ ୧୨ ଜଣଙ୍କ ପାଇଁ ଆଜି ମୁଖ୍ୟମନ୍ତ୍ରୀ ସିଙ୍ଗିଲ୍ ଡିଣ୍ଡୋ ସିଷ୍ଟମ ଜରିଆରେ ୬.୧୫ ଲକ୍ଷ ଟଙ୍କା ଚିକିତ୍ସା ସହାୟତା ରାଶି ମଞ୍ଜୁର କରିଛନ୍ତି । ଆଜି ଉଭୟ ଅନ୍‌ଲାଇନ ଓ ଅଫ୍‌ଲାଇନ ଜରିଆରେ ୭୦୦ରୁ ଉର୍ଦ୍ଧ୍ୱ ଅଭିଯୋଗ ପତ୍ର ଗ୍ରହଣ କରାଯାଇଛି । ଗଣମାଧ୍ୟମ ଆଗରେ ବିବୃତି ରଖି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଆମ ସରକାର ପ୍ରଥମରୁ ହିଁ ସାଧାରଣ ଲୋକଙ୍କ ସହିତ ଯୋଡ଼ି ହୋଇରହିଛି । ସାଧାରଣ ଲୋକଙ୍କ ସମସ୍ୟା ପ୍ରତି ଆମେ ସର୍ବାଧିକ ଗୁରୁତ୍ୱ ଦେଇ କାମ କରୁଛୁ । ଆମ ସରକାର ପ୍ରକୃତ ଅର୍ଥରେ ହେଉଛି ସାଧାରଣ ଲୋକଙ୍କ ସରକାର ବୋଲି ସେ ଉଲ୍ଲେଖ କରିଥିଲେ ।

ଆଜି ମୁଖ୍ୟମନ୍ତ୍ରୀଙ୍କ ସହିତ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ବିଦ୍ୟାଳୟ ଓ ଗଣଶିକ୍ଷା ଏବଂ ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ପଞ୍ଚାୟତିରାଜ ଓ ପାନୀୟ ଜଳ ଏବଂ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାୟକ, ଶିଳ୍ପ ଓ ଦକ୍ଷତା ବିକାଶ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ପ୍ରମୁଖ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଥିଲେ ।

ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶାଶ୍ୱତ ମିଶ୍ର, ସାଧାରଣ ଅଭିଯୋଗ ଓ ସାଧାରଣ ପ୍ରଶାସନ ବିଭାଗର ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ ଏବଂ ଅନ୍ୟ ବିଭାଗ ଗୁଡ଼ିକର ସଚିବ ସ୍ତରୀୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ଅଭିଯୋଗ ଶୁଣାଣି କାର୍ଯ୍ୟରେ ସହଯୋଗ କରିଥିଲେ ।

## ନାଇଡୁ...

ପାଣ୍ଡିଆନ ଓ ତତ୍‌କାଳୀନ ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ସଚିବ ଯୁଏନ୍ ବେହେରାଙ୍କୁ ପୋଲିସ ସମନ କରିଥିଲା । କେବଳ ମନୋଜ ମିଶ୍ର ହାଜର ହୋଇ ନିଜ ପକ୍ଷ ରଖିଛନ୍ତି । ଅନ୍ୟମାନେ କେହି ପକ୍ଷ ରଖିନାହାନ୍ତି । ଏହି ଘଟଣାର କ୍ରାଇମ୍‌ବ୍ରାଞ୍ଚ ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି ।

## ବର୍ଷା...

ଉଛୁଳା ପାଣି । ଗାଁ ଗଣ୍ଡାରେ ଜଳବନ୍ଦୀ ସ୍ଥିତି । କଟକ ଜିଲ୍ଲା ଆଠଗଡ଼ ଅଞ୍ଚଳରେ ସୋମବାର ସକାଳୁ ସାପୁଆ ନଦୀର ଉଛୁଳା ପାଣି କଟକ-ସମ୍ବଲପୁର ରାସ୍ତା ଡେଇଁ ଆଠଗଡ଼ ଅଞ୍ଚଳକୁ ପଶିଛି । ଆଠଗଡ଼ ଏନଏସି କନ୍ତୋଲରେ ୫ ଫୁଟର ପାଣିକୁ ଦେଖି ଠପ୍ ହୋଇଥିଲା ଯାତାୟତ । ସେପଟେ ସମସରପୁର ପଞ୍ଚାୟତରେ ବି ବନ୍ୟାଜଳ ପଶିବାରୁ ଜଳବନ୍ଦୀ ହୋଇଛନ୍ତି ପଞ୍ଚାୟତ ବାସିନ୍ଦା । ଏପଟେ ମହାନଦୀ ଫୁଲିବାରୁ କଟକ ବଡ଼ମ୍ବା ଭଟ୍ଟାରିକା ମନ୍ଦିର ପରିସରରେ ଏବର୍ଷ ଦ୍ୱିତୀୟ ଥର ପାଇଁ ପଶିଛି ବନ୍ୟା ପାଣି । ମନ୍ଦିରକୁ କ୍ରମେ ବଢ଼ିପାଣି ବୁଡାଉଥିବାରୁ ସ୍ଥାନୀୟ ତହସିଲଦାର ଯାଇ ସ୍ଥିତି ଅନୁଧ୍ୟାନ କରିଛନ୍ତି ।

ସେପଟେ ଭଦ୍ରକ ଜିଲ୍ଲାର କିଛି ଅଞ୍ଚଳରେ ଲୋକଙ୍କ ପାଇଁ ବନ୍ୟାର ଦୁଃଖ ଆଣିଛି ସାଳନ୍ଦୀ ଓ ନାଳିଆ ନଦୀ । ଏ ଦୁଇ ନଦୀରେ ସୃଷ୍ଟି ହୋଇଛି ତିନିଟି ଘାଇ । ସାଳନ୍ଦୀ ନଦୀର ଲଞ୍ଜାଠାରେ ୬୦ଫୁଟ ଲମ୍ବର ଘାଇ ପାଣି ଏବଂ ବିଲଣା ପଞ୍ଚାୟତରେ ନାଳିଆ ନଦୀରେ ଆଉ ଏକ ଘାଇ ପରେ ସୃଷ୍ଟି ହୋଇଛି ବନ୍ୟା ପରିସ୍ଥିତି । ଅନ୍ୟପଟେ କୁବେରା ପଞ୍ଚାୟତର ଦେଉଳାଠାରେ ସାଳନ୍ଦୀ ନଦୀରେ ଆଉ ଏକ ୩୦ ଫୁଟ୍ ଲମ୍ବର ଘାଇ ପରେ ଦେଉଳା, କୁବେରା, ଜୟପୁର, ଆଦି ଗାଁ ପାଣି ଘେରରେ ରହିଛି । ବୁଡ଼ି ରହିଛି ଶହ ଶହ ଏକର ଚାଷ ଜମି । ସେପଟେ କାଂଶବାଂଶ ଓ ଗମେଇ ନଦୀର ପ୍ରଥମ ବନ୍ୟା ଜଳ ନଥମୁଣୁ ଦ୍ୱିତୀୟ ଥର ବନ୍ୟା ଆସିବାରୁ ବାସୁଦେବପୁର ବ୍ଲକରେ ବହୁ ଘରଦ୍ୱାର, ଚାଷବାସ ଏବଂ ଜୀବନଜୀବିକା ପ୍ରଭାବିତ ହୋଇଛି । ରାସ୍ତାରେ ୩ ଫୁଟ ଉଚ୍ଚର ପାଣି ଲହଡ଼ି ଭାଙ୍ଗୁଥିବାରୁ ଯାତାୟତ ବି ଠପ୍ ହୋଇଯାଇଛି ।

ପୂର୍ବ ଓ ଉତ୍ତର ଭଳି ପଶ୍ଚିମ ଓଡ଼ିଶାର କିଛି ଅଞ୍ଚଳରେ ବି ଲୋକଙ୍କ ପାଇଁ ସମସ୍ୟା ଆଣିଦେଇଛି ଲଗାଣ ବର୍ଷା । ସୁବର୍ଣ୍ଣପୁର ଜିଲ୍ଲାର ବୀରମହାରାଜପୁର-ଆମରପାଲି ରାସ୍ତାର ଭୂତିଆପାଲି ନିକଟ ଘୁଙ୍ଗୀ ନାଳ ସେତୁ ଉପରେ ୪ ଫୁଟ ପାଣି ଚାଲୁଥିବାରୁ ଏ ରାସ୍ତାରେ ଯୋଗାଯୋଗ ସଂପୂର୍ଣ୍ଣ ବନ୍ଦ୍ ରହିଛି । ସୋନପୁରରୁ ସମ୍ବଲପୁର, ରେଢ଼ାଖୋଲ, ଚାରମାଳ ସହ ବୀରମହାରାଜପୁର ବ୍ଲକର ୩ଟି ପଞ୍ଚାୟତକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି । ସେହିଭଳି ଦକ୍ଷିଣ ଓଡ଼ିଶାର ରାୟଗଡ଼ା ଜିଲ୍ଲାର କିଛି ଅଞ୍ଚଳକୁ ବେହାଲ କରିଛି ଲଗାଣ ବର୍ଷା । ଆଜି ସକାଳେ ଟିକିରି ଷ୍ଟେସନ୍ ନିକଟରେ ରେଳ ଧାରଣାରେ ୨ ଫୁଟ ଉଚ୍ଚର ପାଣି ଜମିବାରୁ ରେଳ ଚଳାଚଳ ପ୍ରଭାବିତ ହୋଇଥିଲା । ପ୍ରାୟ ଦୁଇ ଘଣ୍ଟା ଧରି ଅଟକି ରହିଥିଲା କୋରାପୁଟ-ବିଶାଖାପାଟଣା ଏକ୍ସପ୍ରେସ । ସେହିପରି ରାଉଳୀ ଷ୍ଟେସନ୍ ନିକଟ ଟ୍ରାକରେ ମଧ୍ୟ ବର୍ଷା ପାଣି ଜମି ରହିଥିଲା ।

## ପ୍ରମୁଖ...

ସମସ୍ତ ଜରୁରୀକାଳୀନ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରି ଯେକୌଣସି ପରିସ୍ଥିତିର ତ୍ୱରିତ ମୁକାବିଲା କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ଲୋକସେବା ଭବନସ୍ଥିତ ରାଜସ୍ୱ ସମ୍ମିଳନୀ କକ୍ଷରେ ଆୟୋଜିତ ବୈଠକରେ ସେ ଜିଲ୍ଲାଭିତ୍ତିକ ପ୍ରସ୍ତୁତିର ଆକଳନ କରିବା ସହ ସମସ୍ତ ଜିଲ୍ଲା ପ୍ରଶାସନକୁ ୨୪ ଘଣ୍ଟିଆ ସତର୍କତା ବଜାୟ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି । ମୟୂରଭଞ୍ଜ, ଜଗତସିଂହପୁର, କେନ୍ଦ୍ରାପଡ଼ା, କେନ୍ଦୁଝର, ବାଲେଶ୍ୱର, ଭଦ୍ରକ, କଳାହାଣ୍ଡି ଏବଂ ସୁନ୍ଦରଗଡ଼ ଆଦି ଜିଲ୍ଲାମାନଙ୍କର ଜିଲ୍ଲାପାଳ ତଥା ବରିଷ୍ଠ ପଦାଧିକାରୀବୃନ୍ଦ ଭିଡିଓ କନଫରେନ୍ସି ମାଧ୍ୟମରେ ବୈଠକରେ ଯୋଗଦେଇ ନିଜ ନିଜ ଅଞ୍ଚଳର ପ୍ରସ୍ତୁତି ଓ ବର୍ତ୍ତମାନ ସ୍ଥିତି ସମ୍ପର୍କରେ ଅବଗତ କରାଇଥିଲେ । ମନ୍ତ୍ରୀ ଶ୍ରୀ ପୂଜାରୀ ପ୍ରତ୍ୟେକ ଜିଲ୍ଲାର ପ୍ରସ୍ତୁତିର ସମୀକ୍ଷା କରି ସମ୍ଭାବ୍ୟ ବିପଦପୂର୍ଣ୍ଣ ସ୍ଥାନଗୁଡ଼ିକ ଉପରେ ନିରନ୍ତର ନଜର ରଖିବା ସହ ଆବଶ୍ୟକ ସ୍ଥଳରେ ତୁରନ୍ତ ପ୍ରତିଷେଧକ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ ।

ଷ୍ଟେଟ୍ ଇମର୍ଜେନ୍ସି ଅପରେସନ୍ ସେଣ୍ଟର ସମସ୍ତ ଡିଷ୍ଟ୍ରିକ୍ଟ ଇମର୍ଜେନ୍ସି ଅପରେସନ୍ ସେଣ୍ଟର ଏବଂ ସମ୍ପୃକ୍ତ ବିଭାଗ ସହ ସମନ୍ୱୟ ରକ୍ଷା କରି ଚବିଶ ଘଣ୍ଟିଆ ଭିତ୍ତିରେ ପରିସ୍ଥିତି ଉପରେ ନଜର ରଖିଛି । ରାଜ୍ୟର ସମସ୍ତ ପ୍ରମୁଖ ନଦୀ ବର୍ତ୍ତମାନ ବିପଦ ସ୍ତରରୁ ତଳେ ପ୍ରବାହିତ ହେଉଛି ଏବଂ ଏପର୍ଯ୍ୟନ୍ତ କୌଣସି ଜିଲ୍ଲାରୁ ବଡ଼ ଧରଣର ବର୍ଷାଜନିତ କ୍ଷୟକ୍ଷତିର ସୂଚନା ମିଳିନାହିଁ । ରାଜ୍ୟର ସାମଗ୍ରିକ ପରିସ୍ଥିତି ନିୟନ୍ତ୍ରଣରେ ରହିଛି ଏବଂ ଏହା ଉପରେ ନିରନ୍ତର ନଜର ରଖାଯାଉଛି । ସମୀକ୍ଷା ବୈଠକରେ ଅତିରିକ୍ତ ସ୍ୱତନ୍ତ୍ର ରିଲିଫ କମିଶନର ପଦ୍ମନାଭ ବେହେରା, ଯୁଗ୍ମ ସ୍ୱତନ୍ତ୍ର ରିଲିଫ କମିଶନର ସ୍ନିଗ୍ଧା ଚମ୍ପତିରାୟ, ସ୍ୱତନ୍ତ୍ର ରିଲିଫ କମିଶନରଙ୍କ କାର୍ଯ୍ୟାଳୟର ଅଧିକାରୀବୃନ୍ଦ, ଜଳସମ୍ପଦ ବିଭାଗର ଇଞ୍ଜିନିୟର-ଇନ୍-ଚିଫ୍ ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ସଂସଦରେ...

ଏନଡିଏ ପକ୍ଷରୁ ଯୁବ ସାଂସଦମାନଙ୍କୁ ଏହି ବିଲରେ ଆଲୋଚନା କରିବାକୁ ସ୍ଥିର କରାଯାଇଛି । ବାନ୍ସୁରୀ ସ୍ୱରାଜ ଓ ତେଜସ୍ୱୀ ସୂର୍ଯ୍ୟ ଏହି ଆଲୋଚନାର ନେତୃତ୍ୱ ନେବେ । ସେହିଭଳି ଅନ୍ୟମାନଙ୍କ ମଧ୍ୟରେ ଏନଡିଏ ସାଂସଦ ଲାବୁ ଶ୍ରୀକ୍ରୀଷ୍ଣା ଦେବରାଏଲୁ, ରାଜୀବ ରଞ୍ଜନ ସିଂ, ଶ୍ରୀକାନ୍ତ ସିନ୍ଧେ, ସୁନିଲ ତାଟକାରେ, ଅନୁପ୍ରିୟା ପଟେଲ, ଅରୁଣ ଭାରତୀ, ସାୟନୀ ଘୋଷ ଓ ମୀତାଲି ବାଗ ଆଲୋଚନାରେ ଅଂଶଗ୍ରହଣ କରିପାରନ୍ତି । କଙ୍ଗ୍ରେସ ଜନତା ପାର୍ଟିର ନିଟ୍ ପ୍ରଶ୍ନପତ୍ର ଲିକ୍ ନେଇ ଦେଶବ୍ୟାପି ବିକ୍ଷୋଭ ପରେ ସରକାର ଏହି ସଂଶୋଧିତ ବିଲ ଆଣିବାକୁ ନିଷ୍ପତ୍ତି ନେଇଥିଲେ । କ୍ୟାବିନେଟରେ ଚିଠା ବିଲକୁ ଅନୁମୋଦନ କରାଯାଇଛି ।

# ଓଡିଶା ପ୍ରଭାରୀ ଲାଲ୍‌ଜୀ ଦେଶାଇଙ୍କ ଓଡ଼ିଶା ଆଗମନ

ଭୁବନେଶ୍ୱର, (ସବ୍ୟୁ): ଏଆଇସିସି ଓଡିଶା ପ୍ରଭାରୀ ଲାଲଜୀ ଦେଶାଇଙ୍କ ସୋମବାର ଭୁବନେଶ୍ୱରରେ ପହଞ୍ଚି ଆସନ୍ତା ୨୮ ଓ ୨୯ ଜୁଲାଇ ବିଭିନ୍ନ ରାଜନୈତିକ ଓ ସାଙ୍ଗଠନିକ କାର୍ଯ୍ୟରେ ସାମିଲ ହେବା କାର୍ଯ୍ୟକ୍ରମ ରହିଛି । ଶ୍ରୀ ଦେଶାଇ ଆସନ୍ତା ୨୮ ତାରିଖ ସକାଳ ୧୦ ଟାରେ ରାଜ୍ୟ କଂଗ୍ରେସର ବରିଷ୍ଠ ନେତୃବୃନ୍ଦଙ୍କ ସହ ଆଲୋଚନା, ସନ୍ଧ୍ୟା ୪ ଟାରେ କଂଗ୍ରେସ ଭବନରେ ଏକ ମିଶ୍ରଣ ପର୍ବରେ ଯୋଗଦେଇ ସନ୍ଧ୍ୟା ୫ ଟାରେ ଓପିସିସି ପକ୍ଷରୁ ଆହୁତ ଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ଦାବି ନେଇ କଂଗ୍ରେସ ଭବନଠାରୁ ଲୋକସେବା ଭବନ ପର୍ଯ୍ୟନ୍ତ ଶୋଭାଯାତ୍ରାରେ ସାମିଲ ହେବେ । ପୁଣି ୨୯ ତାରିଖ ସକାଳ ୧୦ ଟା ୩୦ ମିନିଟରେ ଯାଜପୁର ରନିଗିରିଠାରେ ରାଜୀବ ଗାନ୍ଧୀ ପଞ୍ଚାୟତ ସଂଗଠନ ପକ୍ଷରୁ ଆୟୋଜିତ ସର୍ବୋଦୟ ସଂକଳ୍ପ ଶିବିରରେ ଯୋଗଦାନ ଏବଂ ଯାଜପୁରର ଚଣ୍ଡିଖୋଲ ହୋଟେଲ ମିଡ଼ ଇଷ୍ଟଠାରେ ଦିବା ୨ ଟାରେ ଯାଜପୁର କଂଗ୍ରେସ ନେତୃବୃନ୍ଦଙ୍କ ସହ ବୈଠକ ସମାପନ କରି ଭୁବନେଶ୍ୱର ପ୍ରସ୍ଥାନ କରିବେ ବୋଲି ଓପିସିସି ଗଣମାଧ୍ୟମ ବିଭାଗଠାରୁ ପ୍ରକାଶ ।

# ପିସିସି ସଭାପତିଙ୍କ ଦାବି, ଗଣଶିକ୍ଷା ମନ୍ତ୍ରୀ ତୁରନ୍ତ ଇସ୍ତଫା ଦିଅ

## ଇସ୍ତଫା ନଦେଲେ ରାଜ୍ୟବ୍ୟାପୀ ଆନ୍ଦୋଳନ

ଭୁବନେଶ୍ୱର, (ସବ୍ୟୁ): ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସ ସୋମବାର ରାଜ୍ୟର ପ୍ରଥମ ଶ୍ରେଣୀରୁ ଅଷ୍ଟମ ପର୍ଯ୍ୟନ୍ତ ନୂତନ ପାଠ୍ୟପୁସ୍ତକରେ ବ୍ୟାପକ ପ୍ରକାଶନ ତ୍ରୁଟି ମିଳିଥିବା ଘଟଣାକୁ ନେଇ ଓଡ଼ିଶାର ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ଦାବିକୁ ପୁନର୍ବାର ଦୋହରାଇବା ସହ ଏହାର କଡା ସମାଲୋଚନା କରିଛନ୍ତି । ଏହା ସହିତ ଆନ୍ଦୋଳନ ପାଇଁ ଧମକ ଦେଇଛନ୍ତି ପିସିସି ସଭାପତି ଶ୍ରୀ ଦାସ । ଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ଉଦାହରଣ ଅନୁସରଣ କରି ଶିକ୍ଷାମନ୍ତ୍ରୀ ତୁରନ୍ତ ତାଙ୍କ ପଦରୁ ଇସ୍ତଫା ଦେଇ ଦେବା ଉଚିତ ବୋଲି ସେ କହିଛନ୍ତି । ସେ ଚେତାବନୀ ଦେଇଛନ୍ତି ଯେ, ଯଦି ଆସନ୍ତା ୭ ଦିନ ମଧ୍ୟରେ ରାଜ୍ୟ ସରକାର ଗଣଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବି ଉପରେ କୌଣସି ପଦକ୍ଷେପ ନ ନିଅନ୍ତି, ତେବେ କଂଗ୍ରେସ ପକ୍ଷରୁ ବ୍ୟାପକ ଜନ ଆନ୍ଦୋଳନ ହେବ । ଆବଶ୍ୟକ ପଡିଲେ ଇସ୍ତଫା ଦାବିରେ ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀଙ୍କ ବାସଭବନ ଘେରାଉ କରାଯିବା ସହ ଓଡିଶା ବନ୍ଦ ପାଳନ କରାଯିବ ।

# ମଙ୍ଗଳା ମନ୍ଦିରରୁ ଲୁଟିନେଲେ ସୁନାରୂପା ଅଳଙ୍କାର

ଢେଙ୍କାନାଳ,(ସବ୍ୟୁ) : ଢେଙ୍କାନାଳ ସହର ଟାଉନଥାନା ଅନ୍ତର୍ଗତ ବାଜିଚୌକ ସ୍ଥିତ ମାଁ ମଙ୍ଗଳାଙ୍କ ମନ୍ଦିରରୁ କବାଟ ତାଲା ଭାଙ୍ଗି ଲକ୍ଷାଧିକ ଟଙ୍କାର ସୁନା ଓ ରୁପା ଅଳଙ୍କାର ଲୁଟି ହୋଇଥିବାର ଥାନାରେ ଅଭିଯୋଗ ହୋଇଛି । ଦୁର୍ବୃତ୍ତମାନେ ମା'ମଙ୍ଗଳାଙ୍କର ଦୁଇଟି ରୁପା ମୁକୁଟ, ସୁନାର ମଙ୍ଗଳସୁତ୍ର, କାନଫୁଲ ଓ ଟିକିଲି ଆଦି ଚୋରି ହୋଇଥିବା ଅଭିଯୋଗ ହୋଇଛି ।ଲୁଟେରା ମାନେ ମନ୍ଦିର ଭିତରୁ ଏକ ବାକ୍ସକୁ କାଟି ଯଜ୍ଞ ମଣ୍ଡପ ପଛପଟେ ପକାଇ ଦେବା ସହ ତାଲା ଟିକୁ ଡ୍ରେନ୍‌ରେ ପକାଇ ଚାଲି ଯାଇଛନ୍ତି ।ଟାଉନ ଥାନାରେ ଏନେଇ ଲିଖିତ ଅଭିଯୋଗ କରାଯାଇଛି ।ଗତବର୍ଷ ମଧ୍ୟ ଏହି ମନ୍ଦିରରୁ ବଡ଼ ଧରଣର ଚୋରି ହୋଇଥିଲା ।ପୋଲିସ ଏଯାଏଁ ମନ୍ଦିର ଲୁଟେରା ମାନଙ୍କୁ ଧରିବାରେ ସକ୍ଷମ ହୋଇନଥିବା ବେଳେ ପୁଣି ଥରେ ସେହି ସମାନ ମନ୍ଦିରରୁ ଚୋରି ପୋଲିସର ପାରିବା ପଣିଆ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ।ପୋଲିସ ପକ୍ଷରୁ ନାଇଟ୍ ପଟ୍ରୋଲିଂ ସଠିକ୍ ହେଉ ନଥିବାରୁ ମନ୍ଦିର ଲୁଟେରା ସକ୍ରିୟ ହେଉଥିବା ଅଭିଯୋଗ ହୋଇଛି ।

**AFFIDAVIT**

By virtue of an affidavit sworn before the Executive Magistrate, Balangir, Dated 3/7/2018, Affidavit no- 251/2018, I **Sriballav Patel**, S/o - Bishnu Murari Patel, resident of Chandrasekhar Nagar, Balangir, Odisha hereby affirm that my father's Middle Name has been mistakenly written as **"Kumar"** instead of **"Murari"** in my matric certificate bearing serial number SSE/2008/528520 and roll no -5169155. Both the name are one and same person. And his correct name may prevail for all future references.

**ପୂର୍ବ ତଟ ରେଳପଥ**

ଫାଇଲ ନଂ. DRM/Engg/KUR/26-27/E-Tender/33, ତା.24.07.2026ରିଖ

ଟେଣ୍ଡର ନଂ. etenderEastkur-106-2026, ତା.15.07.2026ରିଖ

ବିବରଣୀ : ଖୋର୍ଦ୍ଧା ରୋଡ଼ ମଣ୍ଡଳର ସହାୟକ ମଣ୍ଡଳ ଯନ୍ତ୍ରୀ/I/କଟକ ପରିସୀମା ଅଧିନସ୍ଥ ବ୍ରିଜ୍‌ଗୁଡ଼ିକ (ଲୋଟ, ବଡ଼ ଏବଂ ଗୁରୁତ୍ୱପୂର୍ଣ୍ଣ)ର ପ୍ରସ୍ତାବିତ ରକ୍ଷଣାବେକ୍ଷଣ, ଯେପରିକି ପାରାପେଟ ଗ୍ରିଲ, ବାଲାଷ୍ଟ ଭିଟେନର ଏବଂ ଅନାବୃତ ରିଇନ୍‌ଫୋର୍ସମେଣ୍ଟ ଇତ୍ୟାଦିର ପ୍ରାସଙ୍ଗିକ ମରାମତି ।

କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ): 298.98 ଲକ୍ଷ, EMD (ଟଙ୍କାରେ): 5,98,000/-, ଶେଷ ହେବା ଅବଧି : 12 ମାସ ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.05.08.2026 ରିଖ 1500 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ ।

ଘୋଷଣା : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନଗୁଡ଼ିକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10 (ଦଶ) ଦିନ ପୂର୍ବରୁ ୱେବସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଛି । ଟେଣ୍ଡରଦାତା ବିକ୍ରେତାମାନଙ୍କ ପକ୍ଷରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ । କେବଳ ପଞ୍ଜୀକୃତ ଟେଣ୍ଡରଦାତା / ବିକ୍ରେତାମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ ।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ), ଖୋର୍ଦ୍ଧା ରୋଡ୍

PR-322/R/26-27

**ଦ.ପୂ. ରେଳପଥ - ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ପକ୍ଷରୁ, ରାଉରକେଲାର ଇଲେକ୍ଟ୍ରିକ୍ ଲୋକୋ ସେଡର ସିନିୟର ଡିଭିଜନାଲ ଇଲେକ୍ଟ୍ରିକାଲ୍ ଇଞ୍ଜିନିୟର,ଦ. ପୂ. ରେଳପଥ ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି । ଟେଣ୍ଡର ବିରୁଦ୍ଧରେ ମାନୁଆଲ୍ ପ୍ରସ୍ତାବଗୁଡ଼ିକୁ ଅନୁମତି ଦିଆଯାଇ ନାହିଁ, ଏବଂ ଏପରି ଯେକୌଣସି ମାନୁଆଲ ପ୍ରସ୍ତାବକୁ ଅଣଦେଖା କରାଯିବ । ଆଇଆରଇପିଏସ ଟେଣ୍ଡର ନଂ: ଟିଆଇଏସ-ଆରଏସ୍‌-୦୫-୨୦୨୬- ୨୨, କାର୍ଯ୍ୟର ବର୍ଣ୍ଣନା: ଡବ୍ଲ୍ୟୁଏଜି-୯ ପ୍ରକାରର ୩-ଫେଜ୍ ଇଲେକ୍ଟ୍ରିକ୍ ଲୋକୋମୋଟିଭର ସହାୟକ ମୋଟରଗୁଡ଼ିକର ମରାମତି / ପୁନଃନିର୍ମାଣ, କାର୍ଯ୍ୟର ଆନୁମାନିକ ମୂଲ୍ୟ: ୭୧,୩୯,୬୨,୬୯୦.୩୮/- ଟଙ୍କା ଅମାନତ ଅର୍ଥ: ୮୭୨,୬୯,୫୦୦.୦୦/- , ଇ-ଟେଣ୍ଡର ବନ୍ଦ ହେବାର ତାରିଖ ଏବଂ ସମୟ: ୨୦.୦୮.୨୦୨୬ ରିଖ ୧୧:୦୦ ଘଟିକା ୱେବସାଇଟ୍ ବିବରଣୀ ଏବଂ ସବିଶେଷ ତଥ୍ୟ : https://www.ireps.gov.in/ ଇ-ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ ଉପରୋକ୍ତ ୱେବସାଇଟ୍‌ଗୁଡ଼ିକରେ ଉପଲବ୍ଧ ହେବ ।

(PR-528)

**ପୂର୍ବ ତଟ ରେଳପଥ**

ଟେଣ୍ଡର ନଂ.SNTPBBSTELE-062026-TCS

କାର୍ଯ୍ୟର ନାମ : ପୂର୍ବ ତଟ ରେଳପଥ ଅନ୍ତର୍ଗତ KK-I ଲାଇନ୍ (କୋରାପୁଟ-ଶିବଲିଙ୍ଗପୁରମ୍ ସେକ୍ସନ୍) ଏବଂ KK-II ଲାଇନ୍ (କରଡି-ମାଳିଗୁଡ଼ା ସେକ୍ସନ୍) ପାଇଁ ଇଣ୍ଟିଗ୍ରେଟେଡ୍ ଟନେଲ୍ କମ୍ୟୁନିକେସନ୍ ସିଷ୍ଟମର ବନ୍ଦୋବସ୍ତ ।

ବିଜ୍ଞାପିତ ମୂଲ୍ୟ : ₹17,67,07,045.12, EMD: ₹35,34,200.00, ଶେଷ ହେବା ଅବଧି: 9 ମାସ ।

ବିଡିଙ୍ଗ୍ ଆରମ୍ଭ ହେବା ତାରିଖ: 30.07.2026

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: 13.08.2026, 15.00 ଘଟିକା ।

ବିକ୍ରେତାମାନେ କେବଳ ଶେଷ ତାରିଖ ଓ ସମୟ ପର୍ଯ୍ୟନ୍ତ ସେମାନଙ୍କର ମୂଲ୍ୟ/ସଂଶୋଧିତ ବିଡ୍ ଦାଖଲ କରିପାରିବେ । ଏହି ଟେଣ୍ଡର ନିମନ୍ତେ ମାନୁଆଲ ପ୍ରସ୍ତାବ ଗ୍ରହଣଯୋଗ୍ୟ ନୁହେଁ ଏବଂ ଏହିଭଳି ମିଳିଥିବା ସମସ୍ତ ମାନୁଆଲ ଅଫରକୁ ଅଣଦେଖା କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ ।

ଉପମୁଖ୍ୟ ସଂକେତ ଓ ଦୂରସଞ୍ଚାର ଯନ୍ତ୍ରୀ/ପ୍ରକଳ୍ପ/ଭୁବନେଶ୍ୱର

PR-138/CJ/26-27

ଅଧୀକ୍ଷକଙ୍କ କାର୍ଯ୍ୟାଳୟ
ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ ମହାବିଦ୍ୟାଳୟ ଓ ଚିକିତ୍ସାଳୟ ବାରିପଦା, ମୟୂରଭଞ୍ଜ, ୭୫୭୦୦୧
OFFICE OF THE SUPERINTENDENT
Pandit Raghunath Murmu Medical College & Hospital.
Baripada, Mayurbhanj, PIN- 757001
supdtprmmch@gmail.com, 06792-257013

ଓଡ଼ିଶା ସରକାର
ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ
Government of Odisha
Department of Health and Family Welfare

**SUPERINTENDENT, PRMMCH, BARIPADA, MAYURBHANJ**

**ADVERTSIMENT NOTICE**

NOTICE NO : 4128 DATE : 24.07.26

Sealed applications are invited from interested candidates having adequate experience, degree for the post of Medical Officer in the ART Centre, PRM Medical College & Hospital, Baripada. Details regarding the advertisement may be downloaded from the website: i.e. https://mayurbhanj.odisha.gov.in / www.Mayurbhanj.nic.in . The application should reach in the office of the undersigned as per the date mentioned in the tender paper through registered post/speed post/courier only. The last date for submission of application dated-11.08.2026 till 5.30 PM and the undersigned will not be held responsible for any postal delay and reserves the right to reject any or all the candidatures without mentioning reason thereof.

Sd/-
Superintendent, PRM MCH
PRMMCH, Baripada

OIPR : 10001/10120/1/26-27/0003

OFFICE OF THE SR. GENERAL MANAGER (ELECTRICAL)
UPPER INDRAVATI HYDRO ELECTRIC PROJECT, MUKHIGUDA
DIST : KALAHANDI-766026, ODISHA, E-mail : sgmel_uihep@ohpcltd.com / sgmeluihep@gmail.com
ODISHA HYDRO POWER CORPORATION LTD. (A GOVERNMENT OF ODISHA UNDERTAKING)
Regd. Office OSPH & W.C. Building, Vanivihar Chhak, Janpath, Bhoinagar, Bhubaneswar-751022
Tel : 91-0674-2542983, 2542802, 2545526, 2542826, Fax : 2542102, E-Mail : ohpc.co@gmail.com / md@ohpcltd.com
WEB : www.ohpcltd.com, CIN : U40101OR1995SG0C3963

32001/599/2627

**NOTICE INVITING TENDER No. UIHEP-12/2026-27 DATE : 24.07.2026**

Sealed Tenders are invited in two part i.e. (i) Techno Commercial bid & (ii) Price bid in separate sealed envelopes from reputed original equipment manufacturers / channel partners / reputed firm / service provider having similar works experience for the work as mentioned below :

| Description of work | Cost of tender paper (Non-refundable) in Rs. | EMD in shape of DD/Banker's Cheque only (Refundable ) in Rs. | Period of sale/ download of tender document | Last date & time of receipt of tender | Dae & time of opening of Techno commercial Bid |
|---|---|---|---|---|---|
| Supply, Erection, Testing & Commissioning of Fire-Fighting Systems of 01 No. of 20 MVA & 02 Nos. of 5 MVA Transformer at 220 KV Switchyard of UIHEP, Mukhiguda | 7,080/- (inclusive of GST) | 36,181/- | From 28.07.2026 to 10.08.2026 up to 13.00 Hrs. | 10.08.2026 (up to 13:30 Hrs. | 10.08.2026 at 16:30 Hrs. |

For details of the tender documents, terms and conditions please visit our website www.ohpcltd.com

OIPR : 32001/32136/1/26-27/0010 Sd/- Unit Head, UIHEP, Mukhiguda

25001/818/2627

E-Mail - rw sundargarh@yahoo.co.in
Ph - 06622-272280 (off)

**OFFICE OF THE SUPERINTENDING ENGINEER
RURAL WORKS DIVISION: SUNDARAGADA**

**2nd Corrigendum to Bid Identification No. Online-SESNG-10 of 2026-27**

In contiuation to this office of bid Identification NO : Online-SESNG-10 of 2026-27 invited vide this office notice no. 4463 dt. 18.06.2026 is partially modified for the work TCN has been made as follows :

| Sl No. | | Time Schedule as per original TCN | Time Schedule as per 2nd Corrigendum Notice |
|---|---|---|---|
| 1 | Availability of tender online for bidding | 01.07.2026 at 11.00 AM to 15.07.2026 up to 05.00 P.M | Extended up to 19.08 2026 up to 6.00 P.M |
| 2 | Last date of seeking clarification | 14.07.2026 at 11.00 A.M | Extended up to 18.05.2026 up to 11.00 A.M |
| 3 | Date of Opening of Tender | 15.07.2026 at 05.10 P.M | Extended up to 20.08.2026 at 10.00 A.M |

All other terms & conditions remain unchanged.

Sd/- Superintending Engineer
R.W. Division, Sundargada

OIPR : 25001/25046/1/26-27/0017

ଅଧିକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, କ୍ଷୁଦ୍ର ଜଳସେଚନ ବିଭାଜନ, ଆନନ୍ଦପୁର
**OFFICE OF THE SUPERINTENDING ENGINEER,
M.I. DIVISION, ANANDAPUR**
AT/P.O: Salapada, Dist- Keonjhar, Pin Code- 758020
E-mail ID: - mianandapur@yahoo.co.in
eemidanandapur@gmail.com

32001/601/2627

**e- Procurement Notice**
**Bid Identification No.-10 / MIDA / 2026-27**
e-mail ID: mianandapur@yahoo.co.in
No. 1824 Date : 20.07.2026

The Superintending Engineer, Minor Irrigation Division Anandapur on behalf of the Governor of Odisha invites online percentage rate tender through "e" procurement for the works as detailed in the Annexure to this bid notice.

| | |
|---|---|
| Name of the work: | 18 nos of Improvement to Check Dams under MATY scheme |
| No. of Works: | 18 Nos only |
| Estimated Cost: | 8.52 to 12.66 lakh (Approximately) |
| Cost of Tender Paper: | 4000 AND 6000/- (Non-refundable) |
| Period of Completion: | 04 (Four) Calendar months |
| Availability of bid documents for sale and receipt through on-line | From dt. 29.07.2026, 10.00 A.M, to dt.07.08.2026 up to 5.00 P.M. |
| Last date / time of receipt of bids in the portal | 07.08.2026 (5.30 PM) |
| Date of Technical bid opening through online | On dt.07.08.2026 at 5.30 P.M in the Office of the S.E, M.I. Division, Anandapur. |
| Mode of payment of Bid Cost | Online |
| Digital Signature Certificate of Bidder: | The Bidder must possess compatible digital signature certificate (DSC). |
| The detail tender call notice can also be seen in the DOWR web site http:/dowrorissa.gov.in | |
| Name & Address of the OIT: | Superintending Engineer, Minor Irrigation Division, Anandapur. At / P.O / District - Keonjhar. Email ID:mianandapur@yahoo.co.in |

Further details can be seen from the e-Procurement market place, http://tendersorissa.gov.in

OIPR : 32001/32108/1/26-27/0004

Superintending Engineer,
M.I. Division, Anandapur

13001/1307/2627

**DETAILED TENDER CALL NOTICE**

**EOI Notice No.- 4112 Date : 23.07.26**

Kendrapara Municipality hereby invites Expression of nterest (EOI) from eligible firms, as per the terms and conditions described elsewhere in this tender document, with requisite financial managerial and technical expertise and experience for **"Empanelment of Architect Firm/Consultants Firm for Architectural/Structural/Engineering and other related Services of Kendrapada Municipality"**.

The EOI document can be downloaded from the website of **www.kendrapara.odisha.gov.in**

| Sl.No. | Name of the Work | Bid Security | Cost of Document |
|---|---|---|---|
| 1 | 2 | 3 | 4 |
| 1 | Empanelment of Architect Firm/Consultants Firm for Architectural/Structural/Engineering and other related Services of Cuttack Municipal Corporation | Rs. 50000.00 (Fifty thousand) Deposited through DD/e-Payment Gateway of Govt. of Odisha | Rs. 10000.00 (Ten thousand) only. Deposited through DD/ e-Payment Gateway of Govt. of Odisha |

Kendrapara Municipality reserves the right, without any obligation or liability, to accept or reject any or all the proposals at any stage of the process, to cancel or modify the process or any part thereof or to vary any of the terms and conditions at any time, without assigning any reason wmhatsoever.

Sd/- Executive Officer
Kendrapada Municipality

OIPR : 13001/13185/1/26-27/0002

**OFFICE OF THE MUNICIPAL COUNCIL: RAYAGADA
DIST-RAYAGADA**
PIN CODE-765001, ODISHA
E-mail ID - raygadam.hud@od.gov.in,
web-www.rayagadamunicipality.in
Phone- 06856-235052

13001/1312/2627
Letter No. 3494 Date : 24.07.2026

**"e"-TENDER NOTICE**

**Bid Identification No. RGDA-MUN-03/2026-27**

Bid documents consisting of 01 (One) no. of Civil Works with their Tendered amount (Work Value) Cost of Tender Paper, E.M.D, Time of Completion, Class of Contractors, Additional Performance Security Deposit and the set of Terms and Conditions applicable for the contract and other required necessary documents can be seen in the Government Website (i.e., http://tendersodisha.gov.in).

| | | | |
|---|---|---|---|
| 1 | Name of the Work | : | Composite Building work as mentioned in in the web site. |
| 2 | No of the work | : | 01 (One) no's |
| 3 | Estimated costs | : | Rs. 5,97,36,480/- |
| 4 | Class of Contractor | : | 'A' only |
| 5 | Tender Paper Cost | : | Rs. 10,000/- |
| 6 | Date & Time of Availability of Bid Documents on the Portal | : | From Dated 29.07.2026,12.00 Noon hrs. To Dated 12.08.2026, 05:30 P.M hrs. |
| 7 | Bids received online to be opened on | : | Dated 13.08.2026 ,11:30 A.M hrs |
| 8 | Name and Address of the Officer inviting the Bid | : | The Executive Officer, Rayagada Municipality, Rayagada |

Further details can be seen from the Procurement Portal http://tendersorissa.gov.in

Sd/- Executive Officer
Rayagada Municipality

OIPR : 13001/13150/1/26-27/0010

**GOVERNMENT OF ODISHA
DEPARTMENT OF WATER RESOURCES
OFFICE OF THE SUPERINTENDING ENGINEER**
RENGALI LEFT BANK CANAL DIVISION, AT/P.O. Kamakhyanagar
32001/606/2627 Dist: Dhenkanal, Odisha, PIN-759018
Ph : 06769-270771 Email ID - eerlbcdivision@gmail.com

**e-PROCUREMENT NOTICE No. RLBCD-P1-05/2026-27**

| | | |
|---|---|---|
| 1 | Category of Work | "Flood Protection Work". |
| 2 | Total No. of Works | 06 (Six) Nos of work. |
| 3 | Estimated Cost | Varies from Rs.29.58 Lakhs to Rs.9.29 Lakhs |
| 4 | Period of Completion | Varies from 60 Days to 30 Days |
| 5 | Class of Contractor | Varies from 'B' Class & 'C Class to 'C Class & 'D'Class (Odisha P.W.D) or equivalent Class of other licensing authority |
| 6 | Cost of Bid Document / Mode of Payment | Rs. 6,000/- (Non-Refundable) Online through Electronic Payment Mode (Internet Banking/ NEFT/RTGS of Designated Banks and their Aggregator Banks). |
| 7 | EMD / Bid Security Amount / Mode of Payment | Varies from Rs. 29,580/- to Rs. 9,290/-Online through Electronic Payment Mode (Internet Banking/ NEFT/RTGS of Designated Banks and their Aggregator Banks) |
| 8 | Other details: | |
| | (i) Procurement Officer | Superintending Engineer, Rengali Left Bank Canal Division, Kamakhyanagar. |
| | (ii) Availability of Bid Documents for Online Bidding. | 30.07.2026 from 10.00 Hours to 10.08.2026 up to 17.00 Hours. |
| | (iii).Date, time & venue of Bid Opening (Online) | On Dt.11.08.2026 at 11.00 Hours in the O/o the Superintending Engineer, Rengali Left Bank Canal Division, Kamakhyanagar (through online). |
| | (iv) Date, time & venue of transparent lottery for finalization of bids, if required | On Dt.25.08.2026 at 11.00 Hours (Tentative Date) in the O/o the Superintending Engineer, Rengali Left Bank Canal Division, Kamakhyanagar. |

* Further details can be seen from the Government of Odisha website **https://tendersodisha.gov.in**

Sd/- Superintending Engineer
R.L.B. Canal Division
Kamakhyanagar

OIPR : 32001/32298/1/26-27/0005

## ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ- ୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ- ୯୪୩୭୧୫୦୭୩୨, ବାଲେଶ୍ୱର-ରଞ୍ଜନ ବାଗ୍- ୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା- ୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି- ୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ- ୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ- ୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ- ୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ- ୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ- ୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି- ୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା- ୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ରକୁମାରଦାସ- ୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତମୋହନମହାପାତ୍ର- ୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସରାଓ- ୯୪୩୯୫୬୭୭୨୨, କେନ୍ଦୁଝର- ରବିନାରାୟଣରାଜ୍- ୯୪୩୭୩୩୭୧୦୦, ମାଲକାନଗିରି-କେଶବନାଏକ- ୯୪୩୭୭୭୯୪୪୭, ମୟୂରଭଞ୍ଜ- ସୌମ୍ୟରଞ୍ଜନ ପଟ୍ଟନାୟକ- ୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲଦୋରା- ୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତରଥ- ୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ- ୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷମିଶ୍ର- ୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ- ୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ- ୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି- ୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୮ ।

### ବାଲିଅନ୍ତା ବ୍ଲକରେ ମିଳିତ ଅଭିଯୋଗ ଶୁଣାଣି

# ୭୨ ଅଭିଯୋଗ ଦାଖଲ, ୪ଟିର ତୁରନ୍ତ ସମାଧାନ

ଭୁବନେଶ୍ୱର (ସବ୍ୟୁ): ବାଲିଅନ୍ତା ବ୍ଲକ କାର୍ଯ୍ୟାଳୟ ପରିସରରେ ଯୁଗ୍ମ ଅଭିଯୋଗ ଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି । ଖୋର୍ଦ୍ଧା ଜିଲ୍ଲାପାଳ ଅମ୍ରିତ ଋତୁରାଜଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଯୁଗ୍ମ ଅଭିଯୋଗ ଶୁଣାଣିରେ ଜିଲ୍ଲାସ୍ତରୀୟ ବରିଷ୍ଠ ଅଧିକାରୀ ଓ ସ୍ଥାନୀୟ ଜନପ୍ରତିନିଧୀ ପ୍ରମୁଖ ଉପସ୍ଥିତ ଥିଲେ ।

ଆଜି(ସୋମବାର) ମୋଟ ୭୨ଟି ଅଭିଯୋଗ ଦାଖଲ ହୋଇଥିଲା । ସେଥି ମଧ୍ୟରୁ ୪୫ଟି ଅଭିଯୋଗ ବ୍ୟକ୍ତିଗତ ଥିବାବେଳେ ୨୭ଟି ଗୋଷ୍ଠୀଗତ ଅଭିଯୋଗ ଥିଲା । ସେଥିମଧ୍ୟରୁ ୪ଗୋଟି ଅଭିଯୋଗକୁ ତୁରନ୍ତ ସମାଧାନ କରାଯାଇଥିଲା । ଦୁଇ ଜଣଙ୍କ ଆବେଦନକୁ ବିଚାରକୁ ନିଆଯାଇ ଜିଲ୍ଲା ରେଡ଼କ୍ରସ ପାଣ୍ଠିରୁ ୨୦ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଇଛି । ଏତଦବ୍ୟତୀତ ସମସ୍ତ ଅଭିଯୋଗଗୁଡ଼ିକୁ ବିଚାରକୁ ନେଇ ତ୍ୱରିତ ପଦକ୍ଷେପ ଗ୍ରହଣ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ



ନିର୍ଦ୍ଦେଶ ଦିଆଯାଇଛି । ଜନସାଧାରଣଙ୍କୁ ସେବା ଯୋଗାଇ ଦେବା ଉପରେ ଅଧିକାରୀମାନେ ଗୁରୁତ୍ୱରୋପ କରିଥିଲେ । ଆଜିର ଶୁଣାଣି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଜୟଦେବ ବିଧାୟକ ନବକିଶୋର ମଲ୍ଲିକ,ଭୁବନେଶ୍ୱର ଉପଜିଲ୍ଲାପାଳ ଡଃ ମନୋରଞ୍ଜନ ସାହୁ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲ୍ଲା ପରିଷଦ ନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ସାହୁ, ବାଲିଅନ୍ତା ବିଡିଓ ରଶ୍ମିତା ନାଥ, ତହସିଲଦାର ଲୀଳନ ପ୍ରସାଦ ସାହୁ, ଜିଲ୍ଲା ସାଧାରଣ ଅଭିଯୋଗ ଅତିରିକ୍ତ ଜିଲ୍ଲାପାଳ ଭୁବନେଶ୍ୱରୀ କହଁରଙ୍କ ସମେତ ଅନ୍ୟ ସମସ୍ତ ବିଭାଗୀୟ ଅଧିକାରୀ, ସ୍ଥାନୀୟ ଜନ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ ।

### ବେଦାନ୍ତ ଆଲୁମିନିୟମ ପକ୍ଷରୁ

# ରଥଯାତ୍ରା ଓ ବାହୁଡ଼ା ଯାତ୍ରାର ସମାପନ ଅବସରରେ ବ୍ୟାପକ ସେବା କାର୍ଯ୍ୟକ୍ରମ

ଭୁବନେଶ୍ୱର, (ସବ୍ୟୁ): ରଥଯାତ୍ରା ଓ ବାହୁଡ଼ା ଯାତ୍ରା-୨୦୨୬ର ସଫଳ ସମାପନ ଅବସରରେ ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦନକାରୀ କମ୍ପାନୀ ବେଦାନ୍ତ ଆଲୁମିନିୟମ ମେଟାଲ୍ ଲିମିଟେଡ୍ ଓଡ଼ିଶା ଓ ଛତିଶଗଡ଼ରେ ବ୍ୟାପକ ସେବାମୂଳକ ପଦକ୍ଷେପ ଗ୍ରହଣ କରିଛି । ଭକ୍ତମାନଙ୍କ ସୁବିଧା, ସୁରକ୍ଷା ଓ ସ୍ୱାସ୍ଥ୍ୟକୁ ପ୍ରାଥମିକତା ଦେଇ କମ୍ପାନୀ ପୁରୀ ଜିଲ୍ଲା ପ୍ରଶାସନକୁ ୩ ଲକ୍ଷ ପାଣି ବୋତଲ ଯୋଗାଇଥିବା ବେଳେ ସିଧାସଳଖ ଭାବେ ଭକ୍ତମାନଙ୍କ ମଧ୍ୟରେ ୪୦ ହଜାର ଗ୍ଲୁକୋଜ ପାନୀୟ, ୧୦ ହଜାର କମ୍ୟୁନିଟି ଭୋଜନ, ୫ ହଜାର ଓଆରଏସ୍ ପ୍ୟାକେଟ ଓ ୩ ହଜାର ନିର୍ମାଲ୍ୟ (ଶୁଖିଲା ମହାପ୍ରସାଦ) ବଂଟନ କରିଛି । ଏହା ସହ ଉତ୍ସବ ପରିଚାଳନାରେ ନିୟୋଜିତ ସରକାରୀ କର୍ମଚାରୀଙ୍କ ପାଇଁ ୨୦୦ରୁ ଅଧିକ ଛତା ମଧ୍ୟ ପ୍ରଦାନ କରାଯାଇଛି । ଲାଞ୍ଜିଗଡ଼ ଓ କୋରାପୁଟ କାର୍ଯ୍ୟକ୍ଷେତ୍ର ପାର୍ଶ୍ୱବର୍ତୀ ଅଂଚଳରେ ମଧ୍ୟ ବେଦାନ୍ତ ଆଲୁମିନିୟମ ପକ୍ଷରୁ ସେବା କାର୍ଯ୍ୟକ୍ରମ ମଧ୍ୟ ଆୟୋଜନ କରାଯାଇଥିଲା । କୋଡିଙ୍ଗାମାଳି ପ୍ରକଳ୍ପର ନେତୃତ୍ୱରେ ଲକ୍ଷ୍ମୀପୁର ଓ କାକିରିଗୁମାରେ ସ୍ଥାପିତ ସ୍ୱତନ୍ତ୍ର ରିଫ୍ରେଶମେଣ୍ଟ କେନ୍ଦ୍ର ମାଧ୍ୟମରେ ୪୦ ହଜାର ଗ୍ଲୁକୋଜ ପାନୀୟ ଓ ୫ ହଜାର ଓଆରଏସ୍ ପ୍ୟାକେଟ ବଂଟନ କରାଯାଇ ୩୦ ହଜାରରୁ ଅଧିକ ଭକ୍ତଙ୍କୁ ଗ୍ରୀଷ୍ମ ପ୍ରବାହ ଓ ଦୀର୍ଘ ସମୟର ଭିଡ଼ ମଧ୍ୟରେ ସ୍ୱସ୍ତି ପ୍ରଦାନ କରାଯାଇଥିଲା ।

ଅନ୍ୟପକ୍ଷରେ ଛତିଶଗଡ଼ର କୋର୍ବାସ୍ଥିତ (ବାଲକୋ) ପରିସରରେ ମଧ୍ୟ ରଥଯାତ୍ରା ଉତ୍ସବ ପାଳନ କରାଯାଇଥିଲା । ଏଥିରେ ପ୍ରାୟ ୪ ହଜାର କର୍ମଚାରୀ, ବ୍ୟବସାୟିକ ସହଯୋଗୀ ଓ




ସ୍ଥାନୀୟ ସମୁଦାୟର ସଦସ୍ୟମାନେ ଅଂଶଗ୍ରହଣ କରିଥିଲେ । ପାରମ୍ପରିକ ପୂଜାର୍ଚ୍ଚନା, ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ଆୟୋଜିତ ଭଣ୍ଡାରାରେ ୪ ହଜାରରୁ ଅଧିକ ଭକ୍ତଙ୍କୁ ପ୍ରସାଦ ବିତରଣ କରାଯାଇଥିଲା । ଏହି ସେବା କାର୍ଯ୍ୟକ୍ରମ ସମ୍ପର୍କରେ ବେଦାନ୍ତ ଆଲୁମିନିୟମର ସିଇଓ ରାଜେଶ କୁମାର କହିଛନ୍ତି, "ପବିତ୍ର ରଥଯାତ୍ରା ଓ ବାହୁଡ଼ା ଯାତ୍ରା ଓଡ଼ିଶାର ସାଂସ୍କୃତିକ ଐତିହ୍ୟ ଓ ଆଧାତ୍ମିକ ପରମ୍ପରାର ପ୍ରତୀକ । ଲକ୍ଷ ଲକ୍ଷ ଭକ୍ତଙ୍କ ସେବା କରିବା ଆମ ପାଇଁ ଗୌରବର ବିଷୟ । ଶିଳ୍ପ ବିକାଶ ସହିତ ସମାଜର ସ୍ୱାସ୍ଥ୍ୟ, ସୁରକ୍ଷା ଓ କଲ୍ୟାଣ ପ୍ରତି ଆମର ସମାନ ପ୍ରତିବଦ୍ଧତା ରହିଛି । ଏହି ବହୁମୁଖୀ ସେବା କାର୍ଯ୍ୟକ୍ରମ ମାଧ୍ୟମରେ ଭକ୍ତ ଏବଂ ଉତ୍ସବ ପରିଚାଳନାରେ ନିୟୋଜିତ ସରକାରୀ କର୍ମଚାରୀଙ୍କ ପାଇଁ ଏକ ସୁରକ୍ଷିତ, ସୁବିଧାଜନକ ଓ ସ୍ମରଣୀୟ ଉତ୍ସବ ପରିବେଶ ସୃଷ୍ଟି କରିପାରିଥିବାରୁ ଆମେ ଆନନ୍ଦିତ ।

ଲକ୍ଷ୍ମୀପୁରର ଭକ୍ତ ଦୁର୍ଗା ଦେବୀ ସାହୁ କହିଛନ୍ତି, "ପ୍ରଚଣ୍ଡ ଗରମ ଓ ଭିଡ଼ ମଧ୍ୟରେ ଦୀର୍ଘ ସମୟ ଧରି ଠିଆ ହେବା ବହୁତ କଷ୍ଟକର ଥିଲା । ସେହି ସମୟରେ ସ୍ୱେଚ୍ଛାସେବକମାନେ ଗ୍ଲୁକୋଜ ପାନୀୟ ଓ ଓଆରଏସ୍ ବଂଟନ କରିବା ଆମ ପରିବାର ଏବଂ ଅନ୍ୟ ଭକ୍ତମାନଙ୍କ ପାଇଁ ବହୁତ ବଡ଼ ସହାୟତା ହୋଇଥିଲା ।"

### ଖଣ୍ଡାରେ ଆକ୍ରମଣ ଘଟଣା: ଆଉ ଜଣେ ଗିରଫ

ବାରଙ୍ଗ ସବ୍ୟୁ): ଗୋଡିସାହି ଫାଣ୍ଡି ଅନ୍ତର୍ଗତ ସାନ ମୁଣ୍ଡଳି କେନାଲ ବନ୍ଧ ଛକରେ ଯୁବକଙ୍କୁ ଖଣ୍ଡାରେ ସଂଘବଧ ଆକ୍ରମଣ ଘଟଣାରେ ତିନି ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଥିବା ବେଳେ ସୋମବାର ଆଉ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ।ସିଏ ହେଲେସାଲିଆସାହିରେ ରହିଥିବା ବିଂଝାର ପୁରର ସୁଧାଂଶୁ ଶେଖର ଧିର । ଘଟଣାରୁ ପ୍ରକାଶ ଯେ ସାନମୁଣ୍ଡଳୀ ଗ୍ରାମର କାଂହୁଦଲେଇ ପୂର୍ବରୁ କିଛି ନିଶା ବ୍ୟବସାୟୀଙ୍କୁ ଅଟକାଇ ତାଙ୍କ ନିକଟରୁ ନିଶା ଦ୍ରବ୍ୟ ଛଡ଼ାଇବା ସହ ପୁଲିସକୁ ସେମାନଙ୍କ ବିଷୟରେ ଖବର ଜଣାଉଥିଲା । ଯାହାକୁ ନେଇ ଦେଶୀମଦ ବ୍ୟବସାୟି ଓ କାହ୍ନୁଙ୍କ ମଧ୍ୟରେ ବିବାଦ ହୋଇଥିଲା । ଏହାକୁ କେନ୍ଦ୍ର କରି ମେ ୧୨ତାରିଖରେ ଦୁଇଟି ବାଇକରେ ୬ ଜଣ ଯୁବକ ଆସି ସାନମୁଣ୍ଡଳୀ କେନାଲବନ୍ଧ ରାସ୍ତାର ଦହିବାର ଦୋକାନ ନିକଟରେ କାହ୍ନୁ ବସିଥିବା ଦେଖି ତାକୁ ଖଣ୍ଡାରେ ଅତର୍କିତ ଆକ୍ରମଣ କରିଥିଲେ । ଫଳରେ କାହ୍ନୁ ଲହୁଲୁହାଣ ହୋଇ ନିକଟରେ ଥିବା ପାନ ଦୋକାନକୁ ଚାଲିଯାଇଥିଲା । କାହ୍ନୁ ।ଆକ୍ରମଣ ହେଉଥିବା ଦେଖି ନିକଟରେ ଥିବା ଦହିବାର ଦୋକାନୀ ଓ ପାନ ଦୋକାନୀ ଏହାକୁ ବିରୋଧ କରିଥିଲେ । ପୋଲିସ କେଶ ନଂ ୨୩୭/୨୬ରେ ଏକ ମକଦ୍ଦମା ରୁଜୁ କରି ୩ଜଣଙ୍କୁ ଗିରଫ କରିଥିଲା ।

# ଏଜି ଆମ୍ବୁଲାନ୍ସ ରଥଯାତ୍ରା ସେବା ଶିବିର ଉଦ୍‌ଯାପିତ

ଭୁବନେଶ୍ୱର(ସବ୍ୟୁ): ରଥଯାତ୍ରା ଅବସରରେ ସ୍ଥାନୀୟ ମହାଲେଖାକାର ଏଜି ଆମ୍ବୁଲାନ୍ସ ଡିଭିଜନ ପକ୍ଷରୁ ଗତ ୧୫ ତାରିଖରୁ ଅନୁଷ୍ଠିତ ରଥଯାତ୍ରା ସେବା ଶିବିର ଆଜି(ସୋମବାର) ପୁରୀରେ ଉଦଯାପିତ ହୋଇଛି । ପ୍ରଧାନ ମହାଲେଖାକାର ଡି. ସାହୁଙ୍କ ପ୍ରୋତ୍ସାହନ ଓ ଏଜି ଡିଭିଜନର ସହକାରୀ ଆୟୁକ୍ତ ପୁରୁଷୋତ୍ତମ ବଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରଥଯାତ୍ରା, ବାହୁଡ଼ାଯାତ୍ରା, ସୁନାବେଶ ଓ ନୀଳାଦ୍ରିବିଜେ ଦିନମାନଙ୍କରେ ଅସୁସ୍ଥ ଓ ଦୁର୍ଘଟଣାରେ ଆହତ ଶ୍ରଦ୍ଧାଳୁମାନଙ୍କର ତତ୍କାଳ ଉଦ୍ଧାର, ସ୍ଥାନାନ୍ତର ଓ ପ୍ରାଥମିକ ଚିକିତ୍ସା ପ୍ରଦାନ ନିମନ୍ତେ ତାଲିମପ୍ରାପ୍ତ ସ୍ୱେଚ୍ଛାସେବୀ, ଷ୍ଟ୍ରେଚର ବାହକ ଓ ଆମ୍ବୁଲାନ୍ସ ନିୟୋଜିତ କରାଯାଇଥିଲା ।

ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀଙ୍କ ଅନୁରୋଧକ୍ରମେ ତଳବଣିଆ ବସ ଷ୍ଟାଣ୍ଡ, ସମଙ୍ଗ, ସମୁଦ୍ରକୂଳ ଓ ବଡଦାଣ୍ଡରେ ତତ୍କାଳ ପ୍ରାଥମିକ ଚିକିତ୍ସା ପ୍ରଦାନ ପାଇଁ ଜରୁରୀକାଳୀନ ଔଷଧ ସହ ସ୍ୱେଚ୍ଛାସେବୀ, ଷ୍ଟ୍ରେଚର ଓ ଆମ୍ବୁଲାନ୍ସ ନିୟୋଜିତ କରାଯାଇଥିଲା । ସୁନାବେଶ ରାତିରେ ରାଜ୍ୟ




ଅଗ୍ନିଶମ ବିଭାଗ ଦ୍ୱାରା ଭିଡ ମଧ୍ୟରୁ ଜଣେ ଅଚେତ ଓ ଶ୍ୱାସରୁଦ୍ଧ ମହିଳାଙ୍କୁ ଆମ୍ବୁଲାନ୍ସ ଅଧିକାରୀ ଅଭିଲାଷ ବଳ ସିପିଆର ଦେଇ ଆମ୍ବୁଲାନ୍ସରେ ଡାକ୍ତରଖାନାରେ ପହଞ୍ଚାଇବା ଯୋଗୁ ତାଙ୍କର ଜୀବନ ବଞ୍ଚିଯାଇଥିଲା । ଏହି ଶିବିରକୁ ଏଜି ଆମ୍ବୁଲାନ୍ସ ଡିଭିଜନର ଡ଼ ଆଶିଷ କୁମାର ମୁଦୁଲି, ଡ଼ ସତ୍ୟଜିତ ସାହୁ, ଟିମ ଲିଡର ଅଶୋକ ପଟ୍ଟନାୟକ, ଇଂ ଅଭିଲାଷ ବଳ, ସଞ୍ଜୟ ଯାଦବ, ସୁରେଶ ଚନ୍ଦ୍ର ମହାନ୍ତି, ପ୍ରଦୀପ କୁମାର କର, ଶିବନାଥ ମହାପାତ୍ର, ପ୍ରକାଶ ଚନ୍ଦ୍ର ଗୌଡ଼ ଓ ଖୋର୍ଦ୍ଧା ଜିଲ୍ଲା ସେଣ୍ଟ ଜନ ଆମ୍ବୁଲାନ୍ସ ଡିଭିଜନର ଅଧିକାରୀ ଭିକାରି ଚରଣ ସାହୁ, ସନ୍ତୋଷ ପଞ୍ଚୁଆତି, ନୃସିଂହ ମହାପାତ୍ର ଓ ସ୍ୱେଚ୍ଛାସେବୀମାନେ ଶିବିର ପରିଚାଳନା କରିବା ସହିତ ସହଯୋଗ କରିଥିଲେ ।

### ଡିଏଭି ଛାତ୍ର ସାଇକ୍ରୀଷ୍ଣାଙ୍କ ବିରଳ କୃତିତ୍ୱ

# ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସରେ ସ୍ଥାନ ପାଇଲେ

କଟକ, (ସ୍ୱପ୍ର) : ଡିଏଭି ଏସ୍‌ସିବି ମେଡିକାଲ ପବ୍ଲିକ୍ ସ୍କୁଲର ଦଶମ ଶ୍ରେଣୀର ଛାତ୍ର ସାଇକ୍ରୀଷ୍ଣା ମହାନ୍ତି ତାଙ୍କର ଅସାଧାରଣ ସଙ୍ଗୀତ ପ୍ରତିଭା ପାଇଁ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସରେ ସ୍ଥାନ ପାଇଛନ୍ତି । ଏହି କୃତିତ୍ୱ ପାଇଁ ସେ ବିଦ୍ୟାଳୟ, ପରିବାର ଓ ସମଗ୍ର ରାଜ୍ୟକୁ ଗୌରବାନିତ୍ୱ କରିଛନ୍ତି । ସେ ମାତ୍ର ୨ ଘଣ୍ଟା ୩୮ ମିନିଟ୍ ମଧ୍ୟରେ ୪୦ ଟି ଗୀତ ପରିବେଷଣ କରି ଏହି ବିରଳ କୀର୍ତ୍ତିମାନ ସ୍ଥାପନ କରିଛନ୍ତି । ଏହି ଅବିସ୍ମରଣୀୟ ସଫଳତା ଅବସରରେ ଅଧ୍ୟକ୍ଷ ଡଃ ନିରଞ୍ଜନ ସ୍ୱାଇଁ ସାଇ କ୍ରିଷ୍ଣାଙ୍କୁ ପୁରସ୍କୃତ କରିବା ସହିତ ଅଭିନନ୍ଦନ ଜ୍ଞାପନ କରିଛନ୍ତି । ସାଇକ୍ରୀଷ୍ଣାଙ୍କ କୃତିତ୍ୱ ପାଇଁ ବିଦ୍ୟାଳୟର ସୁପରଭାଇଜର, ଶିକ୍ଷକ-ଶିକ୍ଷୟିତ୍ରୀ ଏବଂ




କର୍ମଚାରୀମାନେ ଅଭିନନ୍ଦନ ଜଣାଇ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି । ଏହି ଅପୂର୍ବ ସଫଳତା ଡିଏଭି ଏସ୍‌ସିବି ମେଡିକାଲ ପବ୍ଲିକ୍ ସ୍କୁଲର ଗୌରବମୟ ଇତିହାସରେ ଆଉ ଏକ ସ୍ୱର୍ଣ୍ଣିମ ଅଧ୍ୟାୟ ଯୋଡ଼ି ଦେଇଛି । ସେ ଆକାଶବାଣୀ କଟକର ଜଣେ ସ୍ୱୀକୃତିପ୍ରାପ୍ତ ଶିଶୁ କଳାକାର । ପୁରୀ ନିବାସୀ ବସନ୍ତ ମହାନ୍ତି ଏବଂ ଅପରାଜିତା ମହାପାତ୍ରଙ୍କର ଏକମାତ୍ର ପୁତ୍ର ଅଟନ୍ତି ।

### ନିରାପଦ ଟ୍ରେନ ପରିଚାଳନାରେ ଉଲ୍ଲେଖନୀୟ ସତର୍କତା ପାଇଁ

# ଟେକ୍ନିସିଆନଙ୍କୁ ପୂର୍ବତଟ ରେଳପଥର ସମ୍ମାନ

ଭୁବନେଶ୍ୱର, (ସବ୍ୟୁ): ସୁରକ୍ଷିତ ରେଳ ଚଳାଚଳ ସୁନିଶ୍ଚିତ କରିବା ଦିଗରେ ଉଲ୍ଲେଖନୀୟ ସତର୍କତା ଏବଂ ବୃତ୍ତିଗତ ପ୍ରତିବଦ୍ଧତା




ପାଇଁ ପୂର୍ବତଟ ରେଳପଥ ପକ୍ଷରୁ ରାୟଗଡ଼ା ରେଳମଣ୍ଡଳ ଅନ୍ତର୍ଗତ ଟେକ୍ନିସିଆନ୍ ଗ୍ରେଡ୍-୧ (କ୍ୟାରେଜ୍ ଆଣ୍ଡ ୱାଗନ୍) କେ. ନରେନ୍ଦ୍ରଙ୍କୁ 'ସୁରକ୍ଷା ପୁରସ୍କାର' ପ୍ରଦାନ କରି ସମ୍ମାନିତ କରାଯାଇଛି । ୨୯ ଜୁନ୍ ୨୦୨୬ରେ ରାୟଗଡ଼ାଠାରେ ଏକ ମାଲବୋଝେଇ ଟ୍ରେନର ନିୟମିତ ଯାଞ୍ଚ କରୁଥିବା ସମୟରେ ଶ୍ରୀ ନରେନ୍ଦ୍ର ଏହାର ଗୋଟିଏ ୱାଗନରେ ୟୋକ୍ (ଛକ୍କଲର) ଭାଙ୍ଗିଯାଇଥିବା ଏବଂ ବ୍ୟାକ ଷ୍ଟପର୍ ୱେଲ୍ଡିଂ କ୍ଷତିଗ୍ରସ୍ତ ହୋଇଥିବା ଚିହ୍ନଟ କରିଥିଲେ । ଏହି ତ୍ରୁଟି ଟ୍ରେନର ନିରାପଦ ଚଳାଚଳକୁ ପ୍ରଭାବିତ କରିପାରେ ବୋଲି ଅନୁଭବ କରି ସେ ତୁରନ୍ତ ତ୍ରୁଟିପୂର୍ଣ୍ଣ ୱାଗନଟିକୁ ବଦଳାଇବା ପାଇଁ ଟ୍ରେନ୍‌ରୁ ଅଲଗା କରିବାର ବ୍ୟବସ୍ଥା କରିଥିଲେ । ତାଙ୍କର ଏହି ସମୟୋଚିତ ପଦକ୍ଷେପ ଏକ ସମ୍ଭାବ୍ୟ ସୁରକ୍ଷା ବିପଦକୁ ଏଡ଼ାଇବା ସହ ଟ୍ରେନର ନିରାପଦ ଚଳାଚଳ ସୁନିଶ୍ଚିତ କରିଥିଲା । ପୂର୍ବତଟ ରେଳପଥ ଶ୍ରୀ ନରେନ୍ଦ୍ରଙ୍କ କର୍ତ୍ତବ୍ୟନିଷ୍ଠା ଓ ସତର୍କତାକୁ ଉଚ୍ଚ ପ୍ରଶଂସା କରିଛି । ତାଙ୍କର ଏହି କାର୍ଯ୍ୟ ପୂର୍ବତଟ ରେଳପଥର ଦୃଢ଼ ସୁରକ୍ଷା ସଂସ୍କୃତି ଏବଂ ନିରାପଦ, ସୁରକ୍ଷିତ ଓ ବିଶ୍ୱସନୀୟ ଟ୍ରେନ ପରିଚାଳନା ସୁନିଶ୍ଚିତ କରିବା ଦିଗରେ ରେଳ କର୍ମଚାରୀମାନଙ୍କ ପ୍ରତିବଦ୍ଧତାର ଏକ ପ୍ରଶଂସନୀୟ ଉଦାହରଣ ।

### ବଦଳି ନିର୍ଦ୍ଦେଶକୁ ଅବମାନନା

## ୩୦ ବର୍ଷରୁ ଉର୍ଦ୍ଧ୍ୱ ଗୋଟିଏ କାର୍ଯ୍ୟାଳୟରେ ଚତୁର୍ଥ ଶ୍ରେଣୀ କର୍ମଚାରୀ

କଟକ, (ସ୍ୱପ୍ର): ପୂର୍ତ୍ତ ବିଭାଗ-୧ ଅଧୀନସ୍ଥ ରେଭେନ୍ସା ବିଶ୍ୱବିଦ୍ୟାଳୟ ପରିସର ସ୍ଥିତ ପୂର୍ତ୍ତବିଭାଗ କାର୍ଯ୍ୟାଳୟର ଜଣେ ଚତୁର୍ଥଶ୍ରେଣୀ କର୍ମଚାରୀଙ୍କ ବଦଳି ନିର୍ଦ୍ଦେଶ କାର୍ଯ୍ୟକାରୀ ହେବାରେ ବିଳମ୍ବକୁ ନେଇ ବିଭିନ୍ନ ମହଲରେ ପ୍ରଶ୍ନ ଉଠିଛି । ସୂଚନା ଅନୁଯାୟୀ ପୂର୍ତ୍ତବିଭାଗ -୧ର ଜଣେ ଚତୁର୍ଥଶ୍ରେଣୀ କର୍ମଚାରୀ କାର୍ତ୍ତିକେଶ୍ୱର ରାଉତ ଦୀର୍ଘ ୩୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଉକ୍ତ କାର୍ଯ୍ୟାଳୟରେ କାର୍ଯ୍ୟରତ ଅଛନ୍ତି ।ତାଙ୍କ ନାମରେ ବିଭିନ୍ନ ସମୟରେ ବିଭିନ୍ନ ଅଭିଯୋଗ ହୋଇଥାଏ । ଅଭିଯୋଗକୁ ଦୃଷ୍ଟିରେ ରଖି ପୂର୍ତ୍ତବିଭାଗ-୧ ପକ୍ଷରୁ ଚିଠି ନଂ-୩୭୨୫, ୨୫-୦୬-୨୦୨୬ ତାରିଖ ଅନୁଯାୟୀ ସମ୍ପୃକ୍ତ କର୍ମଚାରୀଙ୍କ ବଦଳି ନିର୍ଦ୍ଦେଶ ଜାରି କରାଯାଇଥିବା ଜଣାପଡ଼ିଛି । କିନ୍ତୁ ବଦଳି ଆଦେଶ ଜାରି ହେବାର ଏକ ମାସରୁ ଉର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ୍ୟ ନୂତନ କାର୍ଯ୍ୟସ୍ଥଳରେ ଯୋଗ ଦେଉନାହାନ୍ତି ଏହି ଚତୁର୍ଥ ଶ୍ରେଣୀ କର୍ମଚାରୀ । ମେଡିକାଲ କାରଣ ଦର୍ଶାଇ ସେ ଛୁଟିରେ ରହିଥିବା ସୂଚନା ମିଳିଛି । ଏଥିସହିତ ଏହି କର୍ମଚାରୀ ଜଣକ ପୂର୍ତ୍ତବିଭାଗ -୨ ଓଏମପି ସରକାରୀ ବାସଭବନରେ ରହୁଥିବା ବେଳେ ସେଠାରେ ନିଜେ ଅଧିକ ଘର ତିଆରି କରି ଅନ୍ୟ ଲୋକଙ୍କୁ ଭଡ଼ା ସୂତ୍ରରେ ଦେଇଥିବା ଅଭିଯୋଗ ମଧ୍ୟ ହୋଇଛି । ଏହି ଘଟଣାକୁ ନେଇ କର୍ମଚାରୀଙ୍କ ମହଲରେ ନାନା ଚର୍ଚ୍ଚା ଚାଲିଛି ।

### ସଚିବାଳୟ ଲେଖକ ପରିଷଦର ସାରସ୍ୱତ ଆସର

# ଅବସରରେ ବର୍ଷା ପାଇଁ କବିତା

ଭୁବନେଶ୍ୱର,(ସବ୍ୟୁ): ଓଡ଼ିଶା ସଚିବାଳୟ ଲେଖକ ପରିଷଦର ଜୁଲାଇ ମାସର ସାରସ୍ୱତ ଆସର ଖାରବେଳ ଭବନ ଠାରେ ଅନୁଷ୍ଠିତ



ହୋଇଯାଇଛି । ଅନୁଷ୍ଠିତ ସାହିତ୍ୟ ସଭାରେ ସଭାପତିତ୍ୱ କରିଥିଲେ ପୀୟୂଷ ରଞ୍ଜନ ପରିଡା । ବୀଣାପାଣି ସରସ୍ୱତୀଙ୍କୁ ପୁଷ୍ପ ଓ ଧୂପ ଅର୍ପଣ ତଥା ବନ୍ଦନା ପରେ ସଭା ଆରମ୍ଭ ହୋଇଥିଲା । ପ୍ରଥମେ ବାର୍ଷିକ ପତ୍ରିକା ସୃଜନର ପାହାଚ ପ୍ରକାଶ ସମ୍ପର୍କିତ ଆଲୋଚନା ପରେ ବର୍ଷା ପାଇଁ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା । ଏହାକୁ ସଂଯୋଜନା କରିଥିଲେ ବିଜନବାଳା ପାଟଯୋଷି । ରଶ୍ମିତା ମହାନ୍ତ ,କାହ୍ନୁ ଚରଣ ଦାସ, ପୁଷ୍ପାଞ୍ଜଳି ବିଶୋୟୀ, ତ୍ରିଲୋଚନ ପ୍ରଧାନ ,ସଞ୍ଜୟ ଆନନ୍ଦ କୁମାର ତ୍ରିପାଠୀ , ବିଜନବାଳା ପାଟଯୋଷି, ସୁକାନ୍ତ ଦାସ , ଅର୍ପିତା ସାହୁ , ପୀୟୂଷ ପରିଡ଼ା, କୃପାସିନ୍ଧୁ ମଲ୍ଲିକ, ସୁଶାନ୍ତ ଧର ଓ ଜନ୍ମେଜୟ ପ୍ରଜାପତି ସ୍ୱରଚିତ କବିତା ପାଠ କରିଥିଲେ । ସଭା ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ଭାରତୀ ପଟ୍ଟାୟତ । ପରିଷଦରଯୁ ଟ୍ୟୁବ ପତ୍ରିକାର ପ୍ରଚାର ପ୍ରସାର ପାଇଁ ସମସ୍ତେ ଯନିବାନ ହେବାକୁ ସାଧାରଣ ସମ୍ପାଦକ ସଞ୍ଜୟ ଆନନ୍ଦ କୁମାର ତ୍ରିପାଠୀ ଅନୁରୋଧ କରିଥିଲେ ।

# ସୋଆ ଏନ୍‌ଏସ୍‌ଏସ୍ ପକ୍ଷରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ

ଭୁବନେଶ୍ୱର, (ସବ୍ୟୁ): ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱ ବିଦ୍ୟାଳୟର ଜାତୀୟ ସେବା ଯୋଜନା (ଏନ୍‌ଏସଏସ୍) ଶାଖା ତରଫରୁ ପ୍ରାଣୀ ଚିକିତ୍ସା ବିଜ୍ଞାନ ଓ ପ୍ରାଣୀ ପାଳନ ପ୍ରତିଷ୍ଠାନ (ଆଇଭିଏସ୍‌ଏଏଚ୍) ପରିସରରେ ଶନିବାର ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବୃକ୍ଷ ହିଁ ଜୀବନ । ବୃକ୍ଷ ଆମ ଜୀବନ ଓ ଜୀବିକା ସହିତ ଓତଃପ୍ରୋତ ଭାବେ ଜଡିତ । ବିନା ସର୍ତ୍ତ ବା ସ୍ୱାର୍ଥରେ ବୃକ୍ଷ ଆମକୁ ଖାଦ୍ୟ, ଔଷଧ, ଫଳ, ଫୁଲ, ଜାଳେଣି ଇତ୍ୟାଦି ଦେବା ସହ ଅମ୍ଳଜାନ ପ୍ରଦାନ କରି ଜୀବନ ସୁରକ୍ଷା କରେ । ବୃକ୍ଷର ଏପରି ନିସର୍ତ୍ତ ଉପକାରିତା ନେଇ ବ୍ୟାପକ ଭାବରେ ବୃକ୍ଷ ରୋପଣ କରିବାକୁ ଏଠାରେ ଏନ. ଏସ. ଏସ ତରଫରୁ ଆୟୋଜିତ ବୃକ୍ଷ ରୋପଣ କାର୍ଯ୍ୟକ୍ରମରେ ଅତିଥିମାନେ ନିଜ ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ ।

ଏନ୍‌ଏସ୍‌ଏସ୍ ପକ୍ଷରୁ ଆଇଭିଏସ୍‌ଏଏଚ୍ ପରିସରରେ ଏନ. ଏସ. ଏସର ଆବାହକ ଡ଼ଃ କମଳ ଲୋଚନ ମହାନ୍ତଙ୍କ ଅଧକ୍ଷତାରେ ବ୍ୟାପକ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଆଇଭିଏସଏଏଚ୍‌ର ଡିନ ପ୍ରଫେସର ସୁଶାନ୍ତ କୁମାର ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବୃକ୍ଷ ରୋପଣ କରିବା ସହିତ ବୃକ୍ଷର ଉପକାରିତା, ବିଶ୍ୱ ଉତାପ ହ୍ରାସ, ପରିବେଶ ସୁରକ୍ଷା, ବନ୍ୟ



ପ୍ରାଣୀ ସୁରକ୍ଷା, ଜଳସ୍ତର ବୃଦ୍ଧି ସହିତ ଚାଷ କ୍ଷେତ୍ରରେ ଉନ୍ନତି ଇତ୍ୟାଦି ଉପରେ ଆଲୋକପାତ କରିଥିଲେ । ଯୁବ ଛାତ୍ରଛାତ୍ରୀମାନଙ୍କୁ ବ୍ୟାପକ ବୃକ୍ଷ ରୋପଣ କରି ପରିବେଶର ସନ୍ତୁଳନ ରକ୍ଷା କରିବାକୁ ପ୍ରଫେସର ଦାସ ପରାମର୍ଶ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଆଇଭିଏସ୍‌ଏଏଚର ନିର୍ଦ୍ଦେଶକ ତଥା ଆବାହକ ଓ ମନିଟରିଙ୍ଗ ପ୍ରଫେସର କୌତୁକ କୁମାର ସର୍ଦ୍ଦାର, କୃଷି ବିଜ୍ଞାନ ମହାବିଦ୍ୟାଳୟ (ଆଇଏଏସ)ର ଡିନ ପ୍ରଫେସର ସନ୍ତୋଷ କୁମାର ରାଉତ, ଏନ. ଏସ. ଏସ. ର ପ୍ରୋଗ୍ରାମ ଅଫିସର (ପ୍ରାଣୀ ଚିକିତ୍ସା ବିଜ୍ଞାନ) ତଥା ସହକାରୀ ଅଧ୍ୟାପକ ଦେବେନ୍ଦ୍ର ନାଥ ବିଶ୍ୱାଳ, କୃଷି ବିଜ୍ଞାନ ପ୍ରତିଷ୍ଠାନର ଏନ. ଏସ. ଏସ ଅଫିସର ସରୋଜ କୁମାର ମହାନ୍ତି, ଏନ. ସି. ସି ଅଫିସର ସନ୍ତୋଷ କୁମାର ସାହୁଙ୍କ ସମେତ ୨୫୦ ରୁ ଉଦ୍ଧ୍ୱର୍ ଛାତ୍ରଛାତ୍ରୀମାନେ ଅଂଶ ଗ୍ରହଣ କରି ବିଭିନ୍ନ ଗଛ ଯଥା - ବଉଳ, ଅଁଳା, ବେଲ, ଓଉ, ନିମ୍ବ, ସୁନାରୀ, ଜାମ୍ବୁ ଆଦିର ଚାରା ରୋପଣ କରିଥିଲେ ।

### ଗୋଦାମରୁ ୫ଲକ୍ଷ ଟଙ୍କାର ସାମଗ୍ରୀ ଚୋରି, କର୍ମଚାରୀ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ଖଣ୍ଡେଲୱାଲ ଟେଡର୍ସ ଗୋଦାମରୁ ୫ଲକ୍ଷ ଟଙ୍କାର ସାମଗ୍ରୀ ଚୋରି କରି ଫେରାର ହୋଇଯାଇଥିବା କର୍ମଚାରୀ ବିଶ୍ୱଜିତ କୁମାରକୁ ବଡଗଡ ଥାନା ପୋଲିସ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି । ଅଭିଯୋଗକାରୀ ଅମର ଖଣ୍ଡେଲୱାଲ ପୁରୁଣା ଭୁବନେଶ୍ୱର ରାମେଶ୍ୱରପାଟଣାର ବାସିନ୍ଦା । ବାଙ୍କୁଆଳଠାରେ ଥିବା ଖଣ୍ଡେଲଓ୍ୱାଲ ଟେଡର୍ସ ମାଲିକ । ଗତ ସପ୍ତାହରେ ଗୋଦାମର ଷ୍ଟକ୍ ଯାଞ୍ଚ କରିବା ବେଳେ ପ୍ରାୟ ୪ଲକ୍ଷରୁ ୫ଲକ୍ଷ ଟଙ୍କା ମଧ୍ୟରେ ସାମଗ୍ରୀ କମ୍ ଥିବା ଜଣାପଡିଥିଲା । ଏହାପରେ ସେ ଗୋଦାମ ସିସିଟିଭି ଫୁଟେଜ୍ ଯାଞ୍ଚ କରିଥିଲେ । ଫୁଟେଜରୁ ଜଣାପଡିଥିଲା ଯେ, ଗୋଦାମର କର୍ମଚାରୀ ବିଶ୍ୱଜିତ କୁମାର ଓରଫ ଜିତ ଅନ୍ୟ କିଛି ବ୍ୟକ୍ତିଙ୍କ ସହ ମିଶି ଗୋଦାମରୁ ସାମଗ୍ରୀ ଚୋରି କରିଛି । ଏହିପରି ଚୋରି ଘଟଣା ବିଭିନ୍ନ ସମୟରେ ଘଟିଥିବା ତାଙ୍କର ସନ୍ଦେହ ହୋଇଥିଲା । ଏହାପରେ ଅମର ଖଣ୍ଡେଲଓ୍ୱାଲ ବଡଗଡ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗ ଅନୁଯାୟୀ ପୋଲିସ ତଦନ୍ତ କରି ଜାଣିବାକୁ ପାଇଥିଲା ଯେ, ଗତ ୨୬ ତାରିଖରେ ଅଭିଯୁକ୍ତ ବିଶ୍ୱଜିତ କୌଣସି ସୂଚନା ନଦେଇ ଗୋଦାମ ଛାଡି ପଳାଇ ଯାଇଛି । ସେହିଦିନ ଠାରୁ ତାଙ୍କ ମୋବାଇଲ ଫୋନ୍ ବନ୍ଦ ରହିଥିବାରୁ ଅଭିଯୋଗକାରୀ ତାଙ୍କ ସହ ଯୋଗାଯୋଗ କରିପାରି ନଥିଲେ । ମାମଲାର ତଦନ୍ତ ଚାଲିଥିବା ବେଳେ ପୋଲିସ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ବିଶ୍ୱଜିତ କୁମାରକୁ ଟଙ୍କପାଣି ରାସ୍ତାରେ ଥିବା କ୍ରିଷ୍ଟାଲ ହେରିଟେଜ୍ ମଣ୍ଡପ ନିକଟରୁ ଗିରଫ କରିବାରେ ସମର୍ଥ ହେଲା ।

### ନୟାଗଡ଼ ବିଧାନସଭା ନିର୍ବାଚନ ଅନିୟମିତତା ମାମଲା

# ବିଧାୟକ ଅରୁଣ ସାହୁଙ୍କ ପିଟିସନ୍ ସୁପ୍ରିମ୍‌କୋର୍ଟରେ ଖାରଜ

କଟକ,(ସବ୍ୟୁ): ନୟାଗଡ଼ ବିଧାୟକ ଅରୁଣ ସାହୁଙ୍କ ବିରୋଧରେ ନିର୍ବାଚନୀ ମାମଲା ଚାଲିବ । ତାଙ୍କ ବିରୋଧରେ ହୋଇଥିବା ନିର୍ବାଚନୀ ମାମଲାକୁ ଶୁଣାଣି ପୂର୍ବରୁ ରଦ୍ଦ ପାଇଁ କରିଥିବା ଆବେଦନକୁ ହାଇକୋର୍ଟ ଖାରଜ କରିଦେବା ପରେ ବିଧାୟକ ଶ୍ରୀ ସାହୁ ସୁପ୍ରିମ୍‌କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । କିନ୍ତୁ ସୁପ୍ରିମ୍‌କୋର୍ଟ ଏହି ଆବେଦନକୁ ଖାରଜ କରି ଦେଇଛନ୍ତି । ସୁପ୍ରିମ୍‌କୋର୍ଟଙ୍କ ଏହି ଆଦେଶ ଫଳରେ ବିଧାୟକ ଶ୍ରୀ ସାହୁଙ୍କ ଅଡୁଆ ବଢ଼ିଯାଇଛି । ବିଧାୟକ ଶ୍ରୀ ସାହୁଙ୍କ ବିରୋଧରେ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ତଥା ବିଜେପି ପ୍ରାର୍ଥୀ ପ୍ରତ୍ୟୁଷା ରାଜେଶ୍ୱରୀ ସିଂ ହାଇକୋର୍ଟରେ ନିର୍ବାଚନୀ ମାମଲା ରୁଜୁ କରିଥିଲେ । ବିଧାୟକ ଶ୍ରୀ ସାହୁ ନିର୍ବାଚନରେ କେତେକ ଅନିୟମିତତା କରିଥିବା ନେଇ ଅଭିଯୋଗ କରିଥିଲେ । ତେଣୁ ତାଙ୍କ ବିଧାୟକ ପଦ ରଦ୍ଦ ପାଇଁ ସେ ହାଇକୋର୍ଟରେ ପ୍ରାର୍ଥନା କରିଥିଲେ । ଏହି ମାମଲାରେ ବିଧାୟକ ଅରୁଣ ସାହୁଙ୍କୁ ହାଇକୋର୍ଟଙ୍କ ପକ୍ଷରୁ ନୋଟିସ୍ ଜାରି କରାଯାଇଥିଲା । ଏଥିରେ ବିଧାୟକ ଶ୍ରୀ ସାହୁ ପକ୍ଷ ରଖି ଏକ ଅନ୍ତରୀଣ ପିଟିସନ୍ ମଧ୍ୟ ଦାଖଲ କରିଥିଲେ । ଯେଉଁଥିରେ ସେ ଏହି ମାମଲାକୁ ଶୁଣାଣି ପୂର୍ବରୁ ଖାରଜ କରିବା ଲାଗି ଅଦାଲତ ନିର୍ଦ୍ଦେଶ ଦେବାକୁ ପ୍ରାର୍ଥନା କରିଥିଲେ । ହାଇକୋର୍ଟ ଏହି ମାମଲାର ଶୁଣାଣି କରି ଅନ୍ତରୀଣ ପିଟିସନ୍‌କୁ ଖାରଜ କରି ଦେଇଥିଲେ ।



ଏସ୍‌ଆଇଆର ଓ ଦଳୀୟ ସଂଗଠନ ବ୍ୟାପାର ନେଇ ବରିଷ୍ଠ ନେତାମାନଙ୍କ ସହିତ ଆଲୋଚନା କରୁଛନ୍ତି ବିଜେଡ଼ି ସୁପ୍ରିମୋ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ

# ହଟୁନି ସଂସଦରେ ଅଚଳାବସ୍ଥା

## ବିରୋଧୀଙ୍କ ନାରାବାଜିରେ ଗୃହ ହୁଲସ୍ଥୁଲ

ନୂଆଦିଲ୍ଲୀ : ନିଟ୍ ପ୍ରଶ୍ନପତ୍ର ଲିକ୍ ମାମଲାରେ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ପରେ ବି ସଂସଦ ସ୍ୱାଭାବିକ ହୋଇପାରୁନାହିଁ। ଛାତ୍ରଙ୍କ ଆନ୍ଦୋଳନ ସମୟରେ ସେମାନଙ୍କ ଉପରେ ହୋଇଥିବା ପୋଲିସର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ଏବଂ ବିହାରର ସିୱାନର ଆନ୍ଦୋଳନକାରୀଙ୍କ ଉପରକୁ ଏକେ ୪୭ରେ ଗୁଳି ଚଳାଇବା ଘଟଣାକୁ ନେଇ ବିରୋଧୀ ସାଂସଦ ମାନେ ଗୃହମନ୍ତ୍ରୀ ଅମିତ ଶାହାଙ୍କ କ୍ଷମା ପ୍ରାର୍ଥନା ଦାବି କରିଛନ୍ତି। ବିରୋଧୀ ଦଳର ସାଂସଦମାନେ ପ୍ଲାକାର୍ଡ ଏକ ବଡ ବ୍ୟାନର ଧରି ସଂସଦର ମକରଦ୍ୱାର ନିକଟରେ ପ୍ରତିବାଦ କରିଥିଲେ। ସେମାନେ ସ୍ଲୋଗାନ ଦେବା ସହ ପୋଲିସ କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ଗୃହମନ୍ତ୍ରୀ ଅମିତ ଶାହା ଜବାବ୍ ଦେବା ପାଇଁ ଦାବି କରିଛନ୍ତି। ସଂସଦର ଉଭୟ ଗୃହରେ ବିରୋଧୀଙ୍କ ବିକ୍ଷୋପ ଯୋଗୁ ମୌସୁମୀ



ଅଧିବେଶସନର ଷଷ୍ଠ ଦିନ ବି ଅଚଳ ହୋଇପଡିଛି। ପ୍ରଶ୍ନପତ୍ର ଲିକ୍ ଘଟଣାରେ ସଂଶୋଧିତ ବିଲ ଆଗତ ହୋଇଥିଲେ ସୁଦ୍ଧା ଏହା ଉପରେ ଆଲୋଚନା ହୋଇପାରିନାହିଁ।

ବିରୋଧୀ ସଦସ୍ୟମାନେ ସରକାରଙ୍କ ଉପରେ ଏହି ପ୍ରସଙ୍ଗକୁ ନେଇ ଚାପ ପକାଇବା ଆରମ୍ଭ କରିଛନ୍ତି। ବିରୋଧୀ ଦଳର ନେତା ରାହୁଲ ଗାନ୍ଧି ସ୍ୱରାଷ୍ଟ୍ରମନ୍ତ୍ରୀ ଶ୍ରୀ ଶାହାଙ୍କୁ ଚିଠି ଲେଖି ପୋଲିସ କାର୍ଯ୍ୟାନୁଷ୍ଠାନକୁ ନେଇ ତାଙ୍କୁ ଉତ୍ତରଦାୟିତ୍ୱ କରିବା ସହ କେଉଁଭଳି ଭାବରେ ପେଲେଟ୍ ବ୍ୟବହାର କରାଗଲା ତାହାର ଜବାବ୍ ମାଗିଛନ୍ତି। ସେହଭଳି ବିହାରରେ ମଧ୍ୟ ବିକ୍ଷୋଭ ସମୟରେ ଛାତ୍ରଙ୍କ ଉପରକୁ ଜଣେ ପୋଲିସ କର୍ମୀ ଏକେ ୪୭ରେ ଗୁଳି ଚଳାଉଥିବାର ଭିଡିଓ ଭାଇରାଲ ହୋଇଛି। ଏହି ପ୍ରସଙ୍ଗକୁ ନେଇ ବିରୋଧୀ ସଦସ୍ୟମାନେ ଗୃହ ଆରମ୍ଭ ହେବାମାତ୍ରେ ହଟଗୋଳ କରିଥିଲେ। ଗୃହ ମଧ୍ୟରେ ବ୍ୟାନର ପ୍ରଦର୍ଶନ କରିବା ସହ ସ୍ଲୋଗାନ ଦେଇଥିଲେ। ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି ହେବାରୁ ଗୃହର କାର୍ଯ୍ୟକୁ ବାରମ୍ବାର ମୁଲତବୀ କରାଯାଇଥିଲା। ବାଚସ୍ପତି ଓ ଗୃହରେ ଅଧ୍ୟକ୍ଷତା କରୁଥିବା ଅଧିଷ୍ଠାତାଙ୍କ ଅନୁରୋଧ ସତ୍ତ୍ୱେ ବି ଗୃହ କାର୍ଯ୍ୟ ସ୍ୱାଭାବିକ ହୋଇପାରିନଥିଲା। ଶେଷରେ ଉଭୟ ଗୃହକୁ ଆସନ୍ତାକାଲି ପର୍ଯ୍ୟନ୍ତ ମୁଲତବୀ କରାଯାଇଥିଲା। କଂଗ୍ରେସ ସାଂସଦ ମାନିକଙ୍କ ଟାଗୋ ଯନ୍ତର ମନ୍ତରରେ ୨୦ ତାରିଖରେ ହୋଇଥିବା ପ୍ରତିବାଦରେ ସରକାର ମାତ୍ରାଧିକ ବଳ ପ୍ରୟୋଗ ପ୍ରସଙ୍ଗରେ ମୁଲତବୀ ନୋଟିସ ଦେଇଛନ୍ତି। ପ୍ରସ୍ତାବରେ ଟାଗୋ ଉଲ୍ଲେଖ କରିଛନ୍ତି ଯେ, ସୁରକ୍ଷା ବଳ, ପେଲେଟ୍ ବନ୍ଧୁକ ଓ ସବ୍ ବ୍ୟାଟନ ବ୍ୟବହାର କରିଛନ୍ତି। ଫଳରେ ଛାତ୍ରମାନଙ୍କର ଆଖି ଓ ଅନ୍ୟାନ୍ୟ ସ୍ଥାନରେ ଆଘାତ ଲାଗିଛି। ପୋଲିସ ଏହି କାର୍ଯ୍ୟକ୍ରମ ପାଇଁ ସରକାର ଦାୟୀ ବୋଲି ସେ ଉଲ୍ଲେଖ କରିଛନ୍ତି। ରାଜ୍ୟ ସଭାରେ ମଧ୍ୟ ଅନୁରୂପ ଭାବେ ପ୍ରସ୍ତାବ ଦିଆଯାଇଛି।

# ପୁଣି ଆନ୍ଦୋଳନ ଚେତାବନୀ ଦେଲା ସିଜେପି

ନୂଆଦିଲ୍ଲୀ : କକ୍ରୋଚ ଜନତା ପାର୍ଟି ପକ୍ଷରୁ ପୁଣି ଆନ୍ଦୋଳନ ଲାଗି ଚେତାବନୀ ଦିଆଯାଇଛି। ଆସନ୍ତାକାଲି ସୁଦ୍ଧା ପ୍ରତିବାଦ କାରୀଙ୍କ ନାମରେ ହୋଇଥିବା ମାମଲା ପ୍ରତ୍ୟାହାର କରାନଗଲେ ପୁଣି ଆନ୍ଦୋଳନ କରାଯିବ। ସରକାର ଚୁକ୍ତିକୁ ଭଙ୍ଗ କରିଛନ୍ତି ବୋଲି ଅଭିଯୋଗ କରାଯାଇଛି।

ଅଭିଜିତ ଦୀପକେଙ୍କ ନେତୃତ୍ୱରେ ଚାଲିଥିବା ଯନ୍ତରମନ୍ତରରେ ଚାଲିଥିବା ୩୭ ଦିନର ପ୍ରତିବାଦ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ପରେ ଏକ ବିଶ୍ୱାସ ନେଇ ପ୍ରତ୍ୟାହାର କରାଯାଇଥିଲା। ସରକାର ମଧ୍ୟ ପ୍ରତିବାଦକାରୀ ଛାତ୍ରଙ୍କ ଉପରେ ହୋଇଥିବା ମାମଲା ପ୍ରତ୍ୟାହାର କରିବେ ବୋଲି କହିଥିଲେ। ମାତ୍ର ଏପର୍ଯ୍ୟନ୍ତ ତାହା ହୋଇନାହିଁ। ସିଜେପି ପକ୍ଷରୁ କୁହାଯାଇଛି ଯେ, ପ୍ରତିବାଦ ଦେଶବ୍ୟାପି ଚାଲିଥିବା ପ୍ରତିବାଦ ଉପରେ କୌଣସି ପ୍ରତିବାଦକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ନାହିଁ ବୋଲି କୁହାଯାଇଥିଲା। ମାତ୍ର ବିହାର ଓ ପଶ୍ଚିମବଙ୍ଗରେ ଶତାଧିକ ଛାତ୍ର ଗିରଫ ହୋଇଛନ୍ତି। ଦିଲ୍ଲୀ ଓ ଅନ୍ୟାନ୍ୟ ରାଜ୍ୟରେ ମଧ୍ୟ ଶତାଧିକ ପ୍ରତିବାଦୀକାରୀଙ୍କ ମଧ୍ୟ ଅବସ୍ଥା ଅନୁରୂପ ରହିଛି। ଯେଉଁମାନେ ସ୍ୱେଚ୍ଛାକୃତ ଭାବେ ଏହି ଆନ୍ଦୋଳନକୁ ସମର୍ଥନ କରୁଥିଲେ ସେମାନଙ୍କୁ ଦିଲ୍ଲୀ ପୋଲିସ ମଧ୍ୟ ଅଟକ ରଖିଛି। ସିଜେପି ମୁଖପାତ୍ର ଆଶୁତୋଷ ଲେଙ୍କା ସୋସିଆଲ ମିଡିଆରେ ଉଲ୍ଲେଖ କରିଛନ୍ତି ଯେ, ଆମେ ଦାବି କରିଥିଲୁ ପ୍ରତିବାଦକାରୀଙ୍କ ନାରେ ହୋଇଥିବା ଏତଲାକୁ ତୁରନ୍ତ ପ୍ରତ୍ୟାହାର




କରିନିଆଯିବ, ଛାତ୍ରମାନଙ୍କୁ ମୁକ୍ତ କରାଯିବ, ସୁରକ୍ଷାବଳ ପକ୍ଷରୁ ଭବିଷ୍ୟତରେ ମଧ୍ୟ କୌଣସି ଏତଲା କରାଯିବନାହିଁ। ସରକାରଙ୍କ ପକ୍ଷରୁ ମଧ୍ୟ ଏକ ଲିଖିତ ଚୁକ୍ତି ପ୍ରଦାନ ଦାବି କରାଯାଇଥିଲ। ସରକାର ଏହାକୁ

# ନେପାଳରେ ହିଂସା : ଜଣେ ମୃତ, ୧୨ ଆହତ

କାଠମାଣ୍ଡୁ: ନେପାଳର କୋଶି ପ୍ରଦେଶର ସୁନସାରି ଜିଲ୍ଲାରେ ସାମ୍ପ୍ରଦାୟିକ ସଂଘର୍ଷରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ସୁରକ୍ଷାକର୍ମୀଙ୍କ ସମେତ ୧୨ରୁ ଅଧିକ ଲୋକ ଆହତ ହୋଇଛନ୍ତି। ଏହି ଘଟଣା ପରେ ସୋମବାର ସକାଳେ ସ୍ଥାନୀୟ ପ୍ରଶାସନ ଜିଲ୍ଲାର ପାଞ୍ଚଟି ବଜାର ଅଞ୍ଚଳରେ ଅନିର୍ଦ୍ଦିଷ୍ଟ କାଳ ପାଇଁ କର୍ଫ୍ୟୁ ଜାରି କରିଛି। ନେପାଳର ସମ୍ପୃକ୍ତ ହିଂସାଗ୍ରସ୍ତ ଅଞ୍ଚଳ ବିହାର ସୀମାକୁ ଲାଗି ରହିଛି। ସୁନସାରି ଜିଲ୍ଲା ପ୍ରଶାସନର ସୂଚନା ଅନୁଯାୟୀ, ଜିଲ୍ଲାର କପ୍ତାନଗଞ୍ଜ ବଜାର, ଦିବାନଗଞ୍ଜ ଗ୍ରାମୀଣ ନଗରପାଳିକା-୩ ସହିତ ପାଞ୍ଚଟି ବଜାର ଅଞ୍ଚଳରେ ସକାଳ ସାତଟାରୁ ଆଗାମୀ ନିର୍ଦ୍ଦେଶ ପର୍ଯ୍ୟନ୍ତ କଟକଣା ଲାଗୁ ହୋଇଛି। ପୁଲିସ ସୂଚନା ଅନୁଯାୟୀ ହିଂସା ରବିବାର ରାତିରେ ଦେବଗଞ୍ଜ ଗ୍ରାମ ପଞ୍ଚାୟତର କପ୍ତାନଗଞ୍ଜ ଅଞ୍ଚଳରେ ଆରମ୍ଭ ହୋଇଥିଲା। ଏଠାରେ ଦୁଇଟି ସମ୍ପ୍ରଦାୟର ଲୋକ ଅଲଗା ଅଲଗା ଧାର୍ମିକ କାର୍ଯ୍ୟକ୍ରମ ଆୟୋଜନ କରୁଥିଲେ। ଗୋଟିଏ ପକ୍ଷରେ ବୋଲବମ ଯାତ୍ରା ପାଇଁ ଭିଡ଼ ଥିବାବେଳେ ଅନ୍ୟ ସମ୍ପ୍ରଦାୟର ଲୋକ ନିଜ ଧାର୍ମିକ କାର୍ଯ୍ୟକ୍ରମ କରୁଥିଲେ। ବିବାଦ ମୁଖ୍ୟତଃ ଲାଉଡସ୍ପିକରର ତୀବ୍ର ଧ୍ୱନି ଓ ଧାର୍ମିକ ପତାକା ବ୍ୟବହାରକୁ ନେଇ ହୋଇଥିଲା। ଦୁଇପକ୍ଷ ମଧ୍ୟରେ କଥା କଟାକଟି ଦେଖୁ ଦେଖୁ ହିଂସକ ରୂପ ନେଇଥିଲା। ଦୁଇ ସମ୍ପ୍ରଦାୟ ମଧ୍ୟରେ ପଥର ଫିଙ୍ଗା ଓ ମାଡ଼ପିଟ୍ ହୋଇଥିଲା। ଉତ୍ତ୍ୟକ୍ତ ଲୋକମାନେ କପ୍ତାନଗଞ୍ଜ ଅଞ୍ଚଳରେ ଦୋକାନ, ବଜାର, ଘର ମେଡିକାଲ ସୁବିଧା, ଗାଡ଼ି ଓ ସରକାରୀ ସମ୍ପତ୍ତି ଭଙ୍ଗାରୁଜା କରିଥିଲେ। ପରିସ୍ଥିତିକୁ ଦେଖି ସୁରକ୍ଷାକର୍ମୀ ହସ୍ତକ୍ଷେପ କରିଥିଲେ। ଭିଡ଼କୁ ଘଉଡ଼େଇବା ପାଇଁ ଲୁହବୁହା ଗ୍ୟାସ ପ୍ରୟୋଗ କରିବା ସହିତ ଫାଙ୍କା ଗୁଳିଚାଳନା କରିଥିଲେ। ପରିସ୍ଥିତି ନିୟନ୍ତ୍ରଣକୁ ଆଣିବାକୁ ଭିଡ଼ ଉପରକୁ ପୁଲିସକୁ ଗୁଳି ଚାଳନା କରିବାକୁ ପଡ଼ିଥିଲା। ପୁଲିସ ଗୁଳି ଚାଳନାରେ ୨୪ ବର୍ଷୀୟ ଓମ୍ ପ୍ରକାଶ ମେହତାଙ୍କର ମୃତ୍ୟୁ ହୋଇଥିଲା। ଏହି ହିଂସାରେ ସୁରକ୍ଷାକର୍ମୀଙ୍କ ସହିତ ୧୨ରୁ ଅଧିକ ଲୋକ ଆହତ ହୋଇଥିଲେ। ଆହତଙ୍କ ମଧ୍ୟରେ କେତେକ ଲୋକଙ୍କ ଅବସ୍ଥା ଗମ୍ଭୀର ଥିବା କୁହାଯାଉଛି। ଏବେବି ଅଞ୍ଚଳରେ ଉତ୍ତେଜନା ଲାଗି ରହିଛି।

## ଭାରତୀୟ ଥିବା ଜାହାଜ ଉପରେ ଆକ୍ରମଣ

# ୟୁକ୍ରେନ ରାଷ୍ଟ୍ରଦୂତଙ୍କୁ ଭାରତର ସମନ୍

ନୂଆଦିଲ୍ଲୀ : ୟୁକ୍ରେନର ଓଡେସା ବନ୍ଦର ନିକଟରେ ଏକ ବାଣିଜ୍ୟିକ ଜାହାଜ ଉପରେ ଆକ୍ରମଣ ପରେ ବିଦେଶ ମନ୍ତ୍ରଣାଳୟ ସୋମବାର ଭାରତରେ ଅବସ୍ଥାପିତ ୟୁକ୍ରେନର ରାଷ୍ଟ୍ରଦୂତ ଡ. ଓଲେକଜାଣ୍ଡର ପୋଲିଶଚୁକ୍ଙ୍କୁ ସମନ ଜାରି କରିଛି। ଏହି ଜାହାଜରେ ୪ ଜଣ ଭାରତୀୟ ନାଗରିକ ଥିଲେ। ଶନିବାର କୃଷ୍ଣସାଗରରେ ଓଡେସା ବନ୍ଦର ନିକଟରେ ଏମ୍ବି ଏଜିଏନ୍ ରାଗନାର ଉପରେ ଆକ୍ରମଣ ହୋଇଥିଲା। ୨୦୨୨ରେ ରୁଷ୍-ୟୁକ୍ରେନ୍ ବିବାଦ ଆରମ୍ଭ ହେବା ପରଠାରୁ କୃଷ୍ଣସାଗରରେ ବାରମ୍ବାର ବାଣିଜ୍ୟିକ ଜାହାଜ ଉପରେ ଆକ୍ରମଣ ହେଉଛି। ଜୁଲାଇ ୧୮ ତାରିଖରେ




ବାଣିଜ୍ୟିକ ଜାହାଜ ଏମ୍ବି ଓମୋର୍ଫି ଉପରେ ଆକ୍ରମଣରେ ଜଣେ ଭାରତୀୟ ନାଗରିକଙ୍କର ମୃତ୍ୟୁ ଘଟିଥିବା ବିଦେଶ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ସାମୁଦ୍ରିକ ନୌ ସୁରକ୍ଷା, ନୌଚାଳନା ସ୍ୱାଧୀନତା ଓ ଅନ୍ତର୍ଜାତୀୟ ବାଣିଜ୍ୟ ଉପରେ ଆକ୍ରମଣର ପ୍ରତିକୂଳ ପ୍ରଭାବକୁ ଗୁରୁତ୍ୱ ଦେଇ ମନ୍ତ୍ରଣାଳୟ ବାଣିଜ୍ୟିକ ଜାହାଜ ଉପରେ ଆକ୍ରମଣକୁ ନେଇ ଗମ୍ଭୀର ଚିନ୍ତା ପ୍ରକଟ କରିବା ସହିତ କଠୋର ଶବ୍ଦରେ ଘଟଣାର ନିନ୍ଦା କରିଛି। ବାଣିଜ୍ୟିକ ଜାହାଜକୁ ଟାର୍ଗେଟ କରିବା ନେଇ ଭାରତର ଦୃଢ଼ ଚିନ୍ତାକୁ ୟୁକ୍ରେନ କର୍ତ୍ତୃପକ୍ଷଙ୍କୁ ଜଣାଇବାକୁ ରାଷ୍ଟ୍ରଦୂତଙ୍କୁ ଅନୁରୋଧ କରାଯାଇଥିଲା। ୟୁକ୍ରେନସ୍ଥିତ ଭାରତୀୟ ଦୂତାବାସ କହିଛି ଯେ, ୪ ଭାରତୀୟ ନାବିକଙ୍କ ମଧ୍ୟରେ ଦୁଇଜଣ ସଦସ୍ୟ ସୁରକ୍ଷିତ ଅଛନ୍ତି ଓ ଦୁଇ ଜଣ ସମ୍ପର୍କରେ ସୂଚନାକୁ ଅପେକ୍ଷା କରାଯାଇଛି।

## ଗଡକରୀଙ୍କ ବଡ଼ ବିଜୟ

# ମେଟା, ଏକ୍ସ, ଗୁଗୁଲ୍ ବିରୋଧରେ ମାମଲା ରୁଜୁ ଅନୁମତି

ମୁମ୍ବାଇ: କେନ୍ଦ୍ରମନ୍ତ୍ରୀ ନୀତିନ ଗଡକରୀଙ୍କୁ ସୋସିଆଲ ମିଡିଆ ପ୍ଲାଟଫର୍ମ ମେଟା, ଏକ୍ସ, ଗୁଗୁଲ ଏବଂ ଅନ୍ୟମାନଙ୍କ ବିରୋଧରେ ଏକ ଦେୱାନୀ ମାମଲା ଦାୟର କରିବାକୁ ଅନୁମତି ମିଳିଛି। ଏହି ମାମଲାଟି ଏଆଇ-ଜେନେରେଟେଡ୍ ଡିପ୍ ଫେକ୍ ଭିଡିଓ ଏବଂ ତାଙ୍କୁ ବଦନାମ କରିବା ପାଇଁ ଡିଜିଟାଲ୍ କଣ୍ଟେଣ୍ଟ ତିଆରି ସହିତ ଜଡିତ। ଏହି ମାମଲାଟି ଇଥାନଲ୍ ମିଶ୍ରଣ ପଦକ୍ଷେପ ସହିତ




ମଧ୍ୟ ଜଡିତ, ଯାହା ଦେଶରେ ଏବେ ଏକ ପ୍ରମୁଖ ରାଜନୈତିକ ପ୍ରସଙ୍ଗ ପାଲଟିଛି। ରିପୋର୍ଟ ଅନୁଯାୟୀ, ସୋମବାର ବମ୍ବେ ହାଇକୋର୍ଟର ବିଚାରପତି ଅଭୟ ଆହୁଜାଙ୍କ ଖଣ୍ଡପୀଠ ଏହି ସୋସିଆଲ ମିଡିଆ ପ୍ଲାଟଫର୍ମଗୁଡ଼ିକ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କେନ୍ଦ୍ରମନ୍ତ୍ରୀ ନୀତିନ ଗଡକରୀଙ୍କୁ ଅନୁମତି ପ୍ରଦାନ କରିଛନ୍ତି। ହାଇକୋର୍ଟ ପରେ ମଧ୍ୟବର୍ତ୍ତୀକାଳୀନ ଆଶ୍ୱସ୍ତି ପାଇଁ ତାଙ୍କର ଆବେଦନର ଶୁଣାଣି କରିବେ, ଯେଉଁଥିରେ ତୁରନ୍ତ ନିଷେଧ ଏବଂ ବିଷୟବସ୍ତୁ ଅପସାରଣ ମାମଲା ଅନ୍ତର୍ଭୁକ୍ତ ରହିଛି।

# ଯନ୍ତର ମନ୍ତରରେ ଲାଠିଚାର୍ଜ ମାମଲା : ଲକ୍ଷ୍ମଣ ରେଖା ଟାଣିଲେ ସିଜେଆଇ

ନୂଆଦିଲ୍ଲୀ: ଶାନ୍ତିପୂର୍ଣ୍ଣ ଏବଂ ଆଇନଗତ ପ୍ରତିବାଦ ଏକ ସାମ୍ବିଧାନିକ ଭାବରେ ସୁରକ୍ଷିତ ଅଧିକାର। ପ୍ରତିବାଦ ହେଉଛି ବୋଲି ପୁଲିସର ଅତ୍ୟାଚାରକୁ ଯଥାର୍ଥ କୁହାଯାଇପାରିବ ନାହିଁ। ଜନ୍ତରମନ୍ତରରେ ପ୍ରଦର୍ଶନକାରୀଙ୍କ ବିରୋଧରେ ପୁଲିସ କାର୍ଯ୍ୟାନୁଷ୍ଠାନ ସମ୍ପର୍କିତ ଆବେଦନର ଶୁଣାଣି କରି ସୁପ୍ରିମକୋର୍ଟ ସୋମବାର ଏହି ମତାମତ ଦେଇଛନ୍ତି। ଭାରତର ପ୍ରଧାନ ବିଚାରପତି (ସିଜେଆଇ) ସୂର୍ଯ୍ୟକାନ୍ତ, ବିଚାରପତି ଜୟମାଲ୍ୟ ବାଗଚୀ ଏବଂ ବିଚାରପତି ଭି. ମୋହନାଙ୍କ ଦ୍ୱାରା ଗଠିତ ଖଣ୍ଡପୀଠ ଏହା ମଧ୍ୟ କହିଛନ୍ତି ଯେ, ଆମେ ଅନ୍ୟ ବିଚାରାଧୀନ ଆବେଦନ ସହିତ, କିଛି ପୁଲିସ କର୍ମଚାରୀଙ୍କ ପରିବାର ସଦସ୍ୟଙ୍କ ଦ୍ୱାରା ଦାୟର ଏକ ପୃଥକ ଆବେଦନର ଶୁଣାଣି କରିବୁ। ଯେଉଁଥିରେ



ପ୍ରତିବାଦ ସମୟରେ ସେମାନଙ୍କ ଉପରେ ଆକ୍ରମଣ ଅଭିଯୋଗ କରାଯାଇଛି। ସୁପ୍ରିମକୋର୍ଟ କହିଛନ୍ତି, ବିକ୍ଷୋଭ ଏବଂ ପୁଲିସ କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ଏକ ସ୍ପଷ୍ଟ ପ୍ରୋଟୋକଲ ରହିବା ଉଚିତ୍। ପ୍ରଦର୍ଶନ ପାଇଁ ଉପଯୁକ୍ତ ସ୍ଥାନ ଯୋଗାଇ ଦିଆଯିବା ଉଚିତ୍, ଏବଂ ଅନାବଶ୍ୟକ କଟକଣା ଲଗାଯିବା ଉଚିତ୍ ନୁହେଁ। ଯଦି କିଛି ଅସାମାଜିକ ତତ୍ତ୍ୱ ଥାଆନ୍ତି, ତେବେ ସେମାନଙ୍କୁ ଆଇନ ଅନୁଯାୟୀ ମୁକାବିଲା କରାଯାଇପାରିବ। ଏହା କେବଳ ଦିଲ୍ଲୀର ପ୍ରସଙ୍ଗ ନୁହେଁ। ସାରା ଦେଶରେ ଏକ ସମାନ ପ୍ରୋଟୋକଲ ରହିବା ଉଚିତ୍। ଖଣ୍ଡପୀଠ କହିଛନ୍ତି ଯେ, ଯଦି ପୁଲିସ କୌଣସି ସ୍ଥାନରେ ଅତ୍ୟଧିକ ବଳ ପ୍ରୟୋଗ କରିଛି, ତେବେ ଏହାର ସ୍ୱାଧୀନ ତଦନ୍ତ କରାଯିବା ଉଚିତ୍। ଖଣ୍ଡପୀଠ କହିଛନ୍ତି ଯେ, ଗଣତନ୍ତ୍ରରେ ଶୃଙ୍ଖଳା ଅତ୍ୟନ୍ତ ଜରୁରୀ ଏବଂ କେବଳ ପ୍ରତିବାଦ ହେଲେ ପୁଲିସ ଲାଠିଚାର୍ଜ କରିବାକୁ ବାଧ୍ୟ ହୁଏ ନାହିଁ। କୋର୍ଟ ଏହା ମଧ୍ୟ ସ୍ପଷ୍ଟ କରିଛନ୍ତି ଯେ, ପ୍ରତିବାଦ ସମୟରେ ପୁଲିସ ଅଧିକାରୀମାନଙ୍କ ସମେତ ପ୍ରତ୍ୟେକ ବ୍ୟକ୍ତିଙ୍କ ଜୀବନ ଏବଂ ସୁରକ୍ଷା ସମାନ ଭାବରେ ଗୁରୁତ୍ୱପୂର୍ଣ୍ଣ। ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି ଯେ, ଏହି ପ୍ରସଙ୍ଗ ସହିତ ଜଡିତ ସମସ୍ତ ବିଚାରାଧୀନ ଆବେଦନଗୁଡ଼ିକୁ ଏକତ୍ର ତାଲିକାଭୁକ୍ତ କରାଯିବ ଏବଂ ପରବର୍ତ୍ତୀ ଶୁଣାଣି ୨୮ ଜୁଲାଇ ମଙ୍ଗଳବାର ବିସ୍ତୃତ ଶୁଣାଣି ହେବ।

## ଏନଇଇଟି ପେପର ଲିକ୍ ମାମଲା

# ଫାଷ୍ଟ-ଟ୍ରାକ୍ କୋର୍ଟରେ ପ୍ରଥମ ଦିନର ଶୁଣାଣି ସ୍ଥଗିତ

ନୂଆଦିଲ୍ଲୀ: ସାରା ଦେଶରେ ଏନଇଇଟି ପେପର ଲିକ୍ ବିରୋଧରେ ଛାତ୍ରମାନଙ୍କ ପ୍ରତିବାଦ ପରେ, ଏକ ଫାଷ୍ଟ ଟ୍ରାକ୍ କୋର୍ଟ ଗଠନ କରାଯାଇଥିଲା। ଫାଷ୍ଟ ଟ୍ରାକ୍ କୋର୍ଟରେ ଅଭିଯୁକ୍ତମାନଙ୍କୁ ଯଥାଶୀଘ୍ର ଦଣ୍ଡ ଦିଆଯିବ ବୋଲି ସରକାର ପ୍ରତିଶ୍ରୁତି ଦେଇଥିଲେ। ତେବେ ଶୁଣାଣିର ପ୍ରଥମ ଦିନରେ ହିଁ କୋର୍ଟ କାର୍ଯ୍ୟ ସ୍ଥଗିତ ରହିଛି। ୨୭ ଜୁଲାଇ ସୋମବାର ଦିନ, ଦିଲ୍ଲୀର ରାଉଜ୍ ଆଭେନ୍ୟୁ କୋର୍ଟରେ ପବ୍ଲିକ୍ ଏକ୍ସାମିନେସନ(ଅନ୍ୟାୟ ନିବାରଣ) ଆଇନ, ୨୦୨୪ ଅଧୀନରେ ଗଠିତ ଫାଷ୍ଟ ଟ୍ରାକ୍ କୋର୍ଟରେ ପେପର ଲିକ୍ ମାମଲାର ପ୍ରଥମ ଶୁଣାଣି ଥିଲା। କିନ୍ତୁ ପ୍ରଥମ ଦିନରେ ହିଁ ନ୍ୟାୟ ବ୍ୟବସ୍ଥା ଝୁଣ୍ଟିଛି। ଶୁଣାଣିକୁ ସ୍ଥଗିତ ରଖାଯାଇଛି। ରିପୋର୍ଟ ଅନୁଯାୟୀ, ପେପର ଲିକ୍ ମାମଲାର ଶୁଣାଣି ପାଇଁ ସିବିଆଇର ପ୍ରତିନିଧିତ୍ୱ କରୁଥିବା କୌଣସି ଆଇନଜୀବୀ କୋର୍ଟରେ ହାଜର ହୋଇ ନଥିଲେ। ସରକାରୀ ଆଇନଜୀବୀଙ୍କ ଅନୁପସ୍ଥିତି ଯୋଗୁଁ ଶୁଣାଣିକୁ ଆସନ୍ତା ମାସ ଅଗଷ୍ଟ ୩ ତାରିଖ ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଛି। ଧାର୍ଯ୍ୟ ଦିନ ପୂର୍ବାହ୍ନ ୧୦ଟାରେ ଶୁଣାଣି ହେବ। ସ୍ୱତନ୍ତ୍ର ଫାଷ୍ଟ ଟ୍ରାକ୍ କୋର୍ଟ ବିଚାରପତି ଅନୁ ଗ୍ରୋଭର ବାଲିଗା ଏନଇଇଟି-ୟୁଜି-୨୦୨୬ ପେପର୍ ଲିକ୍ ମାମଲାରେ ଗିରଫ ହୋଇଥିବା ଦିନେଶ ବିଭାଲ ଏବଂ ବିକାଶ ବିଭାଲଙ୍କ ଜାମିନ ଆବେଦନର ଶୁଣାଣି କରିବାକୁ ସ୍ଥିର କରାଯାଇଥିଲା। କୋର୍ଟ ଏନଇଇଟି ପେପର୍ ଲିକ୍ ମାମଲା ପାଇଁ ଜଣେ ସରକାରୀ ଆଇନଜୀବୀଙ୍କୁ ନିଯୁକ୍ତ କରିବାକୁ ପ୍ରସିକ୍ୟୁସନ୍ ନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପେପର୍ ଲିକ୍ ଷଡ଼ଯନ୍ତ୍ରରେ ସିବିଆଇ ଦ୍ୱାରା ଗିରଫ ହୋଇଥିବା ୧୩ ଅଭିଯୁକ୍ତଙ୍କ ମଧ୍ୟରେ ଦିନେଶ ବିଭାଲ ଏବଂ ବିକାଶ ବିଭାଲ ପ୍ରମୁଖ ଅଛନ୍ତି। ତଦନ୍ତକାରୀ ସଂସ୍ଥା ଅନୁଯାୟୀ, ଅଭିଯୁକ୍ତମାନେ ଏକ ନେଟୱାର୍କ ସହିତ ଜଡିତ। ପରୀକ୍ଷା ପୂର୍ବରୁ ପେପର୍ ଲିକ୍ କରାଯାଇଥିଲା ଏବଂ ଏହାକୁ ଅନେକ ପ୍ରାର୍ଥୀଙ୍କୁ ବଣ୍ଟନ କରିଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରବିବାର ଦିନ କହିଥିଲେ ଯେ, ଦେଶର ଲକ୍ଷ ଲକ୍ଷ ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ସୁରକ୍ଷିତ ରଖିବା ପାଇଁ, ସରକାର ନିଶ୍ଚିତ କରିଛନ୍ତି ଯେ, ପରୀକ୍ଷା ପ୍ରକ୍ରିୟାରେ କୌଣସି ପ୍ରକାରର ଭୁଲ୍ କିମ୍ବା ଦୁର୍ନୀତିକୁ ବରଦାସ୍ତ କରାଯିବ ନାହିଁ। ସେ କହିଥିଲେ, ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ବିପଦରେ ପକାଇଥିବା ଅନେକ ଅଭିଯୁକ୍ତ ଜେଲ୍ରେ ଅଛନ୍ତି ଏବଂ ଏପରି ମାମଲାର ଶୀଘ୍ର ବିଚାର ପାଇଁ ଫାଷ୍ଟ-ଟ୍ରାକ୍ କୋର୍ଟ ପ୍ରତିଷ୍ଠା କରାଯାଇଛି।

## ଫୁଡ୍ ଫେଷ୍ଟିଭାଲରେ ଆଖିବୁଜା ଗୁଳିଚାଳନା : ୨ ମୃତ, ୫ ଆହତ

ୱାଶିଂଟନ : ଆମେରିକାର ସିଆଟେଲରେ ଏକ ଭୟଙ୍କର ଘଟଣା ଘଟିଛି। ସହରର ସବୁଠାରୁ ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳ, ସ୍ପେସ୍ ନିଡଲ୍ ନିକଟରେ ଆୟୋଜିତ ଏକ ଖାଦ୍ୟ ମହୋତ୍ସବରେ ଅଚାନକ ଗୁଳିକାଣ୍ଡ ଘଟିଛି। ଏହି ଆକ୍ରମଣରେ ଘଟଣା ସ୍ଥଳରେ ଦୁଇ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ଜଣେ ଦୁଇ ବର୍ଷର ଶିଶୁ ସମେତ ତିନି ଜଣ ମହିଳା ଏବଂ ଜଣେ ୨୩ ବର୍ଷୀୟ ପୁରୁଷ ଆହତ ହୋଇଛନ୍ତି। ଡାକ୍ତର କହିଛନ୍ତି ଯେ ଆହତ ମହିଳାଙ୍କ ମଧ୍ୟରୁ ଜଣେ ୫୬ ବର୍ଷୀୟ ମହିଳାଙ୍କ ଅବସ୍ଥା ଗୁରୁତର ରହିଛି। ଅନ୍ୟ ଆହତମାନଙ୍କୁ ଚିକିତ୍ସା ପାଇଁ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ରିପୋର୍ଟ ଅନୁସାରେ, ଘଟଣା ରବିବାର ସନ୍ଧ୍ୟା ପ୍ରାୟ ୬ଟାରେ ସିଆଟେଲ ସେଣ୍ଟରରେ ଘଟିଥିଲା। ବାର୍ଷିକ ବାଇଟ୍ ଅଫ୍ ସିଆଟେଲ ଖାଦ୍ୟ ମହୋତ୍ସବ ଚାଲିଥିଲା। ହଜାର ହଜାର ଲୋକ ଏହି ଲୋକପ୍ରିୟ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ହଠାତ୍ ଗୁଳିଚାଳନା ହୋଇଥିଲା।

## କକ୍ରୋଚ ପରେ ମୁଣ୍ଡ ଟେକିଲା 'ଇ-୨୦ ଜନତା ପାର୍ଟି'

ନୂଆଦିଲ୍ଲୀ : ପୁଣି ସୋଶାଲ ମିଡିଆରେ ମୁଣ୍ଡ ଟେକିଛି ଆଉ ଗୋଟିଏ ନୂଆ ସଂଗଠନ। କକ୍ରୋଚ ଜନତା ପାର୍ଟିର ସଫଳତା ପରେ ଏବେ ଇଥାନଲ ମିଶ୍ରିତ ତୈଳ ବିରୋଧରେ କିଛି ଲୋକ ଏକାଠି ହେଉଛନ୍ତି। ଏଥିପାଇଁ ସେମାନେ ସିଜେପି ଭଳି ସୋଶାଲ ମିଡିଆରୁ ନିଜର ଅଭିଯାନ ଆରମ୍ଭ କରିଛନ୍ତି। ଇ୨୦ ଜନତା ପାର୍ଟି ଇଥାନଲ ମିଶ୍ରିତ ତୈଳ ବିରୋଧରେ ଏହି ସଂଗଠନ ଲୋକଙ୍କୁ ଏକାଠି କରିବାକୁ ଚେଷ୍ଟା କରୁଛି। ସୋଶାଲ ମିଡିଆରେ ଗଠନ ହୋଇଥିବା ଏହି ଦଳକୁ ବର୍ତ୍ତମାନ ୨ ଲକ୍ଷରୁ ଅଧିକ ଲୋକ ଅନୁସରଣ କରି ସାରିଲେଣି। ପ୍ରତି ସେକେଣ୍ଡରେ ଇ୨୦ ଜନତା ପାର୍ଟିର ଅନୁଗାମୀଙ୍କ ସଂଖ୍ୟା ଦ୍ରୁତଗତିରେ ବୃଦ୍ଧି ପାଇବାରେ ଲାଗିଛି। ଏହା ସିଜେପି ଭଳି ଦ୍ୱିତୀୟ ବିପ୍ଲବ ଦେଶରେ ସୃଷ୍ଟି କରିବାର ଆଶଙ୍କା ମଧ୍ୟ ରହିଛି। ଏହି ତଥାକଥିତ ପାର୍ଟି ୧୦୦% ମୂଳ ଇନ୍ଧନ ବା ତୈଳକୁ ରିହାତି ଦରରେ ବାଛିବାର ସ୍ୱାଧୀନତା ଓ କେନ୍ଦ୍ରମନ୍ତ୍ରୀ ନୀତୀନ ଗଡକରୀଙ୍କ ଇସ୍ତଫା ଦାବି କରିଛି।

# ସବୁଜ ବାଣ ଫୁଟାକୁ ନେଇ ଦୁଇ ସରକାରୀ ସଂସ୍ଥା ମୁହାଁମୁହିଁ

ନୂଆଦିଲ୍ଲୀ: ଦୀପାବଳି ପୂର୍ବରୁ ବାଣ ଫୁଟାଇବାକୁ ନେଇ ବିବାଦ ଦେଖାଦେଇଛି। ସବୁଜ ବାଣ ଫୁଟାଇବାକୁ ନେଇ ଦୁଇଟି କେନ୍ଦ୍ର ସରକାରୀ ସଂସ୍ଥା ମୁହାଁମୁହିଁ ହୋଇଛନ୍ତି। ଏହି ମାମଲା ଏବେ ସୁପ୍ରିମକୋର୍ଟରେ ପହଞ୍ଚିଛି। କୋର୍ଟ ସବୁଜ ବାଣ ଯୋଗୁଁ ହେଉଥିବା ପ୍ରଦୂଷଣ ଉପରେ ଶୁଣାଣି କରିବେ। କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ସବୁଜ ବାଣରେ ବ୍ୟବହୃତ ବେରିୟମ ନାଇଟ୍ରେଟକୁ ପ୍ରଦୂଷଣର କାରଣ ବୋଲି ବିଚାର କରି ଏହାର କଡ଼ା ବିରୋଧ କରିଛି। କେନ୍ଦ୍ର ସରକାର ଏବେ ଏହି ନିଷ୍ପତ୍ତି ସୁପ୍ରିମକୋର୍ଟ ଉପରେ ଛାଡି ଦେଇଛନ୍ତି। କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ସିପିସିବି) ସବୁଜ ବାଣରେ ବ୍ୟବହୃତ ବେରିୟମ ନାଇଟ୍ରେଟକୁ ଏକ ପ୍ରମୁଖ ପ୍ରଦୂଷଣକାରୀ ଉପାଦାନ ଭାବରେ ଚିହ୍ନଟ କରିଛି, ଯେତେବେଳେ ସିଏସଆଇଆର-ଏନଇଇଆରଆଇ ସବୁଜ ବାଣରେ ଏହାର ବ୍ୟବହାରକୁ ଅନୁମୋଦନ କରିଛି। ଫଳସ୍ୱରୂପ, ପରିବେଶ ମନ୍ତ୍ରଣାଳୟ ଏହି ଦୁଇ ପକ୍ଷଙ୍କ ମଧ୍ୟରେ ଜାରି ରହିଥିବା ବିବାଦକୁ ସୁପ୍ରିମକୋର୍ଟକୁ ପଠାଇଛନ୍ତି। ପାରମ୍ପରିକ ବାଣର ବିକଳ୍ପ ଭାବରେ ସାରା ଭାରତରେ ସବୁଜ ବାଣର ବ୍ୟବହାରକୁ ଅନୁମୋଦନ କରାଯାଇଥିଲା। କେନ୍ଦ୍ର ସରକାରସିଏସଆଇଆର-ଏନଇଇଆରଆଇକୁ ୫୦ ପ୍ରତିଶତରୁ ଅଧିକ ପ୍ରଦୂଷଣ ହ୍ରାସ ସହିତ ସବୁଜ ବାଣ ବିକଶିତ କରିବାକୁ କହିଥିଲେ। ଏହାର ରିପୋର୍ଟରେ, ସିଏସଆଇଆର-ଏନଇଇଆରଆଇ ନୂତନ ଫର୍ମୁଲେସନ ପ୍ରଦାନ କରି କହିଛି ଯେ ଏହି ନୂତନ ଫର୍ମୁଲେସନଗୁଡ଼ିକ ପ୍ରଦୂଷଣ ସ୍ତରକୁ ୪୦ ରୁ ୬୦ ପ୍ରତିଶତ ହ୍ରାସ କରି ପିଏମ-୧୦ ଏବଂ ପିଏମ-୨.୫ ନିର୍ଗମନ ୪୫ ରୁ ୬୦ ପ୍ରତିଶତ ହ୍ରାସ କରିଥାଏ। ଏହି ରିପୋର୍ଟ ଉପରେ ଆଧାର କରି, ତାମିଲନାଡୁ ଫାୟାରୱାର୍କସ୍ ଆଣ୍ଡ ଆମୋର୍ସେସ୍ ମ୍ୟାନୁଫ୍ୟାକଚର୍ସ ଆସୋସିଏସନ୍ ଅନ୍ୟ ଅକ୍ସିଡାଇଜର ସହିତ ନୂତନ ଫର୍ମୁଲେସନ୍ ବିକଶିତ କରିଛି, ଯାହା ବେରିୟମ୍ ଲୁଣ/ନାଇଟ୍ରେଟ୍ ପରିମାଣକୁ ହ୍ରାସ କରିଛି। ପେଟ୍ରୋଲିୟମ୍ ଏବଂ ଏକ୍ସପ୍ଲୋସିଭ୍ ସେଫ୍ଟି ଅର୍ଗାନାଇଜେସନ୍ ମଧ୍ୟ ଏକ ନୋ-ଅବଜେକ୍ସନ୍ ସାର୍ଟିଫିକେଟ୍ ପ୍ରଦାନ କରିଛି, ଏବଂ ଗତ କିଛି ବର୍ଷ ଧରି ସବୁଜ ବାଣ ବଜାରରେ ଉପଲବ୍ଧ ହେଉଛି ତଥା ଦୀପାବଳି ସମୟରେ ଫୁଟାଯାଉଛି।

# ଭେନେଜୁଏଲା ଭୂମିକମ୍ପ : ଇସ୍ରୋ-ନାସା ରିପୋର୍ଟରେ ଚାଞ୍ଚଲ୍ୟକର ତଥ୍ୟ

ନୂଆଦିଲ୍ଲୀ: ଗତ ମାସରେ ଭେନେଜୁଏଲାରେ ଘଟିଥିବା ଦୁଇଟି ଭୟଙ୍କର ଭୂମିକମ୍ପ ଯୋଗୁଁ ହୋଇଥିବା ବ୍ୟାପକ କ୍ଷୟକ୍ଷତିର କାରଣ ବିଷୟରେ ଏବେ ଏକ ପ୍ରମୁଖ ବୈଜ୍ଞାନିକ ତଥ୍ୟ ପ୍ରକାଶ ପାଇଛି। ଭାରତର ମହାକାଶ ସଂସ୍ଥା ଇସ୍ରୋ ଏବଂ ଆମେରିକୀୟ ମହାକାଶ ସଂସ୍ଥା ନାସାର ମିଳିତ ଉପଗ୍ରହ ନିସାରରୁ ମିଳିଥିବା ତଥ୍ୟରୁ ଜଣାପଡିଛି ଯେ, ବିପର୍ଯ୍ୟୟ ସମୟରେ କିଛି ସ୍ଥାନରେ ଭୂପୃଷ୍ଠ ପ୍ରାୟ ଦୁଇ ଫୁଟ ଘୁଞ୍ଚି ଯାଇଥିଲା। ରାଜଧାନୀ କାରାକାସ୍ ଏବଂ ଲା ଗୁଆଏରା ଅଞ୍ଚଳରେ ଭୂପୃଷ୍ଠ ପ୍ରାୟ ୬୦ ସେଣ୍ଟିମିଟର ବା ଦୁଇ ଫୁଟ ଘୁଞ୍ଚି ଯାଇଥିଲା। ଫଳରେ ଏଠାରେ



ବ୍ୟପକ କ୍ଷୟକ୍ଷତି ଘଟିଥିଲା। ଜୁନ୍ ୨୪ ରେ ହୋଇଥିବା ଭୂମିକମ୍ପ ପୂର୍ବରୁ ଏବଂ ପରେ ନିଆଯାଇଥିବା ଚିତ୍ରଗୁଡ଼ିକୁ ତୁଳନା କରିବା ପାଇଁ ବୈଜ୍ଞାନିକମାନେ ନିସାରର ସାଟେଲାଇଟର 'ଇନସାର' ପ୍ରଯୁକ୍ତିବିଦ୍ୟା ବ୍ୟବହାର କରିଥିଲେ। ଏହି ପ୍ରଯୁକ୍ତିବିଦ୍ୟା ଉପଗ୍ରହ ଏବଂ ଭୂମି ମଧ୍ୟରେ ଦୂରତାରେ ମଧ୍ୟ ସୂକ୍ଷ୍ମ ପରିବର୍ତ୍ତନକୁ ଚିହ୍ନଟ କରିପାରିବ। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ପ୍ରଥମ ଥର ପାଇଁ ଏକ ବଡ଼ ଭୂମିକମ୍ପ ପରେ ଭୂମି ବିସ୍ଥାପନର ସଠିକ୍ ମ୍ୟାପିଂ ପାଇଁ ନିସାରର 'ଅର୍ଜେଣ୍ଟ ରେସପନ୍ସ ସିଷ୍ଟମ' (ୟୁଆର) ବ୍ୟବହାର କରାଯାଇଥିଲା। ନାସା ଅନୁଯାୟୀ, ଭୂମିକମ୍ପ ଏକ ଷ୍ଟ୍ରାଇକ୍-ସ୍ଲିପ୍ ଫଲ୍ଟରେ ଘଟିଥିଲା, ଯାହା ଫଳରେ ଅଧିକାଂଶ ବିସ୍ଥାପନ ପୂର୍ବ-ପଶ୍ଚିମ ଦିଗରେ ଘଟିଥିଲା। ସବୁଠାରୁ ଶକ୍ତିଶାଳୀ ଗତି ବିଶେଷକରି କାରାକାସର ଅନ୍ତର୍ଜାତୀୟ ବିମାନବନ୍ଦରର ଦକ୍ଷିଣ ଦିଗରେ ଅନୁଭୂତ ହୋଇଥିଲା। ଜେଟ୍ ପ୍ରପଲ୍ସନ୍ ଲାବୋରେଟୋରୀ (ଜେପିଏଲ)ର ଭୂ-ଭୌତିକ ବିଶେଷଜ୍ଞ ଏରିକ୍ ଫିଲ୍ଡିଂ କହିଛନ୍ତି ଯେ କାରାକାସ୍ ଏବଂ ଲା ଗୁଆଇରାରେ ବ୍ୟାପକ ଧ୍ୱଂସର ମୁଖ୍ୟ କାରଣ ହେଉଛି ଏଭଳି ଭୂମି ଘୁଞ୍ଚିବା। ନିସାର ଦ୍ୱାରା ପ୍ରଦାନ କରାଯାଇଥିବା ତଥ୍ୟ ବ୍ୟବହାର କରି, ଆମେରିକା ଭୂତତ୍ତ୍ୱ ସର୍ବେକ୍ଷଣ (ୟୁଏସଜିଏସ) ଏହାର ଫଲ୍ଟ-ସ୍ଲିପ୍ ମଡେଲଗୁଡ଼ିକୁ ଅଧିକ ବିକଶିତକରିଛି। ଏହି ଉପଗ୍ରହର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଶକ୍ତି ହେଉଛି ଏହାର ଦ୍ରୁତ ତଥ୍ୟ ବିତରଣ ପ୍ରଣାଳୀ, ଯାହା ବିପର୍ଯ୍ୟୟର ମାତ୍ର ୧୨ ରୁ ୨୪ ଘଣ୍ଟା ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ସୂଚନା ପ୍ରଦାନ କରିଥାଏ। ବୈଜ୍ଞାନିକମାନଙ୍କ ଅନୁସାରେ ଏହି ପ୍ରଯୁକ୍ତିବିଦ୍ୟା ସାରା ବିଶ୍ୱରେ ଉଦ୍ଧାର କାର୍ଯ୍ୟ ରଣନୀତି ବିକାଶ କରିବାରେ ଏକ ପ୍ରମୁଖ ଉପକରଣ ପ୍ରମାଣିତ ହେବ।

ରାଜ୍ୟଗୋଷ୍ଠୀ କ୍ରୀଡ଼ା

# ପାକ୍ ବକ୍ସରଙ୍କୁ ମାତ୍ ଦେଲେ ଯଦୁମଣି

## କାରଗିଲ ହିରୋଙ୍କୁ ବିଜୟ ଉତ୍ସର୍ଗ କଲେ

ଗ୍ଲାସଗୋ, ୨୭।୭(ଏଜେନ୍ସି) : ରାଜ୍ୟ ଗୋଷ୍ଠୀ କ୍ରୀଡ଼ା ୨୦୨୬ରେ ଭାରତୀୟ ବକ୍ସର ଯଦୁମଣି ସିଂହଙ୍କ ଦବଦବା। ସେ ପାକିସ୍ତାନର ସୁମାମା ରେହମନଙ୍କୁ ଏକତରଫା ଭାବେ ମାତ ଦେଇଛନ୍ତି। ରବିବାର ବିଳମ୍ବିତ ରାତିରେ ଖେଳା ଯାଇଥିବା ଗୋଟିଏ ମ୍ୟାଚରେ ଯଦୁମଣି ୫-୦ରେ ପାକିସ୍ତାନ ବକ୍ସର ରେହମନଙ୍କୁ ହରାଇ ପରବର୍ତ୍ତୀ ରାଉଣ୍ଡରେ ପ୍ରବେଶ କରିଛନ୍ତି। ପାକିସ୍ତାନ ବକ୍ସରଙ୍କୁ ରାଜ୍ୟ ଗୋଷ୍ଠୀ କ୍ରୀଡ଼ାରେ ହରାଇବା ପରେ ଯଦୁମତି ନିଜ ବିଜୟକୁ କାର୍ଗିଲ ଯୁଦ୍ଧର ହିରୋମାନଙ୍କୁ ଉତ୍ସର୍ଗ କରିଛନ୍ତି। ଭାରତ ମାତା କି ଜୟ ଓ ଭାରତ, ଭାରତ ନାରା ମଧ୍ୟରେ ଗ୍ଲାସଗୋର ଏସ୍‌ଇସି ସେଣ୍ଟରର ରିଙ୍ଗକୁ ପ୍ରବେଶ କରିଥିଲେ ଆର୍ମି ବକ୍ସର ଯଦୁମଣି। ଏହାପରେ ସେ ପାକିସ୍ତାନ ବିପକ୍ଷରେ ଦେଖାଇଥିଲେ ନିଜ ଯାଦୁ। ତାଙ୍କ ଆଟାକର ଜବାବ ରେହମନଙ୍କ ପାଖରେ ନଥିଲା। ଶେଷରେ ଯଦୁମଣିଙ୍କ ମାଡ଼ରେ ସେ ଚିତ ହୋଇଥିଲେ। ଏହି ବିଜୟ ସହ ଯଦୁମଣି କ୍ୱାର୍ଟର ଫାଇନାଲରେ



ନିଜ ସ୍ଥାନ ପକ୍କା କରିଛନ୍ତି। ଲଢ଼େଇ ଆରମ୍ଭ ହେବା ପୂର୍ବରୁ ହିଁ ଯଦୁମଣିଙ୍କ ପଛରେ ଥିଲା ଦର୍ଶକଙ୍କ ସମର୍ଥନ। ମୁକାବିଲା ଆରମ୍ଭ ହେବା ପରେ ସେ ମଧ୍ୟ ନିଜର ବକ୍ସିଂ ଜରିଆରେ ସମସ୍ତଙ୍କୁ ସନ୍ତୁଷ୍ଟ କରିଛନ୍ତି। ପ୍ରଥମ ରାଉଣ୍ଡରେ ଭାରତୀୟ ବକ୍ସର ସତର୍କ ରହି ପାକିସ୍ତାନୀ ପ୍ରତିଦ୍ୱନ୍ଦ୍ୱୀ ରେହମନଙ୍କ ଖେଳର ଲୟ ବୁଝିବାକୁ ଚେଷ୍ଟା କରିଥିଲେ। ପ୍ରତିଦ୍ୱନ୍ଦ୍ୱୀଙ୍କ ଶୈଳୀ ବୁଝିବା ପରେ ଯଦୁମଣି ନିଜର ହୁକ୍ ଓ ସିଧା ପଞ୍ଚରେ ତାଙ୍କୁ ଘାଇଲା କରି ଦେଇଥିଲେ। ତାଙ୍କ ଗତିକୁ ରେହମନ ବୁଝି ପାରି ନଥିଲେ। ମୁକାବିଲାକୁ ଯଦୁମଣି ନିଜ ନିୟନ୍ତ୍ରଣରେ ରଖି ଶେଷ ରାଉଣ୍ଡରେ ମଧ୍ୟ ବାଜିମାତ କରିଥିଲେ। ଶେଷରେ ଜଜମାନଙ୍କ ସର୍ବସମ୍ମତିକ୍ରମେ ଯଦୁମଣି ୫-୦ରେ ବିଜୟୀ ହୋଇଛନ୍ତି। ଆଜି ହେଉଛି କାର୍ଗିଲ ବିଜୟ ଦିବସ। ଆଉ କାର୍ଗିଲ ବିଜୟ ଦିବସରେ ବିଜୟ ମିଳିଥିବାରୁ ଭାରତୀୟ ବକ୍ସରଙ୍କ ପାଇଁ ଏହି ମୁହୂର୍ତ୍ତ ଆହୁରି ସ୍ମରଣୀୟ ହୋଇଛି। ଯଦୁମଣି ଏହି ବିଜୟକୁ କାର୍ଗିଲ ବୀରମାନଙ୍କୁ ଉତ୍ସର୍ଗ କରିଛନ୍ତି। ଏଥିସହ ରାଜ୍ୟ ଗୋଷ୍ଠୀ କ୍ରୀଡ଼ାରେ ସେ ଭାରତ ପାଇଁ ସ୍ୱର୍ଣ୍ଣ ପଦକ ଜିତିବାକୁ ଲକ୍ଷ୍ୟ ରଖିଥିବା କହିଛନ୍ତି। ଏବେ ଯଦୁମଣି ରାଜ୍ୟ ଗୋଷ୍ଠୀ କ୍ରୀଡ଼ାର ୫୫ କେଜି ବକ୍ସିଂ ବର୍ଗରେ ଦେଶ ପାଇଁ ପଦକ ନିଶ୍ଚିତ କରିବାଠାରୁ ମାତ୍ର ଗୋଟିଏ ବିଜୟ ଦୂରରେ ଅଛନ୍ତି। ସେ କ୍ୱାର୍ଟର ଫାଇନାଲ ଜିତିବା ମାତ୍ରେ ବ୍ରୋଞ୍ଜ ପଦକ ନିଶ୍ଚିତ କରିନେବେ। ଅନ୍ୟପକ୍ଷରେ ଏସିଆନ୍ ଗେମ୍ସର କାଂସ୍ୟ ପଦକ ବିଜେତା ପ୍ରୀତି ପାୱାର ମଧ୍ୟ ନିଜ ବର୍ଗର କ୍ୱାର୍ଟରଫାଇନାଲରେ ପହଞ୍ଚିଛନ୍ତି। ସେ ମାଲାୱିର ଡେବୋରା ମଟେଞ୍ଜେଙ୍କ ବିରୋଧରେ ପ୍ରି-କ୍ୱାର୍ଟର ଫାଇନାଲ ମୁକାବିଲାରେ ସହଜ ବିଜୟ ହାସଲ କରିଥିଲ।

## ଭାରତକୁ ଆଉ ଏକ ପଦକ

# ରୌପ୍ୟ ଜିତିଲେ ଜ୍ଞାନେଶ୍ୱରୀ



ଗ୍ଲାସଗୋ, ୨୭।୭(ଏଜେନ୍ସି) : ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଭାରତକୁ ଆଉ ଗୋଟିଏ ପଦକ। ମହିଳା ୫୩ କେଜି ଭରୋତ୍ତୋଳନ ବର୍ଗରେ ଦେଶ ପାଇଁ ରୌପ୍ୟ ପଦକ ଜିତିଛନ୍ତି ଜ୍ଞାନେଶ୍ୱରୀ ଯାଦବ। ଛତିଶଗଡ଼ର ଏହି ୨୨ ବର୍ଷୀୟ ପ୍ରତିଭା ଜଣଙ୍କ ଶେଷ ପ୍ରାୟସରେ ସବୁ କିଛି ବାଜିରେ ଲଗାଇ ଦେଇଥିଲେ। ଏପରି କି ସେ ୧୧୧ କେଜି ଓଜନ ଉଠାଇ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ରେକର୍ଡ ସୃଷ୍ଟି କରିଥିଲେ। ହେଲେ ତାଙ୍କୁ ଟକ୍କର ଦେଉଥିବା ନାଇଜେରିଆର ଓନୋମେ ଓମୋଲୋଲା ନିଧି କମାଲ କରିଥିଲେ। ସେ ନିଜର ଶେଷ ପ୍ରାୟସରେ ୧୧୩ କେଜି ଓଜନ ଉଠାଇ ନୂଆ ରେକର୍ଡ ସୃଷ୍ଟି କରିଛନ୍ତି। ଏଥିସହ ୫୩ କେଜି ମହିଳା ଭାରୋତ୍ତୋଳନରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ସ୍ନାଚରେ ଜ୍ଞାନେଶ୍ୱରୀ ୮୮ କେଜି ଉଠାଇ ଥିଲେ। ହେଲେ ନିଧି ୯୩ କେଜି ଉଠାଇ ରାଜେଶ୍ୱରୀକୁ ପଛରେ ପକାଇ ଦେଇଥିଲେ। କ୍ଲିନ ଆଣ୍ଡ ଜର୍କରେ ଉଭୟଙ୍କ ମଧ୍ୟରେ କଡ଼ା ଟକ୍କର ହୋଇଥିଲା। ପ୍ରଥମେ ଜ୍ଞାନେଶ୍ୱରୀ ୧୦୩ କେଜି ଓ ପରେ ନିଧି ୧୦୫ କେଜି ଓଜନ ଉଠାଇଥିଲେ। ନିଜର ଦ୍ୱିତୀୟ ପ୍ରାୟସରେ ଜ୍ଞାନେଶ୍ୱରୀ ୧୦୭ କେଜି ଉଠାଇ ନୂଆ ରେକର୍ଡ କରିଥିଲେ। ହେଲେ ପରବର୍ତ୍ତୀ ପ୍ରାୟସରେ ନିଧି ୧୧୦ କେଜି ଉଠାଇ ଏହାକୁ ଭାଙ୍ଗି ଦେଇଥିଲେ। ଶେଷ ପ୍ରୟାସରେ ଭାରତର ଜ୍ଞାନେଶ୍ୱରୀ ପୁଣି ୧୧୧ କେଜି ଉଠାଇ ନିଜ କ୍ୟାରିୟରର ଶ୍ରେଷ୍ଠ ପ୍ରଦର୍ଶନ ଦେଇଥିଲେ। ହେଲେ ନିଧି ଏହାକୁ ମଧ୍ୟ ୧୧୩ କେଜି ଓଜନ ଉଠାଇ ଏହାକୁ ଅତିକ୍ରମ କରି ଯାଇଥିଲେ। ଜ୍ଞାନେଶ୍ୱରୀ ସ୍ନାନ, କ୍ଲନ ଆଣ୍ଡ ଜର୍କକୁ ମିଶାଇ ମୋଟ ୧୯୯ କେଜି ଉଠାଇଥିବା ବେଳେ ନିଧି ୨୦୬ କେଜି ଉଠାଇ ରେକର୍ଡ ସୃଷ୍ଟି କରିଛନ୍ତି। ମୋଟ ୧୭୮ କେଜି ଓଜନ ଉଠାଇ କାନାଡାର ରେବେକା ଗୋରୁଲ୍ସ କାଂସ୍ୟ ପଦକ ପାଇଛନ୍ତି। ଜ୍ଞାନେଶ୍ୱରଙ୍କ ପଦକ ପରେ ଭାରତର ମେଡାଲ ସଂଖ୍ୟା ୫କୁ ବୃଦ୍ଧି ପାଇଛି। ଭାରତ ଏବେ ପଦକ ଜିତିଥିବା ଦେଶଗୁଡ଼ିକ ତାଲିକାର ୮ମ ସ୍ଥାନରେ ରହିଛି।

# ରାଜା ମୁଥୁପାଣ୍ଡିଙ୍କୁ ରୌପ୍ୟ



ଗ୍ଲାସଗୋ, ୨୭।୭(ଏଜେନ୍ସି) : ରାଜ୍ୟଗୋଷ୍ଠୀ ପୁରୁଷ ୬୫ କିଲୋଗ୍ରାମ ଭାରୋତ୍ତୋଳନରେ ଭାରତର ରାଜା ମୁଥୁପାଣ୍ଡି ରୌପ୍ୟ ପଦକ ଜିତିଛନ୍ତି। ସେ ସ୍ନାଚରେ ୧୨୬ କିଲୋଗ୍ରାମ ଏବଂ କ୍ଲିନ୍ ଆଣ୍ଡ ଜର୍କରେ ୧୬୦ କିଲୋଗ୍ରାମ୍ ଓଜନ ଉଠାଇ ମୋଟ ୨୮୬ କିଲୋଗ୍ରାମ୍ ସହ ଦ୍ୱିତୀୟ ସ୍ଥାନ ହାସଲ କରିଥିଲେ। ମାଲେସିଆର ମୁହମ୍ମଦ ଆଜନିଲ୍ ବିନ୍ ବିଦିନ୍ ମୋଟ ୨୯୯ କିଗ୍ରା ଓଜନ ଉଠାଇ ନୂତନ ରାଜ୍ୟଗୋଷ୍ଠୀ ରେକର୍ଡ ସହ ସ୍ୱର୍ଣ୍ଣ ପଦକ ଜିତିଥିବା ବେଳେ, ପାପୁଆ ନ୍ୟୁ ଗିନିର ମୋରିଆ ବାରୁ ମୋଟ ୨୮୨ କିଗ୍ରା ଓଜନ ଉଠାଇ କାଂସ୍ୟ ପଦକ ହାସଲ କରିଛନ୍ତି।

# ବୈଭବଙ୍କ ଫିଟ୍‌ନେସ୍ ପ୍ରତି ଧ୍ୟାନ ଦିଆଯାଉ : ଲକ୍ଷ୍ମଣ


ହାରାରେ, ୨୭।୭(ଏଜେନ୍ସି) : ଜିମ୍ବାୱେ ଗସ୍ତରେ ଭାରତୀୟ ଦଳର ଉଲ୍ଲେଖନୀୟ ପ୍ରଦର୍ଶନ ପରେ ବିସ୍ମୟ ବାଳକ ବୈଭବ ସୂର୍ଯ୍ୟବଂଶୀଙ୍କୁ ପ୍ରଶଂସା କରିଛନ୍ତି ପୂର୍ବତନ ବ୍ୟାଟର ତଥା ବିସିସିଆଇ ଉତ୍କର୍ଷ କେନ୍ଦ୍ର ମୁଖ୍ୟ ଭିଭିଏସ ଲକ୍ଷ୍ମଣ। ସେ କହିଛନ୍ତି ଯେ ଗତ ୬ ମାସରେ ବୈଭବଙ୍କ ପରିପକ୍ୱତା, ଅଭିଜ୍ଞତା ଓ କ୍ରିକେଟ୍ ସମ୍ପର୍କିତ ଜ୍ଞାନ ଦ୍ରୁତ ଗତିରେ ବୃଦ୍ଧି ପାଇଛି। ଇଂଲଣ୍ଡ ଗସ୍ତରେ ଅନ୍ତର୍ଜାତୀୟ ପଦାର୍ପଣ କରିଥିବା ବୈଭବ ଭଲ ପ୍ରଦର୍ଶନ କରିପାରି ନଥିଲେ। କିନ୍ତୁ ଜିମ୍ବାୱେ ବିପକ୍ଷ ଶୃଙ୍ଖଳାରେ ସେ ଉଲ୍ଲେଖନୀୟ ପ୍ରଦର୍ଶନ କରିବା ସହ ଶୃଙ୍ଖଳାର ଶ୍ରେଷ୍ଠ ଖେଳାଳି ଓ ଶେଷ ମ୍ୟାଚରେ ଶ୍ରେଷ୍ଠ ଖେଳାଳି ପୁରସ୍କାର ପାଇଥିଲେ। ଏହି ଶୃଙ୍ଖଳାରେ ସେ ଦୁଇ ଅର୍ଦ୍ଧଶତକ ସହ ମୋଟ ୧୫୧ ରନ୍ କରିଥିଲେ। ଜିମ୍ବାୱେ ଗସ୍ତରେ ଭାରତୀୟ ଦଳର ମୁଖ୍ୟ ପ୍ରଶିକ୍ଷକ ଦାୟିତ୍ୱରେ ଥିବା ଲକ୍ଷ୍ମଣ କହିଛନ୍ତି, "ଜଣେ ଖେଳାଳିଭାବେ ସେ ଯେପରି ପରିପକ୍ୱ ହେଉଛନ୍ତି ତାହା



ପ୍ରଶଂସନୀୟ। ଗତ ୬ ମାସରେ ତାଙ୍କର ଅଭିଜ୍ଞତା ଓ ଖେଳ ସମ୍ପର୍କୀୟ ସଚେତନତା ଦ୍ରୁତ ଗତିରେ ବୃଦ୍ଧି ପାଇଛି। ଏଣୁ ସେ କଠିନ ପରିସ୍ଥିତିର ସାମନା କରିପାରୁଛନ୍ତି। ସେ ୧୯ ବର୍ଷରୁ କମ ବିଶ୍ୱକପରେ ଭଲ ପ୍ରଦର୍ଶନ ପରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତାମୂଳକ ଆଇପିଏଲରେ ଆଧିପତ୍ୟ ବିସ୍ତାର କରିଥିଲେ। ବିଶ୍ୱର ପ୍ରମୁଖ ବୋଲରମାନଙ୍କୁ ସମ୍ମୁଖୀନ ହେବା ସହ ସେ ଯେପରି ଜଣେ ଖେଳାଳିଭାବେ ବିକଶିତ ହୋଇଛନ୍ତି ତାହା ତାଙ୍କର ଦକ୍ଷତା ଓ ପ୍ରତିଭାକୁ ଦର୍ଶାଏ।" ତେବେ ବୈଭବଙ୍କ ଗୋଟିଏ ଦୁର୍ବଳତା ପ୍ରତି ଇଙ୍ଗିତ କରିବାକୁ ଭୁଲି ନାହାନ୍ତି ଲକ୍ଷ୍ମଣ। ସେ କହିଛନ୍ତି ଯେ ଗୋଟିଏ କ୍ଷେତ୍ରରେ ସେ ଉନ୍ନତି ଆଣିବାର ଆବଶ୍ୟକତା ରହିଛି, ତାହା ହେଉଛି ଫିଟନେସ୍।

# ସ୍ୱର୍ଣ୍ଣ-ରୌପ୍ୟ ସହ ବାଳକ ଓ ବାଳିକାଙ୍କୁ ବିଶ୍ୱ ଯୋଗ୍ୟତା

ମସ୍କାଟ୍ (ଓମାନ୍), ୨୭।୭(ଏଜେନ୍ସି) : ଏସୀୟ ଯୁବ ୫ଏସ୍ ହକି ପ୍ରତିଯୋଗିତା ଶେଷ ହୋଇଯାଇଛି। ଭାରତର ଉଭୟ ବାଳକ ଓ ବାଳିକା ଦଳ ଯଥାକ୍ରମେ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ହାସଲ କରିଛି। ଏଥି ସହିତ ପ୍ରଥମ ସଂସ୍କରଣ ଏଫ୍‌ଆଇଏଚ୍ ଯୁବ ୫ଏସ (ଫାଇଭ୍ ଏ ସାଇଡ୍) ବିଶ୍ୱ ହକି ପ୍ରତିଯୋଗିତା ଲାଗି ଉଭୟ ଭାରତୀୟ ଦଳ ଯୋଗ୍ୟତା ଅର୍ଜନ କରି ନେଇଛନ୍ତି। ଏହି ସଫଳତା ପାଇଁ ସ୍ୱର୍ଣ୍ଣ ବିଜୟୀ ଦଳର ସମସ୍ତ ସଦସ୍ୟଙ୍କୁ ୨ ଲକ୍ଷ ଟଙ୍କା ଲେଖାଏଁ ଏବଂ ରୌପ୍ୟ ପଦକ ବିଜେତାଙ୍କୁ ୧ ଲକ୍ଷ ଟଙ୍କା ଲେଖାଏଁ ପ୍ରଦାନ କରାଯିବ ବୋଲି ହକି ଇଣ୍ଡିଆ ଘୋଷଣା କରିଛି। ବାଳକ ଦଳ ଫାଇନାଲରେ ପାକିସ୍ତାନକୁ ୩-୧ ଗୋଲରେ ପରାସ୍ତ କରିଥିଲା। ଦଳ ପାଇଁ ରୋହିତ ପାଲ୍ (୫ ମିନିଟ୍), କେତନ କୁଶୱା (୧୨ ମିନିଟ୍) ଓ ଶାହରୁଖ ଅଲୀ (୧୩ ମିନିଟ୍) ଗୋଲ୍ ଦେଇଥିଲେ। ଗ୍ରୁପ ପର୍ଯ୍ୟାୟରେ ମଧ୍ୟ ଭାରତ ଏକତରଫା ଭାବେ ୭-୩ରେ ପାକିସ୍ତାନକୁ ପରାସ୍ତ କରି ଶୀର୍ଷ ସ୍ଥାନରେ ରହି ଫାଇନାଲ୍ ଆସିଥିଲା। ଫାଇନାଲ୍ ପ୍ରବେଶ କରିଥିବାରୁ ପାକିସ୍ତାନ ଦଳ ମଧ୍ୟ ବିଶ୍ୱ ଯୋଗ୍ୟତା ଅର୍ଜନ କରିଛି। ବାଳିକା ବର୍ଗରେ ମଧ୍ୟ ଭାରତ ବିଶ୍ୱ ଯୋଗ୍ୟତା ଅର୍ଜନ




କରିଛି। ଚୀନ ବିପକ୍ଷ ଫାଇନାଲରେ ଭାରତ ୨-୪ରେ ହାରିଯାଇଥିଲା। ପୂର୍ବରୁ ସେମିଫାଇନାଲରେ ଭାରତ ୮-୧ ଗୋଲରେ କାଜାଖସ୍ତାନକୁ ପରାସ୍ତ କରିଥିଲା।

# ଆୟୁଷ ଗୌଡୁ ଜାତୀୟ ସ୍ତର ପାଇଁ ମନୋନୀତ

ସାକ୍ଷୀଗୋପାଳ ,(ସବ୍ୟୁ) : ଦିଲ୍ଲୀ ଓ୍ୱାର୍ଲ୍ଡ ପବ୍ଲିକ ସ୍କୁଲ, ପୁରୁଲିଆରେ ଆୟୋଜିତ ସିବିଏସଇ ଫର ଇଷ୍ଟ ଜୋନାଲ ଟାଇକୋଣ୍ଡ ଚମ୍ପିଅନସିପ -୨୦୨୬-୨୭ ରେ ଆସାମ, ଅରୁଣାଚଳ ପ୍ରଦେଶ, ମଣିପୁର, ମେଘାଳୟ, ମିଜୋରାମ, ନାଗାଲାଣ୍ଡ, ସିକିମ୍, ତ୍ରିପୁରା, ଓଡ଼ିଶା, ପଶ୍ଚିମବଙ୍ଗ ଏବଂ ଛତିଶଗଡ଼ ସମେତ ୧୧ଟି ରାଜ୍ୟରୁ ପ୍ରାୟ ୨୦୦୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ । ଏହି ପ୍ରତିଯୋଗିତାରେ ହାନା ଟାଇକୋଣ୍ଡୋ ଏକାଡେମୀର ୬ ଜଣ ଖେଳାଳି ସେଣ୍ଟ ଜାଭିଅର୍ସ ହାଇ ସ୍କୁଲ, ସାକ୍ଷୀଗୋପାଳ ଏବଂ ସେଣ୍ଟ ଜାଭିଅର୍ସ ହାଇସ୍କୁଲ ପୁରୀ ପକ୍ଷରୁ ଓଡ଼ିଶାକୁ ପ୍ରତିନିଧିତ୍ୱ କରିଥିଲେ । ସେମାନେ କୋଚ ଦୀପକ କୁମାର ପ୍ରଧାନଙ୍କ




ନେତୃତ୍ୱରେ ପ୍ରତିଯୋଗିତାରେ ଭାଗ ନେଇ ଉଲ୍ଲେଖନୀୟ ସଫଳତା ହାସଲ କରିଥିଲେ । ଆୟୁଷ ଗୌଡୁ ରୌପ୍ୟ ପଦକ ଜିତି ଜାତୀୟ ସ୍ତରୀୟ ଟାଇକୋଣ୍ଡୋ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଛନ୍ତି । ସେହିପରି ଓମ ପ୍ରକାଶ ଦୀପ ଓ ଶ୍ରେୟଶ୍ରୀ ବାଲିଆରସିଂହ କଂସ୍ୟ ପଦକ ଜିତି ସ୍କୁଲ ଓ ରାଜ୍ୟ ପାଇଁ ଗୌରବ ଆଣିଛନ୍ତି । ଅନ୍ୟପକ୍ଷରେ ପ୍ରାଞ୍ଜଳ ରଥ, ଶୁଭ୍ରାଂଶୁ ଦାସ ଏବଂ ସୁଶ୍ରୀ ମଧ୍ୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ନିଜ ପ୍ରତିଭା ପ୍ରଦର୍ଶନ କରିଥିଲେ । ଏହି ସଫଳତା ପାଇଁ ଖେଳାଳିମାନଙ୍କୁ, କୋଚ ଦୀପକ କୁମାର ପ୍ରଧାନଙ୍କୁ ଏବଂ ସେଣ୍ଟ ଜାଭିଅର୍ସ ହାଇ ସ୍କୁଲ, ସାକ୍ଷୀଗୋପାଳ ଏବଂ ସେଣ୍ଟ ଜାଭିଅର୍ସ ହାଇସ୍କୁଲ ପୁରୀ ର ଉଭୟ ପ୍ରିନସିପାଲ ଦୀପିକା ରଥ ଏବଂ ଦିବାକର ମିଶ୍ର ସମସ୍ତ ଛାତ୍ର ଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି ଚଓଡିଶା ଟାଇକୋଣ୍ଡୋ ସଙ୍ଘ ସମ୍ପାଦକ ମନମୋହନ ଭଞ୍ଜ ମଧ୍ୟ କୃତଜ୍ଞତା ଜଣାଇଛନ୍ତି ଏବଂ ଉଭୟ ସ୍କୁଲ କୁ ବିଭିନ୍ନ ମହଲରୁ ଅଭିନନ୍ଦନ ଜଣାଯାଇଛି ।

# ଏସିଆନ କରାଟେ ପରୀକ୍ଷାରେ ଦୀପକଙ୍କ ସଫଳତା

ବାଲୁଗାଁ, (ସବ୍ୟୁ): ବାଂଲାଦେଶର ଢାକା ଠାରେ ଏସିଆନ କରାଟେ ରେଫାରୀ ଓ ଜଜ ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି । ଏହି ଦୁଇ ପରୀକ୍ଷା ତଥା କୁମିତେରେ ୪୯ ଜଣ ଓ କତା ରେ ୨୯ ଜଣ ପରୀକ୍ଷାର୍ଥୀ ଅଂଶ ଗ୍ରହଣ କରିଥିଲେ । ଭାରତରୁ ମୋଟ ୨୧ ଜଣ ପରୀକ୍ଷାର୍ଥୀ ଏଥିରେ ଭାଗ ନେଇଥିଲେ । ଓଡ଼ିଶାରୁ ଏକମାତ୍ର ପରୀକ୍ଷାର୍ଥୀ ବାଲୁଗାଁ ଅଞ୍ଚଳର ସେନ୍ସେଇ ଦୀପକ କୁମାର ସାମନ୍ତରା , ରାଜ୍ୟ କରାଟେ ସଂଘ ( ଓସ୍କା) ଓ ଜାତୀୟ କରାଟେ ସଂଘ ( କି ଓ) ର ଅନୁମୋଦନ କ୍ରମେ ଏହି ଦୁଇ ପରୀକ୍ଷାରେ ଅଂଶ ଗ୍ରହଣ କରି ଉତ୍ତୀର୍ଣ୍ଣ ହୋଇଛନ୍ତି । ସାଉଥ ଏସିଆ ଫେଡେରେସନର ସଭାପତି ହାନସୀ ଭରତ ଶର୍ମା ଏହି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ଏହି ପରୀକ୍ଷାକୁ ଏସିଆନ କରାଟେ ଫେଡେରେସନର ସେନ୍ସେଇ ଯୁବିର (ୟୁ ଏ ଇ), ସେନ୍ସେଇ ମାଇକେଲ ( ଚାଇନିଜ ତାଇପେ), ସେନ୍ସେଇ ମକାଉ (ଜାପାନ) ଓ ସାଉଥ ଏସିଆ ଫେଡେରେସନର ସେନ୍ସେଇ ସାଇନ ଅକ୍ତର (ଭାରତ) ପରିଚାଳନା କରିଥିଲେ । ଓଡ଼ିଶା ରାଜ୍ୟ କରାଟେ ସଂଘ ର ସଭାପତି ହାନଶି ଡ. ହରି ପ୍ରସାଦ ପଟ୍ଟନାୟକ, ସମ୍ପାଦକ ଡ. ଗୌରୀ ମହାନ୍ତି , ସଂଘର ଅନ୍ୟାନ୍ୟ କର୍ମକର୍ତ୍ତା ଓ ଓସ୍କାର ଅଫିସିଆଲ ଏହି ସଫଳତା ପାଇଁ ଦୀପକଙ୍କୁ ଉତ୍ସାହିତ କରିବା ସହିତ ଶୁଭେଚ୍ଛା ଜଣାଇଥିଲେ । ଏହି କୃତିତ୍ୱ ପାଇଁ ତାଙ୍କର କରାଟେ ପ୍ରଶିକ୍ଷାର୍ଥୀ,ବନ୍ଧୁ, ପରିବାର ବର୍ଗ ଓ ଅଞ୍ଚଳର କ୍ରୀଡାପ୍ରେମି ମାନେ ଶୁଭେଚ୍ଛା ଜଣାଇଛନ୍ତି ।

## ପ୍ରଶ୍ନ ଉଠାଇଲେ ଶ୍ରୀକାନ୍ତ

# ଅଭିଷେକ, ସାମସନଙ୍କୁ ନେଇ ଅଲଗା ମାପଦଣ୍ଡ କାହିଁକି?

ନୂଆଦିଲ୍ଲୀ: ୨୭।୭(ଏଜେନ୍ସି) : ଭାରତୀୟ ଦଳର ଦୁଇ ବ୍ୟାଟର୍ ଅଭିଷେକ ଶର୍ମା ଓ ସଂଜୁ ସାମସନଙ୍କୁ ନେଇ ବିସିସିଆଇ ଅଲଗା ଅଲଗା ମାନଦଣ୍ଡ ଗ୍ରହଣ କରୁଛି ବୋଲି ଅଭିଯୋଗ କରିଛନ୍ତି ପୂର୍ବତନ ବ୍ୟାଟର ତଥା ଚୟନକର୍ତ୍ତା କ୍ରିଷ୍ଣମାଚାରୀ ଶ୍ରୀକାନ୍ତ। ନିଜ ୟୁଟ୍ୟୁବ ଚ୍ୟାନେଲରେ ସେ କହିଛନ୍ତି "ସାମସନ୍ ଟ୍ୱେଣ୍ଟି-୨୦ ବିଶ୍ୱକପରେ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। କିନ୍ତୁ ସେ ଭାରତୀୟ ଦଳରେ ସୁଯୋଗ ପାଉନାହାନ୍ତି ଓ ଅଭିଷେକ କିପରି ପାଇଚାଲିଛନ୍ତି ? ବିଫଳତା ସତ୍ତ୍ୱେ ଅଭିଷେକଙ୍କୁ କିପରି ବାରମ୍ବାର ସୁଯୋଗ ପାଇଚାଲିଛନ୍ତି ଓ ସାମସନ୍ କାହିଁକି ପାଉନାହାନ୍ତି? ଗୋଟିଏ ଖେଳାଳିକୁ ସୁଯୋଗ ମିଳୁଛି ଓ ଅନ୍ୟ ଖେଳାଳିକୁ




କାହିଁକି ମିଳୁନି?" ତେବେ ଶ୍ରୀକାନ୍ତ କହିଛନ୍ତି ଯେ ଅଧିକରୁ ଅଧିକ ରନ କରିବାକୁ ସାମସନ୍ ଉଦ୍ୟମ କରିବା ଆବଶ୍ୟକ। ପ୍ରଥମ କେତୋଟି ବଲ୍ ଶାନ୍ତଭାବେ ଖେଳିବା ଉଚିତ୍।

ପୂର୍ବତନ ଟେଷ୍ଟ ଖେଳାଳି ହନୁମା ବିହାରି ମଧ୍ୟ ସମାନ ପ୍ରଶ୍ନ ଉଠାଇଛନ୍ତି। ସେ କହିଛନ୍ତି ଯେ ଟ୍ୱେଣ୍ଟି-୨୦ ବିଶ୍ୱକପରେ ସାମସନଙ୍କୁ ଚୂଡ଼ାନ୍ତ ଏକାଦଶରେ ସାମିଲ କରାଯାଇନଥିଲା। କିନ୍ତୁ ସେ ଚମତ୍କାର ପ୍ରତ୍ୟାବର୍ତ୍ତନ କରିଥିଲେ ଓ ବିଶ୍ୱକପ୍ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଅନ୍ୟପକ୍ଷରେ ଅଭିଷେକ ବାରମ୍ବାର ବିଫଳ ହୋଇଚାଲିଛନ୍ତି। ଆୟର୍ଲାଣ୍ଡ ଓ ଇଂଲଣ୍ଡ ଗସ୍ତରେ ସେ ଗୋଟିଏ ଅର୍ଦ୍ଧଶତକକୁ ଛାଡିଦେଲେ ଭଲ ପ୍ରଦର୍ଶନ କରିପାରି ନଥିଲେ। ଯଦି ବିଶ୍ୱକପକୁ ମିଶାଯାଏ, ତେବେ ଗତ ୧୮ ମ୍ୟାଚରେ ସେ ମାତ୍ର ୩ ଅର୍ଦ୍ଧଶତକ ହାସଲ କରିଛନ୍ତି। ଉଭୟ ଖେଳାଳି ଆଇପିଏଲରେ ସମାନ ପ୍ରଦର୍ଶନ କରିଥିଲେ ବି ଅଲଗା ଅଲଗା ମାପଦଣ୍ଡ କାହିଁକି ବୋଲି ସେ ପ୍ରଶ୍ନ କରିଛନ୍ତି।

## ସଂକ୍ଷେପରେ ରାଜ୍ୟଗୋଷ୍ଠୀ କ୍ରୀଡା

ଗ୍ଲାସଗୋ, ୨୭।୭(ଏଜେନ୍ସି) : ଭାରତର ନଜର ଏବେ ବିନ୍ଧ୍ୟାରାଣୀ ଦେବୀଙ୍କ ଉପରେ। ସେ ଦେଶର ପରବର୍ତ୍ତୀ ପଦକ ଆଶା ଭାବରେ ମହିଳା ୫୮ କିଲୋଗ୍ରାମ ଭାରୋତ୍ତୋଳନ ଫାଇନାଲରେ ଅଂଶଗ୍ରହଣ କରିବେ ଆଥଲେଟିକ୍ସରେ, ମୁରଲୀ ଶ୍ରୀଶଙ୍କର ଏବଂ ଲୋକେଶ ସତ୍ୟନାଥନ ପୁରୁଷ ଲମ୍ବ ଜମ୍ପ ଫାଇନାଲ ପାଇଁ ଯୋଗ୍ୟତା ହାସଲ କରିଥିଲେ, ଯେତେବେଳେ ତେଜସ ଶିରସେ ପୁରୁଷ ୧୧୦ ମିଟର ହର୍ଡଲ୍ସ ଫାଇନାଲରେ ପହଞ୍ଚିଥିଲେ। ସନ୍ତରଣରେ, ସାଜନ ପ୍ରକାଶ ପୁରୁଷ ୨୦୦ ମିଟର ବଟରଫ୍ଲାଏ ଫାଇନାଲରେ ଏବଂ ସ୍ୱାତିକ ପାଟିଲ ପୁରୁଷ ୧୦୦ ମିଟର ବ୍ରେଷ୍ଟଷ୍ଟ୍ରୋକ୍ ଏସ୍‌ବି୯ ଫାଇନାଲରେ ଯୋଗ୍ୟତା ହାସଲ କରିଥିଲେ। ତଥାପି, ଗୁରିନ୍ଦରବୀର ସିଂହ ୧୦.୩୯ ସେକେଣ୍ଡ ସମୟ ସହିତ ହିଟ୍ସରେ ମୋଟ ୨୮ତମ ସ୍ଥାନ ହାସଲ କରିବା ପରେ ପୁରୁଷ ୧୦୦ ମିଟରରୁ ବିଦାୟ ନେଇଥିଲେ।




Printed & Published by Parikhita Dash for Ashirbad Prakashan Pvt. Ltd., Plot. 44 & 54, Sec.-A, Zone-D, M.I.Estate, Bhubaneswar-751010. at Meerabasanta Industries Pvt. Ltd., Plot. 2/253, Birachandrapur, P.S-Rampur, Redhakhol, Dist.-Sambalpur, Odisha, TEL-2585740, 2585602, News-2583867, 2586702, Fax-2586665, 2586702, Advt.-Ph-2585704, Advt.Fax-2587704, Circulation-2586541, Chief Editor: Gurukalyan Mohapatra,ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି